
ମାଁର
ମାୟା

# —ପଦେ ଅଧେ—

ସମାଜର ଉଚ୍ଚ ନୀଚ ସ୍ଥାନ ବର୍ଣ୍ଣଭେଦ—ନିଜ ନିଜ ମଧ୍ୟରେ ହିଂସ୍ର ପଶୁପ୍ରାୟ କୁଚକ୍ରାନ୍ତ ଦଳାଦଳି ଅଭାବ ଅଭିଯୋଗରେ ସୁଖ, ଶାନ୍ତି, ସ୍ନେହ, ଆନନ୍ଦ ମନୁଷ୍ୟର ଦେହ, ମନ ଓ ସଂସାରରୁ ବିଦାୟ ନେଇଛନ୍ତି । ଧନୀ ସ୍ୱାର୍ଥଲୋଲୁପମାନଙ୍କ ଚକ୍ରାନ୍ତରେ ଗରିବ ଖଟିଖିଆଙ୍କ ଉପରେ ନିର୍ଯ୍ୟାତନା, ଲୁଣ୍ଠନ ଚାଲିଛି ଅତି ଅବାଧ ଗତିରେ । ଆଦର୍ଶ ନାଗରିକଙ୍କ ଜୀବନ ସଙ୍କଟମୟ ହୋଇ ଉଠୁଛି ।

ପ୍ରତ୍ୟେକ ଯୁବକ ଯୁବତୀଙ୍କ ଭଲ ପାଇବାର ମଧୁର ନିଶା······ । ମମତାମୟୀ ମା'ର ମାୟା···ନୀରବ ଆକର୍ଷଣ··· ସଂସାର ଗୃହୀ ଜୀବନରେ ନିତ୍ୟ ଘଟୁଥିବା ଘଟଣାବଳୀ—

ଏ ପୁସ୍ତକ ପ୍ରକାଶରେ ସହଯୋଗୀ ଶ୍ରୀ ମହେଶ୍ୱର ସ୍ୱାଇଁ, ହରିହର ନନ୍ଦ, ପ୍ରବୋଧଚନ୍ଦ୍ର ବିଶ୍ୱାସ, କାର୍ତ୍ତିକଚନ୍ଦ୍ର ରଣା, ଭାଙ୍କୁ-ଚରଣ ଧାଡ଼ୀ ଏବଂ ମୋର ପୁସ୍ତକର ଅନ୍ୟାନ୍ୟ ପାଠକ ପାଠିକା-ମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

—ଲେଖକ—

※ ଅଶୋକା ପ୍ରକାଶିନୀର ତୃତୀୟ ଅର୍ଘ୍ୟ ※


ଲେଖକ—

ଶ୍ରୀ ଯଚମେଶ କୁମାର ମହାନ୍ତି



ପ୍ରକାଶିକା—

ଶ୍ରୀମତୀ ପୁଷ୍ପାରାଣୀ ମହାନ୍ତି

ରଘୁନନ୍ଦନ ସାହିତ୍ୟ କୁଟୀର

ଦାସନଗର, ହାଓଡ଼ା ।

—ପ୍ରାପ୍ତିସ୍ଥାନ—

ଶ୍ରୀମାତା ପୁସ୍ତକ ଭଣ୍ଡାର

୫, ବ୍ରଜଦୁଲାଲ ଷ୍ଟ୍ରିଟ୍; କଲିକତା-୬

ଚନ୍ଦ୍ରଶେଖର ପୁସ୍ତକାଳୟ

୨୩-୧ ଏ, ଶଶିଭୂଷଣ ଦେ ଷ୍ଟ୍ରିଟ, କଲିକତା-୧୨

ଜନତା ଷ୍ଟୋର

ଶିବପୁର, ହାଓଡ଼ା ।

ମୁଦ୍ରାକର—

ଶ୍ରୀ ଗୋପୀନାଥ ସ୍ୱାଇଁ

ଶ୍ରୀମାତା ପ୍ରେସ

୫, ବ୍ରଜଦୁଲାଲ ଷ୍ଟ୍ରିଟ,

କଲିକତା-୬

ପ୍ରଥମ ପ୍ରକାଶ—୧୯୫୬ ମୂଲ୍ୟ—ଦେଢ଼ଟଙ୍କା ମାତ୍ର

# ( ଏକ )

ପୌଷ ମାସର ହାଡ଼ଭଙ୍ଗା ଶୀତ । ଧୂସର ବକ୍ଷେ ଅବାଧ ଗତିରେ ତାର ନିର୍ମମ ସ୍ୱାକ୍ଷର ଚାଲିଛି ; କ୍ଷେତ କିଆରୀରେ ରହି ଥିର ଥିର ପବନରେ ଦୋଳା ଦେଉଛି । ସୁନାବରନ ପାଚିଲା ଧାନ ଫସଲ ; ବର୍ଷଟା ସାରା ଖରାତରା ବର୍ଷା ସହି ଧାନ୍ୟଲକ୍ଷ୍ମୀଙ୍କୁ ଯେ ଯାହାର ଅମଳଖଳାକୁ କିପରି ଆଣିବେ ଭାବି ଅଫୁରନ୍ତ ଅବଶ୍ରାନ୍ତ ଧାନକଟା ପରିଶ୍ରମ କରିବାରେ ଚାଷୀକୁଳ ଲାଗି ପଡ଼ିଛନ୍ତି କେତେ ଆଶା ଘେନି ଉତ୍ସାହେ ପୁଲକିତ ହୋଇ । ଏ ଗାଁ'ଟି ନାଁ ଏରବଙ୍ଗ । ନାନା ରଙ୍ଗ ନାନା ବର୍ଣ୍ଣର ଜାତି ଏଇ ଗାଁ'ଟିର ବାସିନ୍ଦା । ଗ୍ରାମ-ଟିରେ ଅତି ବହୁଳ ଜନବସତି ରହିଛି ।

ଅତି ପୁରୁଣା ଘରୁଆ ସପୂଘର ବିଧବା ବୋହୂ ସୁମିତ୍ରା ଦେବୀ ମାସ ଦୁଇ ତିନି ହେବ ରୋଗରେ ବାଧିକି ପଡ଼ିଥିଲେ । ଆଜିକି ଦିନ ଚାରି ହେଲା ଦେହ ତାଙ୍କର ସୁସ୍ଥ ଅଛି । ବିଧବା ଝିଅ ସୁଜାତା ପାଞ୍ଚବର୍ଷ ହେଲା ଶାଶୁଘରୁ ଆସି ବାପଘରେ ମାଆ ପାଖରେ ତାର ରହିଛି । ସେଦିନ ମାଆ ପାଇଁ ପଥି କରିବ ବୋଲି ସୁଜାତା ମୁହଁ ଅନ୍ଧାରରୁ ଉଠି ବାରପଟେ ବାଙ୍କୀ ପୋଖରୀରେ ନିଜ ଗାଧୁଆ ସାରି ସକାଳ ନ ହେଉଣୁ ବାସି ପାଇଟି ଘରର କାମଧନ୍ଦା ସବୁ

ବଢ଼ାଇ ଦେଇ ସେଫେଇ ଘରେ ବାଧବା ମାଆ ପାଇଁ ପଥ୍ୟ କର-ବାରେ ବ୍ୟସ୍ତ । ସେତେବେଳକୁ ଦଶଟା ବାଜି ସାରିଲାଣି ।

ଏହି ସମୟରେ ଡାକ ପିଅନ ଆସି ଦାଣ୍ଡ ଦୁଆରେ ଠିଆ ହୋଇ ଡାକିଲା—"ମାଆ ଘରେ ଅଛ ତ ? ତମର ଟଙ୍କା ଆସିଛି ।"

ଶୀତ କାଟିବାକୁ ସୁମିତ୍ରା ଦେବୀ ଅଗଣା ବାରଣ୍ଡାରେ ଖରାକୁ ପିଠି କରି ବସି ରହିଥିଲେ । ଦାଣ୍ଡ ଦୁଆରର ଡାକ ପିଅନର ଡାକ ଶୁଣି ପଛକୁ ଲେଉଟି ତାଆର ଆଡ଼କୁ ଅନାଇ କହିଲେ—

—"ଟଙ୍କା କିଏ କେଉଁଠୁ ପଠାଇଛି ? ଅଜିବାରଣ୍ଟେଇ ମୋର ବଦେଶରେ କିଏ ଅଛି ଯେ ମୋ ପାଖକୁ ଟଙ୍କା ପଠାଇବ ?"

ସୁମିତ୍ରା ଦେବୀଙ୍କୁ ଲକ୍ଷ୍ୟ କରି ଡାକ ପିଅନ କହିଲା—"ମା' ! ଆପଣଙ୍କ ନାଁ ତ ସୁମିତ୍ରା ଦେବୀ ?"

ସୁମିତ୍ରା ଦେବୀ ଡାକ ପିଅନର ପ୍ରଶ୍ନର ଜବାବ ଦେଇ କହିଲେ—"ହଁ, ମୋ ନାଁ ସୁମିତ୍ରା ଦେବୀ । ମୋ ନାଁରେ କେତେ ଟଙ୍କା କିଏ କେଉଁଠୁ ପଠାଇଛି ?"

ଡାକ ପିଅନ ଚମଡ଼ା ବ୍ୟାଗ ଭିତରୁ ମନିଅର୍ଡର ଫାରମଟା ବାହାର କରି ପଢ଼ି କହିଲା—"କଟକରୁ ପଠାଉଛନ୍ତି ରାଧାକାନ୍ତ ରାୟ ; ପାଇବେ ସୁମିତ୍ରା ଦେବୀ, ମୌଜା ଏରବଙ୍ଗ ।"

ସୁମିତ୍ରା ଦେବୀ କିଛି ସମୟ ନୀରବ ରହିବା ପରେ ଗମ୍ଭୀର ହୋଇ କହିଲେ—"ଏ ଟଙ୍କା ଯେଉଁଠୁ ଆସିଛି, ସେଠାକୁ ଫେରସ୍ତ ପଠାଇ ଦିଅ । ମୁଁ ତାର ଦେବା ଟଙ୍କା ନେବି ନାହିଁ ।"

ଡାକ ପିଅନ ବିସ୍ମୟ ହୋଇ ସୁମିତ୍ରା ଦେବୀଙ୍କୁ ଚାହିଁ କହିଲା—"ଶହେ ଟଙ୍କା ଆସିଛି ; ଫେରାଇ ଦେବାକୁ କହୁଛ ମା' ।"

ସୁମିତ୍ରା ଦେବୀ ତା' ଉପରେ ବିରକ୍ତ ହୋଇ କହିଲେ—"ଥରେ କହିଲେ ତମ କାନକୁ ଶୁଭେନା ନା କଣ ? ଶହେ ଛାଡ଼

ହଜାରେ ହେଉନା କାହିଁକି, କହୁଛି ପର ଏ ଟଙ୍କା ନେବା ଲୋକ କେହି ଏଠାରେ ନାହାନ୍ତି ।"

ବିଚରା ଡାକ ପିଅନ ଧମକ ଖାଇ କୌଣସି ଉତ୍ତର ନ କରି ଅସ୍ତେ ଅସ୍ତେ ସେଠାରୁ ଚାଲିଗଲା ।

ସୁଜାତା ହାଣ୍ଡିଶାଳ ଦୁଆରେ ଠିଆ ରହି ସବୁ ଦେଖି ଶୁଣି କହିଲା—"ଟଙ୍କା ନ ରଖି କାହିଁକି ଫେରସ୍ତ ପଠାଇଲ ବୋଉ ?"

ସୁମିତ୍ରା ଦେବୀ ଝିଅ ଉପରେ ରାଗିଯାଇ କହିଲେ—"ତୁ କଣ ମୋତେ ରାଧାକାନ୍ତ ପଠାଇଥିବା ଟଙ୍କା ନେବାକୁ କହୁଛୁ ?"

ସୁଜାତା ଧୀର ଭାବେ କହିଲା—"ପୁଅ ପଠାଇବା ଟଙ୍କା ମାଆ ତାର ନେବ, ଏଥିରେ ଦୋଷ ତ୍ରୁଟି ରହିଲା କେଉଁଠି ?"

ଘୃଣା ରୋଷଭରା ମୁହଁରେ ସୁଜାତାକୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ସୁମିତ୍ରା ଦେବୀ କହିଲେ—"ମୁଁ ଜାଣି ଶୁଣି ପାପଧନକୁ ମୋ ଘରକୁ ଆଣିବାକୁ ଦେବି ନାହିଁ । ଯେଉଁ ପୁଅ ବାପ ମାଆଙ୍କ ମର୍ଯ୍ୟାଦା ନ ରଖି ଦେଶ ବିଦେଶରେ ବୁଲି ରାଜଦ୍ରୋହ କରେ ; ନିଜେ ଅର୍ଜନ ନ କରି ଅନ୍ୟର ସାହାଯ୍ୟରେ ପେଟ ପୋଷେ ; ସେ ଭଳି ଲୋକର ପଠାଇବା ଟଙ୍କା ଛୁଇଁଲେ ପାପ ଲାଗିବ ।"

ସୁଜାତା ମାଆ କହି ସାରିବା ପରେ କହିଲା—"ଯେଉଁ ଲୋକ ଶାସକ ହୋଇ ପ୍ରଜାଙ୍କୁ ପୁତ୍ର ଭଳି ପାଳନ କରିବାରେ ଅପାରଗ, ପ୍ରଜାମାନଙ୍କ ଉପରେ ନିର୍ମମ ଅତ୍ୟାଚାର କରି ଶାସନ କରେ, ସେଠାକାର ପ୍ରଜାମାନେ ବାଧ୍ୟ ହୋଇ ରାଜଦ୍ରୋହ କରନ୍ତି । ଆମର ଏଇ ଅଭାବବେଳେ ଟଙ୍କାର ପ୍ରୟୋଜନ ରହିଛି ; ସାମନା ଚଇତରେ ସାଉ ମହାଜନର ଦେଣା ସୁଝିବାକୁ ପଡ଼ିବ । ଭାଇଙ୍କ ପାଇଁ ତ ସେ ଦେଣା ; ତାଙ୍କର ଦେଣା ଟଙ୍କା ସେ ସୁଝିବାକୁ ପଠାଇଛନ୍ତି । ଟଙ୍କା ଫେରାଇ ଦେବାଟା ଭଲ ହେଲାନାହିଁ ବୋଉ ।"

ସୁଜାତା ଗମ୍ଭୀର ହୋଇ ଆଉ କୌଣସି କଥା ନ କହି କାନ୍ଥକୁ ଅଉଜା ଛିଡ଼ା ରହିଲା ।

ସୁମିତ୍ରା ଦେବୀ କ୍ଷୋଭଭରା କଣ୍ଠେ କହିଲେ—"ମୁଁ ତାକୁ ପାଠ ପଢ଼ାଇ ମଣିଷ କରିବି ବୋଲି ଉଣାଦିନ କାଳ ଦୌଡ଼ି ମହାଜନ ଦୁଆରେ ଗୋଡ଼ ଭାଙ୍ଗି ଠିଆ ହୋଇ ଟଙ୍କା ଦେଣା କରି ଆଣିଥିଲି ; ସେ ମନେ ଭାବନ୍ତି ଏ ଶହେ ଟଙ୍କା ଦେଇ ତା' ମାଆର ଦେଣା ସୁଝିଦେବ । କେତେ ଦାଅଁ ଦେବତା ପୂଜି ଦଶମାସ ଦଶ ଦିନ ଗର୍ଭଯାତନା ସହି, କେତେ ଦୁଃଖ କଷ୍ଟ କରି ତାକୁ ମଣିଷ କରିଥିଲି । ଜନ୍ମ ହେବାର ଉଣାଦିନ ପରେ ବାପକୁ ଖାଇବସିଲା ! ମୁଁ ତା' ଠାରୁ ଏପରି ନିର୍ମମ ବ୍ୟବହାର ପାଇବି ବୋଲି କେବେ ଆଶା କରି ନ ଥିଲି । କପାଳେ ଥିଲେ ପର ଦେଣାରେ ବିଲବାଡ଼ି ଘର ଦୁଆର ବିକି ଗଲ୍ଲ ତଳେ ମୁଣ୍ଡ ଗୁଞ୍ଜିବି । ମୋ'ରି ପୁଅ ହୋଇ ମୋ ପ୍ରତି ତାର ଯେଉଁ ନିଷ୍ଠୁର ବ୍ୟବହାର— ମୋ ଛାତିର ପଞ୍ଜରା ହାଡ଼କୁ ଭାଙ୍ଗି ଦେଉଛି । ସେ ପାଠଶାଠ ପଢି ବୁଦ୍ଧିଜ୍ଞାନ ଅର୍ଜି ମଣିଷ ହେବ କଣ—ଶେଷକୁ ଏ କଣ ହେଲା ? କାହା ମନ୍ଦ ବୁଦ୍ଧିରେ ପଡି ଶେଷକୁ ଗୋଟାଏ ଦାଲ ଗଢି ବସିଲା । ମହାପ୍ରସାଦ ଦେଇ ଇନ୍ଦ୍ରାଣୀକୁ କଥା ଦେଇଥିଲି—ତା' ଝିଅ ସଙ୍ଗେ ପୁଅକୁ ବାହା କରିବି ବୋଲି । ଇନ୍ଦ୍ରାଣୀର ସ୍ୱାମୀ ସୁରେନ୍ଦ୍ର ବାବୁ ଯେତେବେଳେ ଶୁଣିବେ—ଏଇଟା ଲୁଚରିଟାଏ, ମହାଜନର ଦେଣା ରହିଛି ; ଘରସଂସାର ଅଭାବ ଅନାଟନ—ମନରେ କଣ ଭାବିବେ ?"

ପରଲୋକଗତ ସ୍ୱାମୀଙ୍କ କଥା ମନରେ ପଡ଼ି ଆଖିରେ ଲୁହ ଜମି ଆସେ ; ଅନ୍ତର ଭିତରଟା ହାହାକାର କରେ । ଆଜି ଯଦି ସେ ଜୀବନରେ ବଞ୍ଚିଥାନ୍ତେ, ସୁଧାକାନ୍ତର ଏ ସବୁ ଢଙ୍ଗ ଦେଖି ଶୁଣି ଅସ୍ଥିର ହୋଇ ଉଠୁ ଥାଆନ୍ତେ ।

ସୁଜାତା ବିଷାଦ ମନଧରେ ଠିଆ ହୋଇ ମାଆର ସମସ୍ତ କଥା ଶୁଣୁଥାଏ । ସୁମିତ୍ରା ଦେବୀ ରୁଦ୍ଧ କଣ୍ଠରେ କହିଲେ—"ନିଜ ଘର ସଂସାର, ମାଆ ଭଉଣୀ, ସୁଖ ଦୁଃଖ ଭଲ ମନ୍ଦ ନ ଦେଖି ଏକାଳର ଚେଙ୍ଗଡ଼ା ଟୋକାମାନେ ନାନା ଦଳ ସଂଘ ସହିତ ଗଢ଼ି ବାହାଦୁରୀ ଦେଖାଉଛନ୍ତି । ଏହି ସମସ୍ତ କୁଳାଙ୍ଗାର ଗୁଡ଼ାଙ୍କୁ ମୁଁ ଅତ୍ୟନ୍ତ ଘୃଣା କରେ । ମାଇପି ସଂସାର, ମୁଣ୍ଡ ଉପରେ କେହି ନାହିଁ, ମୋର ଏଇ ବୟସରେ ମୋତେ ଦୁଃଖ ଦେବାକୁ ରାଧାକାନ୍ତ ମନରେ ଏଇଆ ଥିଲା । ସେ ପାଠ ପଢ଼ି ବିଦ୍ୱାନ ହୋଇ ନିଜ ମାଆର ମନ କଥା ବୁଝିଲା ନାହିଁ । ସନ୍ତାନ ଉପରେ ବାପ ମାଆଙ୍କର କେତେ ଆଶା ଭରସା ?"

ବର୍ତ୍ତମାନ ସୁରେନ୍ଦ୍ର ଚୌଧୁରୀ ଓଡ଼ିଶାର ମାନ୍ୟଗଣ୍ୟ ବ୍ୟକ୍ତି । ମଉସୀ ତାଙ୍କର ଗୋଟିଏ ବୋଲି ଝିଅ । ଅଜକାଲି ଗାଆଁ ସଙ୍ଗେ ତାଙ୍କର କୌଣସି ସମ୍ପର୍କ ନାହିଁ କହିଲେ ଚଳେ । କଟକରେ ପ୍ରକାଣ୍ଡ ସାହେବ ଗୃହକରୀ ପାଇଛନ୍ତି ସେ । ତାଙ୍କ ସ୍ତ୍ରୀ ଇନ୍ଦ୍ରାଣୀ ମଣିଷ ହିସାବରେ ମନ୍ଦ ନୁହନ୍ତି । ସୁମିତ୍ରା ଦେବୀ ଓ ଇନ୍ଦ୍ରାଣୀ ଦେବୀ ପିଲାବେଳେ ଏକା ସ୍କୁଲରେ ପାଠ ପଢୁଥିଲେ । ଦୁହିଁଙ୍କ ଭିତରେ ଖୁବ୍ ମନର ମେଳ ଥିଲା । ସେତିକିବେଳୁ ଦୁହେଁ ମହାପ୍ରସାଦ ଦେଇ ସମ୍ବୁଦୁଣୀ ବସିଥିଲେ । ଦୁହେଁ ଦୁହିଙ୍କ ଭିତରେ କଥାବାର୍ତ୍ତା କରି ସ୍ଥିର କରିଥିଲେ—ପୁଅ ଝିଅ ଜନ୍ମ ହେଲେ ତାଙ୍କ ନିଜ ମଧ୍ୟରେ ପୁଅ ଝିଅଙ୍କୁ ବିବାହ କରାଇ ବନ୍ଧୁତ୍ୱ ଚିରଦିନକୁ ଅତୁଟ ରଖିବେ ।

—o—

## ( ଦୁଇ )

ପ୍ରୌଢ଼ ଶିକ୍ଷା କେନ୍ଦ୍ରରେ ପ୍ରତିଦିନ ସନ୍ଧ୍ୟାବେଳକୁ ପାଠଶାଳା ବସେ । ଛାତ୍ରମାନେ ଯେ ଯାହାର ଛାଲପତ୍ର ପଟି ବିଛାଇ, ଅର୍ଦ୍ଧ-ଚନ୍ଦ୍ରାକାର ହୋଇ ବସି ପାଠ ପଢୁଛନ୍ତି । ଏଠାରେ ଶିକ୍ଷକ ମହାଶୟଙ୍କର ନିୟମ କାନୁନ ମାନି ଛାତ୍ରମାନଙ୍କୁ ପଢ଼ାଇବାରେ କୌଣସି ଶୃଙ୍ଖଳାଗତ ବ୍ୟବସ୍ଥା ନାହିଁ । କୃଷୀ ଓ ଶ୍ରମିକମାନେ ଘର ବାହାର କାମ ଧନ୍ଦା ସେଣ୍ଟାଇ ସାରି ସନ୍ଧ୍ୟା ସମୟକୁ ନିଶ୍ଚିନ୍ତ ମନରେ ଏଠାକୁ ପଢିବାକୁ ଆସନ୍ତି । ପ୍ରତ୍ୟେକ ଛାତ୍ରଙ୍କ ବୟସ କୋଡ଼ିଏରୁ ଊର୍ଦ୍ଧ୍ୱ ; ପ୍ରାୟ ଅଧିକାଂଶ ନବୀନ ଯୁବକ । ଏଠାକାର ଶିକ୍ଷକ ମହାଶୟ ଆଉ କେହି ନୁହନ୍ତି, ବର୍ତ୍ତମାନ ରାୟବଂଶର ଏକମାତ୍ର ଭବିଷ୍ୟତ—ରମାକାନ୍ତ ରାୟଙ୍କ ପୁତ୍ର ରାଧାକାନ୍ତ ରାୟ । ସଂଯମ ଚରିତ୍ର ଗଠନ ସଙ୍ଗେ ସଙ୍ଗେ ଶିକ୍ଷା ବିଦ୍ୟା, ବୁଦ୍ଧି, ଜ୍ଞାନ ଅର୍ଜନ କରି ଦେଶର ଆଦର୍ଶ ନାଗରିକ ଭାବରେ, ଦେଶ ଦଶ ସମାଜର ସେବାକରି ସେମାନେ ରାଷ୍ଟ୍ର ଓ ସମାଜକୁ ଯୁଗୋପଯୋଗୀ କରିବାକୁ ଶକ୍ତି ସାମର୍ଥ୍ୟ ଅର୍ଜନ କରୁଛନ୍ତି । ମହାଭୟଙ୍କରୀ ବନ୍ୟା ହୋଇ ଯିବାର ପରେ ଦେଶର ଚାରିଆଡ଼େ ଆଜି ମହାମାରୀ ଦୁର୍ଭିକ୍ଷ ଦେଖା ଦେଇଛି । ଅନ୍ନର ଅଭାବ ଯେଉଁ ଦେଶରେ ନ ଥିଲା, ଯେଉଁ ଓଡ଼ିଶା ଭାରତରେ ବଳକା ପ୍ରଦେଶ, ବର୍ତ୍ତମାନ ସେ

ଦେଶର ଲୋକେ ଅନ୍ନ ବିନା ହାହାକାର କରୁଛନ୍ତି—ଶୁଖି ମଲେଣି—ପେଟକୁ ଭାତ ଯୁଟୁନାହିଁ । ଠିକ୍ ଏହିପରି ଦୁର୍ଦ୍ଦିନ ବେଳେ ଦେଶରେ ସୀମା ସଂକ୍ରାନ୍ତ ବ୍ୟାପାର ନେଇ, ଗୃହଅନ୍ତେ ଗଣ ଆନ୍ଦୋଳନର ବିକ୍ଷୋଭ ଦେଖା ଦେଲାଣି ।

ସେଦିନ ସୁଧାକାନ୍ତ ତାର ସମସ୍ତ ଛାତ୍ରଙ୍କୁ ଏକତ୍ରିତ କରି କହିଲା—"ଜାତି ଓ ଦେଶ ଉପରେ ଆଜି ଯେଉଁ ସଙ୍କଟମୟ ସମୟ ଆସିଛି, ତୁମେମାନେ ସମସ୍ତେ ନିଜ ଜୀବନ ମରଣ ପଣ ନେଇ ଏହି ମହା ବିପଦ ସଙ୍ଗେ ଯୁଦ୍ଧ କର; ତୁମମାନଙ୍କର ଏତେ ଦିନ ଧରି ଯେଉଁ ତ୍ୟାଗ, ଶିକ୍ଷା, ଦୀକ୍ଷା ଲାଭ କରିଛ ; ନିଜେ ନିଜ ଯୋଗ୍ୟତାର ପରୀକ୍ଷା ଦିଅ । ତୁମ ମାନଙ୍କ କୃତୀତ୍ୱ ବ୍ୟକ୍ତିତ୍ୱ ଉପରେ ଦେଶବାସୀଙ୍କର ଅନେକ ଆଶା ଭରସା ନିର୍ଭର କରୁଛି ।

ଚଳିଷ୍ଣୁ ଯୁବକ ଛାତ୍ରମାନଙ୍କ ମଧ୍ୟରୁ କେହି କେହି କୌତୁହଳ ଦୃଷ୍ଟିରେ, କେହି ବା ଅଧିକ ଉଦ୍ୟମ ଉତ୍ସାହରେ ଶିକ୍ଷକ ମହାଶୟଙ୍କ ମୁହଁକୁ ଚାହିଁ ରହି ଶୁଣୁଛନ୍ତି—ଶିକ୍ଷକ ମହାଶୟ କେଉଁ ପ୍ରସ୍ତାବ ଉତ୍ଥାପିତ କରୁଛନ୍ତି ; ଉପସ୍ଥିତ କଣ କରିବାକୁ ନିର୍ଦ୍ଦେଶ ଦେବେ ।

କିଛିକ୍ଷଣ ଚିନ୍ତାଯୁକ୍ତ ମଉନ ହୋଇ ବସି ରହିବା ପରେ ଶିକ୍ଷକ ଅତି ଶାନ୍ତ କଣ୍ଠେ କହିଲେ—"ମୋ ମୁହଁରୁ ଆଜି ଏପରି କଥା ଶୁଣି ତୁମେମାନେ ଆଶ୍ଚର୍ଯ୍ୟ ହେଉଥିବ, କିନ୍ତୁ ବର୍ତ୍ତମାନ ମୋତେ ତୁମମାନଙ୍କୁ କାର୍ଯ୍ୟରେ ଲଗାଇବାର ସମୟ ଆସିଛି । ମନୁଷ୍ୟକୁ ମନୁଷ୍ୟତ୍ୱ ବଜାଏ ରଖିବାକୁ ହେଲେ ପ୍ରଥମେ ନିଜର ଉପଯୁକ୍ତ ଚରିତ୍ର ପ୍ରତିଷ୍ଠା । ଯେଉଁମାନେ ଚରିତ୍ରବାନ, ସେହିମାନେ ସହଣୀୟ ଚରିତ୍ର । ନିଜର ପ୍ରତିଭା ବଳରେ ଦେଶର ସେବାକରି ଦେଶ ଓ ଜାତିର ସମ୍ମାନ ରକ୍ଷା କରି ପାରୁଛନ୍ତି । ଏହି ମର ଜଗତରେ ଅମରତ୍ୱ ଲାଭ କରି ଚିର ମୃତ୍ୟୁଞ୍ଜୟୀ ହୋଇ ଯାଉଛନ୍ତି ।

ଜାତି ପ୍ରେମୀ ମହାମାନବ ଉତ୍କଳମଣି ଗୋପବନ୍ଧୁ ଦାସ, ଜାତିର ଦୁଃଖ କଷ୍ଟ ଦେଖିଲେ ଯାହାଙ୍କ ଆଖିରୁ ଲୁହ ଗଡ଼ି ପଡୁଥିଲା—ଜାତିର ନମସ୍ୟ ସେହି ପରମ ପୂଜ୍ୟ ପିତାଙ୍କୁ ଆଜି ଦେଶର ଏଇ ଦୁର୍ଗତି ବେଳେ ଏ ଦୁର୍ଭାଗା ଜାତି ତାଙ୍କୁ ହରାଇ ବସିଛି । ତାଙ୍କର ମହାନ ଗୁଣ ଲାଗି ସେ ପୂଜ୍ୟ ନେତା । ଉତ୍କଳ-ମଣିଙ୍କୁ ହରାଇ ଉତ୍କଳ ମାତା ତାର ମଥାମଣି ହରାଇଛି । ଆମେ ମାନେ ଆମର ବ୍ୟକ୍ତିଗତ ସମ୍ପତ୍ତି ଅର୍ଜନ କରିବା କିମ୍ବା ରକ୍ଷା କରିବାରେ ବ୍ୟସ୍ତ ନ ରହି ସ୍ୱ-ଦେଶର ସର୍ବସାଧାରଣଙ୍କ ହିତ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାରେ ଆମେ ସମ୍ପୂର୍ଣ୍ଣ ଅଧି-କାରୀ । ଆମେମାନେ ଯଦି ନିଜକୁ ଜାଗ୍ରତ ମନେ ନ କରୁ—ଜନ୍ମଭୂମିର ଦୁର୍ଗତି, ଜାତିର ନିରକ୍ଷରତା ଦୂର କରି ହେବନାହିଁ । ଯେଉଁଦିନ ପର୍ଯ୍ୟନ୍ତ ସମସ୍ତ ଦେଶବାସୀ ଶିକ୍ଷା ଲାଭ ନ କରିଛନ୍ତି ସେ ଦିନ ପର୍ଯ୍ୟନ୍ତ ମନୁଷ୍ୟ ହୋଇ ମଧ୍ୟ ମନୁଷ୍ୟର ବ୍ୟକ୍ତିତ୍ୱ ଓ କର୍ତ୍ତବ୍ୟ ମର୍ଯ୍ୟାଦା ସେମାନେ ବୁଝି ପାରିବେ ନାହିଁ ।

ଆମ ମାନଙ୍କର ପ୍ରଥମ କାମ ହେଉଛି—ମହାମାନବ ମହାତ୍ମା ଗୋପବନ୍ଧୁ ନିର୍ଦ୍ଦେଶ ଦେଇଥିବା ବାଣୀକୁ ; ଉପସ୍ଥିତ କାର୍ଯ୍ୟରେ ପରିଣତ କରିବାର ବେଳ ଆସିଛି । ଏଇ ସାମାନ୍ୟ ଷାଠିଏ ଜଣ ଛାତ୍ର, ଆଜିଠାରୁ ନିଜେ ନିଜକୁ ଜଣେ ଜଣେ ଶିକ୍ଷକ ଭାବି ଅନ୍ୟାନ୍ୟ ଛୋଟାଏ ଗୋଟାଏ ଅଞ୍ଚଳରେ ପ୍ରୌଢ଼ ଶିକ୍ଷା ପାଠଶାଳା ମାନ ଖୋଲି ଅଶିକ୍ଷିତ ଅନୁନ୍ନତ ସ୍ୱଦେଶ ଭାଇ ଭଉଣୀ ମାନଙ୍କୁ ଶିକ୍ଷା, ସଭ୍ୟତା ମଧ୍ୟ ଦେଇ, ପ୍ରଗତି ଯୁଗକୁ ଚେତନା-ଶୀଳ କରି ଗଢିବାର ଦାୟିତ୍ୱ ଆଜିଠାରୁ ତମ ମାନଙ୍କ ଉପରେ ନ୍ୟସ୍ତ ରହିଲା । ତମେ ଏଇ ସାମାନ୍ୟ ଷାଠିଏ ଜଣ, ଜଣେ ଜଣେ ଯଦି ଷାଠିଏଜଣଙ୍କର ନିରକ୍ଷରତା ଦୂରୀକରଣ କାର୍ଯ୍ୟ ଭାର ବହନ

କରିପାରି—ତାହେଲେ ଅଳ୍ପ କେଇଦିନ ମଧ୍ୟରେ କେତେ ଗୁଡିଏ ଲୋକ ଶିକ୍ଷା ଓ ଜ୍ଞାନ ଲାଭ କରି ମୂର୍ଖ ପାପ ଦୋଷରୁ ପରିତ୍ରାଣ ପାଇ ପାରନ୍ତେ । ତୁମ ମାନଙ୍କର କାମ—ସତ୍ୟ ଓ ନିଃସ୍ୱାର୍ଥ ଭାବେ ଅସହାୟ ଦୁର୍ବଳର ସେବା, ଦେଶର ସ୍ୱାର୍ଥ ସମୃଦ୍ଧି ରକ୍ଷା ଓ ଅଭି-ବୃଦ୍ଧି । କୌଣସି ଠାରେ ଅନ୍ୟାୟକୁ ବରଦାସ୍ତ ନ କରି, ନ୍ୟାର୍ଯ୍ୟ ଦାବୀ ପାଇଁ ଜନସାଧାରଣଙ୍କ ମନରେ ଜାଗରଣ ଆଣି ଦେଶବାସୀଙ୍କୁ ଏ ବିଷୟରେ ସଚେଷ୍ଟ କରିବାକୁ ହେବ । ତୁମେମାନେ ସମାଜର ହିତୈଷୀ ନେତା ରୂପେ କାର୍ଯ୍ୟ କରିବ—ଆଲସ୍ୟ ଭୋଗ ବିଳାସକୁ ବର୍ଜନ କରି, ଦେଶର ମହା ମହା ସମସ୍ୟା ସମାଧାନର ଉଦ୍ଦେଶ୍ୟ ରଖି ।

କେଉଁ ଅଞ୍ଚଳରେ କଣ କରିବେ ; ଛାତ୍ରମାନେ ଜାଣିବା ନିମନ୍ତେ ପ୍ରଶ୍ନ କଲେ—"ଏ ସମସ୍ୟାର ମୂଳ ଉତ୍ପାଟନ ସମ୍ବନ୍ଧେ ଉପସ୍ଥିତ ଆମକୁ କଣ କରିବାକୁ ପଡ଼ିବ ?"

ଛାତ୍ର ମାନଙ୍କୁ ଉଦ୍ଦେଶ୍ୟ କରି ରାଧାକାନ୍ତ କହିଲା—"ଆମ ଦେଶରେ କୃଷି ପ୍ରଧାନ ଉପାୟ । ଦେଶରେ କୃଷି ଓ ଶିଳ୍ପର ଉନ୍ନତି ନ ହେଲେ ଦେଶର ଉନ୍ନତି ଅସମ୍ଭବ । କୃଷୀ ଲୋକ ଉପବାସରେ ମୁଣ୍ଡ ଟାଳ ତଳିପାଉରେ ମାରି, କ୍ଷେତ କିଆରିରେ କଷ୍ଟସାରି ଖଟେ । ଖରା, ବର୍ଷା, ଶୀତ କଷ୍ଟ ସହି ପୌଷ ମାସର ପାଚିଲା ଧାନ କିଆରିକି ଦେଖି ମନରୁ ସବୁ ଦୁଃଖ କ୍ଲେଶ ପାଶୋରି ପକାଏ ।

କୃଷୀକୁ ବର୍ଷେ ବର୍ଷେ ଦୈବଦଣ୍ଡ ପଡ଼େ । ମରୁଡି ମହା-ମାରି, ପ୍ରଳୟଙ୍କରୀ ବନ୍ୟା ଆସି କୃଷୀକୁ ଭିକାରି କରି ଦାଣ୍ଡରେ ବସାଇ ଦେଇ ଯାଏ । ଘରଣୀ ଦେହ ଗହଣା ବିକି ଭାଙ୍ଗି ତେହି ପିଲା କବିଲାଙ୍କ ମୁହଁରେ ତୋଳ ଦିଏ । ତାହାର ଘର ଉହଡଲୀ

ମହାଜନ ଦୁଆରେ ବନ୍ଧା ପଡ଼େ । ଆମର ଲୋକେ ପେଟ କଷ୍ଟ ସହି ନ ପାରି, ଦେଶ ଗାଁ-ଗଣ୍ଡା ଘର ଦୁଆର ଛାଡ଼ି ; ଅଭାବେ ବାଧ୍ୟ ହୋଇ ପେଟ ପୋଷିବା ଲାଗି ପର ଦେଶ ଦୂର ମୁଲକରେ କୁଲି ସାଜେ । ଯଦି ଦେଶରେ ଶିଳ୍ପ ପ୍ରତିଷ୍ଠାନ ମାନ ଗଢି ଉଠନ୍ତା—ତେବେ ଆମର ଭାଇମାନେ ପ୍ରବାସରେ ରହି ପର ପାଖରେ ମୁଣ୍ଡ ବିକି, ଦୁଃଖ କଷ୍ଟ ଭୋଗି, ବୈଦେଶିକ ମାନଙ୍କ ପାରୁ ଲାଞ୍ଛିତ ହୋଇ ଜୀବନ୍ତ ଚିତାରେ ଦଗ୍ଧ ହୁଅନ୍ତେ ନାହିଁ । ଆମ ଦେଶପାଇଁ ଆମକୁ ବହୁତ କିଛି କରିବାକୁ ରହିଛି । ଆମର ଉପସ୍ଥିତ କାର୍ଯ୍ୟ ଦେଶର ନିରକ୍ଷରତା ଦୂର କରିବା ସଙ୍ଗେ ସଙ୍ଗେ ଦେଶବାସୀଙ୍କ ମଧ୍ୟରେ ଜାତୀୟ ଚେତନା ଆଣି ଦେବା । ଆମ ଦେଶର କେତେ ଜଣଙ୍କ ଦୁର୍ବଳତା ଓ ସ୍ୱାର୍ଥ ହେତୁ ବିଶ୍ୱାସଘାତକତା କୁଚକ୍ରରେ ଦେଶବାସୀଙ୍କ ଉନ୍ନତି ଅସମ୍ଭବ ହୋଇ ପଡ଼ୁଛି । ଭବିଷ୍ୟତକୁ ଆମ ଜାତିର ଯୋଗ୍ୟ ସନ୍ତାନ ମାନେ ଆମର ଔରସରୁ ଜନ୍ମ ହୋଇଥିଲେ ମଧ୍ୟ ; ଆମର ଦୁର୍ବଳତା ବା ବିଶ୍ୱାସଘାତକତା ଜାଣି, ଆମକୁ ସେମାନେ ଘୃଣା କରିବେ । ଚିର କାଳକୁ ଜାତିର ଇତିହାସ ରଙ୍ଗିନ ମଲାଟେ ଜାତିର କଳଙ୍କ କାଳିମା ଲିପିବଦ୍ଧ ହୋଇ ରହିଯିବ ।

ସର୍ବ ସମ୍ମତି କ୍ରମେ ଛାତ୍ରମାନେ ଶିକ୍ଷକ ମହାଶୟଙ୍କୁ ଜଣାଇଲେ—"ଆମେମାନେ ସମସ୍ତେ ଦୁଃଖ କଷ୍ଟ ସହି, ଏପରି ନିୟମରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ରହିଛୁଁ ।"

ହସ ହସ ମୁହଁରେ ରାଧାକାନ୍ତ କହିଲା—"ଆମ ମାନଙ୍କର ଉତ୍କଳମଣି ଗୋପବନ୍ଧୁ ଦାସ ପଥ ପ୍ରଦର୍ଶକ । ତାଙ୍କର ପଥ ଅନୁସରଣ କରି ଆମେ ଦେଶ ତଥା ଜାତିର ସେବା କରିବା— ।"

—❋—

# ( ତିନି )

ସୁଧାକାନ୍ତ ଟିଁରୁ ଯେତେବେଳେ ଟଙ୍କା ଫେରି ଆସେ, ଟଙ୍କା ନେବାର ଲୋକ ସେଠାରେ କେହି ନାହାନ୍ତି ଶୁଣେ—ଅକାଶଟା ଯେପରି ତା' ମୁଣ୍ଡ ଉପରେ ଭାଙ୍ଗି ପଡ଼ିଲା ଭଳି ତାକୁ ଲାଗିଲା । ମନରେ ଭାବିଲା—ତା' ହେଲେ କଣ ମାଆ ଭଉଣୀ ଦୁହେଁ ଘର ଛାଡ଼ି କୁଆଡ଼େ ବାହାରକୁ ଯାଇଛନ୍ତି ? ବହୁ ଦିନର କଥା ଆଜି ତାର ମନେ ପଡ଼ିଲା । ଯେଉଁ ଦିନ ତାର ମାଆ ତାକୁ ରାଜଦ୍ରୋହୀ ଦଳ ତ୍ୟାଗ କରିବାକୁ କହିଥିଲା—ସୁଧାକାନ୍ତ ଉତ୍ତର ଦେଇଥିଲା, ଧନୀ, ମାଲିକ ମାନଙ୍କର ଅତ୍ୟାଚାର ପଥ ଅବରୋଧ କରି, ଦେଶର ଗରିବ ଦୁଃସ୍ଥ ଗୃଷୀ ମୂଲିଆ ମାନଙ୍କର ସେବା କରିବ ବୋଲି ସେ ଦଳରେ ଯୋଗ ଦେଇଛି । ମାଆ ଭଉଣୀର ଭଲ ମନ୍ଦ ସମ୍ବାଦ କାହାଠାରୁ ପାଇବ ଭାବି ମନ ତାର ଚଞ୍ଚଳ ହୋଇ ଉଠିଲା । ସକାଳୁ ଆରମ୍ଭ ହୋଇ ଦିନସାରା ବର୍ଷା ଚାଲିଛି । ସେହି ଝିପିଝିପି ବର୍ଷାରେ ଓଦା ହୋଇ ସୁଧାକାନ୍ତ ରାଜେନ୍ଦ୍ର ବାବୁଙ୍କ ଦାଣ୍ଡଦୁଆରେ ଯାଇ ପହଞ୍ଚିଲା । ହାରମୋନିୟମ୍ ବଜାଇ ମଇନୀ ଗୀତ ଗାଉଥାଏ—ଶୁଣିବାକୁ, ଅଗ୍ରହରେ ସୁଧାକାନ୍ତ ବାହାରେ ଠିଆ ହୋଇ ରହିଲା । ହାରମୋନିୟମ୍ ସ୍ୱରେ ସ୍ୱର ମିଶାଇ ମଇନୀ ଗାଉଛି—

ଚକୋର ଚନ୍ଦ୍ରକୁ କହେ ଚନ୍ଦ୍ର ତୁମେ ଯାଅନା,
ଅଙ୍ଗେ ମୋର ଜଡ଼େ ବିରହ ବନ୍ଧୁ ସିନା ବୁଝେନା ।
ତୁମରି ଜୋଛନା ରଙ୍ଗେ କୁମୁଦୀ ଓଢ଼ଣା ଖୋଲେ,
ମଧୁ ଛନ୍ଦେ କେତେ ଆଶା ରଙ୍ଗାଏ ମରମ ତଳେ
ମଧୁର ଯାମିନୀରେ ମଧୁର ମିଳନ ଭାଙ୍ଗି ତୁମେ ଯାଅନା ॥

ମଇନୀର ମନରେ କୌଣସି ଦୁଃଖ କଷ୍ଟ ଚିନ୍ତା ଏ ପର୍ଯ୍ୟନ୍ତ ସ୍ପର୍ଶ କରି ପାରି ନ ଥିଲା । ଯାହାର ପ୍ରଖର ହସର ଶବ୍ଦରେ ସଦା ସର୍ବଦା ଘର ମୁଖରିତ ହୋଇ ଉଠୁଥିଲା—ଆଜି ତା' ମୁହଁରେ ଲେଶ ମାତ୍ର ହସ ନାହିଁ ।

ରାଧାକାନ୍ତ ଦାଣ୍ଡଦୁଆର ଦରଜା ଠେଲି ଘର ଭିତରକୁ ପ୍ରବେଶ କଲା । ରାଜେନ୍ଦ୍ର ବାବୁଙ୍କ ବହୁ ଦିନର ପୁରୁଣା ଚାକର ରାମସେବକ ହଠାତ୍ ରାଧାକାନ୍ତକୁ ଦେଖି କହିଲା—ବାବୁ ! ମୁଁ ଶୁଣୁଥିଲି, ଆପଣ କେଉଁ ମଫସଲ ଗାଁ ଅଞ୍ଚଳକୁ ଯାଇଥିଲେ ବୋଲି । ସେଠାରୁ ଆପଣ କେବେ ଆସିଲେ ?

ରାମସେବକ ପ୍ରଶ୍ନର କୌଣସି ଉତ୍ତର ନ ଦେଇ ରାଧାକାନ୍ତ ପଚାରିଲା—"ତୁମେମାନେ ସମସ୍ତେ ଭଲ ଅଛ ତ ? ବାବୁ ଘରେ ନାହାନ୍ତି ନା କଣ ?"

ରାମସେବକ କହିଲା—"ବାବୁ ଅଫିସକୁ ବାହାରି ଗଲେଣି । ମାଆ ସାଆନ୍ତାଣୀ ଗାଡ଼ିରେ ସାରି ରଥବାବୁଙ୍କ ଘର ବୁଢ଼ୀ ସଙ୍ଗେ କଟକଚଣ୍ଡୀ ଦର୍ଶନ କରିବାକୁ ଗଲେ ; କେବଳ ଦେଈ ସାଆନ୍ତାଣୀ ଏକା ଘରେ ଅଛନ୍ତି ।"

ରାଧାକାନ୍ତର ପାଟି ଶୁଣି ମଇନୀ ଗୀତ ଗାଇବା ବନ୍ଦ କରି ସେଠାରେ ଗମ୍ଭୀର ହୋଇ ବସି ରହିଲା ।

ସୁଧାକାନ୍ତ ମଇତ୍ରୀର ନିକଟବର୍ତ୍ତୀ ହୋଇ ପଚାରିଲା—"ଗାଁରୁ କେହି ତମର ଏଠାକୁ ଆସି ନାହାନ୍ତି ମଇତ୍ରୀ ? ଆମ ଘର ଖବର କିଛି ତମେ ଶୁଣିନାହଁ ?"

ମଇତ୍ରୀ ଶୁଣି ନ ଶୁଣିଲା ପରି ହାରମୋନିୟମ ଉପରେ ହାତଭରା ଦେଇ ଯେପରି ମଉନ ହୋଇ ବସି ରହିଥିଲା—କୌଣସି କଥା ନ କହି ସେହିପରି ବସି ରହିଲା ।

ରାମସେବକ ଡାକିଲା—"ସୁଧାକାନ୍ତ ବାବୁ ଆସିଚନ୍ତି ପଙ୍କ ଦେଇ ସାଆନ୍ତାଣୀ !"

ରାମସେବକ ଡାକ ଶୁଣି ମଇତ୍ରୀ ପଙ୍କକୁ ଲେଉଟି ଅନାଇଲା । ଅଭିମାନରେ ସୁଧାକାନ୍ତ ଆଡକୁ ଥରେ ଗୁହିଁ ଦେଇ ସହସା ଦୃଷ୍ଟି ଫେରାଇ ଆଣିଲା ।

ଦେଶର ସେବା ଓ ଜାତିର ଜାଗରଣ ଆଣିବାକୁ କାମ କଲେ କେହି କଣ ନିଜର ମାଆ ଭଉଣୀକୁ ଯାତଣାରେ ପକାଏ ? ଏତେ ନିଷ୍ଠୁର ପ୍ରକୃତିର ମନୁଷ୍ୟ କେହି କେବେ ଦେଖିଛ ?

ରାମସେବକ ସୁଧାକାନ୍ତକୁ ଚେୟାର ଦେଇ କହିଲା— "ଚିଆରରେ ବସନ୍ତୁନାହାନ୍ତି ବାବୁ !"

ଏ ଦୁହିଙ୍କ ମନ ଭିତରେ କିପରି ଭୀଷଣ ଦ୍ୱନ୍ଦ୍ୱ ଚାଲିଛି, ବୁଢ଼ା ଚାକର ରାମସେବକ ସେ କଥା ବୁଝିବ କିପରି ?

ଆଜି ସୁଧାକାନ୍ତକୁ ଦେଖି ମଇତ୍ରୀ ଘୃଣା ଦୃଷ୍ଟିରେ କାହିଁକି କଥା ନ କହି ଦୂରେଇ ରହୁଛି ? ଗଲା ମାଘସପ୍ତମୀ ଚନ୍ଦ୍ରଭାଗା ବୁଲିବା ଦିନ ମଇତ୍ରୀ ସଙ୍ଗେ ସୁଧାକାନ୍ତର ମାଆ ସୁମିତ୍ରା ଦେବୀଙ୍କର ଦେଖା ହୋଇ କଥାବାର୍ତ୍ତା ହୋଇଥିଲେ । ସୁମିତ୍ରା ଦେବୀଙ୍କ ଆଦର ରକ୍ଷା କରି ମଇତ୍ରୀ ତାଙ୍କ ଘରବାଟ ଦେଇ କଟକ ଫେରିଲା । ସେହି ଦିନଠାରୁ ସେ ମନେ ମନେ ଭାବୁଛି—ଏପରି ଲୋକକୁ ଭଲ ପାଇବାରେ କାମ ନାହିଁ ।

ରାଧାକାନ୍ତ ଚେୟାର ବାଡ଼ରେ ହାତଭରା ଦେଇ ଚିନ୍ତାକୁଳ ଦୃଷ୍ଟିରେ ମଇତ୍ରୀ ଆଡ଼େ ଅନାଇ ଅପରାଧୀ ବ୍ୟକ୍ତିଟି ଭଳି ଠିଆ ହୋଇ ରହିଲା । ଉଭୟେ ନୀରବ ଚିନ୍ତାମଗ୍ନ ।

ଅଭିମାନର ରହସ୍ୟ ଜାଣିବା ପାଇଁ ବହୁ ସମୟ ପରେ ରାଧାକାନ୍ତ ପଚାରିଲା—"ମୋ ଉପରେ ରାଗ କରିଛ ମଇତ୍ରୀ ?"

ତୀକ୍ଷ୍ଣ ଦୃଷ୍ଟିରେ ମଇତ୍ରୀ ରାଧାକାନ୍ତ ଆଡ଼କୁ ଚାହିଁ ଚାରିଆଖି ଏକତ୍ର ହେବା ମାତ୍ରେ ରାଗରେ ମୁହଁ ଫେରାଇ ନେଲା—ପ୍ରଶ୍ନର କୌଣସି ଉତ୍ତର ଦେଲା ନାହିଁ ସେ ।

ରାଧାକାନ୍ତ ମଇତ୍ରୀର ହାତ ଧରି ପଚାରିଲା—"କେଉଁ ଦୋଷରୁ ମୋ ଉପରେ ଏତେ ଅଭିମାନ କରିଛ ?"

ଲଜ୍ଜାରେ ହାତ ଛଡ଼ାଇ ନେଇ ମଇତ୍ରୀ ବିରକ୍ତ ହୋଇ କହିଲା—"ତୁମେ ବଡ଼ ଅଭଦ୍ର ; ମୋ ହାତ ଛାଡିଦିଅ ।"

ରାଧାକାନ୍ତ ଆଜି ମଇତ୍ରୀର ଏପରି ବ୍ୟବହାରରେ ମର୍ମାହତ ହେଲା ; କିନ୍ତୁ ଲଜ୍ଜିତ ନ ହୋଇ ମନର ଦୁଃଖ ମନରେ ଚାପି ରଖି ଶାନ୍ତ ଭାବେ କହିଲା—"ଏତେ ରାଗ କରିଛ କାହିଁକି, ମୋ ଅପରାଧଟା କଣ ଶୁଣେ ?"

ମଇତ୍ରୀ କିଛି ସମୟ ଧରି ନୀରବ ରହିବା ପରେ କହିଲା—"ତୁମେ କାହିଁକି ଅପରାଧୀ ହେବ ? ମୁଁ ତୁମଉପରେ ରାଗ କରିଛି, ଏ କଥା କିଏ ତୁମକୁ କହିଲା ?"

ରାଧାକାନ୍ତ ଯୁଗଳ ନେତ୍ର ଅଶ୍ରୁସିକ୍ତ ହୋଇ ଆସିଲା । ମଇତ୍ରୀ କଥାର ଉତ୍ତର ଦେଇ କହିଲା—"ଦୋଷ ନ ଦେଖି କେହି କାହା ଉପରେ ରାଗ କରି କଥା କହେନା । ଜୀବନରେ ଏ କଥା ତୁମ ଠାରୁ ପ୍ରଥମ ଶୁଣିଲି ମୈତ୍ରୀ ! କାଲି ପଲ୍ଲୀ ଉନ୍ନୟନ ସମିତିକୁ ଯୋଗ ଦେବାକୁ ଯାଇ କିଛିସମୟ ପରେ ଚାଲି ଆସିଲି କାହିଁକି ?"

ରାଧାକାନ୍ତର ମୁହଁର କଥା ମୁହଁରେ ଶେଷ ନ ହେଉଣୁ କଥା ଉପରେ ମଇତ୍ରୀ ତୀବ୍ର ପ୍ରତିବାଦ କରି କହିଲା—"ତୁମେ ଏଠାରେ ରହି ଦେଶର ସେବା, ଅଧିବେଶନ ସଭା ସମିତି କରି ବାହାଦୁରୀ ଓ ଗୌରବ ଅର୍ଜନ କରୁଛ ; ତେଣେ ଘରେ ଦୁଇ ଦିନରେ ଦିନେ ଚୁଲି ଉପରକୁ ହାଣ୍ଡି ଯାଉନାହିଁ ; ମାଆ ଭଉଣୀ ଦି' ବେଳା ଦି' ମୁଠା ଭାତ ଖାଇବାକୁ ପାଉ ନାହାନ୍ତି । ସେମାନଙ୍କ କଥା କଣ ତୁମ ମନରେ ପଡ଼େ ? ସେ ତୁମ ଉପରେ ଆଶା ଭରସା ରଖି, ପାଠଶାଠ ପଢ଼ାଇ ମଣିଷ କରିଥିଲେ ।"

ରାଧାକାନ୍ତର ଦୁଇ ଆଖି ଭରି ଲୁହ, ମୁହଁ ଫଗୁ ପରି ଲାଲ ହୋଇ ଉଠିଲା । ସାମାନ୍ୟ ରାଗ କରି କହିଲା—"ମଇତ୍ରୀ ! ମନୁଷ୍ୟର ମନ ମଧ୍ୟରେ ଏପରି ଗୋଟାଏ ଜାଗା ଅଛି—ସେ ଜାଗାରେ ଆଘାତ କଲେ ତା' ପକ୍ଷରେ ସେ ଅତି ଅସହଣୀୟ ହୋଇ ଉଠେ । ଆଜି ତମେ ମୋର ଠିକ୍ ସେହି ସ୍ଥାନରେ ଆଘାତ କରିଛ । କେବଳ ମୋ'ର ମାଆଭଉଣୀ କାହିଁକି, ଏପରି ଦୁର୍ଭାଗିନୀ ଦୁଃଖିନୀ ହଜାର ହଜାର ମାଆ ଭଉଣୀ ଆମ ଦେଶରେ ଅଛନ୍ତି । ବର୍ତ୍ତମାନ ନିଜ ପାଇଁ ଚିନ୍ତା ନ କରି ସମୂହ କଲ୍ୟାଣ କରି, କାର୍ଯ୍ୟ କରିବାର ସମୟ ଆସିଛି । ଯେତେବେଳେ ତମର ବୁଝିବାର ଦିନ ଆସିବ, ସେତେବେଳେ ଠିକ୍ ତମେ ବୁଝି ପାରିବ । ଆଜି ତମକୁ ଏତିକି କହି ଯାଉଛି ମୈତ୍ରୀ !"

ଏହା କହି ରାଧାକାନ୍ତ ସେଠାରୁ ଫେରିଗଲା । ସଙ୍କୋଚ ଓ ଭୟରେ ମଇତ୍ରୀର ସାରିଦେହ ରୋମାଞ୍ଚିତ ହୋଇ ଉଠିଲା । ରାଧା-କାନ୍ତ ଚାଲିଯିବା ପରେ ମଇତ୍ରୀ ଝରକା ଫାଙ୍କରେ ତାର ଯିବା ରାଜପଥକୁ ଅନାଇ ଚିନ୍ତିତ ଭାବରେ ଅନ୍ୟମନସ୍କା ହୋଇ ବହୁ ସମୟ ବସି ରହିଛି । କାହିଁକି ତାକୁ ସେ ଏପରି କଟୁକଥା ଶୁଣା-

ଇଲା ? ମନ ଭିତରେ ଭାବନାର ଝଡ଼ ବହି ଚାଲିଛି । ମନୁଷ୍ୟ ଯଦି ଦୁର୍ଭାବନାର ହସ୍ତେ ନିଜକୁ ଛାଡ଼ିଦିଏ, ତାକୁ ଜୀବନ୍ତ ଚିତାରେ ଦଗ୍ଧ ହେବା ଛଡ଼ା ଅନ୍ୟ ଉପାୟ ନ ଥାଏ ।

ରାମସେବକ କହିଲା—"ତମେ ଏଠି ଦେଈ ସାଆନ୍ତାଣୀ ! ମୁଁ ଏଘର ସେଘର ଖୋଜାଖୋଜି କରୁଚି । ତମକୁ ବାବୁ କାର୍ଲିକ ସେଘରେ ଡାକୁଚନ୍ତି ।

ମଇନା ସେଠାରୁ ତରତରରେ ଉଠି ଆସି ରାମସେବକକୁ ବିସ୍ମୟ ହୋଇ ପଚାରିଲା—"ବାପା ଘରକୁ କେତେବେଳୁ ଆସି-ଲେଣିରେ ?"

—"ବାବୁ ତ କେତେବେଳୁ ଆସିଲେଣି ଦେଈ ।"

ବାପା ଯେ ତାର ଘରେ ଅଛନ୍ତି, ଏକଥା ମଇନାକୁ ଜଣା ନାହିଁ । ରାମସେବକ ଠାରୁ ଶୁଣି ନିଜେ ମନେ ମନେ ଲଜ୍ଜିତ ହେଲା । ରାଜେନ୍ଦ୍ର ବାବୁ ସରକାରୀ ପୋଷାକ ପରିବର୍ତ୍ତନ କରି ବୈଠକଖାନା ଘରେ ଗୋଟିଏ ଚେୟାରରେ ବିଶ୍ରାମ ନେଉଥିଲେ । ମଇନା ସେ ଘର ମଧ୍ୟରେ ପ୍ରବେଶ କରିବା ମାତ୍ରେ ତାର ବିମର୍ଷ ଭାବ ଦେଖି ସେ ବ୍ୟଗ୍ରହୋଇ କହିଲେ—"ମୁହଁଟା ତୋର ଶୁଖିଲା ଦିଶୁଛି କାହିଁକି ? ତୋ ଦେହ ଆଜି ଭଲ ନାହିଁକି ମାଆ ?"

ମଇନା ସ୍ୱାଭାବିକ ହସ ହସି କହିଲା—"ନା, ଦେହ ତ ମୋର ଭଲ ଅଛି ବାପା !"

ଅତି ସ୍ନେହରେ କନ୍ୟାକୁ କୋଳକୁ ଟାଣି ନେଇ, ଉଜ୍ଜ୍ୱଳ ମୁଖ ଉପରେ ପଡ଼ିଥିବା ତାର ରୁକ୍ଷ କେଶ ଗୁଚ୍ଛକ ସଜାଡ଼ି ଦେଇ ଦେଇ ରାଜେନ୍ଦ୍ର ବାବୁ କହିଲେ—"କ୍ୟାପିଟାଲ ସିନେମାକୁ ଓଡ଼ିଆ କଥାଚିତ୍ର 'କେଦାର ଗୌରୀ' ଆସିଛି, ଦେଖି ଯିବାକୁ ସେମାନେ ମୋତେ ଗୋଟାଏ ନିମନ୍ତ୍ରଣ କାର୍ଡ ଦେଇଛନ୍ତି ; ମା ! ତୁ ମୋ'

ସାଙ୍ଗରେ ଦେଖିବାକୁ ଯିବୁ । କେଶରୀ ରାଜଧାନୀ ବେଳେ ଭୁବ-
ନେଶ୍ୱରର ଦୁଇଟି ପଡ଼ୋଶୀ ପରିବାରଙ୍କ କରୁଣ କାହାଣୀ ସେ ।”

ମଇନୀ ମୃଦୁ ସ୍ୱରେ କହିଲା—“ମୁଁ ସିନେମା ଦେଖିବାକୁ ଯିବ ନାହିଁ ବାପା ! ସିନେମା ଥିଏଟର ଦେଖିବାକୁ ମୋତେ କାହିଁକି ଭଲ ଲାଗୁନାହିଁ । ପଇସାକୁ ପଇସା ଦେଇ ଯେତିକି ସମୟ ସିନେମା ଘରେ ଯାଇ ସିନେମା ଦେଖିବ, ସେତିକି ସମୟ ଗୋଟିଏ ଭଲ ବହି ପଢିଲେ କିଛି ଜ୍ଞାନ ଅର୍ଜନ ହେବ ।”

ସୁରେନ୍ଦ୍ର ବାବୁ ବିସ୍ମୟସୂଚକ ଅନନ୍ଦଧ୍ୱନି କରି କହିଲେ—“ବାଃରେ—ମୋର ମନେ ହୁଏ ଅଜକାଲି ଯୁଗର ପୁଅ ଝିଅମାନେ ଏପରି ଧରଣର କେହି ନ ଥିବେ ; ଯେଉଁମାନେ କି ସିନେମା ଥିଏଟର ଦେଖିବାକୁ ଭଲ ପାଆନ୍ତି ନାହିଁ । ସିନେମା ପ୍ରତି ଅଗ୍ରହ ନ ଥିବା ଭିତରେ କେବଳ ତୋତେ ଏକା ଦେଖୁଛି ।”

ସୁରେନ୍ଦ୍ର ବାବୁଙ୍କ କଥା ଶେଷ ହେବା ପରେ ମଇନୀ କହିଲା—“ଆମ ଦେଶରେ ଦିନକୁ ଦିନ ଆର୍ଥିକ ଅନାଟନ ଯୋଗୁଁ ଅନ୍ନ ବସ୍ତ୍ର କଷ୍ଟ ଯେତିକି ବଢି ଯାଇଛି, ଲୋକମାନଙ୍କର ଆମୋଦ ପ୍ରମୋଦର ମାତ୍ରା ସେତିକି ବଢି ଚାଲିଛି । ଦେଶରେ ଯେଉଁ ଖଟି-ଖିଆ ଦଳ ଅଛନ୍ତି, ସେମାନେ ରଡି ଛାଡୁଛନ୍ତି—ଆମେ ଖଟିଖିଆ ଦଳ ଖଟି ଖଟି ମରୁଛୁଁ । ପେଟ ପୂରାଇ ମୁଠେ ଖାଇବାକୁ, ଖଣ୍ଡେ ପିନ୍ଧିବା ପାଇଁ ଓ ମୁଣ୍ଡ ଗୁଞ୍ଜି ରହିବାପାଇଁ ଟିକିଏ ସ୍ଥାନ ପାଉନାହୁଁ ; ଆମରି ମାନଙ୍କ ଦୁଃଖ ଉପାର୍ଜିତ ଅର୍ଥରେ ଧନୀ ମାଲିକ ମାନଙ୍କର ବ୍ୟାଙ୍କ ଜମାର ଅଙ୍କ ଦିନୁ ଦିନ ବଢୁଛି । ଏଇ ସବୁ ସର୍ବହରା ଖଟି-ଖିଆଙ୍କୁ ଭୁଲାଇ ରଖି ସେଇମାନଙ୍କ ଅର୍ଥରେ ସିନେମା, ଥିଏଟର ଓ ନାନା ଆମୋଦ ପ୍ରମୋଦରେ ଖର୍ଚ୍ଚ ହେଉଛି । ଏହା ବ୍ୟତୀତ

ଜଣ ଆନନ୍ଦ ପାଇବାର ଅନ୍ୟ କୌଣସି ପଥ ନାହିଁ ? ଏହିପରି ନାନା ଅପବ୍ୟୟକର ଆନନ୍ଦ ପାଇବାକୁ ଦେଶର ଲୋକେ ବ୍ୟାକୁଳ ।

ଅଧିକାଂଶ ଲୋକେ ଆମୋଦ ପ୍ରମୋଦ ଭୋଗ ବିଳାସରେ ଉନ୍ମତ୍ତ । ଯେ ମୂଲିଆ ମୁଣ୍ଡ—ନିତି ଅର୍ଜି ନିତି ଖାଏ, ତା ହାତରେ ଦୁ' ପଇସା ହେଲେ ସେ ବି ଭବିଷ୍ୟତ ଚିନ୍ତା ନ କରି ଥିଏଟର, ସିନେମା ଦେଖିବାକୁ ଦୌଡ଼ୁଛି । ସିନେମା ଥିଏଟର ଗୁଡ଼ିକ ଉଚ୍ଚ ଆଦର୍ଶରେ ପରିଚାଳିତ ହେଉଥିଲେ ମଧ୍ୟ, ଶିକ୍ଷଣୀୟ ଆଦର୍ଶଗୁଡ଼ିକ ଲୋକଙ୍କ ଦୃଷ୍ଟି ଆକର୍ଷଣ ନ କରି ସେମାନଙ୍କ ମନରେ ଶାନ୍ତି ଦେଇ ପାରୁ ନ ଥାଏ । ଯାହା ସବୁ ମନ୍ଦ, ସେ ସବୁ ଶିକ୍ଷାରେ ଏମାନେ ଅଭ୍ୟସ୍ତ । ସେଇ କାରଣରୁ ଏ ସବୁ ଦେଶର ଦଶଜଣଙ୍କ ଉପକାରରେ ଲାଗି ପାରେ ନା—କେବଳ ସାମାନ୍ୟ କେତେଜଣଙ୍କର ମଉଜ ମଜଲିସ ସହ ଅନ୍ନ ସଂସ୍ଥାନ ହୋଇ ପାରୁଥାଏ ।

ଆମର ଏଇ ଓଡ଼ିଶା ମାଟି ସ୍ୱର୍ଣ୍ଣ ପ୍ରସବିନୀ । ଏଇ ଦେଶର ଲୋକ ନିଜ ଜନ୍ମଭୂମିରେ ଅନ୍ନ ସଂସ୍ଥାନ କରି ନ ପାରି, ନିଜର ପିଲା କବିଲା, ମା ଭଉଣୀ, ଗାଁଗଣ୍ଡା ଛାଡ଼ି ଦୂର ବିଦେଶକୁ ପଳାଇ ଯାଉଛନ୍ତି । ତା' ସଙ୍ଗେ ମଧ୍ୟ ବର୍ଷକୁ ବର୍ଷ ପ୍ରବଳ ବନ୍ୟା, ଝଡ଼ ବତାସ, ମହାମାରି, ମରୁଡ଼ି ଫଳରେ ଦେଶରେ ଫସଲ ହାନି ଘଟୁଛି । ତାର ପ୍ରତିରୋଧ କରିବା ଭଳି ବ୍ୟବସ୍ଥା କେହି କରୁ ନାହାନ୍ତି । ଦେଶର ଉପକାର କରିବା ଭଳି ଆର୍ଥିକ କ୍ଷମତା ଆମ ଲୋକଙ୍କର ଥିଲେ ମଧ୍ୟ କେହି କରୁନାହାନ୍ତି । ନାଚ, ଥିଏଟର, ତାମସା ପାଇଁ ଆମ ଲୋକଙ୍କ ପାଖେ ଯଥେଷ୍ଟ ପଇସା ରହୁଛି । କେତେକ ଲୋକ ଅଛନ୍ତି—ନିଜକୁ ତ୍ୟାଗୀ, ସମ୍ଭ୍ରାନ୍ତ ନେତା ବୋଲି ପରିଚୟ ଦେଇ ଆତ୍ମ ପ୍ରଶଂସା ନିଜେ ଗାଇ ବୁଲୁଛନ୍ତି । ନିଜ ଦେଶର ଲୋକେ ଅଭାବେ ଅନାହାରରେ ମୃତ୍ୟୁ କୋଳରେ ଆଶ୍ରୟ

ନେଉଛନ୍ତି । ସେ ପାଇଁ ସେମାନେ କରୁଛନ୍ତି ବା କଣ ? ସେମାନଙ୍କୁ ବାଙ୍ୟାଘାର କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେଉଁ ଦେଶରେ ମା' ଅଭାବରେ ପଡ଼ି ନିଜ ଗର୍ଭଜାତ ସନ୍ତାନଙ୍କୁ ବିକି ଦେଉଛି ।

ରାଜେନ୍ଦ୍ର ବାବୁ ମଇତ୍ରୀ କଥା ଶୁଣି ସାର ପୁଲକିତ ସ୍ୱରରେ କହିଲେ—ତୁ ମା' ଯାହା କହିଲୁ ସେ କଥା ଅକାଟ୍ୟ ସତ୍ୟ । ଆମେମାନେ କେବଳ ଘରର ଦୁଆରମୁହଁ ଦେଖୁଥାଇଁ ; କିନ୍ତୁ ଘରର ଗୁହଅଡ଼େ ଯେ ଭଙ୍ଗା ଦାଦରା ରହି ଯାଉଛି । ଏଥି ପ୍ରତି କାହାର ହେଲେ ଦୃଷ୍ଟି ନାହିଁ । ଦିନକୁ ଦିନ ବିଳାସିତା ଆମର ମଜ୍ଜାଗତ ହୋଇ ଆସୁଛି । ମନୁଷ୍ୟ ବିଳାସ ପ୍ରଲୋଭନକୁ ଏଡ଼ାଇ ଚାଲି ପାରୁନାହିଁ । ଜାଣି ଶୁଣି ପତଙ୍ଗ ନିଆଁରେ ଝାସ ଦେଲା ଭଳି ଆମେମାନେ କ୍ଷଣିକ ଆନନ୍ଦ ମୋହରେ ଅର୍ଥ ଓ ସମୟ ଅପବ୍ୟୟ କରୁଥାଏଁ ।

ମଇତ୍ରୀ କହିଲା—ବାପା ! ମାଘସପ୍ତମୀ ଦିନ ସୁଧାକାନ୍ତ ବାବୁଙ୍କ ଗାଁ ବାଟ ଦେଇ ଫେରିଲୁ । ସତକୁ ସତ ଲକ୍ଷ୍ମୀଛଡ଼ା ଗୃହୀ ମୂଲିଆମାନଙ୍କ ଦୁଃଖ ଦୁର୍ଦ୍ଦଶା ଦେଖିଲେ ଆଖିରେ ଲୁହ ଜମି ଆସେ । "ଚଷା, ଲକ୍ଷ ଜୀବ ପୋଷା ।" ଯେଉଁମାନେ ଖଟି ଖଟି ମରୁଛନ୍ତି, ସେମାନଙ୍କ ପେଟକୁ ଦି' ବେଳା ଦି' ମୁଠା ଭାତ ଯୁଟୁନାହିଁ । ତାଙ୍କୁ ଦେଶର ଆଉ ଦଳେ ଫାଙ୍କିଦେଇ ଭୋଗ ବିଳାସରେ ସର୍ବଦା ବ୍ୟସ୍ତ ରହିଛନ୍ତି ।

ରାଜେନ୍ଦ୍ର ବାବୁ ଚିନ୍ତିତ ଭାବେ ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ—ସହଜେ କୌଣସି କାମ ଆମ ଦେଶରେ ହୋଇ ପାରୁନାହିଁ । ଯେଉଁମାନେ ମହତ୍ ଉଦ୍ଦେଶ୍ୟ ରଖି ଏ ସବୁ କାମ ଆରମ୍ଭ କରିବାକୁ ଯାଉଛନ୍ତି, ସେହି ସବୁ ନିଃସ୍ୱାର୍ଥ ତ୍ୟାଗୀ କର୍ମୀମାନେ

ନିଜର ବାପ ମାଆ, ଭାଇ ଭଉଣୀ, ଆତ୍ମୀୟ ସ୍ୱଜନଙ୍କୁ ମନରୁ ଭୁଲି ଦେଶରୁ ଦୈନ୍ୟ ଦୁଃଖ ଦୂର କରିବାକୁ ନିଜ ଦେଶବାସୀଙ୍କ ମଧ୍ୟରେ ଏପରି ଜାଗରଣ ଆଣିବା ପାଇଁ କେତେ ଅସାଧ୍ୟ କଷ୍ଟ ସ୍ୱୀକାର କରି ନାହାନ୍ତି ।

ଇନ୍ଦ୍ରାଣୀ ଦେବୀ ଏପରି ସମୟରେ ସେ ଘରକୁ ଆସି ରାଗରେ କହିଲେ—"ଖାଇବା କଥା ଭୁଲି ବାପ ଝିଅ ଦୁହେଁ ଏଠାରେ ବସି ବାକ୍ୟ ବାଣ ଛୁଟାଉଥାଅ, ଯେଣେ ମୁଁ ଭାତ ବାଢ଼ି ହାଣ୍ଡି ଜଗି ବସି ରହିଥାଏଁ ।"

# ( ଚାରି )

ସେଦିନ ଏଗାରଟା ବେଳେ କାନ୍ଥକୁ ଆଉଜି ବସି ରହିଛି ସୁଜାତା । ଘରେ, ବିଛଣାରେ ଶୋଇ ରହିଛି ତାର ସ୍ନେହଶୀଳା ମା' ସୁମିତ୍ରା ଦେବୀ ।

ଦାଣ୍ଡ ଦୁଆରେ କିଏ ଜଣେ ଆସି ଡାକିଲା—"ସୁଧାକାନ୍ତଙ୍କ ବୋଉ ଘରେ ଅଛନ୍ତି ?"

ବେଶ୍ ସୁସ୍ଥରେ କେତେ ଦିନ ଗତହେବା ପରେ ଆଜି କମ୍ପ ଜ୍ୱର ହେତୁ ଛିଣ୍ଡା କମ୍ବଳଟା ଘୋଡ଼ାଇ ହୋଇ ଶୋଇ ରହିଥିଲେ । ଦାଣ୍ଡ ଦୁଆରେ କିଏ ଡାକୁଛି ଶୁଣି ରୁଗ୍ଣ କ୍ଷୀଣ କଣ୍ଠେ ସୁଜାତାକୁ

ଡାକ ଦେଲେ—"ଦେଖିଅ'ତ ସୁଜାତା ! ଦାଣ୍ଡରେ କିଏ ତାହାକୁ ଡାକୁଛି ।"

ମାଆର କଥା ଶୁଣି ସୁଜାତା ଦାଣ୍ଡଦୁଆରକୁ ବାହାର ଆସି ଦେଖିଲା—ଟଙ୍କା କରଜ ଦେଇଥିବା ହାଡ଼ୁ ମହାଜନ । ତାକୁ ଦେଖିବା ମାତ୍ରେ ସୁଜାତା ମୁହଁର ତେଜ ମଳିନ ପଡ଼ିଗଲା । ମହାଜନ କାହିଁକି ଆସିଛି ସେକଥା ତାର ବୁଝିବାକୁ ଆଉ ବେଶୀ ଡେରି ଲାଗିଲାନାହିଁ । ସେ ତାକୁ ଅତି ବିନତି ହୋଇ କହିଲା—"ମହାଜନେ ! ମାଆ ମୋର ଜର ତୋପରେ ଶେଯରୁ ଉଠିବାର ଯୁକ୍ତି ନାହିଁ । ଆପଣ ଆଉ ଥରେ ଦଶଦିନ ଛାଡ଼ି ଆସନ୍ତୁ ।"

ହାଡ଼ୁ ମହାଜନ ରାଗରେ ମୁହଁ ଭାରି କରି କହିଲା—"ମୁଁ ତ ତାଙ୍କୁ ଏଠାକୁ ଆସିବାକୁ କହୁନାହିଁ । ମୁଁ ଯାହା ପଚାରୁଛି ତାର ଉତ୍ତର ପାଇଲେ ହେଲା । ମୋର ଜେଣେ ବହୁ ଯାଗା ଟଙ୍କା ତାଗଦା ବାକୀ ରହିଛି । ଯେତେବେଳେ ସବୁ ଗରଜ ପଡ଼େ ବାବୁ ମହାଜନ କରି ଦାନକୁ ଦ'ବେଳା ଦଉଡ଼ା ଦଉଡ଼ି କରିବେ—ଟଙ୍କାଟା ହାତରେ ପଡ଼ିଗଲେ ଆଖିରେ ପଡ଼ାଇବାକୁ ବି ତାଙ୍କ ଦେଖା ମିଳିବ ନାହିଁ ।"

ହାଡ଼ୁ ମହାଜନ ଠାରୁ ସୁଜାତା ଏ କଥା ଶୁଣିବା କ୍ଷଣି ତାର ତୋଫା ଗୋରା ମୁହଁ ଲାଲ ପଡ଼ିଗଲା । ହୀନ କଥା ଶୁଣି ଅନ୍ତର ତାର ଘୃଣାରେ ଭରିଗଲା ।

ସୁଜାତାକୁ ନୀରବରେ ଠିଆ ହୋଇ ଥିବାର ଦେଖି ହାଡ଼ୁ ମହାଜନ କହିଲା—"ମୁଁ କଣ ତମ ଦୁଆରେ ଠିଆହୋଇ ରହିବାକୁ ଆସିଛି ? ଚାଲ ତ, ତମ ମାଆ କେଉଁ ଘରେ ଶୋଇଛନ୍ତି ଦେଖାଇ ଦେବ । ଏଠାରେ ଅନର୍ଥକ ମୋର ସମୟ ନଷ୍ଟ ହେଉଛି ।"

"ଏଇ ମଝିଘରେ ମାଆ ଶୋଇଛି" କହି ; ମାଆ ଶୋଇ ରହିଥିବା ଘର ସୁକାଠା ଦେଖାଇ ଦେଲି ।

ମାଆ ତାର ପର ଲୋକ ଠାରୁ ଅପମାନ ସହୁଛି କେବଳ ଭାଇଙ୍କ ପାଇଁ ସିନା । ନିଜ ମନେ ମନେ ଆପଣା ଭାଇ ଉପରେ ରାଗ ଅଭିମାନ କରି ଧିକ୍କାର କରେ ସେ । ତାଙ୍କର ପଢ଼ାଶୁଣା ଲାଗି ମାଆ ସିନା କରଜ କରିଥିଲା । ସେ ଗୋଟାଏ ପଙ୍ଗୁ ଗତି ପାଇଁ ମାଆ ସେବାରେ ଲାଗି ପଡ଼ିଛନ୍ତି—ଏଣେ ଘରେ ତାଙ୍କର ସ୍ନେହମୟୀ ଦେବୀ ପ୍ରକୃତ ଭଳି ମାଆ ଛୋଟଲୋକଟା ଠାରୁ ଲାଞ୍ଛନା ସହୁଛି ।

ହାଡ଼ୁ ମହାଜନ ସୁମିତ୍ରା ଦେବୀଙ୍କ ଶଯ୍ୟା ନିକଟବର୍ତ୍ତୀ ହୋଇ କହିଲା—"ଟଙ୍କା ଦେବ ଦେବ କହି ଚଇତ୍ର ଯାଇ ବୈଶାଖ ଟପି-ଯିବାକୁ ବସିଲାଣି, ଏବେ କୁହନ୍ତୁ ତ—ମୋ ଟଙ୍କା ପରିଶୋଧ କେବେ କରୁଛନ୍ତି ?"

କରୁଣ ବେଦନା ସ୍ୱରେ ସୁମିତ୍ରା ଦେବୀ କହିଲେ—"ଆଜି ଦେବା ଭଳି କ୍ଷମତା ଯଦି ମୋର ଥାଆନ୍ତା ତମଠାରୁ ଏତେ କଥା ଶୁଣନ୍ତି ବା କାହିଁକି ?" ମୁଣ୍ଡରେ ଅସମ୍ଭବ ଯନ୍ତ୍ରଣା ଅନୁଭବ କରି ସୁମିତ୍ରା ଦେବୀ ନିଜ ମୁଣ୍ଡ ନିଜ ହାତରେ ଚିପିବାକୁ ଲାଗିଲେ ।

ଆଶ୍ୱାସନା ଦେଇ ହାଡ଼ୁ ମହାଜନ କହିଲା—"ଦେବାର କ୍ଷମତା ଯେତେବେଳେ ନାହିଁ, ତମ ଝିଅ ସୁକାଠାକୁ ମୋ ପୁଅ କାର୍ତ୍ତିକା ସଙ୍ଗେ ବାହା କରାଇ ଦେଲେ ମୁଁ ତମକୁ ସମସ୍ତ ଟଙ୍କା ଛାଡ଼ କରିଦେବ । ପିଲାବେଳେ ସିନା ବାହା ହୋଇଥିଲା କିନ୍ତୁ ସଂସାର କଲା ବେଳକୁ ତ ତା' ସ୍ୱାମୀର କାଳ ହୋଇଗଲା ; ତାହା-ହେଲେ ଏଥିରେ କୌଣସି ଦୋଷାଦୋଷ ନାହିଁ । ଆଠବର୍ଷ ବୟ-ସରେ ସେ ବିଭା ହୋଇଥିଲା—ବାରବର୍ଷ ବେଳକୁ ସେ ବିଧବା ।"

ସୁମିତ୍ରା ଦେବୀଙ୍କ ମୁହଁରେ ହସର ରେଖା କହିଁତ ଦେଖା

ଦେଇ ସଙ୍ଗେ ସଙ୍ଗେ ମିଳାଇ ଗଲା । ଅନ୍ୟ ମନସ୍କ ଭାବେ ଅନେକ ସମୟ ପର୍ଯ୍ୟନ୍ତ ବାହାର ଅଗଣାକୁ ଅନାଇ ରହିଲେ ସେ··· ।

ହାଡୁ ମହାଜନ କହିଲା—"ମୋର ବଡ଼ ଇଚ୍ଛା, ଆମ କାର୍ତ୍ତିକା ସହିତ ସୁଜାତାକୁ ବାହା ଦେବ ବୋଲି । ହଜାର ହଜାର ଟଙ୍କାର ମହାଜନୀ କାରବାର ତ ମୋର ଚାଲିଛି । ଘର ଦ୍ୱାର, ଜମି ବାଡ଼ି, ଧନ ଦୌଲତ କେଉଁଥିରେ ମୋ ସଂସାର କ'ଣ ଅଛି ଶୁଣିଛ ? ତମ ଝିଅ ବଧ୍ୟା ବୁଦ୍ଧି ବଳରେ ସରସ୍ୱତୀ ଭଳି, ମୋ ଘରକୁ ବୋହୂ ହୋଇ ଗଲେ ଧନରେ ମା' ଲକ୍ଷ୍ମୀ ହୋଇ ବସିବ ।"

ହାଡୁ ମହାଜନର କଥା ସୁମିତ୍ରା ଦେବୀଙ୍କ ଛାତିରେ ଅସହ୍ୟ ଆଘାତ ଦେଲା । ତାଙ୍କ ଦେହର ସମସ୍ତ ରକ୍ତ ଟଗମଗ ହୋଇ ଫୁଟୁଥାଏ । ନିଜ କପାଳକୁ ନିନ୍ଦ ସମସ୍ତ କ୍ରୋଧ ଓ କ୍ଷୋଭ ମନ ମଧ୍ୟରେ ଚାପି ରଖିଲେ ; ନିଜକୁ ଦେଖାଦାର ଭାବ ।

ନାମ କାର୍ତ୍ତିକ କିନ୍ତୁ ରୂପ ଗୁଣ ତାର ବିପରୀତ । ରୂପ ଠିକ୍ ଜହ୍ନିମଞ୍ଜି ପରି ଚୋପା, ଗୁଣ ହେଉଛି ଚରିତ୍ରହୀନ ମଦୁଆ ମାତାଲ, ଯୌନ ମଧୁପିଆ ପଟୁ ମଧୁପଟିଏ । ବାପ ହାଡ଼ୁ ମହାନ୍ତି ପେଟକୁ ନ ଖାଇ, ଯୋଗୀ ଭିକାରୀଙ୍କୁ ନ ଦେଇ ଯାହାକୁ ଅତି ଦୁଃଖରେ ଅର୍ଜି ରଖିଛି ; ଯାହାର ଆଖି ବୁଜିଲା ପରେ ଚୂଳ ହୋଇ ରହିଥିବା ସ୍ଥୂଳ ସମ୍ପତ୍ତି ଅଳ୍ପେ ଅଳ୍ପେ କ୍ଷୀଣାଙ୍ଗ ହୋଇ ସମାପ୍ତ ପ୍ରାପ୍ତି ଲାଭ କରିବ । ଜାଣି ଶୁଣି ସତ୍ୟକୁ ଅନ୍ୟାୟ ବୋଲି ଉଡ଼ାଇ ଦେଇ କେହି ମାଆ ଅଭାବ ଦୁଃଖ କଷ୍ଟରୁ ତ୍ରାହି ପାଇବ ବୋଲି ନିଜ ବିଧବା ଝିଅକୁ ବାହା ଦେଇ ପାରିନାହିଁ । ସୁଧାକାନ୍ତ ଲାଗି ଦିନା ମୁଁ ଆଜି ଦାଣ୍ଡ ଭିକାରୁଣୀ—ମାନ ଇଜ୍ଜତ ସବୁ ଗଲା । ଅଦୃଷ୍ଟର ଏପରି ନିଷ୍ଠୁର ଖେଳ ! ଦ' ଆଖିରୁ ଅଶ୍ରୁ ଦୁଇଧାର ହୋଇ ଭାସି ଅସିଲା ।

ପଣ୍ଡିତ କାନ୍ଦିକରେ ଅଶ୍ରୁ ପୋଛି ନେଇ ସୁମିତ୍ରା ଦେବୀ ପାଣ୍ଠି ପରିବର୍ତ୍ତନ କରି କହିଲେ—"ଆପଣ ଯାଆନ୍ତୁ—ମୁଁ ଆପଣଙ୍କ ଟଙ୍କା ଦେଇ ଦେବାର ବ୍ୟବସ୍ଥା କରୁଛି । ଆପଣ ମୋ ବିଧବା ଝିଅକୁ ଘରକୁ ବୋହୂ କରି ନେବା ଏପରି ମହାନ ଅନୁଗ୍ରହ ବା ଦାନରୁ ମୋତେ ବଞ୍ଚିତ କରିବେ ।"

ଏକଥା ଶୁଣି ହାଡ଼ୁ ମହାଜନର ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ରାଗରେ ଜଳି ଉଠିଲା । କ୍ରୋଧରେ ସୁମିତ୍ରା ଦେବୀଙ୍କ ସର୍ବାଙ୍ଗରେ ଦୃଷ୍ଟି ବୁଲାଇ ନେଇ ରୁକ୍ଷସ୍ୱରରେ କହିଲା—"ଯେତେ ବଡ଼ ମୁହଁ ନୁହେଁ ତେତେ ବଡ଼ କଥା । ତାହେଲେ ଶୁଣ—ଏଇ ମାସକ ଭିତରେ ମୋ ଟଙ୍କାର ବ୍ୟବସ୍ଥା କରି ଦେଇ ଦେବାକୁ ହେବ ।"

# ( ପାଞ୍ଚ )

ନାରୀ ନେତ୍ରୀ ସ୍ୱର୍ଗତ ମଞ୍ଜରୀ ଦେବୀଙ୍କୁ ଓଡ଼ିଶାର ରାଜନୀତି ମହଲରେ କିଏ ନ ଚିହ୍ନେ, ବା କିଏ ନ ଜାଣେ ? ସେ ବହୁ ସଭା ସମିତିରେ ସଭାନେତ୍ରୀ ଆସନ ଗ୍ରହଣ କରି ଥିବାର ଦେଖା-ଯାଏ । କିନ୍ତୁ ପରିତାପର ବିଷୟ—ତାଙ୍କ ସ୍ୱାମୀ ରତ୍ନମଣି ରାଜଧୁରୀଙ୍କର ସହନଶୀଳତା ରୂପ ଗୁଣ ବିଦ୍ୟା ଯଥେଷ୍ଟ ଥାଇ ମଧ୍ୟ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ବୟସ ଗୋଟିଏ ବସନ୍ତରୁ ବିଦାୟ

ନେଇଛନ୍ତି । କେବଳ ପୂର୍ବ ପୁରୁଷଙ୍କ ଭିଅଣ୍ଟା କୋଠା ଘର ଖଣ୍ଡିକ ବ୍ୟତିତ ଗୁଣ୍ଠେ କି ବିଶ୍ୱାଏ ହେଲେ କେଉଁଠି ଜମି ଜମା ନାହିଁ ।

ଆମର ଏଇ ପ୍ରଚଳିତ ପ୍ରଗତି ଯୁଗରେ ଝିଅ ଯେତେ ଗୁଣବ ବା ସୁନ୍ଦର ହେଉନା କାହିଁକି—ଭାର ବେଭାର, ଆସ୍ବ ଅଲଙ୍କାର, ଦାନ ଯୌତୁକାଦି ନ ଦେଇ ପାରିଲେ ତମ ଝିଅ ତମର ଘରେ ବୁଢ଼ୀ ହୋଇ ରହିବ । କରଣ କୁଳରେ ଝିଅ ଜନ୍ମ କରିଥିବା ବାପା, ନିଜ ମୂଲିଆ ମୁଣ୍ଡ ହେଉ ପଛେ—ଘର ଦୁଆର ବିକି ଭାଙ୍ଗି ଝିଅ ଜୋଇଁଙ୍କୁ ଦାନ ଯୋତୁକାଦି ଦେବାକୁ ବାଧ୍ୟ ହେଉଛନ୍ତି ।

ସୁ୍ମୃତି ମଞ୍ଜରୀଙ୍କ ବାପା ହରିଶ ବାବୁଙ୍କର ସେ କ୍ଷମତା ମଧ୍ୟ ନଥିଲା ଝିଅକୁ ବିବାହ ଦେବାକୁ । କରଣ କୁଳର ଯେ କୌଣସି ପାତ୍ର ପାଇଲେ ଝିଅକୁ ବିବାହ ଦେଇ କନ୍ୟା ଦାଏରୁ ମୁକ୍ତ ହେବେ । ବହୁ ଧନ ଧରି ଚେଷ୍ଟା ଚଳାଇବା ପରେ ଏଇ ବେକାର ବ୍ୟକ୍ତି ରମେଶ ଚଉଧୁରୀଙ୍କ ସଙ୍ଗେ ସ୍ମୃତି ମଞ୍ଜରୀଙ୍କୁ ବିବାହ ଦେଇ-ଥିଲେ ।

ସ୍ମୃତି ମଞ୍ଜରୀ ପ୍ରଗତିଶୀଳା ଆଧୁନିକା ମହିଳା । ଛାତ୍ରୀ ଜୀବ-ନରେ ନାନା ବକ୍ତୃତା ସଭା ସମିତିରେ ଦେଇ ବେଶ୍ ନାମ ଅର୍ଜନ କରିଛନ୍ତି ସେ । ଢେଙ୍କୀ ସ୍ୱର୍ଗକୁ ଗଲେ ମଧ୍ୟ ଧାନ କୁଟେ—ଜୟ-ନ୍ତିଭି ଏ କେଉମାନ ହେଲା ଚଉଧୁରୀ ଘର କୁଳ ଭୁଆସୁଣୀ ହୋଇ ଆସିଛନ୍ତି ବୋଲି କଣ ହାଣ୍ଡିଶାଳ କବାଟ କୋଣରେ ଲୁଚି ରହି ଘରର ପାଞ୍ଚ କାମ ଧନ୍ଦା କରି ସ୍ୱାମୀଙ୍କର ମନ ଯୋଗାଇବେ ସେ ? ଗୋରୁ ଗାଈଙ୍କ ଭଳି ଦିନକୁ ଦି'ବେଳା ଦି'ମୁଠା ଖାଇ, ଖଣ୍ଡେ ପିନ୍ଧି ମନୁଷ୍ୟ ଜୀବନ ଏପରି ଭାବରେ ବଞ୍ଚି ରହିବା ଦ୍ୱାରା କୌଣସି ସାର୍ଥକତା ନାହିଁ ।

ସ୍ମୃତି ମଞ୍ଜରୀ ଦେବୀ ସମ୍ବାଦ ପତ୍ର ପଢିବାରେ ବ୍ୟସ୍ତ ଅଛନ୍ତି । ସକାଳୁ ଉଠି ଗୁଡ଼ାଏ ସଙ୍ଗେ ସମ୍ବାଦ ପତ୍ରଟା ନ ଦେଖିଲେ ଦିନଟା ସାରା ସ୍ମୃତି ମଞ୍ଜରୀ ଦେବୀଙ୍କ ମନ ମିଜାଜ ଠିକ୍ ରହେନା । ପାଞ୍ଚ ଲୋକଙ୍କ ସଙ୍ଗେ ମିଶି ସଭା ସମିତି କରିବାକୁ ଗଲେ ଖବର କାଗଜ ପଢିବା ନିତାନ୍ତ ଆବଶ୍ୟକ । ଅଙ୍ଗ ପ୍ରସାଧନ ଲାଗି ସ୍ନୋ, ପାଉଡର, ଲିପଷ୍ଟିକ ପ୍ରଭୃତି ନାନା ପ୍ରକାର ଦ୍ରବ୍ୟ ନିତାନ୍ତ ପ୍ରୟୋଜନ । ଅଙ୍ଗ ମଧ୍ୟ ପରିଧାନ ଲାଗି ଦାମୀ ଶାଢ଼ୀ ବ୍ଲାଉଜ୍. ମାୟା ଦରକାର ।

ରମେଶ ଚଉଧୁରୀ ଚନ୍ଦ୍ରଦନ ଧରି ବେକାର ରହିବା ପରେ ଏଇ ଅଳ୍ପ କେଇ ମାସ ହେଲା ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ଶିଳ୍ପ ପତି ପଟ୍ଟନାୟକ ବାବୁ ସ୍ମୃତି ମଞ୍ଜରୀ ଦେବୀଙ୍କ ଆବେଦନ ପୂର୍ଣ୍ଣ ପ୍ରାର୍ଥନା ରକ୍ଷାକରି ତାଙ୍କ କାରଖାନାରେ ଖଣ୍ଡେ ଚାକିରୀ ଦେଇଛନ୍ତି । ସେ ପଚୀଶ ଟଙ୍କାର ଚାକିରିଆ । ଏଇ ସାମାନ୍ୟ ଟଙ୍କା କେଇଟା ପାଇ ବର୍ତ୍ତମାନ ଯୁଗରେ ଦୁର୍ମୂଲ୍ୟ ବଜାର, ଜିନିଷ ପତ୍ରର ଦର ଦାମ ଦେଇ ଦିନରେ ଦିବେଳା ଅନ୍ନ ସଂସ୍ଥାନ କରିବା ଅତ୍ୟନ୍ତ ସମସ୍ୟାର କଥା ।

ଆଜି ଗୋଟାଏ ସାଧାରଣ ସଭା ମ୍ୟୁନିସିପାଲିଟି ପଡିଆରେ ଚାରିଟା ବେଳକୁ ଆରମ୍ଭ ହେବ । ସଭାକଲ ମ୍ୟାନେଜର ରାମ ପ୍ରସାଦ ରାୟ ନିଦାଘ ଦଇନର ଦ୍ୱିପହର ବେଳେ ସ୍ମୃତି ମଞ୍ଜରୀ ଦେବୀଙ୍କୁ ସଭାକୁ ନେଇ ଯିବା ପାଇଁ ମଟର ଆଣି ତାଙ୍କ ଦୁଆରେ ହାଜର । ଦାଣ୍ଡ ଘରେ ରମେଶ ଚଉଧୁରୀ ବସି ଧୂମ୍ର ପାନରେ ବ୍ୟସ୍ତ ଥିଲେ, ହଠାତ୍ ରାମ ପ୍ରସାଦ ରାୟଙ୍କ ମଟର ଦାଣ୍ଡ ଦୁଆରେ ଉପସ୍ଥିତ ହେବାର ଦେଖି ନିଜ ମନେ ବିଚଳିତ ହୋଇ ଠିଆ-ହେଲେ । ଆଗନ୍ତୁକ ମ୍ୟାନେଜର ରାମ ପ୍ରସାଦ ରାୟ 'ଜୟ ରାମଜୀ' କହି ନମସ୍କାର କରି ପଚାରିଲେ—"ସ୍ମୃତି ମଞ୍ଜରୀ ଦେବୀ ଘରେ

ଅଛନ୍ତି ନା ବାହାରକୁ କୁଆଡ଼େ ଚାଲି ଗଲେଣି ?"

ବିରକ୍ତି ପୂର୍ଣ୍ଣ ମୁହଁର ଭଙ୍ଗି କରି ରମେଶ ଚଉଧୁରୀ କହିଲେ —"ଆଉ ଘରେ ଅଛନ୍ତି—କେଉଁଆଡ଼େ ତ ଯାଇ ନାହାନ୍ତି !"

ସ୍ମୃତି ମଞ୍ଜରୀ ଦେବୀ ତେଣେ ପ୍ରସାଧନେ ବ୍ୟସ୍ତ—ସ୍ନୋ, ପାଉଡରର ସଦ୍‌ବ୍ୟବହାର ସାରି ଓଷ୍ଠାଗ୍ରେ ଲିପ୍‌ଷ୍ଟିକ ରଞ୍ଜି ହେଉଥିଲେ । 'ଘରେ ଅଛନ୍ତି' ଏ ଖବର ପାଇ, ରାମ ପ୍ରସାଦ ବାବୁ ସେ ଘର ଭିତରକୁ ଯାଇ ନମସ୍କାର କରି କହିଲେ—"ଆପଣ ଆଜିକାର ସଭାରେ ଯୋଗ ଦେବେକି ?"

ସ୍ମୃତି ମଞ୍ଜରୀ ଦେବୀ ପ୍ରତି ନମସ୍କାର ଜଣାଇ କହିଲେ—"ଏ ଗରିବ ଘର ଚେୟାରରେ କିଛି କ୍ଷଣ ବସି ପଡ଼ନ୍ତୁ ନା ! କେବଳ ଆପଣଙ୍କ କଥା ରଖି ନପାରେ ସଭାକୁ ଯିବାକୁ ପଡ଼ିବ ।"

ରମେଶ ଚଉଧୁରୀ ଦାଣ୍ଡଘର ଖଟ ଉପରେ ବସି ରହି ଉଭୟଙ୍କର କଥାବାର୍ତ୍ତା ଭାବ ଭଙ୍ଗୀ ଦେଖିବାକୁ ଲାଗିଲେ— ।

ରାମ ପ୍ରସାଦ ବାବୁଙ୍କ ସହିତ ସ୍ମୃତି ମଞ୍ଜରୀଙ୍କର ପ୍ରୀତି-ପୂର୍ଣ୍ଣ ବନ୍ଧୁତ୍ୱ ରହିଛି ; ଅବିବାହିତା ସମୟରୁ । ସ୍ମୃତି ମଞ୍ଜରୀ ଦେବୀ ଜଣେ ଅର୍ଥଲୋଲୁପିନୀ ; ରାମ ପ୍ରସାଦ ଏ କଥା ବେଶ୍ ଜାଣନ୍ତି । ସେ ତାଙ୍କର ସ୍ୱାର୍ଥ ସିଦ୍ଧି କରିବାକୁ ମାସକୁ ମାସ ବହୁ ଅର୍ଥ ଦେଇ ତାଙ୍କୁ ବଶୀଭୂତ କରି ରଖିଛନ୍ତି । ସ୍ମୃତି ମଞ୍ଜରୀ ଦେବୀ ଜଣେ ଜନପ୍ରିୟ ନେତ୍ରୀ ! ତାଙ୍କ ଦ୍ୱାରା ବହୁ ଅସାଧ୍ୟ କାମ ସାଧ୍ୟ ହୋଇ ପାରିବାର ସୁବିଧା ରହିଛି । ସେହି କାରଣେ ମାସିକ ଦୁଇଶହ ଟଙ୍କା ତାଙ୍କୁ ଦେବାକୁ ପଡ଼େ ।

ରାମ ପ୍ରସାଦ ବାବୁ ଦେଉଥିବା ଅର୍ଥରେ ସ୍ମୃତି ମଞ୍ଜରୀ ଦେବୀଙ୍କର ଦୁଇଟି ପ୍ରାଣୀର ସଂସାର ବେଶ୍ ସୁରୁଖୁରୁରେ ଚଳେ ।

ରାମ ପ୍ରସାଦ ରାୟ ଆସନରେ ବସି ପଚ୍ଚ କହିଲେ—"ଅଚ୍ଛା, ସ୍ମୃତି ମଞ୍ଜରୀ ଦେବୀ ! ରାଧାକାନ୍ତ ଉପରେ ମଇନୀର ଆନ୍ତରିକ ଧାରଣା କିପରି ଆପଣଙ୍କର ମନେ ହୁଏ ?"

ଲୋକ ଲୋଚନ ଲୋଭି ଜନୁ ଓ ଯୁଗଳ ଉପର ଦେଖେ ବ୍ଲାଉ-ଜର ବୋତାମ ଲଗାଇ ସାରି, କାନ୍ଧ ଉପରୁ ଓଢ଼ଣୀଟି ମୁଣ୍ଡ ଉପରକୁ ଉଠାଇ ଆଣି ସ୍ମୃତି ମଞ୍ଜରୀ ଦେବୀ ଚିନ୍ତିତ ସ୍ନିଗ୍ଧ କଣ୍ଠେ କହିଲେ—"ମୁଁ ଏ ବିଷୟରେ କିଛି ସଠିକ୍ କହି ପାରୁନାହିଁ, କାରଣ—ଏ ସବୁ ବ୍ୟାପାରରେ ସେ ହିଁ ଅଟେ। ବଡ଼ ଲାଜକୁଳୀ। କିନ୍ତୁ ଏଇଟା ଭାବିବାର କଥା, ମୁଁ ତା'ଠାରୁ ଏ ସମ୍ବନ୍ଧେ ଯେତିକିଟା ଆଭାସ ପାଇଛି—କେବେ ସେ ରାଧାକାନ୍ତକୁ ପସନ୍ଦ କରେନା।"

ରାମ ପ୍ରସାଦ ରାୟ ଗମ୍ଭୀର ହୋଇ ଅତି ନମ୍ର କଣ୍ଠେ କହିଲେ—"ମଇନୀକୁ ଏପରି ଗୋଟାଏ ପରାମର୍ଶ ଦିଅନ୍ତୁ—ସେ ଯେପରି ରାଧାକାନ୍ତକୁ ଶିଶୁପାଳ ବନାଇ ଦିଏ।"

ସ୍ମୃତି ମଞ୍ଜରୀ ଦେବୀ ରାମ ପ୍ରସାଦ ରାୟଙ୍କୁ ଦମ୍ଭ ଦେଇ କହିଲେ—"ରାଧାକାନ୍ତର ବହୁ ଦୁର୍ବଳତା ରହିଛି। ଲୋକେ କଥାରେ କହନ୍ତି—'ମାଆ ଧାନକୁଟୀ, ପୁଅ ନାଗର'—ପୁଅ ଏଣେ ଦେଶ ଦୁନିଆ ବୁଲି, ନେତା ହୋଇ ଦଳ ସମିତି ଗଢୁଛି—ଘରେ ତେଣେ ମାଆ ଭଉଣୀଙ୍କୁ ଖାଇବାକୁ ମିଳୁନାହିଁ। ମୁଁ ଏ ସବୁ କଥା ମଇନୀକି କହି ଦେଇଛି। ଏପରି ଦୁର୍ବଳତା ଜାଗା ଜାଣି ଶତ୍ରୁକୁ ଘାଇଲା କରିବା ହେଲା ଅତି ବୁଦ୍ଧିମାନର କାମ। ତେବେ ମୁଁ ଆଉ ଦିନେ ମଇନୀ ସଙ୍ଗରେ ଦେଖାକରି ତାର ମନକଥା ଜାଣି-ବାକୁ ଚେଷ୍ଟା କରିବ।"

ରାମ ପ୍ରସାଦ ରାୟ ରମେଶ ଚଉଧୁରୀ ବସିଥିବା ଦାଣ୍ଡଘରକୁ ଗୁହିଁ, ସ୍ମୃତି ମଞ୍ଜରୀ ଦେବୀଙ୍କ ଆଡ଼କୁ ଦୃଷ୍ଟି ଫେରାଇ ପ୍ରଶ୍ନକଲେ—

—"ରମେଶ ବାବୁ ଉପସ୍ଥିତ ଦାଣ୍ଡଘରେ ବସିଥିଲେ, ବର୍ତ୍ତମାନ ତ କଣ ସେଠାରୁ ଉଠି କେଉଁଆଡ଼େ ଚାଲି ଗଲେଣି । ମୁଁ ଆପଣଙ୍କ ପାଖକୁ ଯିବା ଆସିବା କରୁଛି ବୋଲି ସେ ମନରେ କୌଣସି ସନ୍ଦେହ କରୁ ନାହାନ୍ତି ତ ?"

ଏପରି ପ୍ରଶ୍ନ ଶୁଣି ସୁକୃତ ମଞ୍ଜରୀ ଦେବୀଙ୍କ ମୁହଁର ଭାବ ଗାମ୍ଭୀର୍ଯ୍ୟେ ପୂର୍ଣ୍ଣ ହୋଇ ଉଠିଲା । ଭ୍ରୂକୁଟି କୁଞ୍ଚିତ କରି ଅତି କ୍ଷୀଣ ସ୍ୱରେ କହିଲେ—"ମନରେ ସନ୍ଦେହ କରୁଥିଲେ ମଧ୍ୟ ମୁହଁ ଖୋଲି କହିବାର କ୍ଷମତା ତାଙ୍କର ନାହିଁ । ଦ'ପଇସା ଅର୍ଜିବାର ଦକ୍ଷତା ଯାର ନାହିଁ—ମାଇପି ରୋଜଗାର ଅଧିକୁ ଯେ ହାତ ପତେଇବ, ସିଏ ପୁଣି ଧନର୍ଜ ଗୁଣରେ ତା ସ୍ତ୍ରୀ ପାଖରେ ପୁରୁଷତ୍ୱ ଗୁମର ଦେଖାଇବ କୁହନ୍ତୁ ?"

ହସି ହସି ରାମ ପ୍ରସାଦ ରାୟ କହିଲେ—"ଯେତେ ଯାହା ସେ ମନ ମଧ୍ୟରେ ଭାବନ୍ତୁ ନା କାହିଁକି—କିନ୍ତୁ ମନ ତାଙ୍କର ଖୁବ୍ ସରଳ, ଭଦ୍ରଲୋକଟି ବଡ଼ ସାଧା ସିଧା ଲୋକ ।"

ସୁକୃତ ମଞ୍ଜରୀ ଦେବୀ, ରାମ ପ୍ରସାଦ ରାୟଙ୍କ କଥାରେ ବାଧା ଦେଇ କହିଲେ—"ତାହେଲେ, ଏଥିରୁ ବେଶ୍ ବୁଝା ଯାଉଛି ; ତୁମେ ଏ ପର୍ଯ୍ୟନ୍ତ ତାଙ୍କୁ ଚହ୍ନିନାହଁ । ଲୋକଟାର ଶିରାଏ ଶିରାଏ ଖଲ ବୁଦ୍ଧି ପୂରି ରହିଛି । ସଂସାର ଚଳାଇବାର କହପ ନାହିଁ—ଶାସନ ବେଲକୁ ଗୋଟାଏ କଂସରାଜା । ଆପଣ ଏବେ ଯାଆନ୍ତୁ, ମୁଁ କଥା ଦେଉଛି ସେ ଘରକୁ ଆସିଲେ—ଠିକ୍ ସମୟରେ ମୁଁ ଯାଇ ସଭାରେ ପହଞ୍ଚିବ ।

ରାମ ପ୍ରସାଦ ରାୟ ଆସନ ଛାଡ଼ି ଠିଆ ହେବାର ଦେଖି, ସୁକୃତ ମଞ୍ଜରୀ ଆସନ ଛାଡି ଠିଆ ହୋଇ ପ୍ରୀତ ପୂର୍ଣ୍ଣ ହସ ହସି

କହିଲେ—"ଆପଣ ନିଶ୍ଚିନ୍ତ ରୁହନ୍ତୁ । ରାଧାକାନ୍ତଙ୍କୁ ଶାସ୍ତି ଦେଇ ଏଠାରୁ ତଡ଼ିବାର ବ୍ୟବସ୍ଥା ମୁଁ ନିଶ୍ଚୟ କରିବି ।"

'ତୁମଙ୍କୁ ଅଶେଷ ଧନ୍ୟବାଦ', ରାମ ପ୍ରସାଦ ରାୟ ସ୍ମୃତି ମଞ୍ଜରୀ ଦେବୀଙ୍କୁ ନମସ୍କାର କରି ଯାଇ ମଟରରେ ବସିଲେ । ପ୍ରତି ନମସ୍କାର କରି ସ୍ମୃତି ମଞ୍ଜରୀ ଦେବୀ ଦାଣ୍ଡ ଦୁଆର ପର୍ଯ୍ୟନ୍ତ ଆଗେଇ ଦେବାକୁ ଆସିଲେ । ରମେଶ ବାବୁ ଘରେ ନ ଥିବା ହେତୁ ତାଙ୍କ ସଙ୍ଗରେ ମଟରରେ ଯାଇ ପାରିଲେ ନାହିଁ ।

## ( ଛଅ )

ଚୈତ୍ରର ଶେଷ ଦିନ—କଟକ ଟାଉନରେ ସଭା । ଏକ ଗୁପ୍ତ ରହସ୍ୟମୟ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ବାହାରକୁ କେତେ ଗୁଡ଼ାଏ ଚାଉଳ ବସ୍ତା ପଠା ଯାଇଛି ; ଯେଉଁମାନଙ୍କର ସନ୍ଧାନ ମିଳୁ-ନାହିଁ । ଯେଉଁ ବ୍ୟବସାୟୀ ଭଦ୍ରଲୋକ ପଠାଇଛନ୍ତି ସେ ଆସାମୀଙ୍କୁ ଗିରଫ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଶେଷ ଭାବେ ଅନୁ-ସନ୍ଧାନ ଚାଲିଛି । କଟକ ଗୋଇନ୍ଦା ବିଭାଗ ଇନ୍ସ୍‌ପେକ୍‌ଟର ମହା-ଶୟ ଉପରସ୍ଥ ହାକିମଙ୍କ ଆଦେଶ ଅନୁକ୍ରମେ ଉପଯୁକ୍ତ ତଥ୍ୟ ସଂଗ୍ରହ ଓ ଅନୁସନ୍ଧାନର ଭାର ନେଇଛନ୍ତି ।

ପୁଲିଶ ସାହେବ ରାଜେନ୍ଦ୍ର ବାବୁ ଏ ଖବର ସୁରେଶ ପଣ୍ଡାଙ୍କ ଠାରୁ ଶୁଣି ଉପଦେଶ ଦେଇ କହିଲେ—"ଏ ବିଷ ବୃକ୍ଷର ଡାଳ ପତ୍ରାଦି ନ ଖୋଜି ମୂଳ ଗଣ୍ଠିଟାକୁ ଖୋଜି ବାହାର କରିବାକୁ ହେବ। ଆଖି ଆଗରେ ଦେଖିବାକୁ ମିଳୁଛି—ଆମ ଦେଶର ଲୋକେ କୋଳଥ, ମୁଗ, କୁରୁମୁଣ୍ଡି ଶାଗ ଇତ୍ୟାଦି କେତେ କ'ଣ ଖାଦ୍ୟ ଧାନ ଚାଉଳ ଅଭାବରୁ ସିଝାଇ ଖାଇଲେଣି। ଏ ଧନୀ ବେପାରୀ, ମହାଜନ ମାନେ ବସ୍ତାରେ ମୁହଁ ବୁଡ଼ାଇ ଅର୍ଥ ଉପାର୍ଜନ କରିବାକୁ କେବେ ହେଲେ ଦ୍ୱିଧା ବୋଧ କରିବେ ନାହିଁ।

ଦେଶର ଏଇ ଅଭାବ ଅନାଟନ ବେଳେ ମଧ୍ୟ ସେମାନେ ଧାନ ଚାଉଳର ଚୋରା କାରବାର କରିବା ଛାଡ଼ୁ ନାହାନ୍ତି—ଏହା କୌଣସି ବଡ଼ କାରବାରୀର କାରସାଦି ! × × ×

ସେଦିନ ସନ୍ଧ୍ୟା ସମୟରେ ଭୋଳା ମହାଜନ, ମୋହନଲାଲ, ରାମ ପ୍ରସାଦ ରାୟ, କଟକର ବାଣିଜ୍ୟ ବ୍ୟବସାୟୀ ମାନଙ୍କ ସହ ସ୍ମୃତି ମଞ୍ଜରୀ ଦେବୀ ନିଜ ଘରେ ନିର୍ଜନ କକ୍ଷରେ ବସି ଆଲୋଚନା ବୈଠକ ଚଳାଇଛନ୍ତି। ଚକ୍ରାନ୍ତକାରୀଙ୍କ ମଧ୍ୟରେ ଅତି ଗୋପନରେ କଥାବାର୍ତ୍ତା ଚାଲିଛି......।

ରାମ ପ୍ରସାଦ ରାୟ ବିଷର୍ଣ୍ଣ ଦୃଷ୍ଟିରେ ସ୍ମୃତି ମଞ୍ଜରୀ ଦେବୀଙ୍କୁ ଚାହିଁ ଚିନ୍ତା କ୍ଲିଷ୍ଟ କଣ୍ଠେ ପ୍ରଶ୍ନ କଲା—"ଏ ଚୋରା ଚାଲାଣ କେଶରେ ରାଧାକାନ୍ତକୁ ଧରାଇ ଦେଲେ ଭଲ ହେବନାହିଁ ?"

ସ୍ମୃତି ମଞ୍ଜରୀ ଦେବୀ ଜବାବ ଦେବାକୁ ଯାଇ ଉତ୍ସାହିତ ଭଙ୍ଗିମା ପ୍ରକାଶ କରି କହିଲେ—"ଏ କଥାକୁ ଆପଣ ପୁଣି ମୋତେ ପଚାରିବାକୁ ଯାଉଛନ୍ତି ? ରାମ ପ୍ରସାଦ ବାବୁ !—ଏଇ ପରିସ୍ଥିତି ଭିତର ଦେଇ ରାଧାକାନ୍ତକୁ ଶାସ୍ତି ଦେବାର ଉପଯୁକ୍ତ ସମୟ ଆସିଛି।"

ମୋତିଲାଲ ସୃତି ମଞ୍ଜରୀ ଦେବୀଙ୍କ ପ୍ରସ୍ତାବକୁ ସମର୍ଥନ କରି କହିଲା—"ସୃତି ମଞ୍ଜରୀ ଦେବୀ ଯେଉଁ କଥା କହିଲେ ଏକବାରେ ଅକାଟ୍ୟ ଯୁକ୍ତି ସେ । ଏ ମାତହନ୍ତ ବେଳା ଘୁଞ୍ଚିବାର ନୁହେଁ ।"

ରାମ ପ୍ରସାଦ ରାୟ ସୃତି ମଞ୍ଜରୀଙ୍କ ଆଡ଼କୁ ପ୍ରଶ୍ନ ବାଚକ ଦୃଷ୍ଟିରେ ଚାହିଁ ରହିବା ପରେ କହିଲେ—"ତାହେଲେ ଏ ପାଇଁ ଆପଣ କଣ କରିବାକୁ ଠିକ୍ କରିଛନ୍ତି ?"

ସୃତି ମଞ୍ଜରୀ ଦେବୀ ଉଚ୍ଚହାସ୍ୟରେ ଘରଟାକୁ ମୁଖରିତ କରି କହିଲେ—"କଣ ଏ ପାଇଁ ହେବ—ଆପଣ ଏତେ ଡରି ଯାଉ-ଛନ୍ତି କାହିଁକି ? ଗୋଇନ୍ଦା ବିଭାଗ ଇନସ୍‌ପେକ୍ଟର ସୁରେଶ ପଣ୍ଡା ସବୁ ଗୁଜବ ବସ୍ତା ଧରିଛନ୍ତି । ପାଲ୍ ଯିବା ଆଗରୁ ଯେଉଁ ସମସ୍ତ ଚିଠି ପଦା ଯାଇଥିଲା, ସେଥି ମଧ୍ୟରୁ ଖଣ୍ଡିଏ ଚିଠିରେ ରାଧାକାନ୍ତର ନାମ ଉଲ୍ଲେଖ ରହିଛି । ସେହି ଚିଠି ଖଣ୍ଡିକ ପଣ୍ଡା ହାତରେ ଦେଇ ଦେଲେ—ରାଧାକାନ୍ତ ଏଇ ଚୋରା କାରବାରରେ ସମ୍ପୃକ୍ତ ଅଛି ; ଏହା ନିସନ୍ଦେହ ।"

ମୋତିଲାଲ ସୃତି ମଞ୍ଜରୀ ଦେବୀଙ୍କ ବୁଦ୍ଧିକୁ ପ୍ରଶଂସା କରି କହିଲା—ଚମତ୍କାର ବେଶ୍ ଚମତ୍କାର ଉପାୟ ଠିକ୍ କରିଛନ୍ତି ।"

ମୋତିଲାଲ ଭଳି ବହୁ ଲୋକ ଅଛନ୍ତି—ସେମାନେ ନିଜ ଗୁଣରେ ଜଗତ ବିଗୁର କରନ୍ତି । ଜଗତଟା କେବଳ ସ୍ୱାର୍ଥ ଲାଗି ସଂସାର ଜୀବନ ଯାତ୍ରା କର୍ମ ସଂଗ୍ରାମ ଚାଲିଛି । ପ୍ରତ୍ୟେକ ଲୋକେ ଉତ୍ସାହ ଓ ଅଫୁରନ୍ତ ଆଶା ଘେନି ; ଏହା ସେମାନଙ୍କର ମୂଳ ଧାରଣା । ସ୍ୱାର୍ଥ ତ୍ୟାଗ ଭାବେ କେହି କେବେ କୌଣସି କାମ କରୁନାହିଁ । ରାଧାକାନ୍ତ ନିଜ ମୁହଁରେ କହି ବୁଲେ—କଣ ନା, ମୁଁ ସ୍ୱାର୍ଥତ୍ୟାଗୀ । ନେତା ବନିଥିବା ବାବୁଗିରିଟାକୁ ଏଇ ଫାନ୍ଦରେ ପକାଇ ରଫା ଦଫା ଶେଷ କରି, ମୁଣ୍ଡରେ କେଣ୍ଟି କାଟି, ମୁହଁରେ

ଚୂନ କାଳି ବୋଲି ଦେବାକୁ ହେବ । ଏଇଥର ଦେଖିବା ଘୁଅର ବହପ କେତେ ।”

ଆନନ୍ଦେ ଉଲ୍ଲସିତ ହୋଇ ରାମ ପ୍ରସାଦ ରାୟ କହିଲେ—ସ୍ମୃତି ମଞ୍ଜରୀ ଦେବୀ ଯାହା କରିବାକୁ ଭାବଛନ୍ତି ; ଏହା ଉପରେ ଆଉ କୌଣସି କଥା ନାହିଁ ।”

ରାଧାକାନ୍ତର ଅଜ୍ଞାତେ ତାକୁ ଶାସ୍ତି ଦେବା ଚୂଡ଼ାନ୍ତ ସିଦ୍ଧାନ୍ତ ହେବା ପରେ, ମୋତିଲାଲ ଓ ରାମ ପ୍ରସାଦ ରାୟ ଉଭୟେ ସ୍ମୃତି ମଞ୍ଜରୀ ଦେବୀଙ୍କୁ ନମସ୍କାର କରି ପ୍ରତି ନମସ୍କାର ଗ୍ରହଣ ପୂର୍ବକ ତାଙ୍କ ଠାରୁ ବିଦାୟ ନେଲେ ।

ସ୍ମୃତି ମଞ୍ଜରୀ ଦେବୀ ସେମାନେ ଚାଲିଯିବା କିଛି ସମୟ ପରେ ଭ୍ୟାନିଟି ବ୍ୟାଗ୍‌ଟି ହାତରେ ଧରି ବାହାରକୁ କେଉଁଆଡ଼େ ଚାଲି ଯାଉଥିଲେ— । × × ×

ରମେଶ ଚୌଧୁରୀଙ୍କ ବ୍ୟବହୃତ ଶୋଇବା ବସିବା ପାଇଁ ଦାଣ୍ଡଘର ଖଣ୍ଡିକ ବ୍ୟତୀତ ଅନ୍ୟ ଘରକୁ ତାଙ୍କୁ ଯିବାକୁ ହେଲେ ଗୃହିଣୀଙ୍କ ଅନୁମତି ନେବାକୁ ପଡ଼େ, ଅଉ ମଧ୍ୟ ସ୍ୱାମୀଙ୍କ ପ୍ରତି ସ୍ମୃତି ମଞ୍ଜରୀ ଦେବୀଙ୍କ କଡ଼ା ଆଦେଶ ରହିଛି—କୌଣସି ଦିନ ସେ ଘରେ ଅନୁପସ୍ଥିତ ଥିବା ସମୟରେ ଏ ଘର ଛାଡ଼ି ଅନ୍ୟତ୍ର କେଉଁଆଡ଼େ ଯାଇ ପାରିବେ ନାହିଁ । ତାଙ୍କୁ ଯଦି କେହି ଦେଖା କରିବାକୁ ଆସେ, ସସମ୍ମନେ ତାଙ୍କୁ ବସାଇ ରଖିବେ । ଯଦି ବା ସେ ବସିବାକୁ ରାଜି ନ ହୁଅନ୍ତି—ଅନୁରୋଧ ପୂର୍ବକ ଆଗନ୍ତୁକ ବ୍ୟକ୍ତିଙ୍କଠାରୁ ତାଙ୍କର ପୁରା ନାମ ଓ ଠିକଣା ଲେଖି ରଖିବେ । ରମେଶ ଚୌଧୁରୀଙ୍କୁ ଏ ସମସ୍ତ ନିୟମ କାନୁନ ମାନି ଚଳିବାକୁ ହୁଏ ।

ଦାଣ୍ଡଘରେ ଖଟିଆ ଉପରେ ଶୋଇ ରହି ରମେଶ ଚଉଧୁରୀ ଧୂମ୍ରପାନରେ ବ୍ୟସ୍ତଥିଲେ । ଏପରି ସମୟେ ଦାଣ୍ଡ ଦୁଆର ଶିକୁଳି ଖଡ଼ ଖଡ଼ ଶବ୍ଦ ଶୁଣାଗଲା । ରମେଶ ଚଉଧୁରୀ ତର ତର ହୋଇ ଦାଣ୍ଡଘର କବାଟ ଖୋଲି ଦେଇ ଯେଉଁ ଲୋକଟିକୁ ଦେଖିଲେ ଆଗରୁ କେବେ ସେ ତାଙ୍କୁ ଦେଖି ନାହାନ୍ତି । ସେ ମନ ମଧ୍ୟରେ ଭାବିନେଲେ—ଏ ସେହି ଦଳରୁ ମିଟିଂବାଲା ଜଣେ ହେବ ।

ରମେଶ ଚଉଧୁରୀଙ୍କୁ ଦେଖିବା ମାତ୍ରେ ରାଧାକାନ୍ତ ଯୋଡ଼-ହସ୍ତ ମୁଣ୍ଡରେ ଲଗାଇ ନମସ୍କାର ହେଲା । ରମେଶ ଚଉଧୁରୀ ରାଧା-କାନ୍ତକୁ ପ୍ରତିନମସ୍କାର କରି କହିଲେ—"ଆପଣଙ୍କୁ ଦେଖି ମୋର ମନେ ହେଉଛି ଆପଣ ନିଶ୍ଚୟ କୌଣସି ଭଦ୍ରଲୋକର ସନ୍ତାନ ହେବେ । ଆମ ଘରକୁ ଆଜି ଯେତେ ଲୋକ ଆସୁଛନ୍ତି—ସେମା-ନଙ୍କ ମଧ୍ୟରୁ କେହି କୌଣସି ଧାନ ହାତ ଯୋଡ଼ି ନମସ୍କାର କରିବା ମୁଁ କେବେ ଦେଖି ନଥିଲି । ମୋର ମିଟିଂବାଲା ସ୍ତ୍ରୀ ସଙ୍ଗରେ ଯେତେ ଜଣ ଭଦ୍ରଲୋକ ଦେଖା କରିବାକୁ ଆସନ୍ତି—ହାତରେ ହାତ ମର୍ଦ୍ଦନ କରି ଗୁଡ୍‌ମର୍ଣ୍ଣିଂ, ଗୁଡ୍‌ନାଇଟ୍, ଗୁଡ୍‌ଇଭିନିଂ, ଗୁଡ୍‌ଆଫ୍‌ଟରନୁନ୍ ଏହି ସମସ୍ତ ପାଶ୍ଚାତ୍ୟ ଭାଷାରେ ଅଭିବାଦନ କରି ଥାଆନ୍ତି । କିନ୍ତୁ, ଆପଣଙ୍କର କଥା ବାର୍ତ୍ତା ହାବ ଭାବ ସେମାନଙ୍କ ଠାରୁ ଏକବାର ତଫାତ୍ ଦେଖୁଛି ।"

ରାଧାକାନ୍ତ ଓଷ୍ଠାଗ୍ରେ ସ୍ମିତ ହାସ୍ୟ ରେଖା ଟାଣି କହିଲା—"ଆପଣ ତ ନିଶ୍ଚୟ ଏ କଥା ଜାଣିଥିବେ—କଥା ଦେଶକେ ଫାଙ୍କ, ନଈ ବହି ଗଲେ ବାଙ୍କ । ପ୍ରତ୍ୟେକ ଲୋକଙ୍କର ରଙ୍ଗ ଢଙ୍ଗ, ଗୁଲି ଚଳଣି, କଥା ବାର୍ତ୍ତାରେ ପାର୍ଥକ୍ୟ ରହିବାର କଥା । ଏ ସବୁ ଅଭିବାଦନ କାଇଦାକୁ କୁହାଯାଏ ପାଶ୍ଚାତ୍ୟ ସାହେବି ଢଙ୍ଗ ।

ଆମ ଦେଶରେ ପ୍ରଚଳିତ ନିୟମ ହେଉଛି ହାତ ଯୋଡ଼ି ନମସ୍କାର କରିବା । ସେକ୍‌ହ୍ୟାଣ୍ଡ କରୁଥିବା ଲୋକମାନେ ପାଶ୍ଚାତ୍ୟ ଦେଶବାସୀଙ୍କୁ ଅନୁସରଣ କରି ଥାଆନ୍ତି । ସେମାନେ ଯାଙ୍କୁ ଅନୁକରଣ ପଛୁ ଦେଖି ବିଦ୍ରୂପ କରି ହସୁ ଥାଆନ୍ତି ।"

ସୁଧାକାନ୍ତର କଥା ଶୁଣି ରମେଶ ଚଉଧୁରୀ ଆଗ୍ରହ ପ୍ରକାଶ କରି କହିଲେ—"ପ୍ରକୃତ ଆପଣ ଠିକ୍ କହୁଛନ୍ତି । ମୋର ମିଟିଂ-ବାଲୀ ସ୍ତ୍ରୀ ସ୍ମୃତି ମଞ୍ଜରୀକୁ ଆପଣ ଚିହ୍ନନ୍ତି ତ ? ସେ ମୋତେ କଣ ଶିକ୍ଷା ଦେଉଛନ୍ତି ଜାଣନ୍ତି ? ଭଦ୍ରଲୋକଙ୍କ ସଙ୍ଗେ ମିଶିବାକୁ ଗଲେ, ଏଇ ସବୁ ଇଂରାଜୀ ଆଦବ କାଇଦା କାନୁନ ଶିଖିବା ବିଶେଷ ଦରକାର । ମୁଁ ଏହି ଦାଣ୍ଡଘରଟି ମଧ୍ୟେ ବସିରହି, ଆଉ ଘରେ ଭଦ୍ରଲୋକଙ୍କ ସଙ୍ଗେ ତାର ଯେତେ ସବୁ ଅସହ୍ୟ କାଣ୍ଡ କାରଖାନା ଚାଲେ, ସବୁ ଦେଖି ଶୁଣି—ନିଜ କପାଳକୁ ନିନ୍ଦି ମୋତେ ଚୁପହୋଇ ବସି ରହିବାକୁ ପଡ଼େ । ଶିକ୍ଷିତା ଆଧୁନିକା ସ୍ତ୍ରୀର ପ୍ରତାପ ପ୍ରଭାବ ଏପରି ସରଳ ପ୍ରକୃତିର ସ୍ୱାମୀକୁ ଦବାଇ ରଖି ପାରୁଛି—ଅନ୍ୟ କେହି ଲୋକ ହୋଇଥିଲେ ସ୍ମୃତି ମଞ୍ଜରୀକୁ ଅକଥନୀୟ ଶାସ୍ତି ଭୋଗିବାକୁ ପଡୁ ଥାଆନ୍ତା ।"

ସୁଧାକାନ୍ତର ଏ ସବୁ କଥା ବୁଝିବାକୁ ଅଉ ବେଶୀ ସମୟ ଲାଗିଲା ନାହିଁ ।

ସୁଧାକାନ୍ତର ପରିଚୟ ନେବା ପାଇଁ ରମେଶ ଚଉଧୁରୀ କଥାର ସ୍ରୋତ ଅଟକାଇ ସୁଧାକାନ୍ତକୁ ପ୍ରଶ୍ନ କଲେ—"ଆପଣଙ୍କର ପରିଚୟ ତ ଏ ପର୍ଯ୍ୟନ୍ତ ପାଇ ପାରିଲି ନାହିଁ ଆଜ୍ଞା ?"

ସ୍ମିତ ହସି ସୁଧାକାନ୍ତ କହିଲା—"ପରିଚୟ ଦେବା ଭଳି ସୌଭାଗ୍ୟ କେବେ ମୋର ଘଟିନାହିଁ । ମୋର ନାମ ହେଉଛି—ସୁଧାକାନ୍ତ ରାୟ !"

ରମେଶ ଚଉଧୁରୀ ଉତ୍ତେଜିତ କଣ୍ଠେ କହିଲେ—"ଆପଣଙ୍କ ନାମ ତାହେଲେ ରାଧାକାନ୍ତ ରାୟ ? ······ଶୁଣିଛି, ଆପଣ ଜଣେ କଟକରେ ନାମଜାଦା ବ୍ୟକ୍ତି ବୋଲି ; କିନ୍ତୁ ଆପଣଙ୍କୁ ମୁଁ କେବେ ହେଲେ ଦେଖି ନାହିଁ । ସମାଜ ପତ୍ରିକାରେ ଆପଣଙ୍କ ନାଁ ବହୁ-ବାର ପଢ଼ିବାକୁ ପାଇଛି । ଆପଣଙ୍କ ବାପା ରମାକାନ୍ତ ରାୟ ତ ? ···ଉଚ୍ଚ ବଂଶରେ ଜନ୍ମ କିନା—ସେଇଥି ଲାଗି ଆପଣଙ୍କର ଏପରି ଭଦ୍ର ବ୍ୟବହାର । ହଁ—କୁହନ୍ତୁ ତ, ହଠାତ୍ ଏ ଗରିବ ଘରକୁ ଶୁଭାଗମନ କାହିଁକି ?"

ରାଧାକାନ୍ତ ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲା—"ଆପଣଙ୍କ ସ୍ତ୍ରୀ ଶ୍ରୀମତୀ ସୁ.ଭ ମଞ୍ଜରୀ ଦେବୀଙ୍କ ସଙ୍ଗେ ମୁଁ ଗୋଟାଏ ଜରୁରୀ କଥାବାର୍ତ୍ତା କରିବାକୁ ଆସିଛି ।

ଦୁଃଖର କଥା—ସ୍ୱାର୍ଥ ଲୋଭରେ ଦୁର୍ନୀତିକୁ ପ୍ରଶ୍ରୟ ଦେଇ କେତେଜଣ ବିଶିଷ୍ଟ ଧନୀ ବ୍ୟବସାୟୀଙ୍କ କଥାଓର ପଞ୍ଚ ପାପ ଓ ଅନ୍ୟାୟ ପଥରେ ସେ ଅର୍ଥ ଉପାର୍ଜନ କରୁଛନ୍ତି । ସୁବିଧାବାଦୀ ଧନୀ ସ୍ୱାର୍ଥ ପିଶାଚ କେତେଜଣ, ଭଦ୍ର ମହିଳାଙ୍କୁ ଗଣ୍ଡୀ ପ୍ରାୟ ଆଗରେ ରଖି ସ୍ୱଚ୍ଛନ୍ଦେ ଚୋରା କାରବାର ଚଳାଉଛନ୍ତି । ସ୍ତ୍ରୀଲୋକ ବୋଲି ପୁଲିସ ଅଫିସର ବା ଜନ ସାଧାରଣ କେହି ସନ୍ଦେହ କରି ପାରିବେ ନାହିଁ ଭାବି, ଆପଣଙ୍କ ସ୍ତ୍ରୀ ଏ ସମସ୍ତ ଚୋରା କାର-ବାର ସଙ୍ଗେ ଘନିଷ୍ଠ ଭାବେ ସଂଲିପ୍ତ ଅଛନ୍ତି । ଏ ବିଷୟ ଉଚ୍ଚ-ପଦସ୍ଥ ସରକାରୀ କର୍ମଚାରୀ ମାନେ ମଧ୍ୟ ଜାଣି ସାରିଲେଣି । ଆପଣ ଆପଣଙ୍କ ସ୍ତ୍ରୀଙ୍କୁ ଏଥିକି ବେଳୁ ସାବଧାନ କରାଇ ଦିଅନ୍ତୁ ; ଯେପରି ସେ ଏ ସବୁ କାର୍ଯ୍ୟରେ ଲିପ୍ତ ନ ରହି ଯେତେ ଶୀଘ୍ର ସେମାନଙ୍କ କୁସଂସର୍ଗରୁ ଦୂରେଇ ରୁହନ୍ତି । ନୋହିଲେ ଶେଷକୁ ଲଜ୍ଜା ମରଣରୁ ଅଧିକ ହୋଇ ପଡ଼ିବ ।"

ରମେଶ ଚଉଧୁରୀ ଏକ ଦୃଷ୍ଟିରେ ରାଧାକାନ୍ତ ମୁହଁକୁ ଚାହିଁ ମନଯୋଗ ଦେଇ ସବୁ ଶୁଣୁ ଥାଆନ୍ତି । —"ସ୍ତ୍ରୀର ଅର୍ଜିତ ଧନରେ ମୋର ସଂସାର ଚଳେ । ନିଜେ ଯାହା ଅଫିସରେ ଅଛି ସାମାନ୍ୟ । ସେ ଚାକିରୀ ଖଣ୍ଡିକ ମଧ୍ୟ ସ୍ତ୍ରୀର ଚେଷ୍ଟାରେ ପାଇଛି । ଏଣୁ ନିଜର ସ୍ତ୍ରୀକୁ ଅପ୍ରୀତ କରିବା ମୋ ପକ୍ଷେ ଅସମ୍ଭବ ।

ଦିନେ ଘର ଭିତରେ ରାମ ପ୍ରସାଦ ସଙ୍ଗେ ସୁରୁଚି ମଞ୍ଜରୀର ନିଭୃତେ କଣ ସବୁ କଥାବାର୍ତ୍ତା ଚାଲିଥିଲା—ସେମାନଙ୍କ କଥା ବାର୍ତ୍ତା ସମୟରେ ମୁଁ କବାଟ ଫାଙ୍କରେ କାନ ପାରି ଶୁଣିବାକୁ ଚେଷ୍ଟା କରିଥିଲି ବୋଲି ସୁରୁଚି ମଞ୍ଜରୀ ସେଦିନ ଲାଲ ଆଖି କରି, ଅଗ୍ନି-ବାଣ ଦୃଷ୍ଟିରେ ଚାହିଁ ସାଂଘାତିକ ଅପମାନ ଦେଇ କହିଥିଲା—

'କିଏ କାହା ସଙ୍ଗରେ ଭଲ ମନ୍ଦ ଦି'ପଦ କଥାବାର୍ତ୍ତା ହେଲେ ଏ ବୁଢ଼ା ବୟସରେ ଅସଭ୍ୟଙ୍କ ଭଳି ଶୁଣିବାର କୁପ୍ରବୃତ୍ତି ତୁମର ହୋଇ ଗଲାଣି ; ମୁଁ ଦେଖୁଛି ଯେ...... ।"

ଏପରି ସମୟରେ ସୁରୁଚି ମଞ୍ଜରୀ ଦେବୀଙ୍କ ଆସୁଥିବାର ପଦ ଶବ୍ଦ ଶୁଣାଗଲା । ରମେଶ ଚଉଧୁରୀ ରାଧାକାନ୍ତଙ୍କୁ ଇଙ୍ଗିତ କରି କହିଲେ—"ଏଇ ସୁରୁଚି ମଞ୍ଜରୀ ଆସୁଛି ।"

ସୁରୁଚି ମଞ୍ଜରୀ ଦେବୀ ଘର ମଧ୍ୟରେ ପହଞ୍ଚିବାକ୍ଷଣି ଘର ଭିତରେ ଥିବା ଦ୍ୱିତୀୟ ବ୍ୟକ୍ତି ରାଧାକାନ୍ତ ଉପରେ ପ୍ରଥମେ ତାଙ୍କର ଦୃଷ୍ଟି ପଡ଼ିଲା । ରାଧାକାନ୍ତ ତାଙ୍କୁ ଦେଖିବାକ୍ଷଣି ନମସ୍କାର କଲା ।

ସୁରୁଚି ମଞ୍ଜରୀ ଦେବୀ ଗମ୍ଭୀର ଭାବେ ବିଲାତି କାଇଦାରେ ଗୋଟାଏ ହାତ ଟେକି ପ୍ରତି ନମସ୍କାର କରି ପଚାରିଲେ—"ଆମର ଏଙ୍କ ସଙ୍ଗେ ଆପଣଙ୍କର ପରିଚୟ ଅଛି ନା କଣ ? ହଠାତ୍ ଆପଣଙ୍କର ଏ ଆଗମନର କାରଣ କିଛି ବୁଝି ପାରୁନାହିଁ ଯେ ?"

ସୁଧାକାନ୍ତର ଉତ୍ତରକୁ ଅପେକ୍ଷା ନ କରି, ହସି ହସି ରମେଶ ଚଉଧୁରୀ ନିଜ ସ୍ତ୍ରୀ ପ୍ରଶ୍ନର ଉତ୍ତରକୁ ଦେଇ କହିଲେ—"ତୁମର କଣ ଗୋଟାଏ କରୁରୀ ଖବର ନେଇ ସେ ଆସିଛନ୍ତି। ରାମ ପ୍ରସାଦ ରାୟଙ୍କ ଭଳି ଗଳ୍ପ ମଜଲିସ୍ କରିବାକୁ ଆସି ନାହାନ୍ତି।"

ସ୍ମୃତି ମଞ୍ଜରୀ ଦେବୀ ସ୍ୱାମୀଙ୍କ ପ୍ରତି ତୀକ୍ଷ୍ଣ ଦୃଷ୍ଟିପାତ କରି ଧମକ ଦେଇ କହିଲେ—"ଛତରୀ ବଜାରୀଙ୍କ ଭଳି ହେଁ—ହେଁ ହୋଇ ହସି ନିଜର ରସିକ ପଣିଆଟା ଆଉ ଦେଖାଇ ହୁଅନି ମ !"

ବିଷଧର ସର୍ପକୁ ସାପୁଆ କେଳା ଗଦ-ଗନ୍ଧ ଶୁଙ୍ଘାଇଲା ଭଳି, ସ୍ତ୍ରୀର କଡ଼ୁ କଥା ଶୁଣି ବିମର୍ଷ ହୋଇ ରମେଶ ଚଉଧୁରୀ ସୁଧାକାନ୍ତକୁ କହିଲେ—"ଆପଣ ଶୁଣି ପାରୁଛନ୍ତି ତ ସୁଧାକାନ୍ତ ବାବୁ !"

ସୁଧାକାନ୍ତ ସ୍ମୃତି ମଞ୍ଜରୀଙ୍କୁ ଲକ୍ଷ୍ୟ କରି କଣ କହିବାକୁ ଯାଉଥିବା ବେଳେ, ବିରକ୍ତ ଭାବେ ସ୍ମୃତି ମଞ୍ଜରୀ ଦେବୀ ପଚାରିଲେ—"ସୁଧାକାନ୍ତ ବାବୁ ! ମୋ ସଙ୍ଗରେ ଆପଣଙ୍କର କଣ କଥା ଅଛି କୁହନ୍ତୁ—ଆଉ ଘରକୁ ଚାଲନ୍ତୁ ତ।"

—"ଆସନ୍ତୁ ରମେଶ ବାବୁ !" କହି, ସୁଧାକାନ୍ତ ଚେୟାର ଛାଡ଼ି ଠିଆହେଲା।

ସୁଧାକାନ୍ତକୁ ନିର୍ଦ୍ଦେଶ ଦେଇ ସ୍ମୃତି ମଞ୍ଜରୀ ଦେବୀ କହିଲେ—"ନା, ଆପଣ ଏକା ଚାଲନ୍ତୁ !"

ସୁଧାକାନ୍ତ ଶାନ୍ତ ଓ ସଂଯତ କଣ୍ଠେ କହିଲା—"ସ୍ମୃତି ଦେବୀ ! ରମେଶ ବାବୁ ଯେତେବେଳେ ଆପଣଙ୍କର ସ୍ୱାମୀ, ତାଙ୍କ ଅଗୋଚରରେ ଆପଣଙ୍କ ସହ ମୁଁ କୌଣସି କଥା କହି ନ ପାରେ। ଯେଉଁ ଲୋକମାନେ ଏପରି ଅନ୍ୟାୟକୁ ଜାଣି ଶୁଣି ମଧ୍ୟ ପ୍ରଶ୍ରୟ

ଦେଇ ଥାଆନ୍ତି, ସେମାନେ କୁପ୍ରକୃତିର ବଶବର୍ତ୍ତୀ, ସେମାନଙ୍କର ମନୁଷ୍ୟତ୍ୱ ନାହିଁ ।"

ରାଧାକାନ୍ତ ଏ କଥା କହିବା ପରେ ସ୍ମୃତି ମଞ୍ଜରୀ ଦେବୀ ଜ୍ଞାନୀ ପ୍ରବୀଣା ମହିଳାଙ୍କ ଭଳି କହିଲେ—"ଯେ କୌଣସି ରାଜନୈତିକ, ସାମାଜିକ ବା ସାହିତ୍ୟିକ ଆଲୋଚନା କରିବା ଭଳି ବିଦ୍ୟା ବୁଦ୍ଧି ତାଙ୍କର ନାହିଁ ।"

ସ୍ମୃତି ମଞ୍ଜରୀ ଦେବୀ ନିଜ ସ୍ୱାମୀଙ୍କୁ ହେୟ ଜ୍ଞାନ କରନ୍ତି ଶୁଣି, ରାଧାକାନ୍ତ ଅତିଶୟ ଉତ୍ୟକ୍ତ ହୋଇ ଉଠିଥିଲା । ଧୀରେ ବିସ୍ମୟର ସହିତ କହିଲା—"ଆପଣଙ୍କର ଏପରି ଅସମ୍ଭବ ଧରଣର ଯୁକ୍ତିକୁ ମୁଁ ସମର୍ଥନ କରି ପାରୁନାହିଁ । ଘରେ ସ୍ୱାମୀ ଉପସ୍ଥିତ ଥାଇଁ ଥାଇଁ, କୌଣସି ଭଦ୍ରଲୋକ ସ୍ତ୍ରୀ ଅପର ବ୍ୟକ୍ତି ସଙ୍ଗେ ହାଲୁକେ ଅତି ଗୋପନେ ଯେ କୌଣସି ଘଟଣା, କଥା ପ୍ରସଙ୍ଗରେ ଆଲୋଚନା କରୁଥିବାର ଦେଖିଲେ କେବେ କୌଣସି ପୁରୁଷ ବରଦାସ୍ତ କରି ପାରିବ ନାହିଁ । ପ୍ରତ୍ୟେକ ଲୋକର କିଛି ନା କିଛି ଗୋଟାଏ ମହତ ଗୁଣ ଅଛି । ସୁତରାଂ ଗୋପନେ ମୁଁ ଆପଣଙ୍କ ସଙ୍ଗେ କଥା ବାର୍ତ୍ତା କରିବାକୁ ଅସମର୍ଥ ।"

ଅତି ଆନନ୍ଦେ ଉଦ୍‌ବେଳିତ ହୋଇ ରମେଶ ଚନ୍ଦ୍ରଧୁରୀ ରାଧାକାନ୍ତ ପ୍ରତି ପଲକ ହୀନ ଦୃଷ୍ଟିରେ ଚାହିଁ କହିଲେ—ଆପଣ ପ୍ରକୃତ ଆଦର୍ଶବାଦୀ ମହତ ଲୋକର ସନ୍ତାନ ।"

—ପରକ୍ଷଣେ କୋପ ଦୃଷ୍ଟି ତାଙ୍କ ସ୍ତ୍ରୀଙ୍କ ଉପରେ ରଖି କହିଲେ—"ସ୍ୱାମୀ ପାଖରେ ଗୋପନ ରଖି ; ସ୍ତ୍ରୀ ସଙ୍ଗରେ କୌଣସି ଭଦ୍ରବ୍ୟକ୍ତି କଥାବାର୍ତ୍ତା କରି ପାରେନା । ଯେଉଁମାନେ ଏପରି ବ୍ୟବହାର କରି ଥାଆନ୍ତି, ସେମାନେ ଶିକ୍ଷିତ ଓ ଭଦ୍ର

ହୋଇଥିଲେ ମଧ୍ୟ ଭଦ୍ରବେଶଧାରୀ—ଅଭଦ୍ରଙ୍କ ଶିରୋମଣି । ସେପରି ତୁମର ରାମ ପ୍ରସାଦ ବାବୁ !"

ସ୍ମୃତି ମଞ୍ଜରୀ ଦେବୀ ରାମ ପ୍ରସାଦ ରାୟଙ୍କ ନିନ୍ଦା ସହ୍ୟକରି ନ ପାରି, ଗର୍ଜିଉଠି ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ—"ମାତାଲଙ୍କ ଭଳି ଏଣୁ ତେଣୁ ମିଛ ଗୁଡ଼ାଏ ନ ବକି ଚୁପ୍ ରୁହ ତ ! ଅଜ ବୋଧେ ରାଧାକାନ୍ତଙ୍କ ଠାରୁ ହିତୋପଦେଶ ପାଇ ଜ୍ଞାନ ଉଦୟ ହୋଇଛି । —ଘରେ ତେଣେ ମାଆ ଭଉଣୀ ଯା'ର ଖାଇବାକୁ ପାଉ ନାହାନ୍ତି ; ସିଏ ପୁଣି କେଉଁ ଗୁଣକୁ ନେତା ସାଜି ଅପରକୁ ଉପଦେଶ ଦେବାକୁ ଯାଏ ?"

ମନେ ମନେ ସର୍ବମଙ୍ଗଳ ଜଗନ୍ନାଥଙ୍କୁ ସ୍ମରଣ କରି [illegible]ମେଶ ଚଉଧୁରୀ ଭୟେ ଭୟେ କହିଲେ—ଏ କାଳରେ ସତ୍ୟର ଜୟ ନାହିଁ—ଗୁଣିର ଆଦର ନାହିଁ । ଯେଉଁଲୋକ ନିଜ ଘର ଚିନ୍ତା ନକରି ଦେଶ ଓ ଦଶର ଉପକାରରେ ଲାଗିପଡ଼େ, ସେହି କେବଳ ତ୍ୟାଗୀ ନେତା—ମହତ ବ୍ୟକ୍ତିର ସଠିକ ପରିଚୟ । ନିଜ ବଂଶର ବା ଗୋଷ୍ଠୀର ମଙ୍ଗଳ କାମନା ନ କରି ସମୁହ ମାନବ ସମାଜର କଲ୍ୟାଣ ନିମନ୍ତେ ସେମାନେ ଆତ୍ମୋତ୍ସର୍ଗ କରି ଥାଆନ୍ତି ।"

ଭ୍ରୂଯୁଗଳ ଗୁଣଦିଆ ଧନୁ ଭଳି ଊର୍ଦ୍ଧ୍ୱକୁ ଟାଣି, ସ୍ମୃତି ମଞ୍ଜରୀ ଦେବୀ ରୋଷେ, ଦୃଢ଼ ଆଦେଶ ସ୍ୱରେ କହିଲେ—ଆପଣଙ୍କ ଭଳି ଜଣେ ଅଭଦ୍ର ଲୋକଙ୍କ ସଙ୍ଗେ କୌଣସି ଭଦ୍ରଲୋକର ସ୍ତ୍ରୀ କେବେ ହେଲେ କଥାବାର୍ତ୍ତା କରି ପାରେ ନା । ଆପଣ ଶୀଘ୍ର ମୋ ଘରୁ ବାହାରି ଯାଆନ୍ତୁ ତ !"

ଅତି ଶାନ୍ତ ସ୍ୱରେ ଅନୁଗତ ବ୍ୟକ୍ତିଙ୍କ ପ୍ରାୟେ ରାଧାକାନ୍ତ କହିଲି—ଆପଣ ତଡ଼ି ଦେଇ ନଥିଲେ ମଧ୍ୟ ମୁଁ ଫେରି ଯିବାକୁ ପ୍ରସ୍ତୁତ ହୋଇଥିଲି । ତେବେ ମୁଁ ଯିବା ଆଗରୁ ଏତିକି କହି

ଯାଉଛୁ—ମୁଁ ରମେଶ ବାବୁଙ୍କୁ କହିଥିବା କଥା ତାଙ୍କଠାରୁ ଶୁଣି ଭବିଷ୍ୟତ ଲାଗି ସତର୍କ ରହିବେ”—କହି, ସୁଧାକାନ୍ତ ସେ ଘରୁ ବାହାରି ଗଲେ ।

ରାଗରେ ସ୍ମୃତି ମଞ୍ଜରୀ ଦେବୀଙ୍କ ମୁହଁ ଲାଲ ପଡ଼ି ଯାଇଥିଲା । ସେ ଦାଣ୍ଡ ଦରଜା ବନ୍ଦ କରୁଥିବା ସମୟରେ, ରମେଶ ଚଉଧୁରୀ ତାଙ୍କ ଉପରେ କୋପ ଦୃଷ୍ଟିପାତ କରି କହିଲେ—“ଅପର ସ୍ତ୍ରୀ ସଙ୍ଗରେ, ତାର ସ୍ୱାମୀ ଅଜାଣତରେ କୌଣସି ଭଦ୍ରଲୋକ କଥା ବାଣ୍ଡି କରି ପାରେନା । ତୁମେ ମୋର କି ପ୍ରକାର ସ୍ତ୍ରୀ ; ଏତେ ଦିନ ପରେ ଆଜି ମୁଁ ତୁମକୁ ଚିହ୍ନିଲି ।”

ସ୍ମୃତି ମଞ୍ଜରୀ ଦେବୀ ତାଚ୍ଛଲ୍ୟ ପ୍ରକାଶ କରି କହିଲେ—“ଲକ୍ଷ୍ମୀଛଡ଼ା ହତଭାଗାଟା ଆସି ତମ କାନରେ ସର୍ବନାଶର ମନ୍ତ୍ର ଦେଇ ଯାଇଛି ନା ?”

ରମେଶ ଚଉଧୁରୀ ବିଦ୍ରୂପର ଢଙ୍ଗ କରି ତଗ ଖାଇ କହିଲେ —“କିଏ କହୁଥାଏ କାହାର କଥା, କାଲ୍ଲୁଣୀ ଭାବେ ମୋ ଦେବର କଥା ; ତମର ବୁଝାମଣା ହୋଇଛି ସେଇଆ ।”

ସ୍ମୃତି ମଞ୍ଜରୀ ଦେବୀ ସ୍ୱାମୀଙ୍କୁ ଶ୍ଳେଷୋକ୍ତିରେ କହିଲେ—“ତମକୁ ଅଉ ମୋତେ ମଣିଷ ଚିହ୍ନାଇବାକୁ ହେବ ନାହିଁ ।”

ସ୍ତ୍ରୀର କଥା ହୃଦୟଙ୍ଗମ କରି ରମେଶ ଚଉଧୁରୀ ବିରକ୍ତ ହୋଇ କହିଲେ—“ଗୃହିଣୀ ହୋଇ ଛୁଆଁକ ନିନ୍ଦା ନ ଦେଇ, ନିଜର ଗୁଣ ବିଗୁଣ କଥା ବୁଝ । ଏ କଥା ତୁମେ ଜାଣିଛ— ଏ ଘରର ସ୍ୱାମୀ ମୁଁ—ତୁମେ ଏ ଘରର ଘରଣୀ ! ଆଗରୁ ଯାହା କିଛି କରି ଯାଇଛ ତ ଯାଇଛ—ଏଣିକି ଖୁବ୍ ସାବଧାନ !”

ଗମ୍ଭୀର ହୋଇ ରମେଶ ଚଉଧୁରୀ ନିଜ ଶୋଇବା ପଲଙ୍କ ଉପରେ ଯାଇ ବସିଲେ ।

ସ୍ମୃତି ମଞ୍ଜରୀ ଦେବୀଙ୍କ ମୁହଁ ଦେଖିଲେ ବିଚଳିତର ଭାବ ସ୍ପଷ୍ଟ ବୁଝା ଯାଉଥିଲା । ·········ଯେଉଁ ବୃଦ୍ଧ ଅକର୍ମଣ୍ୟ ସ୍ୱାମୀଙ୍କୁ ଅକ୍ଷମ ଭାବି, ନିଜର ବୁଦ୍ଧିବଳେ ଉପାର୍ଜନ କରି ଆଣି ଖାଇବାକୁ ପିନ୍ଧିବାକୁ ଯୋଗାଉଥିଲି, ଆଜି ତାଙ୍କର ମୁହଁରୁ ଏପରି ଅପବାଦ ନିନ୍ଦା କଥା ଶୁଣିବାକୁ ହେଲା ? ଚିରକାଳ ଯିଏ ଅନୁଗତ ଭୃତ୍ୟଙ୍କ ଭଳି ଆଦେଶ ପାଇ କାମକରି ଆସୁଥିଲା, ତାଙ୍କୁ ମୋର ଭିତର କଥା ସମସ୍ତର ସନ୍ଧାନ ଦେଇ ତାଙ୍କ ମନର ପରିବର୍ତ୍ତନ କରି ଦେଇଛି ସେହି ବଜାତ୍ତ ପୋଡ଼ାମୁହାଁ ରାଧାକାନ୍ତ ।"

ବହୁ ସମୟ ପର୍ଯ୍ୟନ୍ତ ସ୍ୱାମୀ ସ୍ତ୍ରୀ ଦୁହିଙ୍କ ମୁହଁରେ କୌଣସି କଥା ନାହିଁ······ ।

ହଠାତ୍ କାନ୍ଥରେ ଝୁଙ୍ଗା ହୋଇଥିବା ଘଣ୍ଟା ଉପରେ ନଜର ପଡିବାରୁ ସ୍ମୃତି ମଞ୍ଜରୀ ଦେବୀଙ୍କ ଖିଆଲ ହେଲା ; ସଭାକୁ ଯିବା ସମୟ ଆଉ ବେଶୀ ଡେରିନାହିଁ । ସ୍ୱାମୀଙ୍କ କଥାରେ କୌଣସି କଥା ନ କହି, କେଶ ପ୍ରସାଧନ ଓ ମାର୍ଜିତ ଭାବେ ସୁସଜ୍ଜିତ ହେବା ଲାଗି ଡ୍ରେସିଂରୁମ୍‌କୁ ଯାଇ ଭିତର ପଟୁ କିଳଣୀ ଲଗାଇ ଦେଲେ ।

ରମେଶ ଚଉଧୁରୀ ବିଷଣ୍ଣ ଭାବେ ପଲଙ୍କ ଉପରେ ବସିରହି ଭାବନାରେ ବିଭୋର ଥିଲେ·········; ବିବାହ ସମୟେ ମନରେ କେତେ ଆଶା କରିଥିଲେ—ବିଦୁଷୀ ଭାର୍ଯ୍ୟା ପାଇ ସେ ନିଶ୍ଚୟ ସୁଖୀ ହୋଇ ପାରିବେ । ତାର ଏଇ ସୁନ୍ଦର ଦେହ ଭିତରେ ଏତେ କୁତ୍ସିତ ଭାବ ଲୁଚି ରହିଛି ବୋଲି ତାଙ୍କୁ ଜଣା ନ ଥିଲା

କିଛି ସମୟ ଅନ୍ତେ ବେଶ ଭୂଷା ପରିବର୍ତ୍ତନ କରି ପରି-ବର୍ଦ୍ଧନ ବେଶରେ, ହାତରେ ଭ୍ୟାନିଟିବ୍ୟାଗଟି ଧରି ସେ ଘରୁ ବାହାରି ଆସିଲେ ସ୍ମୃତି ମଞ୍ଜରୀ ଦେବୀ । ବାହାରକୁ ଯିବା ବେଶ

ପରପାଠୀ ତାଙ୍କର ଦେଖି ଗାମ୍ଭିର୍ଯ୍ୟ ସ୍ୱରେ ରମେଶ ଚଉଧୁରୀ କହିଲେ—"ବାହାରେ ଯେତେ ଚେଇଁଅଛେ ଯାହା ଭାମ ଅଛି, ଆଜ ଦିନକ ମଧ୍ୟରେ ସବୁ ତୁଟାଇ ଦେଇ ଆସିବ । କାଲିଠାରୁ ତୁମକୁ ଆଉ ମୁଁ ବାହାରକୁ ଯିବାପାଇଁ ଦେବନାହିଁ ।"

ରମେଶ ଚଉଧୁରୀଙ୍କ ମୁହଁରୁ ଏ କଥା ଶୁଣିବା ମାତ୍ରେ ସ୍ମୃତି ମଞ୍ଜରୀ ଦେବୀଙ୍କ ପାଦ ଠାରୁ କେଶାଗ୍ର ପର୍ଯ୍ୟନ୍ତ ରାଗ ଜ୍ୱାଳାରେ କଣ୍ଟକିତ ହୋଇ ଉଠିଲା । ଚଡ଼ା ଚଡ଼ା ଦିପଦ କଡ଼ା କଥା ଶୁଣାଇ ଦେବାକୁ ଇଚ୍ଛାଥିଲେ ମଧ୍ୟ, ସେ ସାହସତାକ ବଳରୁ ଅଗରୁ ହରାଇ ସାରିଥିଲେ । ଚଳାଇ, ରମେଶ ଚଉଧୁରୀଙ୍କୁ ଲକ୍ଷ୍ୟ କରି କହିଲେ—"ଏଣିକି ଘରେ, କବାଟ କୋଣରେ କଣ ଭୁଆସୁଣୀ ହୋଇ ଚୁଁ ଚାଁ ମାରି କଥା କହିବ ତେବେ ? ପରଘର ଭଲ ନିଜ ଘରକୁ ଅଣିବାକୁ ତୁମର ଇଚ୍ଛା ।" ଏହା କହି, ଦାଣ୍ଡ ଦରଜା ଖୋଲି ଦାଣ୍ଡକୁ ବାହାରି ଗଲେ ।

ରମେଶ ଚଉଧୁରୀ ଏପରି ଗୋଟାଏ ଅଲଜୁକାକୁ ବିବାହ କରି ଦୁଃଖର କାର୍ଯ୍ୟ କରିଛନ୍ତି ; ଭାବି, ଅନୁତପ୍ତ ହେଉ ଥାଆନ୍ତି ।

ସ୍ମୃତି ମଞ୍ଜରୀ ଦେବୀ ସଭାକୁ ଯିବା କିଛି ସମୟ ଗତ ହୋଇ ଯିବା ପରେ ତାଙ୍କ ଦାଣ୍ଡ ଦୁଆରେ ମଟର ହର୍ଣ୍ଣ ଶବ୍ଦ ଶୁଣାଗଲା । ରାମ ପ୍ରସାଦ ରାୟ ମଟରରୁ ଓହ୍ଲାଇ ଆସି ରମେଶ ଚଉଧୁରୀଙ୍କୁ ନମସ୍କାର ହୋଇ ପ୍ରଶ୍ନକଲେ—"ସ୍ମୃତି ମଞ୍ଜରୀ ଦେବୀ କଣ ସଭାକୁ ଚାଲି ଗଲେଣି ?"

ରମେଶ ଚଉଧୁରୀ ପଲଙ୍କ ଉପରୁ ଉଠି କ୍ରୋଧେ ଗର୍ଜନ କରି କହିଲେ—"ହଁ-ହେ ଚାଲି ଗଲେଣି । ଓହ୍ଲାଅ ଓହ୍ଲାଅ, ମୋ ଦୁଆର ମୁହଁରୁ ଆଗେ ଓହ୍ଲାଅ ତ ! ଏ ଗୁଣ୍ଡାଙ୍କ ମଣିଷ ହେଲେଣି ନା ହେବେ ! ସଭା ସମିତି କରୁଛନ୍ତି ଲୋକଙ୍କ ସେବା

କରିବେ ନା, ବରଞ୍ଚ ବୈଷ୍ଣବ ସାଜି ଶୋଷଣ କରିବେ । ବକ୍ତୃତା ପ୍ରସଙ୍ଗରେ ସେ କହୁଛନ୍ତି—ଦେଶରେ ଶୋଷଣ ହୀନ ସମାଜ ପ୍ରତିଷ୍ଠା ହେବା ଉଚିତ; କିନ୍ତୁ ନିଜେ ଜଣେ ଜଣେ କଳର ମାଲିକ ହୋଇ, ଅଳ୍ପ ପଇସାରେ ଶ୍ରମିକ ମାନଙ୍କୁ ଖଟାଇ ନେଇ ପେଶୀ ଦମନ କରିବାରେ ଯେଉଁମାନେ ଅଭ୍ୟସ୍ତ ସେ ଗୁଡ଼ାଙ୍କୁ ଟିକିଏ ହେଲେ ଲାଜ ଶରମ ନାହିଁ । ପର ସ୍ତ୍ରୀକୁ ସବୁ ବେଳେ କୁପରାମର୍ଶ ଦେଇ ଥାଆନ୍ତି । କୁଳାଙ୍ଗାର କୁଳ ଚାଲୁଙ୍ଗା ଗୁଡ଼ାକ କୁଆଡ଼େ ଦେଶର ନେତା ହେବେ ।"

ଅପମାନ ପାଇ ରାମ ପ୍ରସାଦ ରାୟଙ୍କ ମୁହଁ ଲାଜରେ ଶୁଖିଗଲା । ଅବନତ ମସ୍ତକରେ ଲେଉଟି ଆସି ମଟରରେ ବସିଲେ । ଆଦେଶ ପାଇ ଡ୍ରାଇଭର ଗାଡ଼ି ଫେରାଇଲା । ରାମ ପ୍ରସାଦ ରାୟଙ୍କ ମନରେ ବାରମ୍ବାର ଏଇ ପ୍ରଶ୍ନ ଉଠିଲା—ରମେଶ ଚୌଧୁରୀଙ୍କର ଆଜି ଏପରି ଉଗ୍ରମୂର୍ତ୍ତି କାହିଁକି........??

## ( ସାତ )

ସନ୍ଧ୍ୟା ବଧୂଟି ଧୂସର ବସନ ଓଢ଼ଣା ଟାଣି ଦେଇଛି । କୁଳବଧୂ ମାନେ ଦ୍ୱାରେ ଦ୍ୱାରେ ସନ୍ଧ୍ୟା ପ୍ରଦୀପ ଜାଳି ଦେଇ ଗଲେଣି । ଏପରି ସମୟେ ସାହୁଘର ଭାଉଜ ସୁଧାରାଣୀ, ଘର

ଭିତରକୁ ଲୁଚି ଲୁଚି ଆସି ମଇନୀର ଦୁଇ ଆଖିକୁ ଯାବୁଡ଼ି ଧଇଲା । କିଛି ସମୟ ପରେ ଛାଡ଼ିଦେଇ ତା'ର ପାଖକୁ ଲାଗି ବସି ପଡ଼େ ।

ମଇନୀ ତୁଳୀ ଦ୍ୱାରା ଶ୍ରୀମତୀ ରାଧାରାଣୀ ମୂର୍ତ୍ତି ତିଆର କରିବାରେ ବ୍ୟସ୍ତଥାଇଁ ହସିଦେଇ କହିଲା—"ଆହା ! ତୁମେ ଭାବଛ ମୁଁ ଏପରି ଜାଣି ପାରନାହିଁ ।"

ମଇନୀ କଥାକୁ ସମର୍ଥନ କରି ରାଧାରାଣୀ କହିଲା—"ତା' ତୁମେ ଜାଣିବ ନାହିଁ ବା କାହିଁକି ? ସ୍ନେହ ସୁହାଗ ଦେବା ନେବା ଲୋକ ଜଣିକ ଛଡ଼ା ତ ଦୁଇଜଣ ନୁହେଁ ! ଶୀଲ୍‌କାମ ହାତରୁ ଛଡ଼ାଇ ନେବାକୁ ଚେଷ୍ଟାକରି କହିଲା—କଲେଜରୁ ପଢ଼ା ଛାଡ଼ିଲା ଦ[illegible]ରୁ ସବୁ ବେଳେ କ'ଣ ଘର କୋଣଠାରେ ବସି ରହିବାକୁ ଭଲ ଲାଗୁଛି ? ଚାଲନା ! କାଠଯୋଡ଼ୀ କୂଳଆଡ଼କୁ ଟିକେ ବୁଲି ଆସିବା ।"

ହାତ ଘୁଞ୍ଚାଇ ନେଇ ଈଷିତ୍ ହସି ମଇନୀ କହିଲା—"କାଠ-ଯୋଡ଼ୀ କୂଳ ଆଡ଼େ ବୁଲି ନ ଯାଇ ଏଇଠି ବସ ! ତମ ସାଙ୍ଗରେ ଗଳ୍ପ କରି କରି କାମଟା ଶେଷ କରିଦିଏଁ ।"

ମଇନୀ ତିଆରି କରୁଥିବା ମୂର୍ତ୍ତିଟି ରାଧାରାଣୀ ହାତକୁ ଦେଇ କହିଲା—ନୂଆବୋଉ ! ଗଢ଼ଣ ସୁନ୍ଦର ହେଲା କି ନାହିଁ ଦେଖିଲ ?

ରାଧାରାଣୀ କୃତ୍ରିମ ଭଙ୍ଗିରେ ମୁଣ୍ଡ ହଲାଇ ସମ୍ମତି ଜଣାଇ କହିଲା—ସର୍ବାଙ୍ଗ ସୁନ୍ଦର ହୋଇଛି ସତ, କିନ୍ତୁ ହେଲେ କଣ ହେଲା—ଅଙ୍ଗହୀନା ପରି ଦେଖା ଯାଉଛି ।"

କେତେ ପରିଶ୍ରମ କରି କରିଥିବା କାରୁକାର୍ଯ୍ୟର ନିନ୍ଦା ଶୁଣି ମଇନୀ ଛାତିରେ ଧଡ଼ାସ୍ କରି ଗୋଟାଏ ଧକ୍କା ଲାଗିଲା । ସେ ଚମକି ଉଠି ପଚାରିଲା—କାହିଁକି, କଣ କେଉଁଠି ଅସୁନ୍ଦର ହୋଇଛି କହିଲ ଶୁଣେ ?"

ମାଆ ଯେପରି ନିଜ ସନ୍ତାନର ନିନ୍ଦା କୁତ୍ସା ସହି ପାରେନା, ସେହିପରି ଶିଳ୍ପୀ ତାର ନିଜ କାରୁକାର୍ଯ୍ୟ ଅସୁନ୍ଦର ହୋଇଛି ବୋଲି କାହା ମୁହଁରୁ ଶୁଣିଲେ ତା ପ୍ରାଣକୁ ବଡ଼ ବାଧେ ।

ରାଧାରାଣୀ ହସି ହସି ପ୍ରଶ୍ନକଲା—"କୁହ ତ ! କାହା ନାମରେ ରାଧାରାଣୀ ଶୋଭାପାଏ ?"

ରାଧାରାଣୀର ବିଦ୍ରୂପ ହସ ଦେଖି ମଇନୀ ମୁହଁ କ୍ରୋଧରେ ରଙ୍ଗା ପଡ଼ିଗଲା । ସେ ନିଜକୁ ଅପମାନିତ ମନେ କଲା ।

ରାଧାରାଣୀ ମୁହଁରେ କଥାର ଖୁଅ ଛୁଟାଇ କହିଲା—"ସୁତା-କଲ ମ୍ୟାନେଜର ରାମ ପ୍ରସାଦ ରାୟ ଦିନେ କହୁଥିଲେ, ତମ ଘରକୁ ଯେଉଁ ରାଧାକାନ୍ତ ଆସେ ତାର ଘର ଦୁଆର [illegible]ଡ଼େ ମହାଜନ ଘରେ ବନ୍ଧକ ପଡ଼ିଛି ? ସେ ଏଠି ଗୋଟାଏ ପ୍ରୌଢ଼ ଶିକ୍ଷା ସ୍କୁଲ୍ କରି ନାମ ବୋଲଉଛି କଣ ନା ମାଷ୍ଟରବାବୁ !"

ଭାଗ୍ୟକୁ ତ ଦିନେ ଗାଈଜଗା ପିଲା କପିଳା ରାଜା କପି-ଳେନ୍ଦ୍ର ଦେବ ହୋଇଥିଲା··· ? ମଇନୀ ମନ ମଧ୍ୟେ ଭାବିଥିଲା—ରାଧାକାନ୍ତ ବାବୁଙ୍କ ସମ୍ବନ୍ଧେ ରାଧାରାଣୀ ନୂଆବୋଉଙ୍କୁ ସେ କିଛି କହିବ ନାହିଁ । ଯେପରି ଇନ୍ଧନ ଯୁକ୍ତ ଅଗ୍ନିର ଲେଲିହାନ ଶିଖାକୁ କେହି ଲୁଚାଇ ରଖି ପାରନାହିଁ, ସେହିପରି ରାଧାକାନ୍ତ ବାବୁଙ୍କୁ ପରିବର୍ତ୍ତନ କରିବାର କୌଣସି ପଥ ନାହିଁ । ଅସନ୍ତୋଷର ସହିତ ତୀବ୍ର ପ୍ରତିବାଦ କରି ମଇନୀ କହିଲା—"ରାଧାକାନ୍ତ ବାବୁଙ୍କର କୌଣସି କଥା ମୋ ଆଗରେ କହିବ ନାହିଁ ନୂଆବୋଉ ! ତାଙ୍କ-ଠାରୁ ଯେ ତୁମ ରାମ ପ୍ରସାଦ ବାବୁଟି ଭଲ ଲୋକ, ସେ ସବୁ କଥା ମୁଁ ନିତ୍ୟାନ୍ତ ପକ୍ଷେ ଜାଣେ ।"

ସ୍ମୃତି ମଞ୍ଜରୀ ଦେବୀଙ୍କ ପରାମର୍ଶ ପାଇ ରାଧାରାଣୀ ମଇନୀ ପାଖକୁ ଆସିଥିଲା । ସେ କାରଣେ ମଇନୀକୁ ବୁଝାଇ କଥା କାଟି

କହିଲା—"ମୁଁ ତ ସୁଧାକାନ୍ତ ବାବୁଙ୍କୁ ମିଥ୍ୟା ଦୋଷ ଦେଉନାହିଁ ! ସେ ନିଜ ମାଆ ଭଉଣୀଙ୍କୁ ଖାଇବାକୁ ଦଅନ୍ତି ନାହିଁ । ସତ କଥା ! ଯାହା ଶୁଣିଥିଲି—ତମ ଆଗରେ ସେଇଆ କହିଲି ।"

ମଇନୀଙ୍କ ଏ ସମସ୍ତ କଥା ଜଣା । ସୁଧାରାଣୀ କଥାରେ ସେ କୌଣସି ଉତ୍ତର ଦେଲାନାହିଁ ।

ସୁଧାରାଣୀ ଅପ୍ରିୟ ପ୍ରସଙ୍ଗର ଭାବ ପରିବର୍ତ୍ତନ କରି, ସୁଧା-ମୂର୍ତ୍ତିଟିକୁ ହାତରେ ଧରି ଅତି ଆଦରରେ ଥଙ୍କାକରି କହିଲା—"ସୁଧା-ରାଣୀ ତ ଘରେ ଅଛନ୍ତି—ଶ୍ରୀ ମୁରଲୀ ପାଣି କେବେ ଆସୁଛନ୍ତି, ମୁଁ ତ ଏଇ ଭାବନାରେ ଦିନ ରାତି ମରୁଛି । କଥାରେ କହନ୍ତି—ଯାହା ବା[illegible]ଡାର ମନେ ନାହିଁ, ସାଇ ଭାଇଙ୍କର ନିଦନାହିଁ ।"

ମଇନୀ କୃତ୍ରିମ ରାଗ ପ୍ରକାଶ କରି କହିଲା—"ତମେ ନୂଆ-ବୋଉ ବଡ଼ ପାଗଳ ହେଲଣି ! ପାନରୁ ଚୂନ ଖସିଗଲେ ଯେଉଁ ପୁରୁଷମାନେ ଝଗଡ଼ା କରନ୍ତି । ଜୀବନ ସାରା ଦାସୀ ଭଳି ଖଟାଇ ନେବେ । ଦିନେ ହସି ପଦେ କଥା କହିବେ ନାହିଁ । ଗୃହିଣୀ ହୋଇ ଗୃହରେ ଦାସୀ ହେବା ଅପେକ୍ଷା ଦେଶ ଓ ଦଶର କଲ୍ୟାଣ ସାଧନାରେ ସେବାଦାସୀଟି ହେଲେ ଜୀବନ ସାର୍ଥକ ହେବ ।"

ସୁଧାରାଣୀ ବେଲଜ୍ଜାଙ୍କ ଭଳି ତାମସିକ ହସ ହସି କହିଲା—"ଗୋଟିଏ ମାଘରେ ଶୀତ ଯାଏନା । ଦେଖାଯିବ ; ଏଇନେ ତ ମୁଁ ମରି ଯାଉନାହିଁ !"

ହଠାତ୍ ସେ ଘରେ ରମେଶ ଚଉଧୁରୀ ପ୍ରବେଶ କରି ମଇ-ନୀକୁ ପ୍ରଶ୍ନକଲେ—"ରାଜେନ୍ଦ୍ର ବାବୁ ଘରେ ନାହାନ୍ତି ?"

ମଇନୀ ବିସ୍ମୟ ସହକାରେ ରମେଶ ଚଉଧୁରୀଙ୍କୁ ଚାହିଁ କହିଲା—"ବାପା ଆର ଘରେ ବସିଛନ୍ତି ଆପଣ ଆସନ୍ତୁ ।"

ରମେଶ ବାବୁ ରାଜେନ୍ଦ୍ର ବାବୁଙ୍କ ସମ୍ମୁଖକୁ ଯାଇ ନମସ୍କାର କରି ଅତର୍କିତ ଭାବେ କହିଲେ—"ଏଣେ ରାଧାକାନ୍ତ ବାବୁଙ୍କର ସର୍ବନାଶ ହେବା ଭଳି ବ୍ୟାପାର ଘଟିଛି । ଆପଣ ତ ଏଣେ ଛୁଟିରେ ରହିଗଲେ ଆଜ୍ଞା ! ରାଧାକାନ୍ତବାବୁଙ୍କୁ ଚୋରା କାରବାର ଆସାମୀ ବୋଲି ପୁଲିସ କର୍ତ୍ତୃପକ୍ଷ ପ୍ରମାଣ ପାଇ ସାରିଛନ୍ତି । ତ୍ୟାଗୀ ଦେଶ ସେବକ ମହାପ୍ରାଣ ରାଧାକାନ୍ତଙ୍କୁ ଶାସ୍ତି ଦେବା ଏ ଗୋଟାଏ ଭୀଷଣ ଷଡ଼ଯନ୍ତ୍ର ।"

ରାମ ପ୍ରସାଦ ବାବୁ ଏହି ମହା ବିପଦରୁ ଉଦ୍ଧାର ହେବା ଲାଗି ରାଜେନ୍ଦ୍ର ବାବୁଙ୍କ ସଙ୍ଗେ ଯୁକ୍ତି ପରାମର୍ଶ ନେବା ପାଇଁ ସେତେବେଳେ ସେଠାରେ ସେ ଉପସ୍ଥିତ ଥିଲେ । ରମେଶ ଚଉଧୁରୀଙ୍କ କଥାରେ ବାଧାଦେଇ କହିଲେ—"ଆପଣ ପାଗଳଙ୍କ ଭଳି କଣ ଏଣୁ ତେଣୁ ଗୁଡ଼େ ବକୁଛନ୍ତି ? ଆସି ଏଠାରେ ବସନ୍ତୁ ।"

ଏ ସମସ୍ତ କଥା ମଧ୍ୟରେ ଜଟିଳତା ବ୍ୟାପୃତ ଅଛି ଜାଣି ରାଜେନ୍ଦ୍ର ବାବୁ ଅସ୍ଥିର ହୋଇଗଲେ । ରାମ ପ୍ରସାଦ ବାବୁଙ୍କୁ ଉଦ୍ଦେଶ୍ୟ କରି କହିଲେ—ତାଙ୍କୁ ଆଗେ କହିବାକୁ ଦେଇ ଆପଣ ଚୁପହୋଇ ବସି ରୁହନ୍ତୁ ରାମ ବାବୁ ।" ରମେଶ ବାବୁଙ୍କ ଆଡ଼େ ଦୃଷ୍ଟି ଫେରାଇ ପଚାରିଲେ—"ରମେଶ ବାବୁ ! ଆପଣ କଣ କହିବାକୁ ଯାଉଥିଲେ କୁହନ୍ତୁ !"

ଅଗତ୍ୟା ବାଧ୍ୟ ହୋଇ ରାମ ପ୍ରସାଦ ବାବୁ ଚିନ୍ତା ସାଗରରେ ବୁଡ଼ି ଚୁପହୋଇ ବସି ରହିଲେ ।

ରାମ ପ୍ରସାଦ ବାବୁଙ୍କ ପ୍ରତି ବିଦ୍ରୂପ କଟାକ୍ଷ ପାତ କରି ଭୟ ସଂଶୟ ଶବ୍ଦେ ରମେଶ ଚଉଧୁରୀ କହିଲେ—"ହାତୀ ମାରି କୁଲା ଗୁପାଦେଇ ରଖିଲେ କେବେ ଲୁଚି ରହି ପାରିବ ନାହିଁ । ଏ ସମସ୍ତ ଚକ୍ରାନ୍ତ—ରାଧାକାନ୍ତ ବାବୁଙ୍କୁ ଶାସ୍ତି ଦେଇ କଠେକରୁ ନ ଛଡ଼ଲେ

ପ୍ରେସ୍ କାରବାର ସୁବିଧା ବ୍ୟବସ୍ଥା ହେବାର ଉପାୟ ନାହିଁ । ମୋ ସ୍ତ୍ରୀ ସ୍ମୃତି ମଞ୍ଜରୀ ସଙ୍ଗେ ଏଇ ରାମ ପ୍ରସାଦ ରାୟ ଓ ଭୋଲା ମହାଜନଙ୍କର ଏ ବିଷୟରେ ପରାମର୍ଶ ଚାଲିଥିବା ବେଳେ ମୁଁ ଶୁଣିଛି । ପ୍ରେସରେ ବାହାରକୁ ଚାଲାଣ ହେଉଥିବା ମାଲେ ଗୋଇନ୍ଦା ପୁଲିସ ପାଇଛି, ସେ ସମସ୍ତ ମାଲର ଅସାମୀ ରାଧାକାନ୍ତ ବୋଲି ଯେ କୌଣସି ପ୍ରକାରେ ଧରାଇ ଦେଲେ ପୁଅର ନେତା ସାଜିବା ଶିକ୍ଷା ଓ ଶାସ୍ତି ବେଶ୍ ଦିଆ ହୋଇଯିବ । ଏ ବାବୁ ମାନଙ୍କର ମୋ ସ୍ତ୍ରୀ ସଙ୍ଗରେ ମୋର ଘରେ ଆଡ୍ଡା ଗପ, ମଉଜ ମଜଲିସ୍ ପ୍ରାୟେ ସବୁଦିନ ଚାଲେ । ଏ କଥାବାର୍ତ୍ତା ହେବା ପରଦିନ ପୁଲିସ ଅଫିସରଙ୍କ ଆଗେ ମୁଁ ସମସ୍ତ କଥା ପ୍ରକାଶ କରି ଦେଇଥିଲି । × × ×

ରାସ୍ତା ଆଡୁ ଭୀଷଣ ପାଟି ତୁଣ୍ଡ ଗୋଳମାଳ ଶୁଣାଗଲା । ତା ସଙ୍ଗେ ସ୍ମୃତି ମଞ୍ଜରୀ ଦେବୀଙ୍କ କଣ୍ଠର ହୁଙ୍କାର ଶୁଭା ଯାଉଥାଏ । ସମସ୍ତେ ବିଚଳିତ ମନେ ନିର୍ବାକ ହୋଇ ବସି ରହିଛନ୍ତି ।

ସ୍ମୃତି ମଞ୍ଜରୀ ଦେବୀଙ୍କୁ ପୁଲିସ ବେଷ୍ଟନି ମଧ୍ୟରେ ରଖି ରାଜେନ୍ଦ୍ର ବାବୁ ବସି ରହିଥିବା ଘରେ ପ୍ରବେଶ କଲେ । ଏପରି ଆକସ୍ମିକ ଘଟଣାରେ ସେଠାରେ ଥିବା ସମସ୍ତ ଲୋକେ ବ୍ୟସ୍ତବ୍ୟସ୍ତ ହୋଇ ଉଠିଲେ ।

ଇନିସ୍‌ପେକ୍‌ଟର ଅନାଦି ମହାନ୍ତିଙ୍କୁ ରାଜେନ୍ଦ୍ର ବାବୁ ଆଶ୍ଚ—ର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କଲେ—"ଇନିସ୍‌ପେକ୍‌ଟର ବାବୁ ! ବ୍ୟାପାର କ'ଣ ? ଏ ଭଦ୍ର ମହିଳାଙ୍କୁ ଏପରି ଭାବେ...... ?"

ଲାଲବାଗ ଥାନାର ବଡ଼ବାବୁ ଅନାଦି ମହାନ୍ତି ରାଜେନ୍ଦ୍ର ବାବୁଙ୍କୁ ନମସ୍କାର କରି କହିଲେ—"ଆଜ୍ଞା ! ଆପଣ ତ ଶରୀର

ଅସୁସ୍ଥ ହେତୁ ଛୁଟିରେ ଚାଲିଗଲେ, ଏ ସବୁ ଘଟଣା ଆପଣ ଜାଣିବେ ବା କିପରି । ରାମ ପ୍ରସାଦ ରାୟ, ଭୋଲା ମହାଜନ, ସ୍ମୃତି ମଞ୍ଜରୀ ଦେବୀ ଏହିମାନଙ୍କ ଷଡ଼ଯନ୍ତ୍ରରେ ଗୋପନ ଭାବେ ଅନ୍ୟ ପ୍ରଦେଶକୁ ଚାଉଳ ଓ ଅନ୍ୟାନ୍ୟ ଜିନିଷ ପତ୍ର ରପ୍ତାନୀ କରୁଛନ୍ତି । ଏ ଚୋରା କାରବାରରେ ମୋଟାମୋଟି ଠିକା ରୋଜଗାର ଫନ୍ଦ ।"

ରାଧାକାନ୍ତ ବାବୁଙ୍କ ନାମରେ ଗୋଟାଏ ଜାଲ ଚିଠି ଦିଆ-ଯାଇ ତାଙ୍କୁ ବିପଦରେ ପକାଇବାକୁ ଚେଷ୍ଟା କରି ଯାଇଥିଲା । କିନ୍ତୁ ବିଶିଷ୍ଟ ଗୋଇନ୍ଦା ବିଭାଗ ଅଫିସରଙ୍କ ଦକ୍ଷତା ସାହାଯ୍ୟେ ଏହି-ମାନେ ଚୋରା କାରବାର ମୂଳକର୍ତ୍ତା ବୋଲି ରହସ୍ୟଜନକ ସଠିକ ଖବର ମିଳେ । ଉପର ଅଫିସରଙ୍କ ଆଦେଶ ଅନୁଯାୟୀ ଏମା-ନଙ୍କୁ ଗିରଫ କରି ହେଉଛି ।

ସେଠାରେ ବସିରହି ରାମ ପ୍ରସାଦ ରାୟଙ୍କ ହୃତ୍କମ୍ପ ଆରମ୍ଭ ହେଲଣି । ଲୋକ ଦେଖାଣିଆ ଭ୍ରୂକ୍ଷେପ ନ କଲା ଭଳି ସବୁ ଜାଣି ଶୁଣି କିଛି ନ ଜାଣିଲା ପରି ଗମ୍ଭୀର ହୋଇ ବସି ରହି ଥାଆନ୍ତି ।

ସ୍ମୃତି ମଞ୍ଜରୀ ଦେବୀ ରାମ ପ୍ରସାଦ ରାୟଙ୍କ ନିକଟବର୍ତ୍ତିନୀ ହୋଇ ତାଙ୍କ ପ୍ରତି ଲକ୍ଷ୍ୟକରି କହିଲେ—"ଆପଣ ତ ସମସ୍ତ ଘଟଣା ଶୁଣୁଛନ୍ତି ; ମୋର ଏ ବିପଦ ବେଳେ କିଛି କହୁ ନାହାନ୍ତି ଯେ ?"

ରାମ ପ୍ରସାଦ ରାୟ ସାମାନ୍ୟ ସଙ୍କୋଚିତ ହୋଇ ରାଗକରି କହିଲେ—"କାହାକୁ କଣ କହୁଛ ତୁମେ ?"

ଥାନାର ବଡ଼ବାବୁ ଅନାଦି ମହାନ୍ତି କଠୋର କର୍ତ୍ତବ୍ୟ ବଶେ କଠିଣ କଣ୍ଠେ କହିଲେ—"ରାମ ପ୍ରସାଦ ରାୟ ! ଉପର କଣ କହିବାର ଥିଲେ କୁହ, ନଚେତ୍ ଥାନାକୁ ଚାଲ ।"

ରାମ ପ୍ରସାଦ ରାୟ କିଛି ନ ଜାଣିଥିବା ଭଳି ଆଶ୍ଚର୍ଯ୍ୟ ଭାବେ ବ୍ୟଗ୍ର ଓ ବିନୟ ହୋଇ କହିଲେ—"ଏ ବିଷୟରେ ମୋତେ

କିଛି ଜଣାନାହିଁ । ଯୁଆଙ୍କୁ, ବା ଏମାନଙ୍କ ମଧ୍ୟରୁ ମୁଁ ତାହାକୁ ଚିହ୍ନେନା ।”

ଏତିକିବେଳେ ମଉନ୍ରୀ ଘଟଣା ସ୍ଥଳକୁ ଆସି, ରାମ ପ୍ରସାଦ ରାୟଙ୍କ ପ୍ରତି ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ କହିଲା—“ଏତେ ଲୋକଙ୍କ ସାମନାରେ ଏତେ ବଡ଼ ମିଥ୍ୟାକଥା କହୁଛନ୍ତି ରାମପ୍ରସାଦ ବାବୁ ? ଆପଣଙ୍କ ସହିତ ସ୍ୱର୍ଗତ ମଞ୍ଜରୀ ଦେବୀଙ୍କର ଅଭେଦ୍ୟ ବନ୍ଧୁତ୍ୱ ଅଛି ; ଆପଣ ତାଙ୍କୁ ଭଲ ଭାବରେ ଚିହ୍ନନ୍ତି । ଦିନେ ସ୍ୱର୍ଗତ ମଞ୍ଜରୀଙ୍କ ସହିତ ଆପଣ ମୋତେ ପରିଚୟ କରାଇ ଦେଇଥିଲେ ନା ?”

ଥାନାର ବଡ଼ବାବୁ ରାମ ପ୍ରସାଦ ରାୟଙ୍କ ସାମନାକୁ ଆଗେଇ ଆସି ଦଣ୍ଡାୟମାନ ଥିବା ଦୁଇଜଣ ସିପାହୀଙ୍କ ଆଦେଶ ଦେଲେ —“ରାମ ପ୍ରସାଦ ରାୟଙ୍କ ହାତରେ ବେଡ଼ି ଲଗାଅ ।”

ରାମ ପ୍ରସାଦ ରାୟ ବିବ୍ରତ ହୋଇ ଗର୍ଜିଉଠି କହିଲେ— “ଖବରଦାର ! ମୋ ଦେହରେ କେହି ହାତ ଦଅନାହିଁ ।”

ଇନସ୍‌ପେକ୍ଟର ଅନାଦି ବାବୁଙ୍କ ମୁହଁ କ୍ରୋଧ ଓ ଘୃଣାରେ ରକ୍ତବର୍ଣ୍ଣ ହୋଇ ଉଠିଲା । —“ବେଶୀ ଗରମ ହୋଇ ବୃଥାରେ ଗଣ୍ଡଗୋଳ ବଢ଼ାଇବାକୁ ଚେଷ୍ଟା କରନ୍ତୁ ନାହିଁ । ଆପଣ ସାଧାରଣ ଲୋକଙ୍କ ଯେତ ସାଧକ—ଦେଶ ଓ ଜାତିର ବିଶ୍ୱାସ ଘାତକତା ଦୋଷେ ଦୋଷୀ । ଆମ୍ଭର କର୍ତ୍ତବ୍ୟ, ଦେଶର ଶାନ୍ତିରକ୍ଷା । ଅନ୍ୟାୟ ହେତୁ ଆପଣ ଶାସ୍ତି ଭୋଗିବାକୁ ବାଧ୍ୟ । ଆପଣଙ୍କୁ ଆଜି ଗିରଫ କରିବାକୁ ଉପର ସରକାରୀ ମହଲରୁ ଆଦେଶ ପତ୍ର ଆସିଛି । ଆଉ କଣ ଅଧିକ ଜାଣିବାକୁ ଚାହଁ ?”

କ୍ଷିପ୍ର ପଦକ୍ଷେପେ ରାଧାକାନ୍ତ ସେଠାରେ ଆସି ଉପସ୍ଥିତ ହେଲା । ରାଧାକାନ୍ତକୁ ଦେଖି ଥାନାର ବଡ଼ବାବୁ ନମସ୍କାର କଲେ । ରାଧାକାନ୍ତ ରାଜେନ୍ଦ୍ର ବାବୁଙ୍କୁ ନମସ୍କାର କରି ଥାନାର ବଡ଼ବାବୁଙ୍କୁ

ବିନୟ ସହକାରେ ପ୍ରତି ନମସ୍କାର ଜଣାଇ ହସି ହସି କହିଲ—"ଆପଣ ଅନ୍ୟ ଜଣକ ଘରକୁ ଆସି ଏଠାରେ ଗଣ୍ଡଗୋଳ ଭିଆଉ-ଛନ୍ତି କାହିଁକି ?"

ଥାନାର ବଡ଼ବାବୁ ସୁଧାକାନ୍ତ କଥାରେ ଉତ୍ତର ଦେଇ କହିଲେ—"ଉପାୟ ନାହିଁ ଯେ ଅଜ୍ଞା ! ଉପରୁ କଡ଼ା ହୁକୁମ ରହିଛି । ଆମେମାନେ ହାକିମଙ୍କ ହୁକୁମ ମାଣି କାର୍ଯ୍ୟ କରିବାରେ ଅଭ୍ୟସ୍ତ—ନ୍ୟାୟ ସଙ୍ଗତ ମଧ୍ୟ ।"

ସୁଧାକାନ୍ତ କହିଲ—"ଏ କଥା ଅପଣ କହିବା ଅଗରୁ ମୁଁ ଜାଣେ । ଏଇଠାରେ କେବଳ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ରହିଛି ବ୍ୟବଧାନ ବା ପାର୍ଥକ୍ୟ । ଆପଣମାନେ ଏଇ ଦେଶର ବାସିନ୍ଦା ; ବାହାର ଅନ୍ୟ କୌଣସି ଦେଶର ଲୋକ ନୁହଁନ୍ତି । ଆପଣଙ୍କୁ ମୁଁ କେବଳ ସ୍ବର୍ଗତ ମଞ୍ଜରୀ ଦେବୀଙ୍କ ପାଇଁ ଜାମିନ ଲେଖି ଦେଉଛି—କାରଣ, ଆମ ଭାରତରେ ସମସ୍ତ ଅନ୍ୟାୟ ଅତ୍ୟାଚାର ପୁରୁଷ ବରଦାସ୍ତ କରିପାରେ କିନ୍ତୁ ମାତୃ ସମାଜର ଅପମାନ ଲାଞ୍ଛନା ବା ଅବମାନନା କେବେ ସହ୍ୟ କରି ପାରିନାହିଁ ।"

ରାଜେନ୍ଦ୍ର ବାବୁ ଏପରି ଅସମ୍ଭବ ଧରଣର ବିଭ୍ରାଟରେ ବିଭ୍ରାନ୍ତ ଓ ଚିନ୍ତିତ ହୋଇ ପଡ଼ିଥିଲେ । ବହୁ ସମୟ ପର୍ଯ୍ୟନ୍ତ ଗମ୍ଭୀର ହୋଇ ନୀରବ ରହିବା ପରେ ଦୀର୍ଘ ନିଶ୍ବାସ ତ୍ୟାଗ କରି ପୁଲିସ ଅଫି-ସରଙ୍କୁ ସମ୍ବୋଧନ କରି କହିଲେ—"ଆପଣ ମାନେ ସାମାନ୍ୟ ଜଳଯୋଗ ସାରି ଯିବେ ।"

ସ୍ବର୍ଗତ ମଞ୍ଜରୀ ଦେବୀ ଇନ୍ଦ୍ରାଣୀ ଦେବୀଙ୍କ ସହିତ ଦେଖାକରି କଥାବାର୍ତ୍ତା କରି ଅସୁଛି କହି ଅସ୍ତେ ଅସ୍ତେ ଚାଲି ଅଗଣା ଅଡ଼େ ଗୁଲିଗଲେ ।

ଗ୍ରାମ ସେବକ ରାଜେନ୍ଦ୍ର ବାବୁଙ୍କ ଆଦେଶରେ ମୁହଁ ହାତ ଧୋଇବାକୁ ଭାଲ କରି ପାଣି ଆଣି ଯୋଗାଇ ଅଭ୍ୟାଗତ ଭଦ୍ର-ବ୍ୟକ୍ତି ମାନଙ୍କୁ ଜଳଯୋଗ ନିମନ୍ତେ ଭିତର ମହଲକୁ ଡାକିନିଏ ।

# ( ଆଠ )

ସେଦିନ ଥାଏ ଆଷାଢ଼ କୃଷ୍ଣପକ୍ଷ ରାତି । ମେଘ ମହ୍ଲାର ଗର୍ଜ୍ଜନରେ ପୃଥିବୀ ଥରହର ହୋଇ କଂପୁଥାଏ । ଦିନ ସାରା ବର୍ଷାର ବିରାମ ନାହିଁ । ଆକାଶରେ ମେଘର ଗର୍ଜ୍ଜନ—ନିମ୍ନରେ ବେଙ୍ଗ ବେଙ୍ଗୁଲି ମାନଙ୍କର ଆନନ୍ଦ କୋଳାହଳ ଧ୍ୱନି ଯେପରି ବର୍ଷାର ଦିଗ୍‌ବିଜୟୀ ବାଣୀକୁ ଘୋଷଣା କରୁଥିଲେ । ନିଦାଘର ଶୁଷ୍କ ପୁଷ୍କରିଣୀ ଓ ନଈ ନାଳାଦି ଆଜି ଜଳରେ ପରିପୂର୍ଣ୍ଣ ହୋଇ ନବ ଯୌବନ ଶୋଭା ଧାରଣ କରିଛି ।

ମନେ ହୁଏ ଆଜି ବଡ଼ ଦୁର୍ଯୋଗର ଦିନ ।

ଇନ୍ଦ୍ରାଣୀ ଦେବୀଙ୍କ ଦେହ ଓ ମନ ଦାରୁଣ ଚିନ୍ତା ଅମା ଅନ୍ଧକାରରେ ଆଛନ୍ନ । ରାଜେନ୍ଦ୍ର ବାବୁ ବହୁ ଦିନ ହେଲା ଦେହ ଅସୁସ୍ଥ ହୋଇ ପଡ଼ି ରହିଥିଲେ । ରୋଗ ଦିନକୁ ଦିନ ଭୀଷଣ ଉପ-ଦ୍ରବ ସୃଷ୍ଟି କରୁଛି । ଶଯ୍ୟାଶାୟୀ ସ୍ୱାମୀଙ୍କ ଗୋଡ଼ ତଳକୁ ବସି ଇନ୍ଦ୍ରାଣୀ ଦେବୀ ତଳପାରେ ହାତ ବୁଲାଇ ଆଉଁସି ଦେଉଥାଆନ୍ତି ।

ରାଜେନ୍ଦ୍ର ବାବୁ ଅତି ଅସହ୍ୟ ରୋଗର ଜ୍ୱାଳା ଅନୁଭବ କରି କହିଲେ—"ଇନ୍ଦୁ ! ମୋର ଦୁନିଆରୁ ବିଦାୟ ନେବାକୁ ଆଉ ବେଶୀ ଦିନ ଡେରିନାହିଁ ।

ସ୍ୱାମୀଙ୍କ ମୁହଁରୁ ଏପରି ଦୁର୍ଭାବନା କଥା ଶୁଣି ଇନ୍ଦ୍ରାଣୀ ଦେବୀ ମୁହଁ ବିବର୍ଣ୍ଣ କରି କହିଲେ—"କଣ ଯେ ସବୁ କୁହ ତମେ । ଜର ରୋଗ ତ ଜଗତରେ ଆଉ କାହାକୁ ହେଉନାହିଁ ନୂଆହୋଇ ଆଜି ତମକୁ ହେଲା ।"

ମୁହଁର ଭାବ ଅତ୍ୟନ୍ତ କରୁଣ କରି ରାଜେନ୍ଦ୍ର ବାବୁ କହିଲେ —"ବୟସ ତ ଅନେକ ହେଲାଣି—ଦିନକୁ ଦିନ ଦେହର ଶକ୍ତି କମି ଆସୁଛି ।"

ସ୍ୱାମୀଙ୍କ ଛାତି ଉପରକୁ ନଇଁପଡ଼ି ଇନ୍ଦ୍ରାଣୀ ଦେବୀ ବ୍ୟାକୁଳ କଣ୍ଠେ ପଚାରିଲେ, "ଏତେ ରାତିଯାଏଁ ତମକୁ ନିଦ ହୋଇନାହିଁ ?

ରୁଗ୍ଣ ଦୁର୍ବଳ ହସ ହସି ଇନ୍ଦ୍ରାଣୀ ଦେବୀଙ୍କୁ ଛାତି ଉପରକୁ ଟାଣି ଧରି ରାଜେନ୍ଦ୍ର ବାବୁ ଅର୍ଦ୍ଧ କ୍ଷୀଣ ସ୍ୱରରେ କହିଲେ—"ବାର-ଅଡ଼ୁ ବାରକଥା ମନେ ପଡ଼ି କେତେ କଣ ଅତୀତ, ଭବିଷ୍ୟତ କଥା ଭାବୁ ଭାବୁ ବହୁ ସମୟ ପରେ ମୋତେ ଛାଇନିଦ ଲାଗି ଆସି-ଥିଲା, ମେଘର ଭୀଷଣ ଗର୍ଜ୍ଜନରେ ଭାଙ୍ଗିଗଲା ଇନ୍ଦୁ !

ସ୍ୱାମୀଙ୍କୁ ଦିନକୁ ଦିନ ଦୁର୍ବଳ ହୋଇ ଯାଉଥିବା ଦେଖି ବିପଦ ସନ୍ଦେହରେ ତାଙ୍କ ସାରା ଦେହ ବାରମ୍ବାର ଶିହରି ଉଠୁ-ଥାଏ । ଯଥାସାଧ୍ୟ ମନର ବ୍ୟଥା ମନରେ ଘୋଡ଼ାଇ ରଖି ଇନ୍ଦ୍ରାଣୀ ଦେବୀ କହିଲେ—"ରାତି ଦିନ କଣ ସବୁ ଏତେ ଭାବ ?"

ରକ୍ତହୀନ ଶୁଷ୍କ ଅଧରରେ ହସର ସ୍ୱଳ୍ପ ରେଖାପାତ କରି ରାଜେନ୍ଦ୍ର ବାବୁ କହିଲେ—"ମୁଁ କଣ ଭାବୁଛି ମୋତେ ତମେ ପଚାରୁଛ ? ······ମୋ ମନ ଭିତରେ କେତେ ବ୍ୟଥା, କେତେ

ଭୟ, କେତେ ଭାବନା, ସନ୍ଦେହ ରହୁଛି ତା' ତମେ କଳ୍ପିତ ବା ବୁଝିବ ଇନ୍ଦ୍ର !"

ଅତି ବ୍ୟଗ୍ର ଆଶ୍ୱାସନା ଦେଇ ଇନ୍ଦ୍ରାଣୀ ଦେବୀ କହିଲେ—"କ'ଣ ପାଇଁ ତମେ ଭାବୁଛ କୁହ ତ ? ଲୁଣ ଖାଏ ହାଣ୍ଡି ଚିନ୍ତା ଖାଏ ଗଣ୍ଡି ; ତମେ ଏଣୁ ତେଣୁ ଭାବିକି ସବୁ ଚିନ୍ତାକର ଦେହରୁ ରୋଗ ଛାଡୁନାହିଁ ବରଂ ଅଧିକ ମାତ୍ରାରେ ବଢୁଛି ।"

ବ୍ୟାକୁଳିତ ଦୃଷ୍ଟିରେ ସ୍ତ୍ରୀର ମୁହଁକୁ ଚାହିଁ ସୁରେନ୍ଦ୍ର ବାବୁ କହିଲେ—"ମୁଁ ଭଲ ହୋଇ ଉଠିବି ତମେ ଆଶାକର, ତମ ମନରେ ଏ ଆଶା ଥାଇପାରେ କିନ୍ତୁ ମୋ ମନରେ ସେ ଆଶା ଆଉ ନାହିଁ। ଆଜକୁ ତ କହୁଁ କହୁଁ ଛଅମାସରୁ ଊର୍ଦ୍ଧ୍ୱ ହୋଇଗଲା କେତେ ବୈଦ୍ୟ, କେତେ ଡାକ୍ତର ଯେ ଲାଗିଲେ··· । ମୋତେ ନିରୋଗ ସୁସ୍ଥ କରିବାକୁ ତମେ କେତେ କଣ ଯେ ନ କରୁଛ—ଛଅମାସ ହେଲା ଅମ୍ଳାନ ବଦନରେ ରାତି ଦିନ ଧରି ଅକ୍ଳାନ୍ତ ପରିଶ୍ରମ କରି ସେବା ସୁଶ୍ରୁଷା କରି ଦାହଗଞ୍ଜି ହୋଇ ମରୁଛ । ଡାକ୍ତର ଦିନେ ଗୋଟାଏ ନର୍ସକୁ ଏଠାରେ ମୋର ସେବା କରି-ବାକୁ ଦେବେ ବୋଲି କହିଥିଲେ, ତମେ ତାଙ୍କ ମୁହଁ ଉପରେ ସେଦିନ କହି ଦେଇଥିଲ ନା 'ମୁଁ ତାଙ୍କର ସ୍ତ୍ରୀ ! ତାଙ୍କ ସେବା ମୋ ନିଜ ହାତରେ ନକରି ବଞ୍ଚିଥିବା ଯାଏ ମୁଁ ଅପର ଜଣେ ନାରୀକୁ ମୋ ସ୍ୱାମୀଙ୍କ ଦେହ ଛୁଇଁବାକୁ ଦେବିନାହିଁ ।' ତମର ଏଇ ସେବା, ଯତ୍ନରେ ମୁଁ ନିଜକୁ ନିଜେ ଲଜ୍ଜିତ ହେଉଛି । ମୁଁ ତମର ସ୍ୱାମୀ ହୋଇ ସ୍ୱାମୀ ଭଳି ଉପଯୁକ୍ତ ଆଚାର ବ୍ୟବହାର ତମ ପ୍ରତି କେବେ ହେଲେ କରିନାହିଁ । ତମେ ମୋଠାରୁ ପାଇଛ ଅନାଦର, ଲାଞ୍ଛନା—ଶାସ୍ତି । ଅତୀତ ହୋଇ ଯାଇଥିବା ସେ ସବୁ କଥା ରୋଗ ଶଯ୍ୟାରେ ଶୋଇ ମୋର ଆଜି ମନେ ପଡୁଛି । ତମର ପ୍ରେମଭରା

ସେବା ମୁଁ ସାଦରେ ଗ୍ରହଣ କରି ପାରୁନାହିଁ । ତମକୁ ରାଗ ଦ୍ୱେଷର ବଶେ ଶାସ୍ତିଦେଇ ପ୍ରହାର କରିଥିବା ଚିହ୍ନ ଏ ପର୍ଯ୍ୟନ୍ତ ତମ ଦେହରୁ ମିଳାଇ ନଥିବ ।"

—"ସେହି ଅତ୍ୟାଗ୍ରହୀ ସ୍ୱାମୀ ସେବାରେ ନିଜକୁ ନିୟୋଜିତ କରିଛ ଇନ୍ଦୁ ?"

ରାଜେନ୍ଦ୍ର ବାବୁଙ୍କ ଦୁଇ ଆଖିରୁ ଦୁଇଧାର ଅଶ୍ରୁ ଦୁଇପାର୍ଶ୍ୱ ଗଣ୍ଡ ଉପରଦେଇ ଗଡ଼ି ପଡ଼ିଲା । ସେ ଆଉ କୌଣସି କଥା କହି ପାରିଲେ ନାହିଁ । ନିର୍ବାକ ହୋଇ ଚୁହିଁ ରହି ଥାଆନ୍ତି ।

ଇନ୍ଦ୍ରାଣୀ ଦେବୀ ସ୍ୱାମୀଙ୍କ ଆଖିରେ ଲୁହ ଦେଖି ଅଥୟ ହୋଇ ଉଠିଲେ । ନିଜ ପିନ୍ଧା ପଣତ କାନିରେ ଲୁହ ପୋଛି ଦେଇ କହିଲେ—"କିଏ ତମକୁ କହିଲା ତମେ ମୋ ଉପରେ ଅତ୍ୟାଗ୍ରହ କରିଛ ବୋଲି । ତମରି ଭାବନାରେ ମୁଁ ଦିନରାତି ମରୁଛି ।"

ହତାଶ କଣ୍ଠେ ରାଜେନ୍ଦ୍ର ବାବୁ କହିଲେ—"ମୋର ଆଉ ବଞ୍ଚିବାର ଆଶା ନାହିଁ, ବୃଥାରେ ମୋତେ ବଞ୍ଚାଇବାକୁ ଚେଷ୍ଟା କରୁଛ ମିନା । ନିଜର ପରମାୟୁ ମୁଁ ନିଜ ହାତରେ ନିଃସ୍ୱ କରି ଦେଇଛି ।"

ଇନ୍ଦ୍ରାଣୀ ଦେବୀ ବ୍ୟାକୁଳ ହୋଇ ସ୍ୱାମୀଙ୍କ ପାଦ ଉପରେ ମୁଣ୍ଡ ରଖି କହିଲେ—"ମୋରାଣ ମୋମୁଣ୍ଡ ଖାଅଛି ! ମୁଁ ତମ ଗୋଡ଼ତଳେ ପଡୁଛି । ଥାଉ ଆଉ ସେ ସବୁ ବାଜେ କଥା ମୁହଁରେ ଧରନି ।

—"ମୋତେ କହିବାକୁ ଦିଅ" କହି, ଗୋଡ଼ ଘୁଞ୍ଚାଇ ନେଇ ରାଜେନ୍ଦ୍ର ବାବୁ କହିଲେ—"ଗୋଟିଏ ବୋଲି ଝିଅ, ତାକୁ ଯୋଗ୍ୟ ପାତ୍ରରେ ଅର୍ପିଦେଇ ଯାଇ ପାରିଲି ନାହିଁ । ଶେଷ ବେଳକୁ ଏଇ

କଥା ଲାଗି ଜୀବନରେ ଦୁଃଖ ରହିଗଲା । ନିଜର ଶପଥ କେବେବ ମନରୁ ଭୁଲିବ ନାହିଁ । ରାଧାକାନ୍ତ ସହିତ ମଇଳୀକୁ ବିବାହ ଦେବ ଏଇ ମୋର ଶେଷ ଅନୁରୋଧ ମନେ ରଖିବ ଇନ୍ଦୁ ! ଏ ବିଷୟ ବର୍ତ୍ତମାନ ଅନ୍ୟ କାହାକୁ ଜାଣିବାକୁ ଦେବନାହିଁ । ଏ ପ୍ରସ୍ତାବ ମୋର ଆବେଦନ ନୁହେଁ ; ଏହା ତୁମ ସ୍ୱାମୀର ଆଦେଶ ବୋଲି ଜାଣିବ ।"

ଇନ୍ଦ୍ରାଣୀ ଦେବୀ ଅଶ୍ରୁ ଛଳଛଳ ଆଖିରେ ସ୍ୱାମୀଙ୍କ ପ୍ରତି ବ୍ୟାକୁଳପୂର୍ଣ୍ଣ ଦୃଷ୍ଟି ରଖି କହିଲେ—"ତାଙ୍କ ମାଆ ଯଦି ଆଗକଥା ଭୁଲି ଏଥିରେ ରାଜି ନ ହୁଅନ୍ତି ? ଏସବୁ କଥାରେ ମୁଁ କିପରି କଥା ଦେଇପାରେ ? ତାପରେ ଜାତି କୁଟୁମ୍ବ ମାନଙ୍କ ମତ ତ ଦରକାର ପଡ଼ିବ ।

ରାଜେନ୍ଦ୍ର ବାବୁଙ୍କ ଶୀର୍ଣ୍ଣ ମୁଖ ଗମ୍ଭୀର ହୋଇ ଉଠିଲା । କିଛି ସମୟ ନିର୍ବାକ ଭାବେ ଅନାଇ ରହିବା ପରେ କହିଲେ—"ତମକୁ ମୁଁ ଗୋଟିଏ କଥା ପଚାରୁଛି—ସ୍ତ୍ରୀ ନିକଟରେ ସମାଜ, ଜାତିର ନିର୍ଦ୍ଦେଶ ବଡ଼ ନା ସ୍ୱାମୀର ଆଦେଶ ବଡ଼ ? ତମେ ମତେ ଏଇ କଥାର ଉତ୍ତର ଦିଅ ।"

ଇନ୍ଦ୍ରାଣୀ ଦେବୀ ବାଧକା ସ୍ୱାମୀଙ୍କ ଚିନ୍ତାରେ ଦୁଃଖ ଅନୁତାପରେ ଦଗ୍‌ଧ ହୋଇ ଅଧୀର ହୋଇ ପଡିଥିଲେ, ଶୋକ ବିହ୍ୱଳ କଣ୍ଠେ କହିଲେ—"ସ୍ତ୍ରୀ ନିକଟରେ ଜାତି, ସମାଜ, ଧର୍ମ, ଦେବତା, ପୂଜା ପାର୍ବଣ, ତପ ତୀର୍ଥାଦି ସମସ୍ତଙ୍କ ଠାରୁ ସ୍ୱାମୀର ସ୍ଥାନ ଅଧିକ ଉଚ୍ଚରେ । ତଥାପି ବର୍ତ୍ତମାନ ସମାଜର ଦୁର୍ନୀତି କଥା ଭାବି ତାଙ୍କ ମନ ଭିତରଟା ହା-ହାକାର କରି ଉଠିଲା—ବାକ୍‌ଶକ୍ତି କ୍ଷୀଣ ହୋଇ ଆସିଲା । ..."ରାତି ଅନେକ ବେଶୀ ହୋଇ ଗଲାଣି ଏବେ ଶୋଇ ପଡ଼ ।"

ରାଜେନ୍ଦ୍ର ବାବୁଙ୍କ ଆଖି ଆଗରେ ଚଳଚିତ୍ର ପରି ଅତୀତ ଘଟଣାଟିମାନ ନାଚି ଉଠିଲା । ସେ କଟକରେ ପଢୁଥିବା ବେଳେ ଅତି ଗରିବ ହରେକୃଷ୍ଣ ଦାସଙ୍କ କନ୍ୟା ଇନ୍ଦ୍ରାଣୀକୁ ବିବାହ କରି-ବିବାହିତା ପତ୍ନୀକୁ ସଙ୍ଗରେ ନେଇ ଘରକୁ ଯାଇଥିଲେ । ସମାଜ ଆତ୍ମୀୟ ସ୍ୱଜନ ମାନଙ୍କ କୁପରାମର୍ଶ ପାଇ ବାପ ମା' ଘରକୁ ପ୍ରବେଶ କରିବା ତ ଦୂରର କଥା, ଗାଁ ଭିତରେ ପ୍ରବେଶ କରିବାକୁ ଦେଇ ନଥିଲେ । ..."ଚରିତ୍ରହୀନ, କୁଳାଙ୍ଗାର ପୁଅଟାକୁ ଘରେ ସ୍ଥାନ ଦେଇ, ସମାଜ ଚ୍ୟୁତ ହୋଇ ଗାଁ'ରେ ବସୁବାସ କରି ରହି ପାରିବେ ନାହିଁ" କହି, ବାପ ହୋଇ ପୁଅକୁ ଘରକୁ ଆସିବା ମନା କରି ଦେଇଥିଲେ । ଏପରି ଭାବେ ଲାଞ୍ଛିତ ହୋଇ ଦାରୁଣ କ୍ରୋଧେ ରାଜେନ୍ଦ୍ର ବାବୁ ଗାଁ'ର ମୁଖିଆ ମାମଲତକାର ଈଶ୍ୱର ପଟ୍ଟନାୟକଙ୍କୁ ପଚାରିଥିଲେ—"ଘରେ ବା ସମାଜରେ କଣ ମୋର ସ୍ଥାନ ହୋଇ ପାରିବ ନାହିଁ ?" ନ୍ୟାୟବିଜ୍ଞ ପଟ୍ଟନାୟକ ମହାଶୟ ତତଲା ଲୁହାକୁ ଦେହରେ ଚିଆଁ ଦେଲା ପରି ଏତିକିଟି ପ୍ରଶ୍ନର ଜବାବ ଦେଇଥିଲେ—"ଅଜ୍ଞାତ ଅକୁଳଶୀଳ କନ୍ୟାର ପାଣିଗ୍ରହଣ କରି-ଥିବା ହେତୁ ଜାତି, ଜ୍ଞାତି, ଗୋତ୍ର, ସମାଜରେ ତମର ସ୍ଥାନ ହୋଇ ପାରିବ ନାହିଁ । ତୁମ ବୋହୂକୁ ଯଦି ତୁମେ ତ୍ୟାଗକରି ପାର ତାହେଲେ ତୁମେ ତୁମ ଘରେ ତଥା ସମାଜରେ ସ୍ଥାନ ପାଇ ପାରିବ ।"

ଏଇମାନେ ଆମ ସମାଜର ଶତ୍ରୁ—ଏଇମାନଙ୍କ କୁଚକ୍ରାନ୍ତେ ଆମ ହିନ୍ଦୁ ସମାଜ ଦିନକୁ ଦିନ ଦୁର୍ବଳ ହୋଇ ପଡ଼ୁଛି । ଆମର ଭାଇ ଭଉଣୀମାନେ ସମାଜଚ୍ୟୁତ ହେବା ପରେ ବିଧର୍ମ ଗ୍ରହଣକରି ଅନ୍ୟ ସମାଜ ସଙ୍ଗେ ମିଶିବାକୁ ବାଧ୍ୟ ହେଉଛନ୍ତି ।

ବାପ ମାଆ, ଆତ୍ମୀୟ ସ୍ୱଜନଙ୍କ କଥାରେ ସ୍ତ୍ରୀକୁ ପରିତ୍ୟାଗ କରିବାକୁ ରାଜି ନହୋଇ ସେ ଗାଁ'ରୁ ଫେରିଆସିଲେ । କିଛିଦିନ ପରେ ବହୁ ଚେଷ୍ଟାକରି ସରକାରୀ ଚାକିରି ନେଲେ । ପ୍ରାଣ ପଣେ ଅକ୍ଳାନ୍ତ ପରିଶ୍ରମ କରି ନିଜର ପ୍ରତିଭା ବଳରେ ଆଜି ଜଣେ ବିଶିଷ୍ଟ ବ୍ୟକ୍ତି ବୋଲି ଲୋକ ସମାଜରେ ପରିଚିତ ହୋଇ ପାରିଛନ୍ତି ।

ସ୍ୱାମୀଙ୍କ ଶଯ୍ୟାପାର୍ଶ୍ୱେ ବଜ୍ରାହତ ବ୍ୟକ୍ତିଙ୍କ ଭଳି ନିଶ୍ଚଳ ଭାବରେ ବସି ଇନ୍ଦ୍ରାଣୀ ଦେବୀ ପଣତ କାନିରେ ଆଖିର ଲୁହ ପୋଛୁଛନ୍ତି—କେତେ କ'ଣ ଦୁର୍ଭାବନା ମନରେ ଭାବି ଭାବି ସ୍ୱାମୀଙ୍କ ଦେହରେ ହାତ ବୁଲାଇ ଦେଉଥାଆନ୍ତି । ରାଜେନ୍ଦ୍ର ବାବୁଙ୍କ ଗୋଡ଼ତଳେ ପଡ଼ିରହି ମଇନୀ ଅକୁଳେ କାନ୍ଦି କାନ୍ଦି ଡାକୁଛି—"ବାପା ମ—ବାପା !"

ମୂର୍ଚ୍ଛାତୁର ଅବଶର୍ଣ୍ଣ ଶରୀରରେ ସୁଦୀର୍ଘ କ୍ଳାନ୍ତଭରା-ଶ୍ୱାସ ତ୍ୟାଗକରି ଇନ୍ଦ୍ରାଣୀ ଦେବୀ କହିଲେ—"ମତେ କ'ଣ ମହାପାପର ପାତକୀ କରି ପ୍ରାୟଶ୍ଚିତ୍ତ କରିବାକୁ ଛାଡ଼ିଯିବ ତମେ ?"

ରାଜେନ୍ଦ୍ର ବାବୁ ଘନ ଘନ ନିଶ୍ୱାସ ତ୍ୟାଗ କରୁଥାଆନ୍ତି । ତୁଣ୍ଡ ଖମାମାତ୍ର ଆସିଥାଏ । କ୍ଷୀଣସ୍ୱରେ କହିଲେ—"ମୁଁ ଜୀବନରେ କୌଣସି ପାପ କରିନାହିଁ ଯେ ତମେ ପ୍ରାୟଶ୍ଚିତ୍ତ କରିବ । ଆଜି ମୁଁ ମୋର ଅନ୍ତିମ କାଳେ ଅନ୍ତରର କଥା କହି ଯାଉଛି ଶୁଣ ଇନ୍ଦୁ ! ତମ ଭଳି ସ୍ତ୍ରୀକୁ ଛାଡି ଚାଲିଯିବ ଏତିକି କଥାରେ ମୋ ମନ ଦୁଃଖ ରହିଗଲା । ପିପାସାରେ ମୋର କଣ୍ଠ ଶୁଖି ଯାଉଛି—ମୁହଁରେ ଟୋପାଏ ପାଣି ଦିଅ ।

ଇନ୍ଦ୍ରାଣୀ ଦେବୀ ମୃତ୍ୟୁ ଯାତନା ପାଉଥିବା ଶୁଷ୍କ ମୁହଁ ଜିହ୍ୱା ଉପରେ ଚାମଚେକରେ ପାଣି ଦେଇ ବିହ୍ୱଳ କଣ୍ଠେ କାନ୍ଦି କାନ୍ଦି କହିଲେ—"ମୋର କେତେ ଆଶା ଭରସା ଥିଲା, ଆଜି ସବୁଥିରୁ

ନାଗଣ ହେଲ । ଦଇବର ଏଇ ନିଦାରୁଣ ଆଘାତ ମୁଁ ବଞ୍ଚିରହି ଦେଖୁଛି—ଦେଖିବ ।”

ରାଜେନ୍ଦ୍ର ବାବୁଙ୍କ ସ୍ନାୟୁତନ୍ତ୍ରୀ ବେଳକୁ ବେଳ ଦୁର୍ବଳ ହୋଇ ଆସୁଛି । ତୈଳହୀନ ପ୍ରଦୀପ ଯେପରି ଦପ୍‌କରି ପ୍ରଖର ହୋଇ ଜଳିଉଠି ଲିଭିଯାଏ, ରାଜେନ୍ଦ୍ର ବାବୁ ଠିକ୍ ସେହିପରି ଭାବେ ପଲକକ ଲାଗି ସଜାଗ ସଚେତନ ହୋଇ ଉଠି ଡାକିଲେ— —“ମଇନୀ ! ମଇନୀ ! !”

ଚକିତେ ଅଶ୍ରୁପୂର୍ଣ୍ଣ ମୁହଁ ଉଠାଇ ମଇନୀ ତାର ବାପାଙ୍କ ପ୍ରତି ଚାହିଁ କହିଲା—“କଣ କହୁଛ ବାପା !”

ମଇନୀ ପ୍ରତି ପଲକହୀନ ଦୃଷ୍ଟିରେ ଯେପରି ଚାହିଁ-ଥିଲେ ଠିକ୍ ସେହିପରି ଭାବରେ ଚାହିଁ ରହି ରାଜେନ୍ଦ୍ର ବାବୁ ଇହ-ଧାମ ତ୍ୟାଗକରି ଅନନ୍ତ ପଥରେ ଯାତ୍ରାକଲେ ।

ସେତେବେଳେ ଇନ୍ଦ୍ରାଣୀ ଦେବୀ ସ୍ୱାମୀଙ୍କର ଏପରି ଅକ-ସ୍ମାତ ମୃତ୍ୟୁରେ ପାଗଳୀ ହୋଇ ଉଠିଲେ । ସ୍ୱାମୀଙ୍କ ଦୁଇ ପାଦ ମଧ୍ୟେ ମୁହଁ ଲୁଚାଇ ଚିତ୍କାର କରୁ ଥାଆନ୍ତି ।...“ତମ ମନରେ କଣ ଏଇଆ ଥିଲା” କହି, ବାହୁନି ବାହୁନି କାନ୍ଦୁ ଥାଆନ୍ତି ।

‘ଆମକୁ କାହା ପାଖରେ ଛାଡିଦେଇ ବାପା କୁଆଡ଼େ ଗଲ ?’ କହି, ମଇନୀ ଗୁଣି ବାହୁନି ବାହୁନି ଅଧୈର୍ଯ୍ୟ ହୋଇ କାନ୍ଦୁଥାଏ ।

ରାଜେନ୍ଦ୍ର ବାବୁଙ୍କ ମୃତ୍ୟୁ ଖବର ପାଇବା ମାତ୍ରେ ରାଧାକାନ୍ତ ତାର କେତେକ ସହକର୍ମୀ ଓ ଛାତ୍ର ମାନଙ୍କୁ ସଙ୍ଗରେ ଆଣି ଶବ ସଂସ୍କାର କରିବାକୁ ଶ୍ମଶାନକୁ ନେବାର ବ୍ୟବସ୍ଥା କଲା ।

ପତିବ୍ରତା ନାରୀ ଇନ୍ଦ୍ରାଣୀ ଦେବୀଙ୍କ ଦୁଇ ଆଖିରୁ ଝରଝର ହୋଇ ଅଶ୍ରୁ ପ୍ଲାବନ ବହି ଯାଉଥାଏ— ।

# ( ନଅ )

ଦଶକ୍ରିୟା ଶେଷ ହେବାର ସାତଦିନ ପରେ ବିମର୍ଶ ଭାବେ ଇନ୍ଦ୍ରାଣୀ ଦେବୀ ଭବିଷ୍ୟତ ଚିନ୍ତାରେ ଅସ୍ଥିର ହୋଇ ପଡ଼ିଲେଣି । ଅଭିଭାବକ ହୀନା ଯୁବତୀ ଝିଅକୁ ପାଖରେ ରଖି କିପରି ଏ କଠିଣ ସହରରେ ତାଙ୍କର ସଂସାର ଚଳାଇବେ ? ଥରେ ଶ୍ୱଶୁର ପାଖକୁ ଟେଲିଗ୍ରାମ କରିଥିଲା ତାର ଉତ୍ତର କଣି ସିଏ ଦେଉଛନ୍ତି—ସେ କଣ ସତେ ଆସିବେ ? ···ମୋର କାହିଁକି ମନେ ହେଉଛି ସେ କେବେ ଆସିବେ ନାହିଁ । ମୁଁ ଅଜାତି ଘରର ଝିଅ ! ସତେ ବାହା-ହୋଇଥିଲେ ବୋଲି ନିଜ ପୁଅକୁ ଘର ଦୁଆର ମୁହଁ ଉଠିବାକୁ ଦେଇ ନାହାନ୍ତି । ସେ ସମୟ ମୋର ମରଣ ହୋଇଥିଲେ ମୁଁ ଜଞ୍ଜାଳରୁ ମୁକ୍ତି ପାଇ ଥାଆନ୍ତି—ସେ ତାଙ୍କ ଝିଅକୁ ନେଇ ସୁଖରେ ଥାଆନ୍ତେ । ପୋଡ଼ାମୁହାଁ ଯମ ତାଙ୍କୁ ନେଇ ମତେ ହୀନସ୍ତା ହେବାକୁ ଛାଡ଼ିଗଲା ।

ଏ ଯୁଗରେ କେହି କାହାର ସୁଖଶାନ୍ତି ଦେଖି ପାରୁନାହିଁ । ଏ ଅସମୟରେ କିଏ କାହିଁକି ଆସି ମୋ ପାଖରେ ଠିଆହେବ । ଭାଇ, ବାପ, ମାଆଙ୍କୁ ତ ଖାଇ ବସିଛି—ଦୁଃଖ ବେଳରେ ଜ୍ଞାତି, କୁଟୁମ୍ବ କାହାର ଗରଜ ପଡ଼ିଛି କିଏ କାହିଁକି ଆସିବ ?

ମୁଁ କୁଳୀନ ବ୍ରାହ୍ମଣ ବଂଶରେ ଜନ୍ମ ଥିଲି । ଆମର ପୂର୍ବ ପୁରୁଷ ମାନେ ପୁରୀ ଜିଲ୍ଲା ମାଣ୍ଡିଆ ଗ୍ରାମର ବାସିନ୍ଦା ; ସେହି ଆମର ଜନ୍ମସ୍ଥାନ ।

ମନ୍ଦବେଳ ପଡିଲେ ମନୁଷ୍ୟର ବୁଦ୍ଧିଶୁଦ୍ଧି ଚଉଁଅଡ଼େ ଉଡ଼ିଯାଏ । ବାପା ଗାଁ' ଛକ ନିକଟରେ ଆସି ଗୋଟାଏ ଚାଉଳ ଡାଲି ଦୋକାନ କଲେ । ଦୋକାନରୁ ଯିଏ ଯାହା ଧାର ଉଧାର ନେଲେ ସେମାନେ ଦେବାର ନାଁ ଧରିଲେନି । ଶେଷକୁ ସର୍ବସ୍ୱାନ୍ତ ହୋଇ ମହାଜନ ଦେଣା ପରିଶୋଧ କରିବାକୁ ବାପା ପିତୃ ଅର୍ଜିତ ସମ୍ପତ୍ତିକ ବିକିଦେଲେ । ବହୁ ଚେଷ୍ଟାକର କ୍ୟାପିଟାଲ ସିନେମାରେ ଖଣ୍ଡେ ଚାକିରି ପାଇଲେ । ବାପା ଯାହା ମାସିକ ଦରମା ପାଆନ୍ତି ଅତି ଅଳ୍ପ । ଘରେ ଛଅପ୍ରାଣୀ କୁଟୁମ୍ବ ଚଳାଇବା କଷ୍ଟକର । ଦିନେ ଦିନେ ମଧ୍ୟ ସପରିବାରଙ୍କୁ ଉପବାସ ରହିବାକୁ ପଡ଼େ ।

ଏପରି ଭାବେ ଶୈଶବ ଓ କୈଶୋର ଅତିକ୍ରମ କରି ଯୌବନ-ଶ୍ରୀ ମୋ ଦେହରେ ପ୍ରକାଶିତ ହେଲା । ପଡ଼ା ପଡ଼ୋଶୀ କେତେକ ଅଶିକ୍ଷିତ ଭଦ୍ରବଂଶର ଅବିବାହିତ ଯୁବକ ଆବେଗପୂର୍ଣ୍ଣ ଦୃଷ୍ଟିରେ ମୋତେ ଚାହୁଁ ଥାଆନ୍ତି । ବିଭାଘର ପ୍ରସ୍ତାବ ଦେବାକୁ କାହାର ସାହସ ନ ଥାଏ ।

ମୋର ବିବାହ କରିବାର ବୟସ ପ୍ରାୟ ଅତିକ୍ରମ କରି ଯାଇଥିଲା । ଗରିବଘର ଝିଅ ବାହା ଦେବାକୁ ବଡ଼ ଧନ୍ଦ ହୋଇ ମରିବାକୁ ହୁଏ । ଗହଣାଗଣ୍ଠି, ଯୌତୁକ, ରସ୍ତା ଖରଚ ନ ଦେଇ ପାରିଲେ ବୟଃପ୍ରାପ୍ତ ଝିଅର ବୟସ ବଢି ବୁଢ଼ୀ ହୋଇଥିବାର ଦେଖାଯାଏ । ଏପରି ହୀନପ୍ରଥା ଆମ ସମାଜରେ ପ୍ରଚଳିତ ରହିଛି ।

ମୋର ବିବାହ ନ ଦେବା ପର୍ଯ୍ୟନ୍ତ ବାପାଙ୍କ ମନରେ ଶାନ୍ତି ନ ଥିଲା । ମୋର ସ୍ୱାମୀ ମହତ ଆଦର୍ଶବାଦୀ ମହାପ୍ରାଣ ଦେବତା ଦ୍ୱିକୁଳ ଖର୍ଚ୍ଚ ବହନ କରି ମତେ ବିବାହ କରିଥିଲେ ।

ଇନ୍ଦ୍ରାଣୀ ଦେବୀ ସ୍ୱାମୀଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ସହକାରେ ଭୂଇଁରେ ମୁଣ୍ଡଲଗାଇ ଓଲଗି ହୋଇ କହିଲେ—"ସ୍ୱାମୀ, ଦେବତା, ମତେ ଚିନ୍ତା ନରକ ଯନ୍ତ୍ରଣାରେ ପକାଇ ପରଲୋକ-ଗତ ହେଲ, ଏ ଅଭାଗୀର ମନ ଦୁଃଖ କିଏ ବୁଝିବ ? ?" × ×

ଦାଣ୍ଡଘର ଆଡ଼ୁ ଫେରି ଆସି ମଇନା ବ୍ୟଗ୍ରକଣ୍ଠେ କହିଲା—"ଜେଜେବାପା ଦାଣ୍ଡ ଦୁଆରେ ଠିଆ ହୋଇଛନ୍ତି ଘରକୁ ଡାକି ଆଣିବି ବୋଉ ?"

ଏଇ କର୍କଶ ଭାଷୀ ବୃଦ୍ଧ ଦିନେ ଘର ଦୁଆର ମୁହଁକୁ ପୁଅ ବହୂଙ୍କୁ ଉଠିବାକୁ ଦେଇ ନ ଥିଲେ । ଜାତି ଗୋତ୍ରହୀନ, ପରିଚୟ ହୀନ ଘରର ଝିଅକୁ ବୋହୂ କରି ଘରକୁ ନେଲେ ସମାଜରେ ବାସନ୍ଦ ହୋଇ ରହିବେ । ଆଜି ମୁଁ ଆଶ୍ରୟହୀନା—ଅନାଥିନୀ—ବିଧବା—ଆମର ଏଇ ଅସମୟରେ ସେ ତ କେବଳ ଆମର ଆଶା ଭରସା ।

ଅବୋଧ ମନୁଷ୍ୟ ! ଆଶା ଗଛ ମୂଳରେ ଲୋଭ ହାର ବିଛାଇ ଦମ୍ଭର ପାଣି ଢାଳି ସଂସାରରେ ଜୀବନର ଅଭିଯାନ ତାର ଚଳାଇଥାଏ ।

ବ୍ୟଥାଭରା ନିଶ୍ୱାସ ତ୍ୟାଗକରି ଇନ୍ଦ୍ରାଣୀ ଦେବୀ ଶ୍ୱଶୁରଙ୍କୁ ଘରକୁ ଡାକି ଆଣିବା ପାଇଁ ଭାବି, ବସିବାଠାରୁ ଉଠି ଠିଆହୋଇ ମଇନାକୁ କହିଲେ—"ଜେଜେବାପାଙ୍କ ଗୋଡ଼ ଧୋଇଦେଇ ଦାଣ୍ଡଘର ପଲଙ୍କ ଉପରେ ବସିବାକୁ ଯାଗା କରିଦେଇଆ ।"

ମାଆଙ୍କ ମୁହଁରୁ ଏକଥା ଶୁଣି ମଇନା ପାଣି ଲୋଟାଟିଏ ଧରି ତରବର ହୋଇ ଦାଣ୍ଡଦୁଆର ଆଡ଼େ ଚାଲିଗଲା—ଜେଜେବାପାଙ୍କ ଗୋଡ଼ ଧୋଇଦେଇ, ନିଜ ପିନ୍ଧା ଅଞ୍ଚଳ କାନିରେ ଗୋଡ଼ ପୋଛି ଦାଣ୍ଡଘର ପଲଙ୍କ ଉପରେ ଆଣି ବସାଇଲା ।

ଦାଉପୋଡ଼ା ବାର୍ଦ୍ଧକ୍ୟ ପରେ ମଇତ୍ରୀ ଜେଜେ ଗୃହୀବ ଚକ୍ରଧ୍ୱଜଙ୍କ ଦେହର ବର୍ଣ୍ଣ । ମୁଣ୍ଡ ବାଳ ପାଚି ଧୋଉ ହେଲାଣି । ଦେହରେ ବାର୍ଦ୍ଧକ୍ୟର ଲକ୍ଷଣ ପରିପୂର୍ଣ୍ଣ ଭାବେ ପ୍ରକାଶିତ । ଗହ୍ୱରିଆ ଗାଲ ଦାନ୍ତ ଫାଳ ଆହୁରି ଗହ୍ୱରକୁ ଯିବାକୁ ଲାଗିଛି ।

ବୃଦ୍ଧ ଗୃହୀବ ଚକ୍ରଧ୍ୱଜ ଅତି ସ୍ନେହରେ ନାତୁଣୀର ଚିବୁକ ଧରି କହିଲେ—"ଏବେ ତ କହ ତ ନାତୁଣୀ ! ତମର ଏଠାକାର ଭଲ ମନ୍ଦ ଖବର କଣ ସବୁ ଶୁଣେ ।

ମଇତ୍ରୀ କିଛି କହି ପାରିଲା ନାହିଁ—ଲଜ୍ଜାରେ ବ୍ୟାକୁଳ ହୋଇ ଲଜ୍ଜାରେ ମୁହଁ ତଳକୁ କରି ରହିଲା ।

ଗୃହୀବ ଚକ୍ରଧ୍ୱଜ ନାତୁଣୀକୁ ପଲଙ୍କ ଉପରକୁ ଟାଣିନେଇ ପାଖରେ ବସାଇ ଆଶ୍ୱାସନା ଦେଇ କହିଲେ—"ମୁଁ ଯେତେବେଳେ ବଞ୍ଚି ରହିଛି ତୋର କେଉଁ କଥାରେ ଭୟ ନାହିଁ ଲୋ ନାତୁଣୀ ! ......ମୁଁ ଆଉଁ ଆଉଁ ଗଜେନ୍ଦ୍ର ମୋର ବାଡ଼ କାଟି ଦେଇ ଗଲେ ଗଲେ.........ଜନମ ସିନା ଦେଇଥିଲି କରମ ଦେଇ ନ ଥିଲି ।" କହିବା ସମୟରେ ବୃଦ୍ଧ ଗୃହୀବ ଚକ୍ରଧ୍ୱଜଙ୍କ ଦୁଇଆଖି ଅଶ୍ରୁସିକ୍ତ ହୋଇ ଆସିଲା— ।

# ( ଦଶ )

ପୂର୍ବ ଆକାଶ ପଟେ ଲୋହିତ କିରଣ ଢାଳି ସୂର୍ଯ୍ୟଦେବ ଉଇଁ ଆସୁଛନ୍ତି । କନକ ରଙ୍ଗର ଆଲୋକ ପ୍ରଭାବେ ଧରା ଦେହରୁ ରାତିର ଘନଅନ୍ଧକାର ଦିବା ଆଗମନର ସଙ୍ଗେ ସଙ୍ଗେ ଧୀରେ ଧୀରେ ଅପସରି ଚାଲିଲାଣି । ପ୍ରଭାତର ଶାନ୍ତ ଶୀତଳ ପବନ ବନ୍ଧୁ ସ୍ନିଗ୍ଧ ପରଶ ଛୁଆଇଁଦେଇ ଯାଉଥିଲା । ପ୍ରଭାତ ଭ୍ରମଣରେ ତରୁଣ ତରୁଣୀ ଦୁଇଟି କାଠଯୋଡ଼ି କୂଳେ କୂଳେ ବୁଲୁଛନ୍ତି ।

ଦିନ ଗତ ହୋଇଯାଏ ; ମନରୁ ଅତୀତ କଥା ଭୁଲିହୁଏନା ।

ରାଧାକାନ୍ତ ଓ ମଞ୍ଜରୀ ମଧ୍ୟରେ ଭଲ ପାଇବାର ମଧୁଅ ନିଶା ଦିନକୁ ଦିନ ଗଭୀରରୁ ଗଭୀରତର ହୋଇ ଉଠିଲାଣି । ବାରମ୍ବାର ଦୁହିଁଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠେ—ଯୁବକ ଯୁବତୀଙ୍କ ମଧ୍ୟରେ ଭଲ ପାଇବାର ଆକର୍ଷଣ, ମୋହ କିଏ ଦେଲା—କାହିଁକି ବା ନିହିତ ରହିଛି ? ଭ୍ରମଣକାରୀ ଓ ଭ୍ରମଣକାରିଣୀ ଦୁହେଁ ଦୁହିଁଙ୍କ କଥାରେ ତନ୍ମୟ ହୋଇ ରହିଥିଲେ ।

ରାଧାକାନ୍ତଙ୍କୁ ଚାହିଁ ମଞ୍ଜରୀ ପ୍ରଶ୍ନକଲା—"ଆପଣଙ୍କ ହର-ଜନ ସଭା ଆଜି ହେଉଛି ତ ରାଧାକାନ୍ତ ବାବୁ ?……ମୁଁ ଏଥର ଘରକୁ ଫେରି ଯାଉଛି ?

ରାଧାକାନ୍ତ ଅଚଳ ପାହାଡ଼ ଭଳି ସିମେଣ୍ଟ ବେଞ୍ଚ ଉପରେ ଯାଇ ବସି ରହିଲା । ବେଞ୍ଚର ଏକ ପ୍ରାନ୍ତକୁ ଯାଇ ବସି ପଡ଼ିଲା ମଇତ୍ରୀ । ରାଧାକାନ୍ତର ମନେ ହେଉଛୁ ଯେପରି ତା'ର ପାଖରେ ମଇତ୍ରୀ ଏପରି ଭାବରେ ବସି ରହିଥିଲେ ସେ ଯୁଗ ଯୁଗ ଧରି ଏକ-ଠାରେ ବସିରହି କଟାଇ ଦେଇ ପାରିବ ।

କର୍ତ୍ତବ୍ୟ ବଳେ ମନୁଷ୍ୟଙ୍କୁ ଲୋକର ଅପ୍ରୀତିକର କାର୍ଯ୍ୟ କରିବାକୁ ପଡ଼େ ।

ରାଧାକାନ୍ତ ଧ୍ୟାନମଗ୍ନ ଋଷିଟି ଭଳି ସେଠାରୁ ନ ଉଠି ବସି ରହି ଥିବାର ଦେଖି ଚଞ୍ଚଳ ହୋଇ ମଇତ୍ରୀ କହିଲା—"ଆପଣଙ୍କୁ ମୋର କହିବା କଥାଟା ଶୁଭିଲାନାହିଁ ନା କଣ ?"

ସ୍ମିତହାସ୍ୟ ସହକାରେ ରାଧାକାନ୍ତ କହିଲା—"ତମେ ଘରେ ନ ଥିଲେ ଘରର କୌଣସି କାମ ଅଟକିବ ନାହିଁ । ଯିବା ପାଇଁ ଏତେ ବ୍ୟସ୍ତ କାହିଁକି ?

କିଛି ସମୟ ପର୍ଯ୍ୟନ୍ତ ନିଷ୍ପଲକ ନେତ୍ରେ ଉଭୟେ ଉଭୟଙ୍କୁ ଚାହିଁ ରହିଲେ...... ।

ମୁକୁଳା ଗଛ ବାନ୍ଧୁ ବାନ୍ଧୁ ସହଜ ମାର୍ଜିତ କଣ୍ଠେ ବସି ରହି-ଥିବା ବେଞ୍ଚକୁ ସାକ୍ଷୀରଖି ମଇତ୍ରୀ କହିଲା—ଆମର ଏ ଭ୍ରମଣ ଅଭି-ସାରରେ ତୁ କେବଳ ସାକ୍ଷୀ ରହିଲୁ ।"

ରାଧାକାନ୍ତ କଥାର ଭାବ ଭଙ୍ଗୀକୁ ଲକ୍ଷ୍ୟକରି ଓଷ୍ଠ କୋଣେ କଞ୍ଚିତ ହସର ଅଭାସ ଟାଣି କହିଲା—"ଏଠାରେ କିଏ ବା ଅଭିସାରକ କିଏ ବା ଅଭିସାରିକା ମଇତ୍ରୀ ?"

ମଇତ୍ରୀ ସ୍ଫୁଟ ରକ୍ତରେ ନୂଆ ପ୍ରେମନୃତ୍ୟର ଉନ୍ମାଦନା—ପ୍ରତି ଲୋମ କୂପ ପୁଲକେ ଉଲ୍ଲସିତ—କପଟ ଅଭିମାନ କରି ମଇତ୍ରୀ କହିଲା—"ମୁଁ ଯଦି କହେଁ କେହି ନୁହେଁ ?"

ସୁଧାକାନ୍ତ ହାତରେ ଥିବା ଲାଲ ଗୋଲାପ କଢ଼ଟି ହସହସ ମୁହଁରେ ମଇନୀ ଘନ କୁନ୍ତଳ କବେରୀ ମଧ୍ୟରେ ଖୋସି ଦେଇ କହିଲା—"କହିବ ନାହିଁ ତ ତୁମେ ! ତୁମେ କଣ ଭାବୁଛ ତୁମ କହିବା କଥା ମୁଁ ଶୁଣିପାରି ନାହିଁ ?"

ମଇନୀ ଦେହ ରୋମାଞ୍ଚିତ ହୋଇ ଉଠିଲା । ସଙ୍କୋଚ ସ୍ୱରେ କହିଲା—"ଶୁଣିଛ ଯଦି ଶ୍ଳେଷଦ୍ୱୀ ହୋଇ ପଚାରୁଛ ବା କାହିଁକି ?"

ଦୁହେଁ ପାଖା ପାଖି ହୋଇ ବସି ଥାଆନ୍ତି । ସୁଧାକାନ୍ତର ମନେ ହେଲା, ସେ ଯେପରି ଇହ ଜଗତରୁ ବାହାରି ଆସି ଗୋଟାଏ ଅର୍ଦ୍ଧ ବାସ୍ତବ ଅଜଣା ସ୍ୱର୍ଗ ମାୟାପୁରୀରେ ଯାଇ ଉପସ୍ଥିତ ହୋଇଛନ୍ତି । ଏଠାରେ ଆଉ କେହିନାହିଁ—କେବଳ ସେ ଆଉ ମଇନୀ । ଉଚ୍ଛୁଳା ଯୌବନର ପ୍ରବାହ ଉଭୟଙ୍କ ହୃଦୟ ଓ ମନରେ ସୃଷ୍ଟି କରୁଥାଏ ଅପୂର୍ବ ପ୍ରେମର ସ୍ରୋତ ମାଧୁରୀ । ଏଇ ଶୁଭ ମୁହୂର୍ତ୍ତରେ ଦୁହିଙ୍କ ମନରେ ଗୋଟାଏ ଭାବ—ଦୁହିଙ୍କ ପ୍ରାଣରେ ଏକ ଚିନ୍ତାଧାରା— ।

ମଇନୀ ସରଳ ସୁନ୍ଦର ମୁହଁକୁ ସୁଧାକାନ୍ତ ତନ୍ମୟ ହୋଇ ଚାହିଁ ରହେ । ମନରେ କେତେ ନୂଆଭାବ ଯାଗ୍ରତ ହୋଇ ଉଠୁଛି । ମନଗଢ଼ା ସରସ ସୁଖସ୍ୱପ୍ନ ଲହରୀରେ ଭଙ୍ଗା ଟାଣି ମଇନୀ କହିଲା—"ତୋଟାସାହି ହରିଜନ ମାନେ ଠାକୁରାଣୀଙ୍କ ମନ୍ଦିରରେ ପ୍ରବେଶ କରିବା ପାଇଁ ଆଜି ଯେଉଁ ସଭା ହେବ ଆପଣ ସେ ସଭାକୁ ଯିବେ ତ ? ମୁଁ ଏବେ ଘରକୁ ଯାଉଛି । ମୁଁ ତମ ସାଙ୍ଗରେ ଏଠିକି ଆସିଛି ବୋଲି ଜେଜେବାପା ଜାଣିଲେ ରାଗ କରିବେ ।

ସୁଧାକାନ୍ତ ମଇନୀକୁ ଦମ୍ଭଦେଇ କହିଲା—"ଏତେ ଭୟ କାହିଁକି ? ମୁଁ ତ ତମ ସାଙ୍ଗରେ ଅଛି ।"

ବୟସ ଦୋଷେ ଦୁଇଟି ତରୁଣ ତରୁଣୀ ତାଙ୍କର ଭଲ ପାଇବା ପ୍ରେମ ସାଗରରେ ବହୁ ପୂର୍ବରୁ ନିଜକୁ ଭସାଇ ଦେଇ ସାରିଥିଲେ । ଚଇତାଳି ବାଉଲା ପବନରେ ବାରମ୍ବାର ଫଣିତ ଭାନ୍ନ ଉଡ଼ିଯାଇ ସ୍ଥାନଚ୍ୟୁତ ହୋଇ ଖସି ପଡୁଥାଏ । ପରସ୍ପରର ମନକଥା ଜାଣି ନ ଜାଣିଲା ଭଳି ନୀରବ ମନେ କଳ୍ପନା ମଞ୍ଚେ ଶତ ମିଳନ ଅଭିନୟ ସୃଷ୍ଟି କରୁଥିଲେ ।

ମଇନୀ ହାତର ମଧ୍ୟମା ଅଙ୍ଗୁଳି ସାମାନ୍ୟ ଟାଣି ଦେଇ ପ୍ରେମ ଗଦ୍‌ଗଦ କଣ୍ଠେ ରାଧାକାନ୍ତ କହିଲା—"ନିମ୍ନଠେ ଖେଳୁଆଳ କର୍ତ୍ତିକ ଧନପତି ରାଜାର ଲୋଚନ ଚଉଦ୍ଦୁରୀଙ୍କ ବାଦ୍ଧ୍ୟଷୀ ସୁନ୍ଦରୀ ଅଧୁନିକ ରୁଚି ସମ୍ପର୍ଣ୍ଣା ନାତୁଣୀଙ୍କ ଅପହରଣ ଅପରାଧରେ ମୁଁ ପଦ ଧରା-ପଡ଼େ— ।"

ଉଭୟେ ହାସ୍ୟ ରହସ୍ୟ, କୌତୁକ କୌତୂହଳେ ଫଂଶୟର ମଧ୍ୟେ ମଇନୀ ନିଜର ଭାଗ୍ୟ ଚିନ୍ତା କରୁଥିଲା—ଭବି-ଷ୍ୟତର ଗର୍ଭେ ଅଦୃଷ୍ଟର ଶକ୍ତି ତାକୁ କେଉଁଆଡେ ନେଇ ଯାଉଛି ।

ରାଧାକାନ୍ତ ଉପରେ ପ୍ରୀତିପୂର୍ଣ୍ଣ କଟାକ୍ଷ ହାଣି ମଇନୀ କହିଲା —"କଣ ଯେ ସବୁ କୁହ ତୁମେ…… !"

—ମୁଁ ଯାହା କହୁଛି ଘରକୁ ଯାଇ ଦେଖିବ ସୀତିମତ ଗୃହଁଲ୍ୟ ସୃଷ୍ଟିକର ହୋଇହାଲ୍ଲା ନିଶ୍ଚୟ ପଡ଼ି ଯାଇଥିବ । ଜେଜେବାପା ତୁମର ଏତେ ସମୟ ପର୍ଯ୍ୟନ୍ତ ନାତୁଣୀକୁ ଘରେ ନ ଦେଖି ଚଞ୍ଚଳ ଓ ବ୍ୟସ୍ତ ହୋଇ ଉଠୁଥିବେ ।

ଜେଜେ ଗାଳି ମନ୍ଦ କରି ପାରନ୍ତି ଭାବି ମଇନୀ ଚିନ୍ତିତ ଓ ବିମର୍ଷ ହୋଇ ପଡିଥିଲା ସତ ; କିନ୍ତୁ ମୁହଁର ଭାବ ପରିବର୍ତ୍ତନ କରି ଗୋଲାପୀ ଅଧର ପାଖୁଡ଼ାରେ ମୃଦୁ ହସରେଖା ଫୁଟାଇ କହିଲା —

—"ମତେ ଘରେ ନଦେଖି ହୁଏତ ବ୍ୟସ୍ତ ହେଉଥିବେ ; ଏକଥା

ସତ୍ୟ ହୋଇପାରେ, କିନ୍ତୁ ନାତୁଣୀକୁ କେହି ଅପହରଣ କରି ନେଇଛି ସେ ପାଇଁ ନୁହେଁ । —ତାଙ୍କ ଏ ନାତୁଣୀ ଭାରୁ ଦୁର୍ବଳା ଅବଳା ନୁହେଁ—ଶକ୍ତି ସ୍ୱରୂପିଣୀ ବୀରାଙ୍ଗନା !”

ରାଧାକାନ୍ତ ବିଦ୍ରୂପ କରି ନିମ୍ନସ୍ୱରରେ କହିଲା—ତୁମେ ମୋ କଥାକୁ ହୃଦୟଙ୍ଗମ କରି ପାରିଲ ନାହିଁ ମଇନୀ ! ଏକଥା ଭାବିବାର କୌଣସି ବିଚିତ୍ରତା ନାହିଁ । ସହର ଅଞ୍ଚଳର ଅଧିକାଂଶ ଲୋକଙ୍କ ମନରେ ତମରି ଭଳି ଆଧୁନିକା ଶିକ୍ଷିତା ତରୁଣୀମାନେ ସେମାନଙ୍କ ହୀନ ଦୃଷ୍ଟିରେ ଯେପରି ଲୋଭନୀୟ । ଏ ସମସ୍ତ କାରଣ ମାନ ଭାବିଚିନ୍ତି ଦେଖିଲେ ତୁମ ମାନଙ୍କର ରାସ୍ତା ଘାଟରେ ଦୁର୍ଘଟଣାରେ ପଡିତା ହେବାର ବିଶେଷ ସମ୍ଭାବନା ରହିଛି ।”

ମନରେ କେତେକେ ବୁଢ଼ା ପ୍ରତି ଭୟ ମୁହଁରେ ଅଭିମାନ କରି ମଇନୀ କହିଲା—“ତମ ମୁହଁରେ କଣ ଟିକିଏ ହେଲେ ଲାଜ ସରମ ନାହିଁ ? ······ଖୁବ୍ କହିଲଣି ଏବେ ଚୁପ ରୁହ ତ ! ନିଜ କଥାଟା ଆଗେ ଭାବ ; ମୋ କଥା ଭାବିବାକୁ ତମ ମୁଣ୍ଡ ବଥାଉଛି କାହିଁକି ? ···ହରିଜନ ମାନେ ଠାକୁରାଣୀ ମନ୍ଦିରରେ ପ୍ରବେଶ କରିବେ ବୋଲି ଯେଉଁ ସଭା ଡକା ଯାଇଛି ଖୁବ୍ ସାବଧାନ ! ସାହିଲୋକେ ଫୌଜଦାରୀ କରି ପାରନ୍ତି । ରାମ ପ୍ରସାଦ ରାୟ କାଲି ସନ୍ଧ୍ୟାରେ ସମସ୍ତଙ୍କୁ ଡକାଇ ଠାକୁରାଣୀଙ୍କ ମଣ୍ଡପରେ ବସି କଥା ହୋଇଛି ।”

ରାଧାକାନ୍ତ ହୋ ହୋ ହୋଇ ହସି ଉଠି କହିଲା—“ତମର ହରିଜନ ମାନଙ୍କ ମନ୍ଦିର ପ୍ରବେଶରେ ସମ୍ମତି ରହିଛି ତ ? ସେହି ଗୁଣ୍ଡା କାରବାର କେଶରେ ରାମ ପ୍ରସାଦ ରାୟ ସାତମାସ କାଳ ଜେଲ୍ ରହି ଦୁଇ ଗୁରୁଦିନ ହେବ ଫେରିଛି କି ନାହିଁ ଯାହାର ଭିତରେ ତାର ବଦମାସୀ ଆରମ୍ଭ ହୋଇଛି । ଦୁନିଆରେ ଏପରି

ଦଳେ ଲୋକ ଅଛନ୍ତି ସେମାନେ କୌଣସି କାମ ଧନ୍ଦା ନ କରି ମନ୍ଦ ବୁଦ୍ଧିର ଖେଳ ଖେଳି ପରକୁ ଶୋଷଣ କରିବାରେ ବ୍ୟସ୍ତ । ସାମାନ୍ୟ ଅର୍ଥ ଲାଗି ଯେ କୌଣସି ନିକୃଷ୍ଟ କାର୍ଯ୍ୟ କରିବାକୁ ସେମାନେ ପଶ୍ଚାଦପଦ ହୁଅନ୍ତି ନାହିଁ ।"

ମଇନ୍ତ୍ରୀ ସୁଧାକାନ୍ତ କଥାର ଉତ୍ତର ଦେଇ କହିଲା—ବର୍ଣ୍ଣ-ଭେଦ ଧାରଣା ଆମର ମଜ୍ଜାଗତ ହୋଇ ଯାଇଛି । ଏପରି ଅନ୍ୟାୟ ବିଗ୍ରହ ବହୁଦିନ ଧରି ଧାରି ବାହିକ ଭାବେ ପୂର୍ବର ପ୍ରଚଳିତ ନିୟମରେ ଚାଲି ଆସିଛି । ତମେ ଯେତେବେଳେ ଏ ନିୟମ ପରି-ବର୍ତ୍ତନ କରିବାକୁ ଚେଷ୍ଟା କରୁଛ ସେତେବେଳେ ମୁଁ ତମର ପନ୍ଥା ଓ ପଥ ଅବଲମ୍ବନ କରିବାକୁ ବାଧ୍ୟ ।"

ଯେ ଯାହାକୁ ଅନ୍ତରରେ ଭଲପାଏ—ଜଣକ ମନର ଛାୟା ଅପର ଜଣକ ଉପରେ ପଡ଼େ, ସେତେବେଳେ ଉଭୟେ ଉଭୟଙ୍କୁ ଭଲ ପାଇବାର ମୋହ ଜନ୍ମିଥାଏ ।

## ( ଏଗାର )

ରାଜୀବ ଲୋଚନ ଚୌଧୁରୀ ଗାଁକୁ ତାଙ୍କର ସମସ୍ତ ସମ୍ପର୍କ ତୁଟାଇ ବଳଦ ଗାଡ଼ିକରି ନିଜ ସ୍ତ୍ରୀକୁ ସାଙ୍ଗରେ ଧରି କଟକରେ ଆସି ରହିଲେଣି ।

ବ୍ରଜେନ୍ଦ୍ର ବାବୁ ଅକ୍ଳାନ୍ତ ପରିଶ୍ରମ କରି ଯେଉଁ କର୍ମ ପ୍ରତିଷ୍ଠାନ ଛିଆରି କରି ଯାଇଥିଲେ ଏବେ କେଇଦିନ ହେଲା ସେ କାରଖାନାରୁ ଲଭ୍ୟାଂଶ ଅର୍ଥ ଯେତେ ଘରକୁ ଆସେ ସ୍ୱାମୀ ପରଲୋକ ଗତ ହେବା ଦିନଠାରୁ ଇନ୍ଦ୍ରାଣୀ ଦେବୀ ସେ ସମସ୍ତ ଟଙ୍କା ଆଖିରେ ଥରେ ଦେଖିବାକୁ ପାଇ ନାହାନ୍ତି । ତାଙ୍କର ଟଙ୍କା ପଇସାରେ କଣ ବା ଦରକାର ? ଶ୍ୱଶୁର ବୁଢ଼ା ଯେତେବେଳେ ମୁଣ୍ଡ ଉପରେ ମୁରବି ଅଛନ୍ତି...... ।

ବୋହୂକୁ ଦେଖିଲେ ବୃଦ୍ଧ ରାଜୀବ ଚୌଧୁରୀ ଘୃଣାରେ ନାକ ଟେକୁଥାଆନ୍ତି ସିନା ତାଙ୍କ ନାତୁଣୀ ମଇତ୍ରୀକୁ ସେ ଦୂରେଇ ରଖି ପାରି ନାହାନ୍ତି । ତା ମା'ଟା ସିନା ଗୋଟାଏ ଅଜାତି ଘର ଝିଅ କିନ୍ତୁ ମଇତ୍ରୀ ତ ତାଙ୍କ ରକ୍ତର ନାତୁଣୀ ! ବ୍ରଜେନ୍ଦ୍ର ମୁହଁ ସବୁଗୁଣ ମଇତ୍ରୀର ମୁହଁ ଗଠନ ଦେଖିବାକୁ ଖୁବ୍ ସୁନ୍ଦର—ତା ମୁହଁରେ ସୁନ୍ଦର ମାର୍ଜିତ ମଧୁର କଥାବାର୍ତ୍ତା—କପଟଶୂନ୍ୟ ସରଳତାର ମନ ।

ରାଜୀବ ବାବୁ ସ୍ନାନାନ୍ତେ ମାଳା ଗଡ଼ାଇ ଯେଉଁ ଗୀତା ପାଠ ହୋଥଲି ସେବା କରନ୍ତି ତାଙ୍କୁ ମା' ଝିଅ ଦୁହିଙ୍କୁ ଭୁଲରେ କେବେ ଛୁଇଁବାକୁ ଦିଅନ୍ତି ନାହିଁ । ଯେଉଁ ଦିନଠାରୁ ଶାଶୁ ବୁଢ଼ୀ ଏଠାକୁ ଆସିଲେଣି ଇନ୍ଦ୍ରାଣୀ ଦେବୀ ତାଙ୍କ ରୋଷାଇ ଘର ହାଣ୍ଡି ଛୁଇଁବା ଅଧିକାରରୁ ବଞ୍ଚିତା । ଏମାନେ ଯଦି ରୋଷେଇଘର ହାଣ୍ଡି ଛୁଇଁବେ ଏ ବୁଢ଼ା ବୟସରେ ଇହକାଳ ପରକାଳ ତାଙ୍କର ନଷ୍ଟ ହେବ—ଜାତି ଧର୍ମ ହରାଇବାକୁ ପଡ଼ିବ । ତାଙ୍କ ପୁଅର ସମ୍ପତ୍ତି ଭୋଗ ଦଖଲ ନେଇ ପାରନ୍ତି ; ତାର ପରିବାର ତ ଅଜାତି ଘରର ଝିଅ ! ବୋଉ ଗୁଣିକୁ ତାଙ୍କୁ ସେ ଭଲ ପାଇବେ ?

ଅମଣିଷ ଭଳି ଶାଶୁ ଶ୍ୱଶୁରଙ୍କ ଏପରି ଅନାଦର ଦୁର୍ବ୍ୟବହାରେ ଇନ୍ଦ୍ରାଣୀ ଦେବୀ ନିଜ ମନେ ନିଜେ ଲଜ୍ଜିତ ଓ ମର୍ମାହତ

ହେଉଥିଲେ ; ତାଙ୍କର ହାତରେ ଗଢ଼ା ଘର ସଂସାର ସ୍ୱତ୍ତ୍ୱ ସମ୍ପତ୍ତି ଆଜି କୌଣସିଥିରେ ତାଙ୍କର ହାତ ଦେବା ଅଧିକାର ନାହିଁ ।

ରାଜୀବ ଲୋଚନ ଚୌଧୁରୀ କିଛୁଦିନ ଅଧି କଟକରେ ରହିବା ପରେ ପାଖ ପଡ଼ୋଶୀ ସମସ୍ତ ଲୋକଙ୍କ ସଙ୍ଗେ ତାଙ୍କର ଚିହ୍ନା ପରିଚୟ ହୋଇଥିଲା । ମୁଖରା ଶାଶୁ ସୁଶୀଳା ଦେବୀ କୌଣସି ଭାବେ ବୋହୂକୁ ତାଙ୍କର କ୍ଷମା ଦେଇ ପାରୁ ନାହାନ୍ତି । ତାଙ୍କ ମନ ମଧ୍ୟରେ ସବୁବେଳେ ଗୋଟିଏ କଥା—ମୋର କୋଳର ନିଧି, ନୟନର ମଣି ମୁଁ ମା' ! ମୋର ମାୟା ମମତା ସ୍ନେହ ଭୁଲି ଏଇ ଅଲକ୍ଷଣୀ ଘରର ଝିଅଟାକୁ ବାହାହୋଇ ସଂସାର ବାନ୍ଧିଥିଲା ।

ମଇନୀ ଅବିବାହିତା ଥିବା କାରଣେ ଶାଶୁ ବୁଢ଼ୀ ସୁଶୀଳା ଦେବୀ ବୋହୂକୁ ପଚାରିଲେ—"ତୋ ଝିଅର ବୟସ କେତେ ହେଲାଣି କହିଲୋ ବୋହୂ ?"

ଶାଶୁଙ୍କ କଥାରେ ଉତ୍ତର ଦେଇ ଇନ୍ଦ୍ରାଣୀ ଦେବୀ କହିଲେ—"ଝିଅକୁ ମୋର ଏଇ ବୈଶାଖକୁ ସତର ବର୍ଷ ପୂରିଯିବ ।"

ସୁଶୀଳା ଦେବୀ ଦନ୍ତହୀନ ମୁହଁରେ ପରିହାସର ହସ ହସି ମନ କଥା ଲୁଚାଇ ନରଖି ପାରି କହିଲେ—"ଏତେ ବଡ଼ ଘର-ଯୋଗ୍ୟ ଝିଅକୁ ଅବେଭା କରି ଘରେ ରଖିଛ ଏ ଯୁଗକୁ ଲାଜ ସରମ କୁଆଡେ କଣ ଉଭେଇ ଗଲା ଲୋ ମା !"

ସଂକୋଚରେ ଦ୍ୱିଧାଗ୍ରସ୍ତ ହୋଇ ମନର କୌଣସି କଥା ପ୍ରକାଶ ନକରି ଇନ୍ଦ୍ରାଣୀ ଦେବୀ ନୀରବ ରହିଲେ ।

ବୋହୂକୁ ଉତ୍ତର ନା ଦେବା ଦେଖି ସୁଶୀଳା ଦେବୀ ଶାସନୋକ୍ତି ପ୍ରୟୋଗ କରି କହିଲେ—"ଏ ସବୁ ରଙ୍ଗ ଢଙ୍ଗ ଖ୍ରୀଷ୍ଟିୟାନ ମାନଙ୍କ ଘରେ ଚଳେ । ଆମ କୁଳରେ ଏତେ ବଡ଼ ଘରଯୋଗ୍ୟ ଝିଅକୁ ଘରେ ରଖି ବାପ ମାଆର ପାଣି ପିଇବା ନିଷେଧ ।"

ଶାନ୍ତ କଣ୍ଠେ ଅତି ସଂକ୍ଷେପେ ଇନ୍ଦ୍ରାଣୀ ଦେବୀ କହିଲେ——"ଏଇ ହତଭାଗୀ ଅଜାତଅଣୀର ଝିଅକୁ କାହାର ଗରଜ ପଡ଼ିଛି କି ଏ କାହିଁକି ବାହା ହେବାକୁ ରାଜି ହେବ ।"

ସୁଶୀଳା ଦେବୀ ଅଳସ ଭରି ହାଇ ଛାଡ଼ି ଆଳସ୍ୟ ସ୍ୱରରେ କହିଲେ—"ଏଇ କଥା ଭାବି କି ଏ କାହାର ଝିଅକୁ ବାହା ଦେବାର ଆଶା ଛାଡ଼ି ଦେଇଛ ନା କଣ ? ଏ ଯୁଗରେ ଧନ ଦେଲେ ବରପାତ୍ରର ଅଭାବ ହେବ ନାହିଁ । ବାହାଘର ଫିଟିଲେ ବରପାତ୍ର ଆସି ଦୁଆରେ ପହଞ୍ଚିବ । ତୋ ଝିଅ ଦେଖିବାକୁ ଯେମିତି ଲକ୍ଷ୍ମୀ ଭଳି—ଗୁଣ, ବିଦ୍ୟା, ବୁଦ୍ଧିରେ ସରସ୍ୱତୀ ଭଳି । ସଞ୍ଜ ହୋଇ ଗଲଣି ଲୋ ବୋହୂ ! ମୁଁ ଯାଉଛି ଦାଣ୍ଡ ଦୁଆରେ ଆଗେ ସଞ୍ଜ ବତୀଟା ଦେଇ ଆସେ ।"

ମଇନୀ ହାତରେ ସଞ୍ଜବତୀ ଧରି ଚଳି ଅଗଣାରୁ ବାହାରି ଆସୁଛି । ତାକୁ ଦେଖି ସୁଶୀଳା ଦେବୀ ବିରକ୍ତ ହୋଇ ତିରସ୍କାର କଲା ଭଳି କହିଲେ—ଥାଉ ଥାଉ ସଉତୁଣୀ ଭଳି ଚତେ ଏତେ ଉପକାର ମୋ ପାଇଁ କରିବାକୁ ହେବ ନାହିଁ ।"

ମଇନୀ ଟିକେ ଅଭିମାନ କରି କହିଲା—"ହାଣ୍ଡିଶାଳ ଘରକୁ ଯିବାକୁ ତ ଆମ ମା' ଝିଅ ଦୁହିଙ୍କୁ ମନାକରି ରଖିଛ ; ବୋଧେ ମୁଁ ଛୁଇଁଲି ବୋଲି ସଞ୍ଜବତୀ ଅପବିତ୍ର ହୋଇଗଲା ! ଏ କଥା ଜାଣ ତ ଗୋସମା ? ସଉତୁଣୀ ହେଲେ ସବୁ କଥାରେ ଅଧାଅଧି ଭାଗ ରହିବ ।"

ସୁଶୀଳା ଦେବୀଙ୍କ ମୁହଁରେ ଜମା ରହିଥିବା କ୍ରୋଧ ଅନ୍ଧକାର କ୍ଷଣିକ ସମୟ ପାଇଁ ଅପସରି ଗଲା । ଓଷ୍ଠ ପାଖୁଡ଼ାରେ ହସର ଲହରୀ ଭରିଲା କରି କହିଲେ—"ମୋର ତ ଅଉ ବୟସ ନାହିଁ

ଭାଗ ବଖରା କରିବ ବା କାହାର ସବୁଁଠା ଏବେ ଉଡେ ଦେଉଛୁ ନେଇ ନାହୁଁ ।"

ମଇଣୀ ବଦ୍ରୁଟପେ କୌତୁହଳ ହୋଇ କହିଲା—

—"ଗୋସମା ! ଏଇଠା ତୋର କେବଳ ମୁହଁର କଥା—ପ୍ରାଣର କଥା ନୁହେଁ । ମୁଁ ସେଦିନ ରହିଥିଲି ବୋଲି ତୁମେ ବୁଢ଼ା ବୁଢ଼ୀ ଦୁହେଁ ମୋ ରନ୍ଧା ଭାତ ତରକାରୀ ଖାଇନାହଁ । ଆମେ ସବୁ ଅଜାତିଆଣୀ ।"

ସୁଶୀଳା ଦେବୀ ନାତୁଣୀ କଥା ଶୁଣି କୁଟିଳତା ଛଳରେ କହିଲେ—"ଏ କଥା ତୋ ଜେଜେବାପା ଆଗରେ କହିଦେ—ସେ ତୋର ନାକ କାନ କାଟି ସୂର୍ପଣଖା କରେଇ ଘରୁ ବାହାର କରି ଦେବ ।" କହି, ଚଞ୍ଚଳ ହୋଇ ସୁଶୀଳା ଦେବୀ ସଞ୍ଜିବତୀ ଦେବୀଙ୍କୁ ଦାଣ୍ଡ ଦୁଆର ଅଡ଼େ ଗୃଲିଗଲେ...... ।

× × × ×

ଅନ୍ୟାନ୍ୟ ଅଞ୍ଚଳେ ରାଧାକାନ୍ତର ଛାତ୍ରମାନେ ପ୍ରୌଢ଼ ଶିକ୍ଷା କେନ୍ଦ୍ର ମାନ ଖୋଲି ଅଶିକ୍ଷିତ ଅନୁନ୍ନତ ଦେଶ ଭାଇ ମାନଙ୍କ ସେବାରେ ଲାଗି ପଡ଼ିଛନ୍ତି । ଯେଉଁଠି ଅତ୍ୟାଚାର, ଲାଞ୍ଛନା, ଅଭାବ, ଅଭିଯୋଗ ମଣିଷ ଭୋଗୁଛି ; ସେଠାରେ ଅଟଳ ଭାବେ ରାଧାକାନ୍ତ ପ୍ରାଣ ପଣେ ଚେଷ୍ଟା କରି ପ୍ରତିକାର କରିବାରେ ଲାଗିଛି ।

ରାଧାକାନ୍ତ ମଫସଲ ଗାଁ' ଅଞ୍ଚଳରୁ ଆଜି ସକାଳେ ଭିଟେଇ ଫେରି ଆସି ଇନ୍ଦ୍ରାଣୀ ଦେବୀଙ୍କୁ ମୁଣ୍ଡ ନୂଆଇଁ ନମସ୍କାର କରିବା ପରେ ସ୍ନେହାର୍ଦ୍ର କଣ୍ଠେ ଇନ୍ଦ୍ରାଣୀ ଦେବୀ ପଚାରିଲେ—"ଯେଉଁ-ଆଡ଼େ ଯାଇଥିଲି, ସେଠାକାର ସମସ୍ତ ଖବର କଣ ? ମୋର କାହିଁକି ମନେ ହେଉଛି ; ଏଥିରେ ବିଶେଷ ଶୁଭ ଫଳର ଆଶା ନାହିଁ । କୁଳବୃଦ୍ଧ ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ ଆମର ଏଇ

ଦୁର୍ଭାଗ୍ୟ ବେଳେ ଅମେ ସେମାନଙ୍କୁ ହରାଇ ଥାଏ । ବର୍ତ୍ତମାନେ ଅମ ଦେଶରେ କେତେଜଣ ନେତା ଅଛନ୍ତି ସେମାନେ ଲୋକ ଦେଖାଣିଆ ଦେଶପାଇଁ କାନ୍ଦୁଛନ୍ତି, କିନ୍ତୁ ସେମାନଙ୍କ ମନରେ ବଳ ନାହିଁ କି ଅଖିରୁ ଟୋପାଏ ଲୁହ ବହୁନାହିଁ ।"

ଇନ୍ଦ୍ରାଣୀ ଦେବୀଙ୍କ କଥାକୁ ଅଗ୍ରହ ସହକାରେ ସମର୍ଥନ କରି ରାଧାକାନ୍ତ କହିଲେ—"ଏପରି କୁଟକାନ୍ତ ପକ୍ଷପାତିତ୍ୱ ହେତୁ ଦେଶ କିମ୍ବା ଜାତିର ଉନ୍ନତି ହେବା ଦୂର କଥା ବରଂ ଏହା ଅମ ଅଧଃପତନର ପ୍ରାଥମିକ ଲକ୍ଷଣ । ଯାହାର ମାଆ ଯେତେ ରୋଗଗ୍ରସ୍ତ କୁତ୍ସିତ କଦର୍ଯ୍ୟ ହେଉ ନା କାହିଁକି, ଶିଶୁ ଅପର ମା'କୁ ସୁନ୍ଦର ଦେଖି ମା' ବୋଲି ଡାକି ପାରିବ ନାହିଁ । ବିମାତା ଠାରୁ କୌଣସି ସନ୍ତାନ ପ୍ରକୃତ ଆନ୍ତରିକ ସ୍ନେହ ଆଦର ପାଇ ପାରିନାହିଁ । ବିବାହିତା ପତ୍ନୀ ଓ ଉପପତ୍ନୀ ମଧ୍ୟରେ ଯେପରି ପାର୍ଥକ୍ୟ ରହିଛି ।

ଅମ ଦେଶରେ ଅଉ ଏକ ପ୍ରଚଳିତ ସମାସ୍ୟା ରହିଛି । ଜାତି ଜାତି ମଧ୍ୟରେ ଭେଦାଭେଦ । ଏପରି ମାରାତ୍ମକ ସମାସ୍ୟାର ସମାଧାନ ଯେତେଦିନ ପର୍ଯ୍ୟନ୍ତ ନ ହୋଇ ପାରିଛି ସେତେଦିନ ପର୍ଯ୍ୟନ୍ତ ଅମ ଦେଶରେ ଏକତା ଆସିବା ଅସମ୍ଭବ । ମନୁଷ୍ୟ ଜନ୍ମ ଶ୍ରେଷ୍ଠ ଜନ୍ମ—କେହି ଘୃଣିତ କିମ୍ବା ଅସ୍ପୃଶ୍ୟ ନୁହେଁ ।"

ବହୁ ସମୟ ହେଲା ମଇନା ଅସି ସେଠାରେ ଠିଆ ହୋଇ ରାଧାକାନ୍ତ କହୁଥିବା କଥା ଶୁଣି ରାଧାକାନ୍ତଙ୍କୁ ପ୍ରଶ୍ନକଲା—"ଆପଣଙ୍କ ଭଳି ମୁଷ୍ଟିମେୟ କେତେଜଣ ଏହା ପାଇଁ ବିରୋଧ କରି କଣ କରି ପାରିବେ ?"

ରାଧାକାନ୍ତ ଈଷତ୍ ହାସ୍ୟର ସହିତ କହିଲେ—"ଦେଶରୁ ଅମେମାନେ କୁସଂସ୍କାର ଲୋପ କରିବାକୁ ମନ୍ଥର ଗତିରେ ଯେଉଁ ପ୍ରଚେଷ୍ଟା ଚଳାଇଛୁଁ ଧୀର ପାଣି ପଥର କାଟିଲା ଭଳି ଭବିଷ୍ୟତରେ

ଦେଶର ତରୁଣ ମାନଙ୍କ ମଧ୍ୟରୁ କୁସଂସ୍କାର ଲୋପ ପାଇଯିବ ଏ ବିଶ୍ୱାସ ଆମର ଅଛି ।"

ଅଗ୍ରହ ପ୍ରକାଶ କରି ମଇନ୍ଦ୍ରୀ କହିଲା—"ସୁଧାକାନ୍ତ ବାବୁ ! ମୁଁ କଣ ତମର ଜାତୀୟ ଗଠନ ମୂଳକ ଦେଶ ସେବାରେ କାମ କରି ପାରିବି ନାହିଁ ?"

ଇନ୍ଦ୍ରାଣୀ ଦେବୀ ଝିଅକୁ ବିଦ୍ରୂପ କରି କହିଲେ—"ମଇନ୍ଦ୍ରୀ ! ତୁ ଦେଶର କାମ କରିବୁ ତା ହେଲେ ହୋଇଛି ମା !"

ମଇନ୍ଦ୍ରୀ ମାଆକୁ ତାର ପ୍ରଶ୍ନ କଲା—"ସୁଧାକାନ୍ତ ବାବୁ ଯେତେବେଳେ ଜନ୍ମଭୂମି ମା'ର ସେବା କରି ପାରୁଛନ୍ତି ମୁଁ ପାରିବି ନାହିଁ କାହିଁକି ?"

ଇନ୍ଦ୍ରାଣୀ ଦେବୀ ଉପଦେଶ ବାଣୀ ପ୍ରୟୋଗ କରି ମଇନ୍ଦ୍ରୀକୁ କହିଲେ—"ବାହାରେ ପୁରୁଷ ମାନେ ସବୁ କରି ପାରନ୍ତି ।"

ମଇନ୍ଦ୍ରୀ ମା'ଙ୍କ କଥାରେ ପ୍ରତିବାଦ କରି କହିଲା—ପୁରୁଷ ମାନଙ୍କର କେବଳ ଦେଶ ସେବା କରିବା ଅଧିକାର ରହିଛି, ଆମ ସ୍ତ୍ରୀ ମାନଙ୍କର ସେ ଅଧିକାର ନାହିଁ ? ...ମୁଁ ସେଇ ତଳମାଳ ଅଞ୍ଚଳ ଗାଁର ଝିଅ ନୁହେଁ ଯେ ଏକଥା କହିଲେ ମୁଁ ମାନିନେବି ।"

ଇନ୍ଦ୍ରାଣୀ ଦେବୀଙ୍କର ଲୋକାନ୍ତର ସ୍ୱାମୀଙ୍କ କଥା ମନେ ପଡ଼େ । ଠିକ୍ ସେ ତାଙ୍କର ଝିଅ ଭଳି ପ୍ରତ୍ୟେକ କଥାରେ ଏମିତେ ଉତ୍ତର କରି ଥାଆନ୍ତି ।

# ( ବାର )

ଢୋଟାପାଦ୍ର ହରିଜନ ମାନଙ୍କର ଠାକୁରାଣୀ ମନ୍ଦିର ସାମନା ପଡ଼ିଆରେ ସଭା ଡକାଯାଇଛି । ଆଜି ସେମାନେ ଯାଇ ଠାକୁରାଣୀଙ୍କ ମନ୍ଦିରରେ ପ୍ରବେଶ କରିବେ ।

ଆଜି ଅଛୁଆଁ ଲୋକେ ଦେବୀ ମନ୍ଦିରରେ ପ୍ରବେଶ କରୁଛନ୍ତି ଗୁରୁଅଁଡ଼େ ଏ ବିଷୟ ସ୍ପଷ୍ଟ ହୋଇ ଯାଇଛି । ସେଦିନ ଏ ଅଞ୍ଚଳରେ ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟ ପ୍ରଥମ ଆରମ୍ଭ କରା ହୋଇଛି । ପ୍ରତ୍ୟେକ ମନୁଷ୍ୟ ଏକ ରକ୍ତ, ଏକ ମାଂସ, ମେଦ, ଅସ୍ଥିରେ ଗଢ଼ା ଦେହ । ପାଣି, ବାଉରି, ହାଡ଼ି, ଡମ ସେମାନେ ମଧ୍ୟ ହିନ୍ଦୁ ! ଗାଁର ଦେବା ଦେବୀ ପୂଜା ମାଗୁଣି ପର୍ବ ଆଦି ହାନି ଲାଭରେ କେବଳ ଗୁନ୍ଦା ଦେବାରେ ଅଂଶୀଦାର, କିନ୍ତୁ ଦେଉଳରେ ଦିଅଁ ଦର୍ଶନ— ଏକ ସଙ୍ଗେ ବସି ଉଠ କରିବାର ଅଧିକାରରୁ ସେମାନେ ବଞ୍ଚିତ । ଏକଥା ଦେଖିଲେ ବା ଶୁଣିଲେ ପ୍ରତ୍ୟେକ ମହତ୍ ଚିନ୍ତାଶୀଳ ବ୍ୟକ୍ତିର ରକ୍ତ ଗରମ ହୋଇ ଉଠେ ।

ଗଲା କେଇ ଦିନ ଆଗର କଥା । ଜୋର ବର୍ଷା ହେଉଥିବା ହେତୁ ପାଣୁଆ ବାଉରି ଠାକୁରାଣୀଙ୍କ ମନ୍ଦିର ବାରଣ୍ଡାକୁ ଉଠିଥିଲା ବୋଲି ଗାଁ'ର ଲୋକେ ପାଞ୍ଚଲୋକଙ୍କୁ ପଞ୍ଚାୟତ ବସାଇ ଗରିବଟା ଠାରୁ ପଚିଶଟଙ୍କା ଜୋରିମାନା ନେଇଥିଲେ । ତା ସଙ୍ଗେ ମଧ୍ୟ

ପ୍ରହାର ନ ଦେଇ ଛାଡ଼ି ନାହାନ୍ତି । ମନୁଷ୍ୟ ହୋଇ ମନୁଷ୍ୟ ଉପରେ ଏପରି ହୀନବର୍ଣ୍ଣ ବିଦ୍ୱେଷ ଭାବ ; ଜାତିଆଣ ବିଚାରରେ କୌଣସି ମୂଲ୍ୟ ନାହିଁ । ଦେଶ ଓ ସମାଜ ପକ୍ଷରେ ଏହା ମଙ୍ଗଳ ନୁହେଁ । ଆମ ଶାସ୍ତ୍ର ମଧ୍ୟ କହୁଛି ମନୁଷ୍ୟକୁ ହୀନ ଭାବିବା ପାପ ! ଆମର ହିନ୍ଦୁ ସମାଜ ଏପରି ଅନ୍ୟାୟ ବ୍ୟବହାର ପାପର ଫଳେ ଦିନକୁ ଦିନ ଦୁର୍ବଳ ଓ କ୍ଷୟ ହୋଇ ଆସୁଛି ।

ବିଶ୍ୱ ଦରବାରେ ଭାରତବର୍ଷ ହିନ୍ଦୁ ରାଜ୍ୟ ବୋଲି ପରିଚିତ ଥିଲା । ଭରତ ଶାସିତ ଏହି ଭାରତ ବର୍ଷକୁ ଆଜ ହିନ୍ଦୁସ୍ଥାନ, ପାକିସ୍ଥାନ ରୂପେ ଦୁଇଭାଗରେ ବିଭକ୍ତ କରି ଯାଇଛି । ରାଜା ଅନୁଗତ ଧର୍ମ ପ୍ରଚାର ସଙ୍ଗେ ମଧ୍ୟ ଅବିଚାରରେ ଆମ ସମାଜ ଯେଉଁ ମାନଙ୍କୁ ସମାଜ ଚ୍ୟୁତ କରିଛି । ସେମାନେ ବାଧ୍ୟ ହୋଇ ବିଧର୍ମ ଗ୍ରହଣ କରିଛନ୍ତି । ଦୁନିଆରେ ଘର ସଂସାର କରି ରହିବାକୁ ହେଲେ ପ୍ରତ୍ୟେକର ସମାଜର ବା ଗୋଷ୍ଠିର ଆବଶ୍ୟକତା ରହିଛି । ରାଧାକାନ୍ତ ଅସାଧାରଣ ସାଂଗଠନିକ ଶକ୍ତି ଦ୍ୱାରା ଅସ୍ପୃଶ୍ୟତା ନିବାରଣ ମହାନ ବାଣୀ ପ୍ରସାର ଓ ପ୍ରଚାର କରିବାରେ ନିଜକୁ ନିୟୋଜିତ କରିଛି । ସେଦିନ ହଠାତ୍ କୃପାସିନ୍ଧୁ ପଣ୍ଡିତ ରାଧାକାନ୍ତକୁ ଦେଖି ରାଗରେ ଅଗ୍ନିଶର୍ମା ହୋଇ କହିଲେ—ଦୁଇ ଅକ୍ଷର ବିଲାତି ପାଠ ପଢି ଏବକାଳ ଟୋକାଏ ଧର୍ମାଧର୍ମ ପାପପୁଣ୍ୟ, ଆଚାର ବିଚାର କିଛି ମାନୁ ନାହାନ୍ତି । ଘୋର କଳିକାଳ ଦୁନିଆକୁ ଗ୍ରାସକରି ପକେଇଲଣି—ମହାପାପରେ ପୃଥିବୀ ରସାତଳ ହୋଇଯିବ ।

ରାଧାକାନ୍ତ ପ୍ରତ୍ୟୁତ୍ତର ଦେଇ କହିଲା—"ସମାଜପତି ମାନଙ୍କର ଅନ୍ୟାୟ, ଅତ୍ୟାଚାର ସହ୍ୟ କରିବାର ପ୍ରବୃତ୍ତି, ଶୋଷଣେ ଶାସନ କରିବାର ମନୋବୃତ୍ତି, ଭାଇ ପ୍ରତି ଭାଇର କୁଟିଳତା ହେତୁ ସାମାଜିକ ଅଧଃପତନ ଘଟୁଛି ।"

ବୃଦ୍ଧ କୃପାସିନ୍ଧୁ ମିଶ୍ର କୋଠଘରର ଆଖିକୁ ବିସ୍ଫାରିତ କରି କରୁଣ ସ୍ୱରରେ କହିଲେ—"ଆଜି ଆଜି ତମର ସେ ସବୁ କଥା ! ଯେ କାଆଁ ଟିକିଏ ବାବା ; ସେ ଅଙ୍ଗାର ହେବ । ଜମିଦାରଙ୍କ ଠାକୁରାଣୀ ! ଜମିଦାର ବାବୁ ତାର ବ୍ୟବସ୍ଥା ନିଶ୍ଚୟ ବୁଝିବେ ।" ଏହା କହି କୃପାସିନ୍ଧୁ ପଣ୍ଡିତେ ସେଠାରୁ ଚାଲିଗଲେ । × ×

ଠାକୁରାଣୀଙ୍କ ମନ୍ଦିର ଆଗ ପଡ଼ିଆରେ ସଭା ବସିଛି । ବହୁ ଦୂର ଦୂରାନ୍ତରୁ ଲୋକମାନେ ଆସି ଭିଡ଼କରି ଜମା ହେଉଛନ୍ତି । ରାଧାକାନ୍ତ ସଭା ଆଡ଼କୁ ଆସୁଥିବାର ଦେଖି ସଭାର ଉପସ୍ଥିତ ସହ-ସ୍ରାଧିକ ଜନତା 'ରାଧାକାନ୍ତ ବାବୁଙ୍କ ଜୟ' ଜୟ ଜୟକାର ଧ୍ୱନି କରି ଅଭିନନ୍ଦନ ଜଣାଇଲେ । ରାଧାକାନ୍ତ ସଭାସ୍ଥଳେ ପହଞ୍ଚିବା ମାତ୍ରେ ଆତଙ୍କିତ ସ୍ୱରରେ କହି ଉଠିଲା—"ଏଠାରେ ସଭା କଲା ଭଳି ସମୟ ସୁଯୋଗ ଆମ ମାନଙ୍କର ନାହିଁ । ଆପଣ ମାନେ ହରି ହରି-ବୋଲ କହି ଯେତେ ଶୀଘ୍ର ମନ୍ଦିରରେ ପଶି ମା'ଙ୍କ ଦର୍ଶନ କାର୍ଯ୍ୟ ଶେଷ କରନ୍ତୁ । ଜମିଦାର ବହୁ ଗୁଣ୍ଡା ଲୋକଙ୍କୁ ସଂଗ୍ରହ କରି ଆଣିଛି ସେମାନେ ଆପଣ ମାନଙ୍କୁ ଠାକୁରାଣୀ ମନ୍ଦିରରେ ପ୍ରବେଶ କରି-ବାକୁ ଦେବେନାହିଁ ।"

ଉପସ୍ଥିତ ଥିବା ଜନତା ଗର୍ଜିଉଠି ପ୍ରତ୍ୟୁତ୍ତର ଦେଇ କହିଲେ —"ଗୁଣ୍ଡାମାନେ ଆସି ଏଠାରେ ମାଡ଼ପିଟ ଫୌଜଦାରୀ କଲେ କରନ୍ତୁ—ତାଙ୍କୁ ଡରି ଆମେ ଏଠାରୁ ପଳାଇ ଯିବୁଁ କାହିଁକି ? ପଛେ ଦୁଇ ଚାରିଜଣ ମରିବୁଁ, କିନ୍ତୁ ପ୍ରକୃତରେ ଗୁଣ୍ଡା ମାନଙ୍କ ସଙ୍ଗେ ଲଢିବାର ଶକ୍ତି, ସାହସ ଆମ ମାନଙ୍କର ଅଛି ।"

ରାଧାକାନ୍ତ ଅନୁନୟ ହୋଇ କହିଲା—"ଆପଣ ମାନଙ୍କୁ ମୁଁ ହାତଯୋଡ଼ି ପ୍ରାର୍ଥନା କରୁଛି—ଏଇଠାରେ ଆଜିକାର ସଭା ବନ୍ଦ ରଖି କେବଳ ମାଆର ଦର୍ଶନ ସାରି ଫେରି ଯାଆନ୍ତୁ ।"

ଏସବୁ ଛୁଆଁ ଅଛୁଆଁ ବୈଷମ୍ୟ ନିୟମକୁ ପରିବର୍ତ୍ତନ କରିବାର ଦିନ ଆସିଛି, ତାକୁ କେହି କୌଣସି ଉପାୟରେ ଉଗାଳ ଦେଇ ଅଟକାଇ ରଖି ପାରିବେ ନାହିଁ ।

ବନ୍ୟାର ପ୍ରକୋପେ ନଈ ବନ୍ଧ ଭାଙ୍ଗିଲା ପରି ହୁ ହୁ ହୋଇ ଜନତାର ସୋତ ମନ୍ଦିର ପ୍ରାଙ୍ଗଣ ଡେଇଁ ଠାକୁରାଣୀଙ୍କ ମନ୍ଦିରରେ ପ୍ରବେଶ କଲେ ।

କଣ୍ଠକର ବଳିଷ୍ଠ ନେତା ମୋହନ ଚକ୍ରଧୁରୀ ଡାକ୍‌ଦେଇ ତାକୁ ଥାଆନ୍ତି—"ଏକ ରକ୍ତ ଆମେ ଏକଇ ଭାଇ, ଛୁଆଁ ଅଛୁଆଁ ଭେଦନାହିଁ ।" ସମସ୍ତ ଜନତା ଏ ବାଣୀକୁ ସମର୍ଥନ କରି ସଙ୍ଗେ ସଙ୍ଗେ ଡାକୁ ଥାଆନ୍ତି—"ଏକ ରକ୍ତ ଆମେ ଏକଇ ଭାଇ, ଛୁଆଁ ଅଛୁଆଁ ଭେଦନାହିଁ...... ।"

ବହୁକାଳ ଧରି ଲାଞ୍ଛିତ ପଦାଘାତ ପଦାନତ ସହ୍ୟକରି ଆସିଛି ଏହି ଅଛୁଆଁ ଜାତି ! ସମାଜର ଅବହେଳିତ ଭାଇମାନେ ମା'ର ଦର୍ଶନ କରି ଏଠାରେ ଶପଥ କରି ଯାଅ ; ନିଜକୁ ଅଛୁଆଁ ଘ୍ଲେଟଜାତି ବୋଲି ଟେକରେ କେହି ମନରେ ଭାବିବେ ନାହିଁ । ଏକ ରକ୍ତ—ଦ୍ୱିତୀୟ ନାସ୍ତି ।"

ମହାନନ୍ଦେ ଶହ ଶହ ହରିଜନ ଭାଇମାନେ ପ୍ରତିଧ୍ୱନି ତୋଳି ପ୍ରତ୍ୟୁତ୍ତର ଦେଇ କହିଲେ—"ମା'ର ଦର୍ଶନ ମାୟା ଆମ ପ୍ରାଣରେ ନବ ଜାଗରଣ ଆଣି ଦେଇଛି । ଆମେମାନେ ଏଇ ପବିତ୍ର ପୀଠସ୍ଥଳୀରେ ଠିଆହୋଇ ଶପଥ କରି ଯାଉଛୁଁ, ଆମେମାନେ ଆଜିଠାରୁ କେବେହେଲେ ନିଜକୁ ନୀଚ ବା ଘ୍ଲେଟଜାତି ବୋଲି ଭାବିବୁଁ ନାହିଁ । ମା'ଠାରେ ଘ୍ଲେଟ ବଡ଼ ସମସ୍ତ ସନ୍ତାନ ସମାନ ସ୍ନେହ ପାଏ ।"

ଏପରି ସମୟରେ ମନ୍ଦିରର ଗୋଟାଏ ପାର୍ଶ୍ୱରୁ ମାର ମାର ଶବ୍ଦ ଶୁଣାଗଲା । ଲାଠିର ଆଘାତେ କେତେ ଜଣ ଘାଇଲା ହୋଇ ପଡିଲେଣି । ବିପଦ ଉପସ୍ଥିତ ଭାବି ଜନତା ଛତ୍ରଭଙ୍ଗ ଦେବାକୁ ଲାଗିଲେ । ହରିଜନ ଭାଇ ମାନଙ୍କର ଜୀବନ ମରଣ ସମସ୍ୟା ହୋଇ ପଡିଲା । ନିଜେ ନିଜର ପ୍ରାଣରକ୍ଷା ଅସମ୍ଭବ ମନେ କଲେ । ଜମିଦାରଙ୍କ ପ୍ରେରିତ ଭଡ଼ାଟିଆ ଗୁଣ୍ଡା ଓ ଜନତା ଦୁଇଦଳର ସଂଘର୍ଷ ମଧ୍ୟରେ ଲାଠି, ଛୁରି ଆଘାତରେ ବହୁ ଖଣ୍ଡ୍ ଖରପ, ଜଖମ ହୋଇ ଗଲେଣି । ମା' ମନ୍ଦିର ପ୍ରାଙ୍ଗଣରେ କି ବୀଭତ୍ସ ହୃଦୟ କରୁଣ ଦୃଶ୍ୟ—ଅତି ମର୍ମ ବିଦାରକ । ନାରୀ ମାନଙ୍କର କରୁଣ କ୍ରନ୍ଦନ ସଙ୍ଗେ ମରିଗଲି ମରିଗଲି ବ୍ୟାକୁଳ ହାହାକାର ଚିତ୍କାରରେ ଗଗନ ବିଦୀର୍ଣ୍ଣ ହୋଇ ଉଠିଲା ।

ଜମିଦାର ପଠାଇଥିବା ଗୁଣ୍ଡା ମାନଙ୍କ ଆଗକୁ ଆଗେଇ ଆସି ରାଧାକାନ୍ତ କହିଲା—"ତୁମେ ମାନେ ମନୁଷ୍ୟ ନା ପଶୁ ! ନିରସ୍ତ୍ର ନିରୀହ ନିଃସ୍ୱ ଦୁର୍ବଳ ହରିଜନ ଭାଇ ମାନଙ୍କ ଉପରେ ଶକ୍ତିର କ୍ଷମତା ଦେଖାଇବାକୁ ଆସିଛ । ଜମିଦାର ଠାରୁ ହାତ ଗୁଞ୍ଜା ସାମାନ୍ୟ କେଇଟା ଟଙ୍କା ନେଇ ମନୁଷ୍ୟ ହୋଇ ମନୁଷ୍ୟତାକୁ ବିକି କରି ଦେଇଛ । ରୋଗ—ଶୋକ—ଦୁଃଖ—ଅଭାବ—ଅନାହାର—ଅତ୍ୟାଚାରରେ ତୁମର ହରିଜନ ଭାଇମାନେ ଦୁର୍ବଳ, ସେହି ସବୁ ଦୁର୍ବଳ ମାନଙ୍କ ଉପରେ ଅମାନୁଷିକ ଭାବେ ଅତ୍ୟାଚାର କରି ତୁମ ମାନଙ୍କ ଦେହରେ ଶକ୍ତି ଅଛି ବୋଲି ଦେଖାଇ ଦେଉଛ । କାପୁରୁଷଙ୍କ ଭଳି ଯେଉଁ ସବୁ ଧନଶାଳୀ ମାଲିକ ମାନେ ଗରିବର ଶ୍ରମଧନ—ମାନ—ସମ୍ମାନ ଲୁଟି କରି ନେଉଛନ୍ତି ସେମାନଙ୍କ ସଙ୍ଗେ ବିରୋଧତା ନ କରି ଅର୍ଥ ବଦଳରେ ମନୁଷ୍ୟତାକୁ

ବାହିନୀର ସେମାନଙ୍କ ସପକ୍ଷରେ ନିଜର ଗହଳ ଭାଇ ଭଉଣୀ ମାନଙ୍କୁ ଶାସ୍ତି ଦେବାକୁ ଅଛିଛ । କାଣୀ ବସ୍ତିର ଅସରପା ଉପରେ ସଗ କଲା ଭଳି ତୁମେ ମାନେ ମୋ କଥା ମାନି ମାରପିଟ ଫୌଜଦାରୀ ବନ୍ଦକର, ତା ନୋହିଲେ ତୁମ ମାନଙ୍କର ଦୁର୍ଦ୍ଦଶାର ସୀମା ରହିବନି...... ।”

ମୁହଁର କଥା ମୁହଁରେ ତାର ଅଟକି ଯାଏ । ଆକସ୍ମିକ ଭାବେ ତା ମୁଣ୍ଡରେ ଠେଙ୍ଗାର ପ୍ରହାର ଆସି ବସିଲା—ସୁରଅଜ ତାକୁ ଅନ୍ଧାର ଦିଶିଲା—ମୁଣ୍ଡଟା ଚକ୍ର ପରି ଘୂରି ଗଲା । ସାରା ଦେହଟି ତାର ଦୁର୍ବଳ ଓ ଅବଶ । ଅଚେତନ ହୋଇ ଭୂଇଁ ଉପରେ ଢଳି ପଡିଲା ରାଧାକାନ୍ତ ।

ତାହାକୁ ଭଡ଼ାଟିଆ ଗୁଣ୍ଡା ଆଣି ଠାକୁରାଣୀଙ୍କ ମନ୍ଦର ମାର୍ଫତ-ଦାର ରାମ ପ୍ରସାଦ ରାୟ ଏପରି ଅମାନୁଷିକ ଭାବେ ଶାସ୍ତି ଦିଆଏ ।

ପୂର୍ଣ୍ଣିମାର ଜହ୍ନ ଆକାଶ ସର୍ବାଙ୍ଗେ ସଜାଇ ଦେଇଛି ତାରାର ମେଖଳା । ପୃଥିବୀର ଏ ପ୍ରାନ୍ତରୁ ଶେଷ ପ୍ରାନ୍ତ ପର୍ଯ୍ୟନ୍ତ ସ୍ନିଗ୍ଧ ଜୋଛନା ଶୁଭ୍ର ଅଲୋକ ଦାନ କରୁଛି । ତାର କାହା ପ୍ରତି ଭେଦା-ଭେଦ ଭାବ ନାହିଁ । ଆଦର୍ଶବାଦୀ ସିଏ ।

ରାତିର ପ୍ରଥମ ପ୍ରହରକୁ ରାଧାକାନ୍ତର ଜ୍ଞାନ ଫେରେ । ସେ ଉଠିବାକୁ ଚେଷ୍ଟାକଲା କିନ୍ତୁ ଉଠିବାର ଶକ୍ତି ତା ଦେହରେ ନାହିଁ । ମୁଣ୍ଡରେ ଫାଟି ଯାଇଥିବା ସ୍ଥାନେ ଦାରୁଣ ଯନ୍ତ୍ରଣା ଅନୁଭବ କରୁ-ଥାଏ— ।

ମଇନୀ ବାମଜାନୁ ଉପରେ ମୁଣ୍ଡ ରଖି ରାଧାକାନ୍ତ ଶୋଇ ରହିଥିଲା । ମଇନୀ ଏଠାକୁ ଆସି ତାକୁ କୋଳରେ ନେଇ ବସି ରହିଛି ଦେଖି ରାଧାକାନ୍ତ ଅଶ୍ଚର୍ଯ୍ୟ ହୋଇ, ମଇନୀ ପ୍ରତି ବ୍ୟାକୁଳିତ ଦୃଷ୍ଟିରେ ଗୁହିଁ କାତର କରୁଣ କଣ୍ଠେ କହିଲା—“ହେମାନେ

ସମସ୍ତେ କଣ ଗୁଲି ଗଲେଣି ? ଗୁଣ୍ଡାମାନଙ୍କ ଉପଦ୍ରବରେ ଗରିବ ମାନଙ୍କ ଦୁରବସ୍ଥା କଥା କଣ ଯେ ହେଲା କିଛି ବୁଝି ପାରିଲି ନାହିଁ । ଏଥର ଯିବା ଗୁଲ ! ମୁଁ ଏବେ ଉଠେଁ କହି, ରାଧାକାନ୍ତ ଉଠିବାକୁ ଚେଷ୍ଟାକରେ ।

ଯୁଗଳ ଭ୍ରୂଧନୁ ଊର୍ଦ୍ଧ୍ୱକୁ ଟାଣି ଆଦେଶ ସ୍ୱରେ ମଇନୀ କହିଲା—"କିଛି ସମୟ ଚୁପ ହୋଇ ଶୁଅ ତ ! ସାମାନ୍ୟ ସୁସ୍ଥ ହୋଇଗଲେ କେଉଁଆଡ଼େ ଯିବ ଯିବ ।"

ରାଧାକାନ୍ତର ମନେ ପଡ଼ିଲା ତାର ମା'ର କଥା—ଗାଁ'ର କଥା—ବିଧବା ମାନ ଭଉଣୀ ସୁଜାତା କଥା । ସେ ତାର ମା'କୁ କେବେହେଁ ଦେଖି ନାହିଁ । ଏତେ ଦିନ ହେଲା ମା' ତାର କପରି ଅଛି । ମା'ର ଦୁଃଖ କଥା ଭାବି ରାଧାକାନ୍ତର ହୃଦୟ ଚଳ ମଳ୍ଲି ହୋଇ ଉଠୁଛି । କରୁଣ ଦୃଷ୍ଟିରେ ମଇନୀକୁ ଗୁହିଁ କହିଲା—"କିଛି ବୁଝି ପାରୁନାହିଁ ; ଆଜ କାହିଁକି ମା'କଥା ମୋ ମନରେ ପଡ଼ୁଛି ।"

ମଇନୀ କହିଲା—"ମୋତେ ପ୍ରତିଶ୍ରୁତି ଦିଅ ତୁମେ ଘରକୁ ଫେରିଯିବ ।"

କରୁଣା ଓ ସ୍ନେହରେ ରାଧାକାନ୍ତ ଗୁଡ ଭରି ଉଠିଲା । ସେ ତାର ଦୁଇ ବାହୁ ମଧ୍ୟରେ ମଇନୀର ପୃଷ୍ଠ ଛନ୍ଦନେଇ କହିଲା—
—"ତମେ ମୋ ସଙ୍ଗରେ ଆମ ଗାଁ'କୁ ଯାଇ ପାରିବ ତ ?"

ମଇନୀ ସ୍ନେହ କୋମଳ କଣ୍ଠେ ଧୀରେ ଧୀରେ କହିଲା—
—"ମୁଁ ଯିବାକୁ ମନା କରୁନାହିଁ । ଏପରି ଭାବେ ଗଲେ ବହୁ ଅଶାନ୍ତି ଭୋଗିବାକୁ ପଡିବ ।"

ମଇନୀ କାନ୍ଧରେ ଭର ଦେଇ ରାଧାକାନ୍ତ ଉଠି ଠିଆହେଲା ।
—"ଯ୍ୱାପରେ ମୋର ଅଦୃଷ୍ଟ ମୋତେ କେଉଁଆଡ଼େ ନେଇ ଯାଉଛି କହି, ମଇନୀ କାନ୍ଧରେ ଭର ଦେଇ ଧୀରେ ଧୀରେ ବାଟ ଗୁଲେ ।

ସ୍ୱପ୍ନ ଘାଟରେ ଜନ ମାନବର ସମାଗମ ନାହିଁ—ଦ୍ୱିତୀୟ ପ୍ରହର ଜ୍ୟୋତ୍ସ୍ନା ପ୍ଲାବିତ ରାତି— ।

# ( ତେର )

ଜାଷ୍ଠାସନରେ ରାଜୀବ ଲୋଚନ ଚୌଧୁରୀ ଗମ୍ଭୀର ଚିନ୍ତା-ମଗ୍ନ ହୋଇ ବସିଛନ୍ତି । ଚୌଧୁରୀ ଘର ଅଭିଆଡୀ ଝିଅ ମଇନୀ ଗଲି ରାତିଟା ସାରା ବାରବୁଲା, ଛତର ଟୋକା ରାଧାକାନ୍ତ ସାଙ୍ଗରେ ରହି କଟାଇ ଦେଲା । ଗୁରୁଆଡ଼େ ବାର ଲୋକଙ୍କ ମୁହଁ ଏଇ କଥା ନେଇ ନିନ୍ଦା, କୁତ୍ସା ଗୁଜବ ରଟି ଯାଉଛି । ରାଜୀବ ଚଉଧୁରୀ ଝରକାର ଫାଙ୍କ ଦେଇ ଦେଖିଲେ, ଭିତର ଅଗଣାକୁ ବୋହୂ ଇନ୍ଦ୍ରାଣୀ ଓଦା ଲୁଗା ଶୁଖାଇବା ଲାଗି ଆସିଛି । ପୁଅ ବଧୂକୁ ଡାକି କହିଲେ—"ତମ ସଙ୍ଗରେ ମୋର ଗୋଟାଏ କଥା ଅଛି ; ଏଣେ ଆସ ତ ବୋହୂ !"

ରାଜୀବ ଲୋଚନ ଚଉଧୁରୀ ନିଜ ସ୍ତ୍ରୀକୁ ସାଙ୍ଗରେ ଆଣି ଯେଉଁଦିନଠୁ ଏ ଘରେ ପାଦ ଦେଲେଣି, ସେହି ଦିନ ଠାରୁ ଏ ଘରେ ଝଗଲେ ହେଲେ ସୁଖ ଶାନ୍ତି ନାହିଁ । ପାହି ନ ପାହି ବର୍ଷକରୁ ଉପର ହେବ କେବେ କୌଣସି ଦିନ ତ ବୋହୂକୁ ସେ ପାଖକୁ ଡାକି ନାହାନ୍ତି, ଆଜି ତାଙ୍କର ଏପରି ଗମ୍ଭୀର ଭାବରେ ଡ଼ାକିବା

ଦେଖି ଇନ୍ଦ୍ରାଣୀ ଦେବୀଙ୍କ ଛାତି ଭୟର ଆଶଙ୍କାରେ ଥର ଉଠିଲା । ଶ୍ୱଶୁରଙ୍କ ଡାକରେ ଅବଗୁଣ୍ଠନ ନାସାଗ୍ରବଧି ଟାଣି ଆଣି ମନ୍ଥର ପଦ କ୍ଷେପେ ଆସି ନମ୍ର ସଙ୍କୋଚ କଣ୍ଠେ ପଚାରିଲେ—"କାହିଁକି ଡାକିଲ ବାପା ?"

ରାଜୀବ ଲୋଚନ ଚୌଧୁରୀ କାନ୍ଥକୁ ଆଉଜି ବସି ରହିଥିଲେ ; ଘୃଣା ସନ୍ଦେହ ପୂର୍ଣ୍ଣ ଦୃଷ୍ଟିରେ ଇନ୍ଦ୍ରାଣୀ ଦେବୀଙ୍କ ପ୍ରତି ଲକ୍ଷ୍ୟ କରି କହିଲେ—"ଏ ସବୁ ଯେଉଁ ଅନ୍ୟାୟ କାଣ୍ଡ କାରଖାନାଦି ଚାଲିଛି ତା ପାଇଁ ଲୋକଙ୍କ ଆଖିକି ଭଲ ଦିଶୁନାହିଁ । ତମ ମାନଙ୍କ ପାଇଁ ଅନେକ ଲୋକଙ୍କ ଠାରୁ ମତେ ଅନେକ କଥା ଶୁଣିବାକୁ ହେଉଛି । ଏ ସବୁ ଯେଉଁ କାମ ହେଉଛି, ସେ କଣ ତମକୁ ଭଲ ଦେଖା ଯାଉଛି ?

ଇନ୍ଦ୍ରାଣୀ ଦେବୀ ଅନୁମାନ କରି କଥାଟା ବୁଝି ନେଇଥିଲେ ମଧ୍ୟ କଥାଟା କଣ ଜାଣିବାକୁ ପଚାରିଲେ—"ମୁଁ କଣ ଏମିତି ଦୋଷ କରିଛି ବାପା ?"

—"ମଇଳୀ ସେ ଛତରା ଟୋକା ରାଧାକାନ୍ତ ସଙ୍ଗରେ ଯାଇ ବୁଲୁଛି ; ବାର ଲୋକେ ବାର କଥା କହି ମୋ ମୁହଁକୁ ଛେପ ପକେଇଲେଣି । ମୋ ଆଖି ଆଗରେ ଏ ସବୁ ସୁନ୍ଦର ଦେଖାଏନା । ମାନ ସମ୍ମାନ ଆଉ ବଡ଼ ବଡ଼ର କିଛି ନାହିଁ । ମଲି ମୁଣ୍ଡିଆ ଯେତେ ସବୁ ଛୋଟ ଜାତି ମାନଙ୍କ ସାଙ୍ଗରେ ସବୁ ବେଳେ ଧାଁ-ଧପଡ଼ କରୁଛି । ଛି ଛି, ତାଙ୍କ ପାଇଁ ଲୋକେ ଯାହା ସବୁ କହୁଛନ୍ତି— କାନରେ ଶୁଣିବାର ନୁହେଁ ହେ !"

ସେ କାଳର ମରହଟ୍ଟିଆଣୀ ସୁଶୀଳା ଦେବୀ ଦରଜା ଚଉକାଠକୁ ଭରା ଦେଇ ଠିଆ ହୋଇଥିଲେ । ବୋହୂ ଆଡ଼କୁ ହାତ ଆଙ୍ଗୁଳ ଦେଇ ମୁହଁ ମୋଡ଼ି, ନାକ ଟେକି, ସ୍ୱାମୀକୁ ଉପଦେଶ

ଦେଇ କହିଲେ—"କେଉଁ ସୁଖ ପାଇବ ବୋଲି ଏଠିକି ଧାଇଁ ଆସିଥିଲ ମ !" ତାଙ୍କ ମାଆ ଝିଅ ଦୁହିଙ୍କ ଯାହା ଖୁସି ସେ କର ଥାଆନ୍ତେ । ତେଣେ ମୋର ଘର ଦୁଆର ପକେଇ ରଖି ତମର ଏଠି ମାମଲତକାର ହେବାକୁ କୋଉ ପେଇଁ ଏତେ ମୁଣ୍ଡ ବଥଉ-ଥିଲ ? ......ବାପ ଗୁଣେ ପୁଅ—ମା' ଗୁଣେ ଝିଅ । ଭଦର ଘର ଝିଅର ଝିଅ ହୋଇଥିଲେ ଏ ଭଳି ବେସରମୀ ଚାଲି ଚଳନ ହୁଅନ୍ତା ବା କାହିଁକି । ତମ ପୁଅ ଯେତେବେଳେ ତମର ନୁହେଁ—କି ଜାତି ବୋଲି କି ଜାତି ଘରର ଝିଅ, ତାକୁ ମୋ ସଜ ବାହା ହେଇଥିଲା କି ନାହିଁ ଠିକ୍ କରି କିଏ ଏ କଥା କହି ପାରିବ । ଏ ଅଲକ୍ଷଣୀ ଘରେ ନମିଲେ ହେଲେ ଶାନ୍ତି ନାହିଁ ।"

ଶାଶୁ ଶ୍ୱଶୁରଙ୍କ ମୁହଁରୁ ଏପରି କଟୁକଥା ମାନ ଶୁଣି ଇନ୍ଦ୍ରାଣୀ ଦେବୀଙ୍କ ଆଖିକୁ ସାରା ଦୁନିଆ ଅନ୍ଧାର ଦିଶେ । ଭାଗ୍ୟ ଦେବତାର ଏ କି ନିର୍ମମ ପରିହାସ । ଇନ୍ଦ୍ରାଣୀ ଦେବୀଙ୍କ ମନ ଓ ମୁହଁରେ ସଙ୍କୋଚିତ ଶଙ୍କିତର ଅଚ୍ଛନ୍ନତା । ଶ୍ୱଶୁର ଶାଶୁଙ୍କର ଗଞ୍ଜଣା ଅତ୍ୟା-ଚାରରେ ବହୁ ଓଡ଼ିଆ ଘରର ବହୂ ଘରୁ ବାହାରି ଯାଇଛନ୍ତି ; ସେ କେବଳ ପାଣ୍ଡି ମାଇପୀଙ୍କ ମୁହଁରୁ ଏ କଥା ଶୁଣିଥିଲେ ସିନା...; କିନ୍ତୁ, ସେ ଦୁଃଖ ଉପସ୍ଥିତ ନିଜେ ଅନୁଭୋଗ କରୁଛନ୍ତି । ମନର ଧୈର୍ଯ୍ୟ ବନ୍ଧ ଭାଙ୍ଗିଯାଏ । ଦୁଇ ଆଖି ଦେଇ ଝରଝର ହୋଇ ଲୁହର ଝରଣା ବୋହି ଆସେ । ସ୍ୱାମୀ ଦେବତାଙ୍କ ନାଁରେ ତାଙ୍କ ମା' ବାପଙ୍କ ମୁହଁରୁ ଏପରି ଜଘନ୍ୟ କଥା ଶୁଣିବାକୁ ହେଲା ।

ଦରଜା ଫାଙ୍କରେ ଆକାଶ ଆଡ଼େ ଚାହିଁ ନିଜ ମନ ମଧ୍ୟରେ ଡାକି କହିଲେ—"ହେ ପ୍ରଭୁ ମୋର ସ୍ୱାମୀ ଦେବତା ! ତୁମର ସ୍ତ୍ରୀ ହୋଇ ମୋତେ ଏପରି ନିନ୍ଦା, ଜଘନ୍ୟ କଥା ଶୁଣିବାକୁ ହେଲା । ଥରକ ପାଇଁ ସରଗ ରାଇଜରୁ ଓହ୍ଲାଇ ଆସି ଏତକି କହି ଯାଅ ;

ତୁମ ସ୍ତ୍ରୀ ଇନ୍ଦ୍ରାଣୀ ବ୍ୟଭିଚାରିଣୀ, କୁଳଟା ଘରର ଝିଅ ନୁହେଁ । ସେ ତୁମର ରକ୍ଷିତା ସ୍ତ୍ରୀ ମଧ୍ୟ ନୁହେଁ । ସହଚାରିଣୀ ତୁମର ବିବାହିତା ଧର୍ମପତ୍ନୀ । ······ଛାଡ଼ି, କେହି ତ କଣ ସଠିକ ଘଟଣାର ଜବାବ ଦେଲେ ନାହିଁ ! ···କେହି ତ ମଧ୍ୟ ପ୍ରତିବାଦ କରୁନାହାନ୍ତି ! ଅଗକାର କଥା ଭାବି ଇନ୍ଦ୍ରାଣୀ ଦେବୀଙ୍କ ଦେହ ଶିହରି ଉଠେ । ଶାଶୁ ଶ୍ୱଶୁରଙ୍କୁ ଚିଠି ଦେଇ ଡକାଇଥିଲି କଣ ଏପରି ଗଞ୍ଜଣା ସହି ମରିବାକୁ ? କେତେ ଲାଞ୍ଛନା, କେତେ ଗଞ୍ଜଣା ସହ୍ୟ କରିବାକୁ ହେଉଛି ତଥାପି ମୁଁ ମୁହଁ ଟେକି କୌଣସି କଥା କହୁନି ।

ମଇନ୍ଦ୍ରୀ ପାର୍ଶ୍ୱ ଘରେ ବସି ରହି ଓଡ଼ିଶା ଇତିହାସ ମନଯୋଗ ଦେଇ ପଢୁଥିଲା । ଗୋସାଇଁମା ମୁହଁରୁ ମା'ର ନାମେ ଜଘନ୍ୟ ଅପବାଦ କଥା ଶୁଣି ରୋଷଭରା କନ୍ଦଦ କଣ୍ଠେ ଆସି କହିଲା—"ମୋ ମାଆ କୁଳଟା, ବ୍ୟଭିଚାରିଣୀ ଘର ଝିଅ—ତମ ପୁଅଙ୍କର ରକ୍ଷିତା ସ୍ତ୍ରୀ ନା ?" ରକ୍ତଜବା ଭଳି ତାର ମୁହଁ ଲାଲ୍ ହୋଇ ଉଠିଲା— । ······"ଜାଣି ଶୁଣି ଯେଉଁ ବୋହୂଅ ବୋହୂଆଣୀ ବାପ ମା' ମାନେ ନିଜ ପୁଅର ବିବାହିତା ସ୍ତ୍ରୀକୁ କୁଳଟା, ରକ୍ଷିତା ବୋଲି କଳଙ୍କ ଦେଇ ପାରନ୍ତି ; ସେଇ ପୁଅର ଋଣପୂ ସମ୍ପତ୍ତି ଉପଭୋଗ କରିବାକୁ ସେମାନେ ଲଜ୍ଜାବୋଧ କଲେ ନାହିଁ !"

ନାତୁଣୀର କଥାରେ ସୁଶୀଳା ଦେବୀଙ୍କର ଆଖି କପାଳକୁ ଉଠିଗଲା । ନାତୁଣୀ ଉପରେ ରାଗ କରି କହିଲେ—"ମେଚଣ୍ଡୀ ଝିଅ ଖଣ୍ଡେ—ଗାଲ ଚିପିଦେଲେ ଜନମ ଦୁଧ ବାହାରି ପଡିବ—ଯେତେ ବଡ଼ ପିଲା ନୁହେଁ ସେତେ ବଡ଼ କଥା । ······"ଅଲୋ ଅଣ୍ଡିରି ଚଣ୍ଡୀ ! ଘରୁ ବାହାରି ଯାଇ, ବାହାରେ କେଉଁଠି ରହି ଯା' ଇଚ୍ଛା ତା' କର ; ଭଗବାନ ଜାଣେ ।" ······ଛି'ଛି-ଛି, ଗିରସ୍ତି ଘରର ଝିଅ ! ପର ପୁରୁଷପୁଅ ସାଙ୍ଗରେ ହାତ ଧରାଧରି ହୋଇ ବୁଲିବ ; ଯା ମୋ ଘରେ ରହି ଚଳିବ ନାହିଁ ।"

ତିରସ୍କାର କ୍ରୋଧେ ଇନ୍ଦ୍ରାଣୀ ଦେବୀଙ୍କ ଦେହ ଓ ମନ ଅଗ୍ନି-ଦଗ୍ଧ ଲଙ୍କା ଭଳି ଦଗ୍ଧ ହେଉଥାଏ ।

ମଇନ୍ଦୀ ରାଗରେ କାନ୍ଦି କାନ୍ଦି ଅଭିମାନ କରି କହିଲା—
—"କାଲି ଉଡ଼ି ଆସି ଏ ଘରେ ଠାଇ ମାଡ଼ି ବସିଛ······ ।"

ଇନ୍ଦ୍ରାଣୀ ଦେବୀ ନିଜ କନ୍ୟାକୁ ପାଖକୁ ଟାଣି ଆଣି, ଭଇଁ ଭଇଁ ହୋଇ କାନ୍ଦ କାନ୍ଦ କଣ୍ଠେ କହିଲେ—"ତୁ ତୁନିକର ବୋଲି କହୁଛୁ ମଇନ୍ଦୀ !"

ରାଜୀବ ଲୋଚନ ଚୌଧୁରୀ, ନାତୁଣୀ ମୁହଁରୁ ଏପରି କଟୁ କଥା ମାନ ଶୁଣି ରାଗାନ୍ୱିତ କଣ୍ଠେ ଗର୍ଜନ କରି କହିଲେ—"ମୋ ପୁଅର ଅର୍ଜିତ ଧନ ସବୁ ସମ୍ପତ୍ତି ଉପରେ ମୋର ଦାବୀ ରହିଛି । ତମ ପୁଅଙ୍କ ଧନ ସମ୍ପତ୍ତି ଉପରେ ତମର ଦାବୀ । ତମ ପୁଅର ଝିଅ ବୋହୂ କେହି ନୁହନ୍ତି ।"

ଅଧିକାଂଶ ଲୋକ ପ୍ରୌଢ଼ ଅତିକ୍ରମ କରି ବାର୍ଦ୍ଧକ୍ୟ ଚରମ ସୀମାରେ ପହଞ୍ଚିଲେ ସେମାନଙ୍କର ଅର୍ଥର ଲୋଲୁପତା ବୃଦ୍ଧି ପାଇ-ବାର ଦେଖାଯାଏ । ଏମାନେ ମନୁଷ୍ୟ ନୁହନ୍ତି—ପଶୁ ! ଅଦୃଶ୍ୟ ମହା ଲୋକରୁ ଭାଗ୍ୟ ଦେବତାର ଏହା କରୁଣା ନା ଅଭିଶାପ ? ବିଶ୍ଳେଷଣ କଲେ ମନୁଷ୍ୟର ବସ୍ତୁତ୍ୱର ସୀମା ରହେନା । ଆଗରୁ କେହି ଦୈବ ଦୁର୍ଘଟଣା କଥା ଜାଣି ପାରି ନ ଥାଏ । ଯାହା ଘଟିବାର ନୁହେଁ—ମନୁଷ୍ୟ ଘଟି ପାରେନା ବୋଲି ମନ କରେ ତାହା ଅତି ଅକସ୍ମିକ ଗତିରେ ଘଟିଯାଏ— ।

# ( ଚଉଦ )

ହାଲ୍ ଘରୁଆ ରାମ ପ୍ରସାଦ ରାୟ ରାଜେନ୍ଦ୍ର ବାବୁଙ୍କ ମୃତ୍ୟୁ ପରେ ବର୍ତ୍ତମାନ ସେ ଏହି ସାଇର ମାମଲତକାର ବ୍ୟକ୍ତି । ବହୁ ବହୁ ଅନ୍ୟାୟ ଅଧର୍ମ କରି ଏଇ ଗଲା କେଇଟା ବର୍ଷ ଭିତରେ ଅଗାଧ ଧନ ସମ୍ପତ୍ତିରେ ମାଲିକ ହୋଇ ପାରିଛି । ତା’ କଥା ମାନି ଯଦି କେହି ନ ଚଳେ ; କେତେ ଗୁଣ୍ଡାଏ ଗଞ୍ଜେଇଆ ନିଶା ଖୋରଆ ମାନଙ୍କୁ ହାତ ମୁଠାରେ ରଖି, ସେମାନଙ୍କ ଦ୍ୱାରା ତା’ର ଉପରେ ଅମାନୁଷିକ ଅତ୍ୟାଚାର ନ କରି ତାକୁ ଛାଡ଼ିବ ନାହିଁ ।

ରାଜେନ୍ଦ୍ର ଚଉଧୁରୀଙ୍କ ଚଉତରା ଉପରେ ରାଜୀବ ଲୋଚନ ଚଉଧୁରୀ, ରାମ ପ୍ରସାଦ ରାୟ, ସାହିର ଆଉ କେତେକ ମୁଖିଆ ଲୋକେ ବସି ରହିଛନ୍ତି । ରାମ ପ୍ରସାଦ ରାୟ ରାଜୀବ ଚୌଧୁରୀଙ୍କୁ ଉଦ୍ଦେଶ୍ୟ କରି କହିଲା—“ବୁଝିଲେ ଆଜ୍ଞା ! ଏ ସବୁ ବଡ଼ ଅନ୍ୟାୟ କଥା । ଏଇଭଳିରେ ତ ଆମ ହିନ୍ଦୁ ଧର୍ମ ଅସ୍ତେ ଅସ୍ତେ ନଷ୍ଟ ହେବାକୁ ବସିଛି । ଆଜି କାଲି ଯୁଗରେ ଅତି ଅଧର୍ମ କାମ ମାନ ହେଉଛି । ଆଗ କାଳ ହୋଇଥିଲେ ଜାତିଆଣିଆ ସଭା ବସାଇ, ମୁଣ୍ଡ ଉପରେ ଗୁଆ, ଗୁଆ ଉପରେ ପାଣି ମାଠିଆ ଦେଇ ଏକ ଗୋଡିକିଆ ରଖି, ଏଭଳି ଲୋକଙ୍କୁ ଦେଶାନ୍ତର କରି ଦିଅନ୍ତେଣି । ଏ କଳିକାଳ ଏବେ ହେଲା କ’ଣ ।”

ନିଜେ ଯେ କେତେ ଭଲ ଲୋକ ଏକଥା କାହାକୁ ଅମାଲୁମ୍ ନାହିଁ— ।

ବସିଥିବା କୋଡ଼ିଏ ପଚିଶ ଜଣଙ୍କ ଭିତରୁ ଅତ୍ୟାଧିକ ଅସଭ୍ୟ କାମଦେବ ପଣ୍ଡା । ଏତେ ଲୋକଙ୍କ ଭିତରେ ମଇଳା ଅପରିଛନ୍ନ ଖଣ୍ଡେ କରିଆ ଗାମୁଛା ପିନ୍ଧି ଏତେବେଳ ପର୍ଯ୍ୟନ୍ତ ତୁନି ହୋଇ ବସି ରହିଥିଲା । ରାମ ପ୍ରସାଦ ରାୟଙ୍କ କଥା ଶୁଣି, ପଞ୍ଚାୟତ ମଣ୍ଡଳୀକୁ ଚାହିଁ ତୁଚ୍ଛ କର୍କଶ କଣ୍ଠେ କହିଲା—"ପୁରୁଷ ପୁଅ ଯେତେ ଯାହା କରୁ ତାକୁ ଶୋଭାପାଏ । ଶାସ୍ତ୍ର କହୁଛି—ପୁରୁଷ ଛିନ୍ନପାଦ ଆଗକୁ ଗଲେ ସବୁ ପାପ ଦୋଷ ଖଣ୍ଡିଗଲା । କିନ୍ତୁ, ଏ ମାଇପି ଜାତିଙ୍କର ବାରହାତ ଲୁଗାରେ ଲଜ୍ଜା ଢାଙ୍କି ହୁଏନା । ପୁରୁଷ କରିଆ ଖଣ୍ଡେ ପିନ୍ଧି କାଶୀ କାମାକ୍ଷା ମାରି ଦେଇ ଆସି ପାରିବ ।

—"ଯେଉଁ ଭୁଅସୁଣୀ ମାନେ ଚିରକାଳ ଘର କବାଟ କୋଣରେ ସାରା ଜୀବନ କଟାଇ ଦେଇ ଆସିଥିଲେ, ସେମାନଙ୍କୁ ଚନ୍ଦ୍ର ସୂର୍ଯ୍ୟ ଦେଖି ପାରୁ ନ ଥିଲେ । ଏବ ଯୁଗକୁ ସେମାନେ ପୁରୁଷଙ୍କ ଭଳି କାଖରେ ଛତା ଜାକି, ଘର ସଂସାର, ପିଲା ଛୁଆ ଛାଡି ସଭା ସମିତି ପରିଦର୍ଶନ କରିବାକୁ ଯାଉଛନ୍ତି । ଆଉ ସାହୁର ସ୍ତ୍ରୀ ମଞ୍ଜରୀ ଦେବୀ ଏଇ ଗଲା କେଇ ମାସ ହେଲା ଗୋଟାଏ ପୁଅର ମା' ହୋଇ ଯିବାରୁ ନିବର୍ତ୍ତି ପଡିଲେଣି । ନୋହିଲେ ତ ପାଞ୍ଚ ପୁରୁଷଙ୍କ ସାଙ୍ଗରେ ଥେଇ ଥେଇ ହୋଇ ସଭା ମାନଙ୍କରେ ସଭାନେତ୍ରୀ ହୋଇ ବକ୍ତୃତା ଦେଉଥିଲେ । ମାଅ ହେଲେ ପ୍ରତ୍ୟେକ ନାରୀର ମନେ ମାୟା ମମତା ଜନ୍ମେ । ଯେଉଁ ଗୁଣେ ମନର ଭାବ ପରିବର୍ତ୍ତିନ ହୋଇଯାଏ ।"

ଜନୁଆ ପଧାନ କାମ ପଣ୍ଡାର କଥାକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରି କହିଲା—"ଆଉ କେତେ ଦିନ ଯାଉ ଦେଖିବ ହେ ଭାଇନା ! ମାଇପେ ସବୁ ବାହାର କାମ ଧନ୍ଦା କରିବେ—ପୁରୁଷ ମାନେ ହାଣ୍ଡିଶାଳ ଘରେ ଚୁଁ ଚୂଁ ମାରି କଥା କହି, ଖେଞ୍ଚେଇ ବାସ ଆଦି କରି ଘର ସଂସାର ଚଲାଇବେ ।"

ରମେଶ ଚଉଧୁରୀ ରାଜୀବ ଲୋଚନ ଚଉଧୁରୀଙ୍କ ପ୍ରତି ଲକ୍ଷ୍ୟ କରି କହିଲେ—"ଏପରି ସମୟରେ ଚୁପ୍ ହୋଇ ବସିବା ମୋଟେ ଉଚିତ ହେଉ ନାହିଁ । ଆପଣଙ୍କ ସତ୍ତ୍ୱ ସମ୍ପତ୍ତି ଉପରେ ଅନାସ୍ଥା ଘଟି-ପାରେ । କାରଣ ଆପଣଙ୍କ ନାତୁଣୀ ଓ ତାଙ୍କର ମାଆର ନାମେ ନାମେ ଯେତେବେଳେ ରାଜେନ୍ଦ୍ର ଚୌଧୁରୀଙ୍କ ସ୍ତ୍ରୀ ଏବଂ କନ୍ୟା ବୋଲି କାଗଜ ପତ୍ର ଠାରୁ ଆରମ୍ଭ କରି ସବୁ ଯେଣେ ସମସ୍ତ ପରି-ଚୟ ରହିଛି । ମଇନ୍ଦୀ ଯେ ଆପଣଙ୍କର ନାତୁଣୀ ଏକଥା ଆପଣଙ୍କୁ ମାନି ନେବାକୁ ହେବ ।"

ରାଗରେ ଅସ୍ଥିର ହୋଇ ରାଜୀବ ଚଉଧୁରୀ କହିଲେ—

—"ହଇହେ ରାମ ପ୍ରସାଦ ! ଏ ପାଇଁ ମୁଁ କଣ କରିବ ହେ ।" ସେମାନେ ମୋ ପୁଅର ଧନ ସମ୍ପତ୍ତି ଉପରେ କିଏ ? ଯେତେ ଦିନ ପର୍ଯ୍ୟନ୍ତ ମୋର ଏଠାରେ ଥିଲେ, ବର୍ତ୍ତିମାନ ତ ସେମାନଙ୍କ ଠାରୁ ମୁଁ ମୋର ସମସ୍ତ ସମ୍ପର୍କ ତୁଟାଇ ଦେଇଛି ତାଙ୍କର ବେଚାଲି ଚାଲି ଚରଣ ଦେଖି ।"

ରମେଶ ଚଉଧୁରୀ କହିଲେ—"ଏ ଘର ଦୁଆର ସମ୍ପତ୍ତି ବାଡି ସବୁ ତାଙ୍କର । ସେମାନେ ନିଜ ଇଚ୍ଛାରେ ଏଠୁ ଚାଲି ଯାଇଛନ୍ତି ସିନା ।"

ଅତିରିକ୍ତ ବିରକ୍ତେ ମୁହଁକୁ ବିକୃତ କରି ରାଜୀବ ଚଉଧୁରୀ କହିଲେ—"ଯା'ହେ ଯା—ରଖ ସେ ସବୁ କଥା !"

ସେ ସାହିର ତରୁଣ ଗିରିଶ ଦାସ ଧୀର କଣ୍ଠେ କହିଲା—

—"ସେମାନେ ତାଙ୍କ ଅର୍ଜନ ଖାଉଥିଲେ, ପିନ୍ଧୁଥିଲେ—ଆପଣଙ୍କ ଅର୍ଜିତ ସମ୍ପତ୍ତିରୁ ତ ସେମାନେ କେବେ ଖାଇ ନାହାନ୍ତି ! ସିଂହ ନ ଥିଲା ଘରେ ମିରିଗର ନାଠ ଭଳି, ରାଜେନ୍ଦ୍ର ବାବୁ ମଲା ପରେ ସିନା ଆସି ଗାଦି ମାଡି ବସିଛ । କେଉଁ ଆଇନ ବଳରେ ତାଙ୍କୁ ଘରୁ ବାହାର କରି ଦେଇଛ କହିଲ ?"

ଏତେ ଲୋକଙ୍କ ଆଗରେ ଗିରଣ ଦାସ ମୁହଁରୁ ଏପରି କଥା ଶୁଣିବେ ବୋଲି ଆଗରୁ ତାଙ୍କୁ ଜଣା ନ ଥିଲା । ରାଗରେ ତାଙ୍କ ମୁଣ୍ଡ ବିଗିଡ଼ି ଗଲା । କଡ଼ା କଥା ଦପଦ ଗିରଣ ଦାସକୁ ଶୁଣାଇ ଦେଇ ଥାଆନ୍ତେ—ମନ ରାଗ ମନରେ ସମ୍ଭାଳି କହିଲେ—"ଓଃ ! ଏଇ କଥା ପଗ୍ଭରୁଛ ? ······ମୋ ପୁଅ ସମ୍ପତ୍ତି ଉପରେ ସେମାନଙ୍କରର କୌଣସି ଦାବୀ ନାହିଁ ।"

ସାହିର ବୟଃବୃଦ୍ଧ ଶଙ୍କୁ ମିଶ୍ରେ ଏତେବେଳ ପର୍ଯ୍ୟନ୍ତ ତୁନି ହୋଇ ଗୋଟାଏ ପଟେ ବସି ରହିଥିଲେ । ଜନୁଆ ପଧାନକୁ ଆଡ଼େଇ ଦେଇ ଆଗକୁ ମୁହଁ ବାହାର କରି କହିଲେ—"ଯେତେବେଳେ ଏଠି ପାଞ୍ଚ ଲୋକଙ୍କ ଆଗରେ ସବୁ କଥା ଉଠିଲାଣି, ସେତେବେଳେ ଏଠେଇଁ ତାର ମୀମାଂସା ହୋଇଯାଉ । —ରାଜବ ବାବୁ ! ଏ ବେଳେ ଆପଣ ଆପଣଙ୍କ ଅପରାଧ ମାନିବେ ନାହିଁ ଏ କଥା ମୁଁ ଭଲ ଭାବରେ ଜାଣେ । ଏ କଥା ବି ଜାଣେ—ଆପଣଙ୍କ ପୁଅର ବିବାହିତା ପତ୍ନୀ ଇନ୍ଦ୍ରାଣୀ ଦେବୀ ଏଠାକାର ସମସ୍ତ ସମ୍ପତ୍ତି ଉପରେ ଏକ ମାତ୍ର ଅଧିକାରଣୀ । ଆଉ ମଧ୍ୟ ହିନ୍ଦୁ କୋର୍ଡ଼ବିଲ୍ ଆଇନ ବଳରେ କନ୍ୟା ମଇନୀର ସମ୍ପୂର୍ଣ୍ଣ ରୂପେ ଅଧିକାର ରହିଛି । ଆପଣ ଏହି ସମସ୍ତ ଧନ ସମ୍ପତ୍ତି ହସ୍ତଗତ କରିବାକୁ ପୁଅର ମଲା ଖବର ପାଇ ଏଠିକି ଧାଇଁ ଆସିଲେ । ଯେତେବେଳେ ଆପଣଙ୍କର ସେହି ପୁଅ ଅନ୍ନ ବିନା ଅନଶନ କରି ଦୁଃଖ ଦାରିଦ୍ର୍ୟ ଦିନ କଟାଉଥିଲା ସେ ସମୟେ ଦିନେ ଅଧେ ଦେଖିବାକୁ ତ ଆସି ନାହାନ୍ତି—କମ୍ବା ଆଶ୍ୱାସନା ଦେଇ ଖଣ୍ଡେ ଚିଠି ମଧ୍ୟ ଲେଖି ନ ଥିଲେ— ?"

ରାଗର ତାନ ପଞ୍ଚମକୁ ଉଠାଇ ବିକଟ ସ୍ୱରେ ଚିତ୍କାର କରି ରାଜବ ଚୌଧୁରୀ କହିଲେ—"କାହା ନେଡ଼ରେ ବାଳ ଜଉରେ ହାଡ଼ ଅଛି ସେ ଏ କଥା କହିବ ?"

ଶଙ୍କୁ ମିଶ୍ରେ ରାଜୀବ ଚୌଧୁରୀଙ୍କ ଧମକ ଚିତ୍କାରରେ ବିବ୍ରତ ନ ହୋଇ ସ୍ଥିର କଣ୍ଠେ କହିଲେ—"ସେମାନେ ଯେ ଘରୁ ଚାଲି ଗଲେଣି କାଲି ସନ୍ଧ୍ୟାରେ ଏ କଥା ମୋ କାନରେ ପଡ଼ିଲା । ମୁଁ ଶୁଣିବା ମାତ୍ରେ ବଡ଼ ମର୍ମାହତ ହୋଇଛି । ବର୍ତ୍ତମାନ ଦିନରେ ହିଂସା, ଦ୍ୱେଷ, ନିନ୍ଦ, ଅପବାଦ, ଖଳତା ବର୍ଜ୍ଜନ କରି ହିନ୍ଦୁ ଧର୍ମର ସାମାଜିକ ସର୍ବାଙ୍ଗୀନ ଉନ୍ନତି କରିବାକୁ ପ୍ରଗାଢ଼ ଚେଷ୍ଟା ଚାଲିଥିବା ବେଳେ ନିଜର ନିରପରାଧିନୀ ପୁତ୍ର ବଧୂ ନାମେ ମିଛେ ମିଛେ ଅପବାଦ କଳଙ୍କ ଦେବାକୁ ଲଜ୍ଜା ବୋଧ କଲେ ନାହିଁ ? ଆଜି ଏଠାରେ ଆମ ସାହିର ପ୍ରତ୍ୟେକ ମାମଲତକାରଙ୍କୁ ଦେଖିବାକୁ ପାଉଛି··· ।"

ଶଙ୍କୁ ମିଶ୍ରଙ୍କ କଥା ଉପରେ ବାଧା ଦେଇ ରାମ ପ୍ରସାଦ ରାୟ କହିଲା—"ହିନ୍ଦୁ ଶାସ୍ତ୍ର ମତେ ପାଞ୍ଚ ଭାଇ, କୁଟୁମ୍ବଙ୍କୁ ନ ଜଣାଇ ଯିଏ ବିବାହ କଲେ ସେ ବୋହୂ କେଉଁ କୁଳକୁ ଯୋଗାଏ । କେହି ଜାଣିଲେ ନାହିଁ କି ଶୁଣିଲେ ନାହିଁ—ଏପରି ବାହା କେଉଁ ଆଡ଼କୁ ଯାଏ ; କୁହ । ···କିଛି ନ ହେଉ ହେ ! ବେଦ ମତେ ପୌରୋ-ହିତ ତ ଜଣେ କେହି ଥିବ । ଏହା ହେଉଛି ଆମ ବିବାହର ଆଚାର ବିଚାର କୁଳଗତ ଧର୍ମ ।"

କୌତୁକ ପୂର୍ଣ୍ଣ ଦୃଷ୍ଟିରେ ରାମ ପ୍ରସାଦ ରାୟଙ୍କୁ ଚାହିଁ ବିଦ୍ରୂପ ହସ ହସି ଶଙ୍କୁ ମିଶ୍ରେ କହିଲେ—"ବେଦର ଆଚାର ବିଚାର ତୁମେ କାହାକୁ କହିବାକୁ ଯାଉଛ ରାମ ପ୍ରସାଦ ବାବୁ ! ଆମ ହିନ୍ଦୁ ଧର୍ମ ଯେଉଁ ବେଦର ବାଣୀ ମାନି ଚଳେ ସେହି ବେଦକୁ ବ୍ୟାସଦେବ ଲେଖି ଯାଇଛନ୍ତି । ସେ ହେଉଛନ୍ତି ପରାଶରଙ୍କ ଔରଷରେ ଧୀବର କନ୍ୟା ମତ୍ସ୍ୟଗନ୍ଧା ଗର୍ଭରୁ ଜନ୍ମ । ସେ କଥା ତ ଆପଣ ନିଶ୍ଚୟ ଜାଣିଥିବେ । କେତେ ଗୁଡ଼ାଏ କୁସଂସ୍କାରକୁ

ଆମେ ମାନେ ହିନ୍ଦୁର ଅଗ୍ରୁର ବିଗ୍ରୁର ବୋଲି ମାନି ନେଇଛୁଁ । ଉପସ୍ଥିତ ଅଭିଭାବକ ସ୍ୱାମୀ ଦୁଇଟି ନାରୀଙ୍କୁ ନିର୍ଯାତନା ଲାଞ୍ଛନା ଦେଇ ଖୁବ୍ ବାହାଦୁରୀ କରୁଛନ୍ତି ବୋଲି ଭାବୁଛନ୍ତି । ଏହା ନିର୍ବି-ବେକ ବର୍ବରଙ୍କ ଭଳି କାମ ଆପଣ ମାନେ କରୁଛନ୍ତି ।”

ରାମ ପ୍ରସାଦ ରାୟଙ୍କର କୁଟ ପରାମର୍ଶରେ ଗଞ୍ଜେଇଆ ଦଳ ଭକ୍ତ ସାହିର ମାମଲତକାର ମାନେ କିପରି ତାଙ୍କୁ ଘରୁ ତଡିବେ ସଂକଳ୍ପ ଓ ଶପଥ କରିଥିଲେ ।

ରାମ ପ୍ରସାଦ ରାୟ ଗଲା ତିନି ବର୍ଷ କଥା ଏ ପର୍ଯ୍ୟନ୍ତ ମନରୁ ଭୁଲି ପାରୁନି । ବାରବୁଲା ରାଧାକାନ୍ତଟା ତାଙ୍କୁ କି ଭାବେ ଶାସ୍ତିଟା ନ ଦେଲା । ଜେଲ ଭୋଗାଇ ଦେଇଛି ସେ··· । ବୁଦ୍ଧିର ପେଞ୍ଚ ଉଦ୍ଘାଟନ କରି କହିଲା—“ଏ ସବୁ କଥା ଛାଡ଼ ହେ ମିଶ୍ରେ ! ମୁଁ କଣ କହୁଛି ସେ କଥାଟା ଆଗେ ଶୁଣ । ଆମର ଏଇ ସାଧାରଣ ପଞ୍ଚାୟତ ସରପଞ୍ଚ ସଭାରେ ସ୍ଥିର କରି ନେବାକୁ ହେବ---ରାଜେନ୍ଦ୍ର ବାବୁଙ୍କ ରକ୍ଷିତା ସ୍ତ୍ରୀ ହେଉଛନ୍ତି ଇନ୍ଦ୍ରାଣୀ ଦେବୀ ! ତାଙ୍କର ଅଗ୍ରୁର ବ୍ୟବହାର ଖରାପ ଦୋଷରୁ ସର୍ବ ସମ୍ମତି କ୍ରମେ ତାଙ୍କ ଶ୍ୱଶୁର ଶ୍ରୀଯୁକ୍ତ ରାଜୀବ ଲୋଚନ ଚୌଧୁରୀ ତାଙ୍କୁ ଘରୁ ବାହାର କରି ଦେଇଛନ୍ତି । ଏହା ସମ୍ବାଦ ପତ୍ରରେ ପ୍ରକାଶିତ କରି, ତାର ପରେ ସରକାରଙ୍କୁ ଜଣାଇ ଦେବାକୁ ହେବ । ତାହାଲେ ସବୁ ସମ୍ପତ୍ତି ଉପରେ ସେ ଅଧିକାର କରିବା ସୁଯୋଗରୁ ବଞ୍ଚିତା ହେବେ ।”

ରାମ ପ୍ରସାଦ ରାୟଙ୍କର ଏପରି ପରାମର୍ଶ, ପ୍ରସ୍ତାବ ସମସ୍ତେ ଶୁଣି ନ ଶୁଣିଲା ପରି ଚୁପ ହୋଇ ବସି ରହିଲେ ; କିନ୍ତୁ ମୁହଁ ଫିଟାଇ କେହି କିଛି କହିଲେ ନାହିଁ । ଖଣ୍ଡିଆ ବାହାପିଅଙ୍କୁ ମହାଦେବ ଡରିଥିଲେ—ପର କଥାରେ କାହାର ଯାଏ ଆସେ କେତେ ?”

ଶଙ୍କୁ ମିଶ୍ରେ କହିଲେ—“ଏ ପର ଘର ଭଙ୍ଗାଙ୍କ କଥାରେ କେହି ପଡ଼ ନାହିଁ । ମଇଁଷୀର ମା’ ଇନ୍ଦ୍ରାଣୀ ଦେବୀ ରାଜେନ୍ଦ୍ର

ଚୌଧୁରୀଙ୍କ ବିବାହିତା ପତ୍ନୀ ! ମୁଁ ସେମାନଙ୍କ ବିବାହରେ ପୌରୋହିତ କରିଥିଲି ।

...ରାମ ପ୍ରସାଦ ବାବୁ ! ଅମଣିଷଙ୍କ ଭଳି ଏ କଥା ଅଜ୍ଞ କେବେ ହେଲେ କାହାକୁ ଅପଣ କହିବେ ନାହିଁ । ମୁଁ କାହାକୁ ଡର ମିଛ କଥା କହିବା ଲୋକ ନୁହେଁ । ସେହି ବିବାହ ଅନୁଷ୍ଠାନରେ ବହୁ ବଶିଷ୍ଟ ବ୍ୟକ୍ତି ମାନେ ସହଯୋଗ ଓ ସାହାଯ୍ୟ ମଧ୍ୟ କରିଥିଲେ । ବିଭା ବେଦୀ ଉପରେ ଧର୍ମ ସାକ୍ଷୀ ରଖି ଇନ୍ଦ୍ରାଣୀ ଦେବୀଙ୍କ ବାପା ରାଜେନ୍ଦ୍ର ଚୌଧୁରୀଙ୍କୁ କନ୍ୟା ସମର୍ପଣ ଦେଇଛନ୍ତି ।

କଥା ମଝିରେ ହଠାତ୍ ରାଜୀବ ଚୌଧୁରୀ ଗର୍ଜି ଉଠି କହିଲେ —"ମିଶ୍ରେ ! ତୁମେ ମାନେ ମୋର ସର୍ବନାଶ କରିଛ । ଗୋଟାଏ ପତିତାର ଝିଅକୁ ବୈଦିକ ମତେ ଧର୍ମ ସାକ୍ଷୀ ରଖି ମୋ ପୁଅ ସହିତ ବିବାହ ଦେଇଥିଲ ?"

ଶଙ୍କୁ ମିଶ୍ରଙ୍କର ବୟସ ଅଶିଟି ବର୍ଷ ପାର ହୋଇ ଗଲାଣି । ଅଣ୍ଟା ଭାଙ୍ଗି ଯିବାରୁ ଚାଲିଲା ବେଳେ ତିନି ଗୋଡ଼ରେ ଚାଲିବାକୁ ହୁଏ । ଠେଙ୍ଗା ଭରା ନ ଦେଲେ ତାଙ୍କର ଚାଲିବାର କ୍ଷମତା ନାହିଁ । ତେବେ, ଏ ବୟସରେ ଦୁଇ ପାଟି ଦାନ୍ତରୁ ଗୋଟାଏ ହେଲେ ଏ ପର୍ଯ୍ୟନ୍ତ ପଡ଼ିନାହିଁ । ଧର୍ମଶାସ୍ତ୍ର ବା ନ୍ୟାୟ ତର୍କରେ ଅଚ୍ଛା ଅଚ୍ଛା ପଣ୍ଡିତଙ୍କୁ ସେ ଜବାବ ଦେଇ ପାରନ୍ତି । ଅତି ନିର୍ଭୀକ ହୋଇ ଶାନ୍ତ ଭାବେ ଶଙ୍କୁ ମିଶ୍ରେ କହିଲେ—

—"ଆପଣଙ୍କ ସର୍ବନାଶ ହେଲା ଭଳି କେହି କିଛି କରି ନାହିଁ । ଗରିବ ଘର ଝିଅ ଯେତେ ସୁନ୍ଦର ବା ଗୁଣର ହେଉନା କାହିଁକି ଧନ ଦୌଲତ ଯୌତୁକ ନ ଦେଇ ପାରିଲେ ତାହାର ବିବାହ ଅସମ୍ଭବ । ବଡ଼ଲୋକର ଝିଅ ଚରିତ୍ରହୀନା ହେଲେ ମଧ୍ୟ

ହଜାର ହଜାର ଟଙ୍କା ଯୌତୁକ ଦେଇ ପାରିଲେ ସବୁ କଥା ତା'ର ଘୋଡ଼ରେ ଚଳିଯିବ ।

ଇନ୍ଦ୍ରାଣୀ ଦେବୀଙ୍କ ବାପା ଝିଅକୁ କପରି ବିବାହ ଦେବେ ରାତି ଦିନ ଏଇ ଚିନ୍ତାରେ ଅସ୍ଥିର ହେଉଥିଲେ । ଦେଶର ବୁଦ୍ଧି-ମାନ ଯୋଗ୍ୟ ସନ୍ତାନ ରାଜେନ୍ଦ୍ର ବାବୁ ଇନ୍ଦ୍ରାଣୀ ଦେବୀଙ୍କୁ ବିବାହ କରିବାକୁ ତାଙ୍କ ବାପାଙ୍କୁ କଥା ଦେଲେ । ବର ପକ୍ଷର କଣ୍ଢା ହୋଇ ହୋଇ ବେଦୀ ଉପରେ ଓକିଲ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି ତାଙ୍କୁ ବିବାହ ଦେଇଛନ୍ତି । ବିବାହ ସମ୍ବନ୍ଧେ ନିସନ୍ଦେହ ପ୍ରକୃତ ତଥ୍ୟ ଅଜି ମୁଁ ଆପଣ ମାନଙ୍କ ଆଗରେ କହିଲି ।"

# ( ପନ୍ଦର )

ଯାହା ରଟେ—କିଛୁଟା ଘଟେ । ତାହା ଆପଣ ବିଶ୍ୱାସ କରନ୍ତି ତ ! ଯାହା ମନୁଷ୍ୟ ଦୁଇ ଆଖିରେ ଦେଖେ ତାହା ହେଉଛି ନିମ୍ଭଟ ସତ । ପାଞ୍ଚ ମୁହଁରେ ଛେଳି କୁକୁର ବୋଲି ଯାହା ଶୁଣା-ଯାଏ, ସେଥିରୁ କେତେକ ସତ କେତେକ ମିଛ ମଧ୍ୟ ହୋଇଥାଏ ।

ଦେହ ମଧ୍ୟରେ ମନ ହେଉଛି ରାଜା । ମନ ଯାହା କହେ ତୁମେ ତ' କରିବାକୁ ଚେଷ୍ଟାକର କିମ୍ବା ଯେକି ବିଶେଷ କାର୍ଯ୍ୟ-କାରୀ କର । ଶରୀରରେ ମନ ରଜା, ପଞ୍ଚ ଇନ୍ଦ୍ରିୟ ପାଞ୍ଚଜଣ ମନ୍ତ୍ରୀ । ଇନ୍ଦ୍ରିୟ ମାନେ ଯାହା କହନ୍ତି ମନକୁ ତାହା ମାନି ନେବାକୁ ହୁଏ ।

ପ୍ରଳୟ ବା ଭୂମିକମ୍ପରେ ଯେପରି ପୃଥିବୀ ମାନଚିତ୍ରର ରୂପ ବଦଳି ଯାଏ, ସୌଭାଗ୍ୟ ବା ଦୁର୍ଭାଗ୍ୟ ବଶତଃ ସଂସାରେ ଗୃହୀ ଜୀବନର ପରିବର୍ତ୍ତନ ସେହିପରି ଘଟୁଛି ଓ ଘଟିଥାଏ ।

ପୁରଅନ୍ତେ ମାଟି ପ୍ରାଚୀର ଘେରା । ତା' ଭିତରେ ଛଣରେ ଛାଉଣି ହୋଇଥିବା ଚାରି ଗୋଟି ମାଟି ଘର । ମାସ ଦୁଇ ହେଲା ନୂଆ ହୋଇ ତିଆରି ହୋଇଛି "ପଲ୍ଲୀ ନାରୀ ମଙ୍ଗଳ ସମବାୟ ସମିତିଟି ।" ଏ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ଚୌଧୁରୀ ଘର କୁଳବଧୂ ଶ୍ରୀମତୀ ଇନ୍ଦ୍ରାଣୀ ଦେବୀ । ପ୍ରାଚୀର ଦ୍ୱାର ଅତିକ୍ରମ କରିଗଲେ ମ ଲମ୍ବା ଘରଟିରେ ବୁଢ଼ୀ, ବିଧବା, ଅର୍ଦ୍ଧବୟସୀ, ଅନୂଢ଼ା, ବତୀ, ଝିଅ ବୋହୂ ମାନଙ୍କର ହସ୍ତଶିଳ୍ପ—ତନ୍ତରେ ଲୁଗାବୁଣା—ସିଲାଇ ଆଦି ସୂଚିକାର୍ଯ୍ୟ ଚାଲିଛି । ପୁରୁଷ ମୁଖାପେକ୍ଷି ନ ହୋଇ ସ୍ୱାବଲମ୍ବୀ ହେବାକୁ ନାରୀ ସମାଜ ଅକ୍ଳାନ୍ତ ଚେଷ୍ଟା ସହକାରେ ଶିକ୍ଷା ଗ୍ରହଣ କରୁଛନ୍ତି ।

ଶ୍ୱଶୁରଙ୍କ ଅତ୍ୟାଗ୍ରହରେ ଇନ୍ଦ୍ରାଣୀ ଦେବୀ ନିଜ ହାତରେ ବହୁ କଷ୍ଟରେ ଗଢ଼ା ଘର ସଂସାରକୁ ଛାଡ଼ିଦେଇ ଆସି ଏରବଙ୍ଗ ଗାଁକୁ ଲାଗି ପଦାକପଦା ଗ୍ରାମରେ ପଲ୍ଲୀ ନାରୀ ମଙ୍ଗଳ ସମବାୟ ସମିତି ନାମରେ ଆଶ୍ରମ ପ୍ରତିଷ୍ଠା କରିଛନ୍ତି । ଏଠାକାର ପ୍ରଧାନ ଶିକ୍ଷୟିତ୍ରୀ ରାଜେନ୍ଦ୍ର ଚୌଧୁରୀଙ୍କ ଆଦରର କନ୍ୟା କୁମାରୀ ମଞ୍ଜରୀ ।

ତା'ର ପାଖକୁ ଲାଗି ଚାଳିଆ ଘରଟିରେ ଇନ୍ଦ୍ରାଣୀ ଦେବୀ ରହନାଦରେ ବ୍ୟସ୍ତଥିଲେ । ଏଠାକୁ ଆସିବା ମାତ୍ର ମାସ ଦୁଇ ଭିତରେ ; ଏ ଗାଁରେ ସମସ୍ତଙ୍କର ଆପଣାର ଲୋକ ହୋଇ ସାରିଲେଣି । ବାଜ ବାଜରାଣୀ ଠାରୁ ଆରମ୍ଭ କରି ମହାନ୍ତି ଘର ଅନୁ ମା' ପର୍ଯ୍ୟନ୍ତ ସମସ୍ତେ ଆପଣାର ।

ସୁଧାକାନ୍ତ ମା' ସୁମିତ୍ରା ଦେବୀ ଦ'ବେଳ ଏଠିକି ଆସି ମଉସୀ ମା' ସଙ୍ଗରେ ଦ'ପଦ କଥାବାର୍ତ୍ତା ନ କରି ଗଲେ ସେ ଦିନଟା ତାଙ୍କୁ ଭଲ ଲାଗେନା । ମନ ଖାଲି ଘାଣ୍ଟି ଚକଟି ହୁଏ ।

ସୁଜାତା ମଧ୍ୟ ଏ ସମିତିର ଜଣେ ସଭ୍ୟା । ସେ କେତେ କେତେ ସୁନ୍ଦର ହାତ କାମ ସବୁ ଶିଖି ସାରିଲଣି ।

ବାଜ ବାଉରାଣୀ ସେ କାଳର ବୁଢ଼ୀ । ତାଙ୍କୁ ବହୁ ବହୁ କଥା ଜଣା । ସୁଧାକାନ୍ତ ମା' ଠାରୁ ସେ ତିରିଶ ବର୍ଷ ବଡ଼ । ଏ... ବି ବେଳ ପଡ଼ିଲେ ଢିଙ୍କି ଉପରେ ଠିଆ ହେବାର ବହପ ଅଛି ।

ଥାନ ଲୁଗା ପିନ୍ଧା । କପାଳରୁ ନାସାଗ୍ର ପର୍ଯ୍ୟନ୍ତ ଚନ୍ଦନ ଶୋଭା ପାଉଛି । ହାତରେ ରୁଦ୍ରାକ୍ଷ ମାଳା ଗଡ଼େଇ ଗଡ଼େଇ ସୁମିତ୍ରା ଦେବୀ ଚାଲିଛନ୍ତି । ସବୁଦିନ ଭଳି ବାଜ ବାଉରାଣୀ ଆଜି ବି ତାଙ୍କ ପଛେ ପଛେ ଚାଲିଛି । ମଉସୀ ଉପରେ ତାର ନଜର ପଡ଼ିଲା ଦିନୁ ସେଇ ଗୋଟାଏ ଚିନ୍ତା । ବାଟ ଚାଲୁ ଚାଲୁ କହିଲା—

—"ମୁଁ ମନେ ମନେ ଗୋଟାଏ କଥା ପାଞ୍ଚୁଛି କହିବି ସାଆନ୍ତାଣୀ ? ଆଶ୍ରମରେ ସେଇ ସାଆନ୍ତାଣୀଙ୍କର ଯେଉଁ ଝିଅଟି ଅଛନ୍ତି··· । ତମ ଘରକୁ କଣ ବୋହୂ ମିଳିବେ ନାହିଁକି—ତେବେ, ଇମିତି ଗୁଣର—ରୂପର—ଠାଣି ମାଣିର ଲକ୍ଷ୍ମୀ ଭଳି ବୋହୂ ମିଳିବା ସହଜ ନୁହେଁ । ଗୋଟିଏ ଗୃହଳରେ ଗଢ଼ା, ପୁଣି ପୁଅ ମନଲାଖି ବୋହୂ । ଆମ ସାଆନ୍ତେ ତ ଦିନ ସୋଳ ଘଡ଼ି ସେଇଠି ଥାଆନ୍ତି ।"

ମା' ମନ ସମ୍ଭାଳି ହୁଏ କେତେବେଳେ ; ତାଙ୍କ ମୁହଁରୁ ବାହାରି ପଡ଼ିଲା—"କାହିଁକି ସିମିତି ହେଉଛୁ ଲୋ—ଏ ସବୁ କଣ କାହା ହାତର କଥା ! ବନ୍ଧପଣକୁ ଓସ୍ତ ପତ୍ର । ଯିଏ ଯା ଭାଗ୍ୟରେ ଲେଖାଇ ଥିବ, ତାକୁ ତାହି ଭୋଗିବାକୁ ହେବ ।"

ଦୁହିଙ୍କ ଦୁହେଁ କଥାବାର୍ତ୍ତା ଭିତରେ ଯାଇ ଅଶ୍ରମ ଅଗଣାରେ ପହଞ୍ଚିଲେ । ସୁମିତ୍ରା ଦେବୀ ସିଧା ସଳଖ ହାଣ୍ଡିଶାଳ ଭିତରକୁ ପଶିଗଲେ ।

ଇନ୍ଦ୍ରାଣୀ ଦେବୀ ସହିକୁ ବସିବାକୁ ମଶିଣା ବଛାଇ ଦେଇ କହିଲେ—"ସହି । ତମେ ଯେ ସେଦିନ କହୁଥିଲ ତାର ଲୋକେ ତାର କଥା ଛୁଟ୍ଗୁଲେଇ କହୁଛନ୍ତି । ତମକୁ ଯେତେ ବୁଝାଇଲେ ତମେ ବୁଝୁନ । ଯେଉଁ ପୁରୁଷ ତ୍ୟାଗୀ, ପୁରୁଷ ସିଂହ ସେ କେତେ-ବେଳେ ନିଜର ଓ ବଂଶର ସ୍ୱାର୍ଥ ପାଇଁ ବ୍ୟାକୁଳ ବା ଚିନ୍ତିତ ନୁହେଁ । ତମ ପୁଅର ସୁନାମ ଯଶ ଦେଶ ବିଦେଶରେ ବାସ ଚହ-ଟୁଛି । ଏପରି ପୁଅର ମାଆ ହେବା ଭଳି ଆମର ଦେଶରେ ତମ ପରି ଆଉ କେତେ ଜଣ ସୌଭାଗ୍ୟବତୀ ଅଛନ୍ତି ? ସତ କହୁ ଲୋକଙ୍କୁ ସତ୍‌ପଥ ଦେଖାଇଲେ ଧର୍ମ ପଡ଼ଜ୍ଞ, ମାଡ଼ ଫଳ୍ପାତ ମାନ ଯଦି ହୁଏ, ତାହାଲେ ଲୋକେ ଯେତେ ସବୁ କାମ କରିବେ ସେ ସମସ୍ତ କାମ ବେଆଇନ ହୋଇଯିବ ।

ସୁମିତ୍ରା ଦେବୀଙ୍କ ମନରେ ବେଳେ ବେଳେ ଭାବନାର ଝଡ଼ ଉଠୁଛି । ଅତ୍ୟନ୍ତ ସଂଶୟରେ ପଡ଼ି ନିଜେ ନିଜକୁ ପ୍ରଶ୍ନ କରନ୍ତି— ନିଜ ଜନ୍ମକଲା ପୁଅକୁ ଆଜିଯାଏ ଘରେ ଅଟକାଇ ରଖି ପାରିଲି ନାହିଁ । ସୁଧାକାନ୍ତ ସଙ୍ଗେ ମଇନାର ଏତେ ଦିନ ପର୍ଯ୍ୟନ୍ତ ଯେଉଁ ଚିହ୍ନା ପରିଚୟ ଭାବ ରହିଛି ଦୁହିଁଙ୍କ ମଧ୍ୟରେ ଏହା କେବଳ ପରି-ଚୟ ନା ଅନ୍ତରର ଆକର୍ଷଣ—ଭଲ ପାଇବାର ମାୟା ମମତା ? ମଇନା ମୋ ପୁଅକୁ ଘରକୁ ଫେରାଇ ଆଣିଛି । ଆଜି ମୋ ପୁଅ ଦେଶର ଦଶ ଜଣଙ୍କ ମଧ୍ୟେ ମହାନ ବ୍ୟକ୍ତି—ମାଆ ବାପର ଆଦର୍ଶ ସନ୍ତାନ ।

ସବୁ ବାପ ମା'ଙ୍କର ପୁଅ ଝିଅଙ୍କ ପାଇଁ ଏଉଳି ଚିନ୍ତା । ପାଳି ପୋଷି ବଡ଼ କରି କମିତି ବାହା ଭୋଳା କରାଇ ଦେଲେ ତାଙ୍କ ଘର ସଂସାର ସେ ଚଳାଇବେ । ଯୁଆଳି କାନ୍ଧରେ ପଡ଼ିଲେ ଯେତେ ହୁରୁଡ଼ା ଅମଣ୍ଷା ବଳଦ ହେଉ ସଳଖ ହେବାକୁ କେତେ ସମୟ ?

ପୁଅ ଶତ ଅନ୍ୟାୟ କରୁ ପଛେ, ମାଆ କେବେ କାହା ଆଗେ ପୁଅର ନିନ୍ଦା କରିବ ନାହିଁ । ଏଇ ତ ମୋ ପୁଅ ରାଧାକାନ୍ତ ମତେ କେଣେ ସେ କମ୍ କଷ୍ଟ ଦେଇଛି ! ପେଟ କଥା ପେଟରେ ଗୁପି ରଖି ସୁମିତ୍ରା ଦେବୀ କହିଲେ—"ଏତେ ବଡ଼ ଅବିବେକୀ କୁହାଟା ସିଏ । ତମ ମାନଙ୍କର ଏପରି ଗ୍ଲାନିମାନ କଥା ଆଗରୁ ମୁଁ ଶୁଣି ପାରିଥିଲେ ଗାଡ଼ି ବଳଦ କରି ଯାଇ ତମ ମା' ଝିଅ ଦୁହିଁଙ୍କୁ ଆମ ଘରକୁ ନେଇ ଆସି ଥାଆନ୍ତି ।

ସୁମିତ୍ରା ଦେବୀ ମଇନୀର ମାନ୍ୟ ଲୋକ ! କାଚ ଥାଳିଆରେ ଭଙ୍ଗା ପାନ ଗୁଆ ଖଣ୍ଡି ସୁମିତ୍ରା ଦେବୀଙ୍କ ପାଖରେ ଥୋଇ ଦେଇ ମଇନୀ ଭୂଇଁରେ ମୁଣ୍ଡ ଲଗାଇ ଓଳଗି ହୋଇ ଭିତର ଘର ଆଡ଼େ ଗ୍ଲଲିଗଲା ।

ସୁମିତ୍ରା ଦେବୀ ମହା ଆନନ୍ଦେ ହସ ହସ ମୁହଁରେ କଲ୍ୟାଣ କରି କହିଲେ—"କୁହାଟିଏ ହୋଇ ଥା' । ରାଧାକାନ୍ତକୁ ନ ଦେଖି ମୁଁ ଅନ୍ଧୁଣୀ ହୋଇ ଯାଇଥିଲି । ମୋ ମାଆ ମଇନୀ ମତେ ଚକ୍ଷୁ ଦାନ ଦେଇଛି । ରାଧାକାନ୍ତ କଥା ଭାବି କାନ୍ଦି କାନ୍ଦି ମୋ ଆଖିରୁ ଲୁହ ଶୁଖି ଯାଇଥିଲା । ଛତ୍ରଭା ସାଲ ମଇନୀ ମାଉସୁମୀ ଦେଖି-ବାକୁ ଆସିଥିଲା । ବହୁ କଷ୍ଟରେ ତାକୁ ଟାଣି ଓଟାରି ଆମ ଘରକୁ ମୁଁ ନେଇ ଯାଇଥିଲି । ତା'ର ଯୋଗୁ ସିନା ମହାଜନ ହାତରୁ ସବୁସମ୍ପତ୍ତି, ମାନଇଜ୍ଜତ ସବୁ ରକ୍ଷା ପାଇଲା । ସେ ମହାଜନ ଦେଣା

ଡକ ଶୁଙ୍ଘିଦେଇ ଯାଇଥିଲା ବୋଲି ଏ ଏରବଙ୍ଗ ଗାଁରେ ଆଉଡ ହୋଇ ରହି ପାରିଲି ନୋହିଲେ କେଉଁଦିନୁ ଉଡ଼ଦାଣ୍ଡ ଦେଖନ୍ତିଣି । ନିଅଂଶିଆ ହାଡ଼ିଆ ମହାଜନ ମୋ ସଙ୍ଗେ କେତେ କ'ଣ ହଟହମଟ ନ ଲଗେଇଛି । ତା'ର ଜାଲାରେ ସୁଜାତାକୁ ମୋର ତା ଶାଶୁଘରକୁ ପଠାଇ ଦେଇଥିଲି ।"

ଦୁଃଖର ସହିତ ଇନ୍ଦ୍ରାଣୀ ଦେବୀ କହିଲେ—"ଏ କାଳର ପୁରୁଷ ମାନେ ନାରୀକୁ ଭୋଗ ବିଳାସିତାର ସହସଙ୍ଗିନୀ ବୋଲି ମନେ କରନ୍ତି । ମୁହଁରେ ପୁରାଣ ଶାସ୍ତ୍ର ବଖାଣି କହନ୍ତି—"ନାରୀ ଜାତିଟାକୁ କେବେ ହେଲେ ବିଶ୍ୱାସ କରିବ ନାହିଁ । ଘର ସଂସାରେ ଗୁରୁଜନ ମାନଙ୍କ ପ୍ରତି ବିଶ୍ୱାସ ଓ ଭକ୍ତି ରଖି ସ୍ତ୍ରୀମାନେ ଯେତେ ଯାହା ଭଲ କାମ କରନ୍ତୁ ପଛେ ପ୍ରତ୍ୟେକ ନାରୀ ଅବିଶ୍ୱାସିନୀ ! ଏ କଥା କହିବାକୁ ପୁରୁଷ ମାନେ କେବେ ଲାଜ ନାହାନ୍ତି । ଆମ ଦେଶରେ ବହୁ ଘରୁଆ ଘରର ବୋହୂ ଝିଅବୋହୂଣୀ ମାନେ ଦିନ ରାତି ଏପରି ଯନ୍ତ୍ରଣାମାନ ସହୁଛନ୍ତି ।"

ବାଜ ବାଜରାଣୀ ଇନ୍ଦ୍ରାଣୀ ଦେବୀଙ୍କ ସଙ୍ଗେ ଏଣୁ ତେଣୁ କେତେ କଣ ଭଲ ମନ୍ଦ କଥାବାର୍ତ୍ତା ପରେ କହିଲା—"ଆଜି ଯାଏ ମୋ ସାଆନ୍ତ ବଞ୍ଚି ଥା'ନ୍ତେ କି; କାଲି କହିଲେ କାଲି ବାବୁଙ୍କ ବାହାଘର କରାଇ ଦେଇଥାନ୍ତେ । ଆମ ସାଆନ୍ତାଣୀଙ୍କର ଖାଲି ସବୁ କଥାରେ ଆଗ ପଛ ବିଚାର ।"

ବାଜ ବାଜରାଣୀ କହିବା କଥା ଥମିବାରୁ ଇନ୍ଦ୍ରାଣୀ ଦେବୀ କହିଲେ—"ଆଲୋ ଝିଅ, ଏ ସବୁ ତ ହେଲା ଦୈବ ବାଣୀ । ମୁଁ ତମ ରାଧାକାନ୍ତ ବାବୁଙ୍କୁ କ'ଣ ବା ଦେଇ ପାରିବି ଯେ ମୋ ଘରେ ବାହାଘର କରିବାକୁ ତାଙ୍କ ମା' ରାଜି ହେବେ । ମୋର ସବୁ ଥାଇ

ଆଜି ମୁଁ ଅଳି ଦ୍ୱାର ଭିକାରୁଣୀଠୁ ବଳିଛି । ତାଙ୍କୁ ହଜାର ହଜାର ଟଙ୍କାର ଯାନ ଯୌତୁକ ମିଳିବ । ମୁଁ କଣ ତା ଦେଇ ପାରିବ ?”

ସୁମିତ୍ରା ଦେବୀ କଥା କାଟି କହିଲେ—“ନାଇଁମ ସହି ! ହଜାରେ ଗୁଣ ଲକ୍ଷେ ମିଳିଲେ ମୋର ଅନ୍ୟ କେଉଁଠି ବିବାହ କରିବାକୁ ମନ ନାହିଁ । ଧନ ଦୌଲତ କଣ ମୋତେ ସ୍ୱର୍ଗକୁ ନେବ । ପଡିଲ୍ଲ ବେଳୁ ଯେତେବେଳେ ମହାପ୍ରସାଦ ଛୁଇଁ କଥା ହୋଇଛି । ତାକୁ କାଟିଦେଇ କାଣୁ କାଣୁ କଣ ଅଧିନରକକୁ ଯିବ । ଏ କାଳକୁ ଏ ଚଳଣୀ ସିନା ଦେଖୁଛ । ସ୍ତ୍ରୀ ଖର୍ଚ୍ଚ, ଯାନ ଯୌତୁକ, ଦଶ ସାଆନ୍ତ କୋଡ଼ିଏ ସାଆନ୍ତ ମର୍ଯ୍ୟାଦା ନ ଦେଲେ କଳି, ମୁହଁ ଫୁଲ ଫୁଲ ଅପଢ଼ା । ଆମ ସେ କାଳର ବନ୍ଧୁ, ବାନ୍ଧବ ଚଳଣୀ ସବୁ ଉଠି ଗଲାଣି । ଆମେ ଆଜି କେତେ କାଳ ବଞ୍ଚିବା ତେଣିକି ତାଙ୍କ କପାଳ ସେ ଭୁଞ୍ଜିନ୍ତେ ସିନା ଆମର ଅଜି କଣ— ।

ଗ୍ରାମ ଅବୈତନିକ ଶିକ୍ଷାଳୟ ଛାତ୍ର ମାନଙ୍କୁ ପଢ଼ାଇବା କାର୍ଯ୍ୟ ଶେଷ କରି ଘରେ ଆସି ମା’ଙ୍କୁ ନ ପାଇ ସୁଧାକାନ୍ତ ଖୋଜି ଖୋଜି ଆସି ଆଶ୍ରମରେ ହାଜର ହେଲା ।

ସୁଧାକାନ୍ତ ଗ୍ରାମକୁ ଆସିବା ଦୁଇ ଗୃବଦନ ପରେ ଗ୍ରାମବାସୀ ମାନଙ୍କୁ ସଂଗଠିତ କରି ଗାଁ’ରେ ଏକ ସାନ୍ଧ୍ୟ ଅବୈତନିକ ଶିକ୍ଷାଳୟ ପ୍ରତିଷ୍ଠା କରି ପାରିଛି । ପଲ୍ଲୀ ଗ୍ରାମବାସୀଙ୍କ ମଧ୍ୟରୁ ଅଜ୍ଞ, ନିରକ୍ଷରତା ଦୂର ନ ହେଲେ ଆମ ଆର୍ଥିକ ଓ ସାଂସ୍କୃତିକ ଉନ୍ନତି ଅସମ୍ଭବ ।

ସୁଧାକାନ୍ତ ଆସୁଥିବା ଦେଖି ଇନ୍ଦ୍ରାଣୀ ଦେବୀ ମୁଣ୍ଡ ଓଢ଼ଣାକୁ ଅଳ୍ପକ ଆଗକୁ ଟାଣି ଆଣି ଦେହର ଲୁଗା ସଜାଡ଼ି ନେଲେ ।

ସୁମିତ୍ରା ଦେବୀ କହିଲେ—“ଏ ଗାଁ’ରେ ଆଉ କଏ ପାଠୁଆ ପୁଅ ଅଛି ନା ତୁ ଏକା ? ......ଗାଁ’କୁ ତ ଏ କେଇଦିନ ହେଲା ଆଇଲୁ ଦିନେ ଘଡ଼ିଏ ହେଲେ ଘରେ ଦେଖିବାକୁ ପାଉନ ନାହିଁ । ତୁଇଁ ତୁଇଁ ହୋଇ ଖାଲି ଏ ସାଇ ସେ ସାଇ ବୁଲୁଥିବ ।”

ସୁଧାକାନ୍ତର ନିନ୍ଦା କଥା ତା ଦେହରେ ଶଅଁ ତେଲ ଭଳି ବାଜ ବାଜୁରାଣୀଙ୍କୁ ଲାଗିଲା । ସେ ଟାହିଁକି ଉଠି କହିଲା—"ଆମ ବାବୁଙ୍କ ପରି ଏଇ ଗାଁ ଗୁଡ଼ାକ ମୂଲକରେ ଏମିତି ପର ଉପକାରୀ ମଣିଷ ଆଉ ଜଣେ କିଏ ଅଛି ମ ! ପାଣି ବାତୁଆ ଦିନରେ ମଣିଷ କୋଉଠିକି ଯିବାକୁ ଯୋଉ ହନ୍ତସନ୍ତ ହୋଉଥିଲେ । ମେଘୁଆ ଦିନେକରେ ଗୋରୁ ଗାଈ ବାଛୁରୀ ଗୋଚର ଭୂଇଁକି ଚରିବାକୁ ଯାଇ ଖାଲ ଖମାରରେ ଲାଖିଯାଇ ପଡ଼ି ରହୁଥିଲେ । କେତେ ହୀନ ଅବସ୍ଥା ଭୋଗୁ ନଥିଲେ କା । ବାବୁ ଆମର ସରକାରଙ୍କୁ ଠିକା ଆଣି ଗାଁ'ଗାଁ ଲୋକଙ୍କୁ ଖଟେଇବାରୁ ଏଇ ନ'ଙ୍କ ମହରଗ କାଳରେ କେତେ ଗରିବ ଗୁରୁବା ଲୋକ ମଜୁରୀଲାଗି ଖାଇ ପିନ୍ଧି ବଞ୍ଚିଗଲେ । ତାହାଁ ଗାଁ'ରୁ ଇଟିକ ସହର ପର୍ଯ୍ୟନ୍ତ ସଡ଼କ ବନେଇ ଦେଇଛନ୍ତି । କେତେ ଘୋର ବରଷା ହେଇ ଚତୁର୍ମାସ୍ୟା ଗୁରୁମାସ କଟିଗଲା—ସଡ଼କ ବାଟରେ ମଣିଷ ପାଣି ଠୋପିଏ ଦେଖିବାକୁ ପାଇ ନାହିଁ । ...ତମେ କଣ ଶୁଣିନା କି ସାଆନ୍ତାଣୀ ! ଏବେ ବାବୁ ପରା ଗାଁରେ ରାତି ଗୁହାଳି ବସେଇଛନ୍ତି । ସେ ଗୁହାଳିରେ ବୁଢ଼ା—ଭେଣ୍ଡା—ପିଲା ଛୁଆ—ଗରିବ ଗୁରୁବା ସମସ୍ତେ ପଢ଼ିବେ । ସେଠି ଛୁଆଁ ଅଛୁଆଁ ବାରଣ ନାହିଁ । ମୋ ପୁଅ ଟାଣ୍ଟୁଆ ତ ଯାଇଁ ବାବୁଙ୍କ ପାଖରେ ପାଠ ପଢ଼ିଲାଣି । କିବା ମାଇପେ କିବା ମରଦ ସମସ୍ତେ ପାଠ ପଢ଼ିବେ ।"

ଇନ୍ଦ୍ରାଣୀ ଦେବୀ ଆସନ ବଣ୍ଟାଇ ଦେଇ ସୁଧାକାନ୍ତଙ୍କୁ ଲକ୍ଷ୍ୟ କରି କହିଲେ—"ବସନ୍ତୁ ବାପ ! ଠିଆହୋଇ ରହିଲ କାହିଁକି ?"

ସୁଧାକାନ୍ତ ଆସନ ଉପରେ ଅସ୍ଥାନ ମାଣ୍ଡିବସି କହିଲା—ସେ ମାଙ୍କଡ଼ ବୁଢ଼ା ଯେଉଁଦିନ କଟକରେ କୋଠାଘର, ସମସ୍ତ ସମ୍ପତ୍ତି ବିକି ଭାଙ୍ଗି ଉମକୁ ଗାଁ'କୁ ଯିବାପାଇଁ ବୁଝାଉଥିଲା, ସେ ଦିନ

ମୁଁ ତମକୁ କହୁଥିଲି ନା ମାଉସୀ ! ଏ ଘରପୋଡ଼ା ବୁଢ଼ା କଥାରେ କେବେ ହେଲେ ବିଶ୍ୱାସ କରିବ ନାହିଁ । ରାମ ପ୍ରସାଦ ରାୟ ସଙ୍ଗେ ଭିତର ମସୁଧା ଚାଲିଛି ; କାରଖାନାଟା ରାମ ପ୍ରସାଦ ରାୟ କିଣିବ । ସେଠ ଭୋଲା ମହାନନ୍ଦ ଅଜସ୍ର ଟଙ୍କା ଦେଇ କୋଠାଘର ଖଣ୍ଡିକ କିଣି ନେଇ ସେ ତାର ମାଲଗୋଦାମ କରିବାକୁ ରାଜି ଅଛି । ମୋ କଥା କାଟିଦେଇ ତୁମେ ମାଉସୀ କହୁଥିଲନା—ତାଙ୍କ ପୁଅଙ୍କ ଧନ ସମ୍ପତ୍ତି—ମିଲ୍ କବଲ୍—ଘର ଦୁଆର ସେ ଘରର ମୁରବି ମଣିଷ ସେ ସଂସାର ଚଳାଇବେ । ମୋ ମୁଣ୍ଡ ଉପରେ ଯେତେବେଳେ ଅଭିଭାବକ ଅଛନ୍ତି ଏତେ କଥା ଖୋଜା ଲୋଡ଼ାରେ ମୋର ଦରକାର କଣ ? —ବୁଢ଼ା ହେଲେ କଣ ହେବ ପେଟେ ପେଟେ ତାର ସଇତାନୀ ବୁଦ୍ଧି ଅଛି ।"

ସୁମିତ୍ରା ଦେବୀ ରୋଷେ ବିମର୍ଷ ହୋଇ କହିଲେ—"ଅପବାଦ, ଲାଞ୍ଛନା, ଗଞ୍ଜଣା, ମାଡ଼ ଗାଳି ସହ୍ୟ କରିବା ଆମ ଦେଶ ବିଧବା ବୋହୂ ମାନଙ୍କର ଚିର ପ୍ରାପ୍ୟ । ଆମେ ସବୁ ବୋହୂ ପଣିଆ କଲୁ ବେଳେ, ଘରେ କିମ୍ବା ସାଇ ପଡ଼ିଶାରେ ଯଦି କେହି ବିଧବା ମାଇପିଟିଏ ଥିବ ସମସ୍ତ ଭୂଆଷୁଣୀ ମାନେ ତାକୁ ଯତ୍ନ ସମ୍ମାନ କରୁଥିଲେ । କିନ୍ତୁ ଏବ କାଳକୁ ଘରେ ଘରେ ଦେଖିବାକୁ ମିଳୁଛି—ଆଦର ଯତ୍ନ କରିବା ତ ଦୂରର କଥା, ସ୍ୱାର୍ଥଲୋଭୀ ଆତ୍ମୀୟ ସ୍ୱଜନ ଭାଇ ଭାସୁରାଳୀ ମାନେ ବିଧବା ଝିଅ ବୋହୂ ମାନଙ୍କୁ ଭରଣ ପୋଷଣ ନ ଦେଇ ତାଙ୍କୁ କପର ସତ୍ତ୍ୱ ସମ୍ପତ୍ତିରୁ ବଞ୍ଚିତ କରିବେ ଅଧିକାଂଶ ସେଇ ଚେଷ୍ଟା କରୁଛନ୍ତି । କେହି କେମିତି ଆତ୍ମୀୟ ମାନଙ୍କର ଦୟା'ର ପାତ୍ରୀ ହୋଇ ପୋଷିଲା ଭଳି ତାଙ୍କ ଘରେ ଖଟି ଖଟି କେବଳ ନିଜ ପୋଡ଼ା କପାଳକୁ ନିନ୍ଦି ତାଙ୍କ ଘର ସଂସାରେ ରହୁଛନ୍ତି—କେହି ବା ଆତ୍ମୀୟ ମାନଙ୍କ ଅତ୍ୟାଚାର

ସହି ନ ପାରି ବଡ଼ଦାଣ୍ଡ ଦେଖୁଛନ୍ତି—କେହି ଦେଶ ଛାଡ଼ି ଦୂର ମୂଲକକୁ ପଳାଇ ଯାଉଛନ୍ତି । ଏ କଳି କାଳକୁ ନ୍ୟାୟ ଧର୍ମ କେଉଁ ନଅାରେ ପଶିଲା କେଜାଣି ।”

ଉତ୍ତେଜିତ କଣ୍ଠେ ରାଧାକାନ୍ତ କହିଲା—“ନାରୀ ସମାଜ ଏକତ୍ରିତ ଭାବେ ଏହାର ପ୍ରତିବାଦ କରୁ ନାହାନ୍ତି କାହିଁକି ? ସେମାନେ ପୁରୁଷ ମୁଖାପେକ୍ଷୀ ନ ହୋଇ ସ୍ଥାନେ ସ୍ଥାନେ ଏପରି ଭାବେ ବିଦ୍ୟା ଶିକ୍ଷା ସହିତ କୁଟୀର ଶିଳ୍ପ କେନ୍ଦ୍ର ପ୍ରତିଷ୍ଠାନ ମାନ ଗଢ଼ିବା ଉଚିତ । ସତ୍ୟ ଶିକ୍ଷା ଲାଭ କରି ତା ସଙ୍ଗେ ମଧ୍ୟ ନାରୀ ଜାଗରଣ ଆନ୍ଦୋଳନ ଦେଶରେ ନିତାନ୍ତ ଅବଶ୍ୟକ ପଡ଼ୁଛି ।

ସଂସାରେ ନାରୀ, ପୁରୁଷ ଉଭୟଙ୍କର ସେବା ଓ କର୍ତ୍ତବ୍ୟ ରହିଛି । ନାରୀ ମାନଙ୍କ ଠାରୁ ପୁରୁଷ ମାନେ ଅଧିକ ବଳଶାଳୀ ହେଲେ ମଧ୍ୟ, ନୈତିକ ଶକ୍ତି ପୁରୁଷ ଠାରୁ ନାରୀର ଅଧିକ । ନାରୀ ଅଧିଷ୍ଠାତ୍ରୀ—ଜନ୍ମଦାତ୍ରୀ ମା’ ! ଗୃହ ସଂସାର ଅଧିନାୟିକା—ଶିକ୍ଷୟିତ୍ରୀ— । ପୁରୁଷ ସଂସାର ଯାତ୍ରାର ସହଯାତ୍ରିଣୀ—ସହଧର୍ମିଣୀ—ସହକର୍ମିଣୀ ମଧ୍ୟ...... ।

ଗୃହସ୍ଥ ଧର୍ମର ପରିଚାଳିକା ନାରୀ; ସେବା, ତ୍ୟାଗ, ସହିଷ୍ଣୁତା, ସ୍ନେହ, କୋମଳତା, ଧୈର୍ଯ୍ୟ ଓ ଯତ୍ନ ଦେଇ ସେ ତାରି ସଂସାର ଗଢ଼ିଛି । ଏପରି ଉନ୍ନତ ମନଭାବ ପ୍ରତ୍ୟେକ ନାରୀ ଏବଂ ଜନ ସାଧାରଣଙ୍କ ମନରେ ଜାଗରୁକ କରିବାକୁ ହେଲେ ଏ ପାଇଁ ନାରୀ ସାଂଗଠନିକ ଅନୁଷ୍ଠାନ ମାନ ବିଶେଷ ଅବଶ୍ୟକ । ନାରୀ ଜାତିର ଉନ୍ନତି ପାଇଁ ଆଗେ ନାରୀ ସମାଜକୁ ଅଗ୍ରସର ହେବାକୁ ହେବ— ।”

ସୁମିତ୍ରା ଦେବୀ ପୁଅକୁ ଶାସନ ଧମକ ଦେଇ କହିଲେ—

—“ଏଠି ନେତା ସାଜି ବକ୍ତୃତା ଦେବାକୁ କିଏ ତତେ କହୁଛି ।

...ସକାଳୁ ମାଣ୍ଡୁ ଅଙ୍କାସ୍ତା ବେଳୁ ଶେଯରୁ ଉଠି ଯାଇ ଏ ଗାଁ' ସେ ଗାଁ' ବୁଲି ବୁଲି ଏତେ ରାତି କରି ଘରକୁ ଆଇଲ୍...। ଏଇ ଗୁଡ ନେଇଯା'.....; ଘରକୁ ଯାଇ ଲୁଗା ପାଲଟି ଥା' ତ ଆଗେ।"

ଇନ୍ଦ୍ରାଣୀ ଦେବୀ ରାଧାକାନ୍ତ କଥାରେ ସମ୍ମତ ହୋଇ କହିଲେ —"ପୁଅ ଯାହା କହିଲେ, ସେ କଥାରେ ଭଲେ ହେଲେ ଭୁଲ ନାହିଁ—।"

# ( ଷୋଳ )

ସୁନ୍ଦର ନୀଳ ଆକାଶ। ଜୋସ୍ନା ପ୍ଲାବିତ ରାତି। ଧରଣୀର ସାରା ଦେହରେ ଆଲୋକ ବଣ୍ଟନ କରୁଛି ପୂର୍ଣ୍ଣିମାର ଉଜ୍ଜ୍ୱଳ ପୂର୍ଣ୍ଣ ଚନ୍ଦ୍ର। ରାତି ମଧୁପ ଦଳ ଫୁଲ ବଧୂର ପତର ଶେଯରେ ଅନେକ ବେଳୁ ଶୋଇ ପଡିଲେଣି।

ଅନନ୍ୟ ମନସ୍କ ଭାବରେ ଫୁଲ ବଗିଚାରେ ଏତେ ରାତିରେ ମଇତ୍ରୀ ଠିଆ ହୋଇଛନ୍ତି ମାଳତୀ କୁଞ୍ଜକୁ ଭରା ଦେଇ। ଆଜି କାଲି ତାର ତାହିଁକି କୌଣସି କାମରେ ବା ଘରେ ବାହାରେ କେଉଁଠି ମନକୁ ଭଲ ଲାଗୁନାହିଁ। କୌଣସି ମତେ ଦିନ ଗୁଡ଼ିକ ଅତେ ଓ ଯାଏ।

ପୁରୁଣା ଦିନ ବଦଳ ନୂଆ ଦିନ ସୃଷ୍ଟି ହୁଏ। ବାଲ୍ୟ ଚପଳତା ପରେ ପ୍ରତ୍ୟେକର ଦେହ ଓ ମନ ଦଖାଣିଆ ଯୌବନ ବୟସ' ଅତେ। ପାଷାଣ ପ୍ରାଣେ ଅପରକୁ ଭଲ ପାଇବାର ଆନନ୍ଦ କଲେ।

ପୃଥିବୀର ପ୍ରାକୃତିକ ଛ'ଋତୁ ମଧ୍ୟରୁ ବସନ୍ତ ଋତୁ ସବୁରି ପ୍ରାଣରେ କାମ କାଉଁସ୍ବା କାଟି କୁହୁଏଁ । ଦକ୍ଷିଣା ମଳୟର ପରଶ ବାଜିଲେ ଗଛ ଲତା ନବ ପତ୍ର ପୁଷ୍ପେ ପଲ୍ଲବିତ ହୁଏ । ଧରାର ରୂପ ବଦଳି ଯାଏ । ଦିନ ଗୁଡିକ ଖୁବ୍ ମନ ମତାଣିଆ—ଶୁଷ୍କ ପ୍ରାଣକୁ ସଞ୍ଜୀବିତ ଓ ଉଲ୍ଲସିତ କରେ । କୋଇଲି ବୋହୁ ମୁହଁରୁ ବସନ୍ତର ଆଗମନ ଉଦ୍‌ବୋଧନ ସ୍ୱାଗତ ସମ୍ଭାଷଣ ଶୁଣାଯାଏ । ବସନ୍ତ ରାଜାକୁ ଗଛ ଲତା ପଲ୍ଲବିତ ହୋଇ ନାନା ଜାତି ଫୁଲ ଫଳ ସମ୍ଭାର ଧରି ନିତି ନିତି ଭେଟି ଯୋଗାନ୍ତି । ଏପରି ମଧୁ ସମୟ କୁମାରୀ ବିରହୀଙ୍କ ଚିତ୍ତକୁ ବିରହ ତତଲା ଲହୁହାରେ ଟିଆଁ ଦେଲା ଭଳି ପତାଇ ଦିଏ । ଉନ୍ମାଦରେ ମନ ଉତ୍ତାଳ ହୋଇ ଉଠେ । ସାରା ଦେହରେ ସମ୍ଭୋଗ ଶିହରଣ ଜାଗେ··· । ମନଟା ବଡ଼ ଅମାନିଆ ହୁଏ— ।

ମଇନୀ ତା ଜୀବନରେ ଏହିପରି ବିଂଶଟି ବସନ୍ତ ଦେଖି ଆସି-ଥିଲା । ଏ ବର୍ଷ ନବ ବସନ୍ତ ପ୍ରାରମ୍ଭରେ ସେ ଯେପରି ନିଜକୁ ଭୁଲି ଯାଉଛି । ବୟସ ଓ ସମୟର ଆବର୍ତ୍ତନ ଭିତର ଦେଇ ମନୁଷ୍ୟର ପରିବର୍ତ୍ତନ ହେବା ସମୟ ଆସେ ।

ମଇନୀ ଭାବେ—ରାଧାକାନ୍ତ ବାବୁଙ୍କ ଠାରୁ ସମସ୍ତ ସମ୍ପର୍କ ଛିଣ୍ଡାଇ ଦେବ । କିନ୍ତୁ, କେଜାଣି କାହିଁକି ସେ ପାରେନା । ବୁକୁ ଭିତରୁ କିଏ ଯେପରି ଅଦୃଶ୍ୟ ରହି କହି ଦେଉଛି—ମଇନୀ ! ତାଙ୍କ ଠାରୁ ତୁ ସମ୍ପର୍କ ତୁଟାଇ ଦେଇ ପାରିବୁନି । ସେ ତୋର ଜନ୍ମ ଜନ୍ମାନ୍ତର ସାଥୀ········· ।

ସେ ଗୋଟାଏ ସମାଜ ପତିତା କନ୍ୟା—ଉଚ୍ଚବଂଶ ସନ୍ତା-ନର ପାଣି ଗ୍ରହଣ କରିବାର ଇଚ୍ଛାକୁ ମନରେ ସ୍ଥାନ ଦେଉଛି କାହିଁକି ? ତାଙ୍କ ମୁହଁର ଭାବ ଭଙ୍ଗି କଥା ବାର୍ତ୍ତାରୁ ବେଶ୍ ବୁଝା-

ପଡ଼େ—ସେ ସବୁ ବେଳେ ଭ୍ର , ଛନ୍ତି କପଟ ଭିତରେ ତାଙ୍କ ମନ କଥା ଗୁଡ଼ାକ ମୋତେ ଜଣାଇ ଦେବେ, ଯାହାହେଲେ ସୁଖ ହେବେ ; ସେ ଯଦି ଓ ଜାଣି ଥାଆନ୍ତି ; ମୁଁ ତାଙ୍କୁ ଭଲପାଏ—ତାଙ୍କ ପ୍ରତି ମୁଁ ଆକୃଷ୍ଟ ହୋଇ ପଡ଼ିଛି ; ତଥାପି ତାଙ୍କର ଡର ଅଛି । ମୋ ଆଗରେ ତାଙ୍କ ମନ କଥା କହି ପାରନ୍ତିନି·····କାଲେ ମୁଁ ମନରେ କ'ଣ ଭାବିବି । ବାପା ଯଦି ଆଜି ବଞ୍ଚି ଥାଆନ୍ତେ—ଆମର ଏ ଦୁଃଖ ସେ କଣ ଦି ଆଖିରେ ଦେଖି ପାରନ୍ତେ ? ପିଲା ଦିନୁ କେତେ ଅଲି-ଅଳ ହୋଇ ବଢ଼ିଥିଲି··· । ମନ ଦୁଃଖ ମନର ମୂଳେ ଜୁଆର ଉଠି ଭଙ୍ଗା ପଡ଼େ । ଦୁନିଆରେ ଦୁଃଖର ଧନ ଅସରନ୍ତି ପନେ ହୁଏ । ମୋ'ର ଜେଜେବାପା ମୋ ନାଁରେ କେତେ ଦୁର୍ନାମ, କୁତ୍ସା ରଟାଉଛନ୍ତି । ପାଞ୍ଚ ଲୋକଙ୍କ ମୁହଁରୁ ଏ ସବୁ ଶୁଣି ମନ ଅଧୈର୍ଯ୍ୟ ହୁଏ । ବାପା ଥିଲେ କଣ ଏପରି ହୀନ ଅବସ୍ଥା ଆମେ ଭୋଗୁ ଥା'ନ୍ତୁ । ଚୌଧୁରୀ ବାବୁ ବୋଲି ତାଙ୍କୁ କିଏ ନ ଜାଣେ । କାଳିଆ ପରପଞ୍ଚ ମନୁଷ୍ୟ ବୁଢ଼ାଟା ଆସିବା ପରେ କେଡ଼େ ବଡ଼ ଦୁନିଆଦି ଘରଟା ଭାଙ୍ଗି ଚୁରମାର ହୋଇଗଲା । ଅନ୍ତର କୋହ ସମ୍ଭାଳି ନ ପାରି ଅଜଣାନ୍ତେ ଆଖିରୁ ଦି ଟୋପା ଲୁହ ଗଣ୍ଡ ପଡ଼େ······ ।

ପଛରେ କାହାର ପଦ ଶବ୍ଦ ଶୁଣି ମଇନୀ ସଙ୍କୋଚ ହୋଇ ଚମକି ପଡ଼ି ପଛକୁ ଚାହିଁ ଦେଖିଲା—ରାଧାକାନ୍ତ କେତେ ଗୁଡ଼ିଏ ରଜନୀ ଗନ୍ଧା ଫୁଲ ହାତରେ ଧରି ତା'ର ଆଡ଼କୁ ଆସୁଛି ।

ରାଧାକାନ୍ତ ଏସି ମଇନୀ ପଛକୁ ଲାଗି ଠିଆହେଲା । ଗମ୍ଭୀର ହୋଇ ଯେମିତି ଠିଆ ହୋଇଥିଲା ଠିକ୍ ସେହିପରି ଭାବେ ମଇନୀ ଠିଆ ହୋଇଥାଏ ।

ମଇନୀ କାନ ଉପରେ ହାତ ରଖି ତାର ଘନ କୁନ୍ତଳ କବରୀରେ କେତେ ଗୁଡ଼ିଏ ଫୁଟନ୍ତା ରଜନୀଗନ୍ଧା ଫୁଲ ଖୋସି-ଦେଇ ରାଧାକାନ୍ତ ହସି ଉଠିଲା ।

ପୁରୁଷ-କର-ପରଶରେ ବିଦ୍ୟୁତ୍ ଚମକିଲା ଭଳି ଝିମିଝିମି ହୋଇ ଦେହ ଗୋଟା ସାରା ଶିହରଣ ଖେଳିଗଲା । ମଞ୍ଜରୀ ଭୟରେ ଶଙ୍କି ଲାଜ ଲାଜ ହୋଇ ଘୁଞ୍ଚିଯାଇ ଦୂରେଇ ଠିଆ ହେଲା । ସତେ ଯେପରି ସେ ପୁରୁଷ ଅଙ୍ଗ ଛୁଇଁବାକୁ ଇଚ୍ଛା କରୁନି । ଆକସ୍ମିକ ଭାବେ ରାଧାକାନ୍ତର ଏପରି ଅଭଦ୍ର ବ୍ୟବହାରରେ ସେ ଅତ୍ୟନ୍ତ ମର୍ମାହତ ହୋଇ ପଡ଼ିଥିଲା । ନୀରବ ନିଶ୍ଚଳ ଭାବେ ଦୁଇଜଣ କିଛି ସମୟ ଠିଆ ରହିବା ପରେ ଅତି ନିମ୍ନ କଣ୍ଠେ ରାଧାକାନ୍ତ କହିଲା—

—"ତୁମେ ଯେଉଁ କେତେ ଗୁଡ଼ିଏ ଛାତ୍ର ଛାତ୍ରୀ ନେଇ ଗାଁରେ ଥିବା ଦଳିଆ ପୋଖରୀ ଗୁଡ଼ା ପରିଷ୍କାର କରିବାକୁ ଯାଇଥିଲ ସେ ସମସ୍ତ କାମ କଣ ସାରି ଦେଇ ଆସିଛ ? ...ଏବେ ତ ଅନ୍ନ କଷ୍ଟ ପ୍ରାୟେ ଆମ ଏ ସବୁ ମଫସଲ ଗାଆଁ ମାନଙ୍କରେ ବର୍ଷକ ବାର-ମାସ ଲାଗି ରହୁଛି । ମେଲେରିଆ ଠାରୁ ଆରମ୍ଭ କରି କଲେରା, ବସନ୍ତ ଦାଉରେ ଅଧିକାଂଶ ପଲ୍ଲୀ ଗାଁ ପ୍ରାୟେ ଜନଶୂନ୍ୟ ଶ୍ମଶାନ ହେଲାଣି । ଯେଉଁ କେତେକ ଘରେ କଲିକତା ଗୁଜୁରିଆ ଅଛନ୍ତି ସେମାନେ ପ୍ରବାସ କଷ୍ଟ ସହି, ପର ଦୁଆରେ ମୁଣ୍ଡ ପିଟି ଟଙ୍କା କିଛି କିଛି ପଠାଉଛନ୍ତି ବୋଲି ଘରେ "ତୋଟେ ପି' ଦଣ୍ଡେ ଗୀ" ନୀତିରେ ଅଧିକାଂଶ ଗାଁ ଲୋକ ପ୍ରାୟ ଚଳନ୍ତି ।"

ଗାଁ-ପୋଖରୀ ମାନଙ୍କରୁ ଦଳ ଗୁଡ଼ାକ କାଢ଼ି ନେଲେ ଗ୍ରାମ ମାନଙ୍କରୁ ନାନାଦି ରୋଗ କମି ଯିବା ଯଥେଷ୍ଟ ସମ୍ଭାବନା ରହୁଛି । ପଲ୍ଲୀ ନାରୀ ମଙ୍ଗଳ ସମବାୟ ସମିତି ପକ୍ଷରୁ ମଞ୍ଜରୀ ଏ ମହତ କାମ ଆରମ୍ଭ କରିଛି ।

ମଞ୍ଜରୀ ରାଧାକାନ୍ତ ପ୍ରଶ୍ନର ଉତ୍ତର ଦେଇ କହିଲା—"ଗାଁ ମୁଣ୍ଡରେ ଥିବା ଚନ୍ଦନ ପୋଖରୀ ଦଳ କଢ଼ା କାମ ଆଂଶିକ ବାକି ଅଛି, କାଲି ବଡ଼ ସକାଳୁ ସାରି ଦିଆଯିବ ।

ମନ ପ୍ରାଣ ଭୋଳିଆ ଏଇ ଅପୂର୍ବ ଦୃଶ୍ୟ । ସତରେ ମଇନାକୁ ଦୁଇ ବାହୁ ଭିତରେ ଭିଡ଼ି ଧରି ଯୁଗଳ ହୋଇ ଠିଆ ହେବାକୁ ରାଧାକାନ୍ତର ପ୍ରବଳ ଆକାଂକ୍ଷା ଥିଲେ ମଧ୍ୟ ନିଜର ବ୍ୟକ୍ତିତ୍ୱ ଓ ପୁରୁ-ଷତ୍ୱ ହାନି ହେବାର ସମ୍ଭାବନା ଭାବି ନିଜକୁ ସଂଯମୀ ପୁରୁଷ ବୋଲି ମଇନାକୁ ଦେଖାଇ ଦେଖାଇ ଏଣୁ ତେଣୁ ବାହାନା କରୁଥିଲା ।

ମାନସ ଲୋକେ ସମ୍ଭୋଗ ଆଶା ରାଧାକାନ୍ତକୁ ବେଳକୁ ବେଳ ବଡ଼ ଅସ୍ଥିର କରୁଥାଏ । ମନ କଥା ଖୋଲି କହି ଦେବାକୁ ତାର ଅନ୍ତର ଅତ୍ୟନ୍ତ ବ୍ୟସ୍ତ । ତାର ମତେ ପୁରୁଷ ହୋଇ ନାରୀକୁ ଭଲ ପାଇବାର ପ୍ରାରମ୍ଭିକ । ପ୍ରେମର ପ୍ରଳୟ ତୋଫାନର ଘାତ ପ୍ରତିଘାତରେ ଏତେ ଦିନର ସଂଯମ ବନ୍ଧ ଭାଙ୍ଗି ଯେପରି ଚୂରମାର ହୋଇଗଲା ।

ପଲକ ହୀନ ଦୃଷ୍ଟିରେ ମଇନାକୁ ବହୁ ସମୟ ଧରି ଚାହିଁ ରହିବା ପରେ ଉଦ୍‌ବେଗ ସହିତ ରାଧାକାନ୍ତ କହିଲା—"ମଇନା ! ମୁଁ ତୁମକୁ ଦେଖିଲା ଦିନ ଠାରୁ ତମ ପାଖରେ ନିଜକୁ ସମର୍ପି ଦେଇଛି । ବହୁ ବହୁ ରୂପସୀ ସୌନ୍ଦର୍ଯ୍ୟମୟୀ ନାରୀ ଆଖିରେ ଦେଖିଛି କିନ୍ତୁ ; ତୁମ ଭଳି ଗୁଣବତୀ ଓ ରୂପବତୀ ନାରୀ ଜୀବନେ ପ୍ରଥମ ଦେଖିଲି । ଏପରି ଭାବେ ମୋର ପୁରୁଷ ପୌରୁଷର ଯେଉଁ ଆତ୍ମ ମର୍ଯ୍ୟାଦା କେବେ କାହା ନିକଟରେ ହରାଇ ନ ଥିଲି । ତମ ପାଖରେ ବଳି କରି ଦେଇଛି ।"

ଲଜ୍ଜିତ ହୋଇ ପଡ଼ିଲା ଭଳି ମୁହଁ ବିବର୍ଣ୍ଣ ଓ ବିମର୍ଷ କରି ମଇନା କହିଲା—"ଇସ୍ ! ଏତେ ବଡ଼ ସଂଯମୀ ପୁରୁଷ ହୋଇ ତୁମେ ମୋ ଭଳି ଗୋଟାଏ ଛୋଟ ଜାତି ଝିଅ ଝିଅର ପ୍ରେମ ପାଇଁ କାହିଁକି ବା ଏତେ ଲାଳାୟିତ ହେଉଛ ? ଦୁନିଆରେ ଏହା କର-

ବାକୁ ଯାଅ ନାହିଁ । —ବାପା ମରିଗଲା ପରେ ଆମ ମାନଙ୍କ ଦୁରବସ୍ଥା ଆଖିରେ ଦେଖୁଛ ତ ? ଆମକୁ କପଟୀ ସମାଜର ଚରମ ଶାସ୍ତି ନେବାକୁ ହେଉଛି ।

ସୁଧାକାନ୍ତ ମଉସୀ ମୁହଁକୁ ଚାହିଁ ମୁରୁକିହସା ଦେଇ କହିଲା—“ଆମକୁ ସମାଜ ମଧ୍ୟରେ ନୂଆ ବାଟ ଫିଟାଇବାକୁ ହେବ । ପ୍ରତ୍ୟେକ ନିଜ ନିଜ ମଧ୍ୟରେ ନିର୍ବାଚନ କରି ବିବାହ କରିବେ । ସମାଜର ଧର୍ମ ବଡ଼ା ଜାତି ଗତ ବର୍ଣ୍ଣଭେଦ ପନ୍ଥା—ଛୁଆଁ ଅଛୁଆଁ—ବାଛ ବିଚାର ଦୂର କରିବା ପାଇଁ ଆମ ମାନଙ୍କୁ ବଦ୍ଧ ପରିକର ହେବାକୁ ପଡ଼ିବ । ଟଙ୍କା ଯାହା ପାଖରେ ଅଛି ସେଠି ଜାତି ବିଚାର ନାହିଁ । ଉଚ୍ଚବଂଶରେ ଜନ୍ମି ସେ ଯଦି ଗରିବ, ମଲି ମୁଣ୍ଡିଆ ହୁଏ, ତେବେ ସେ ଅଜାତିଆ । ପାଣ ଭାଇଙ୍କ ପାଖରେ ଟଙ୍କା ହେଲେ ଦେଖୁଛ ତ ନାୟକ, ପଟ୍ଟନାୟକ ବୋଲାଉଛନ୍ତି ।”

ଅଲଜୁକଙ୍କ ଭଳି ପୁନର୍ବସୁ ମଉସୀ ନିକଟକୁ ଲାଗି ଆସି ତା ମୁହଁକୁ ରୂପ କାଙ୍ଗାଳ ପ୍ରାୟ ଲୋଲୁପ ଦୃଷ୍ଟି ନିକ୍ଷେପ କରି କହିଲା—“ସତେ ମଉସୀ ! ତୁମେ ଦେଖିବାକୁ ଖୁବ୍ ସୁନ୍ଦର । ତୁମ ସୁନ୍ଦର ରୂପ ଯେତେ ଦେଖିଲେ ମଧ୍ୟ ମନର ତୃଷା ମେଣ୍ଟୁନି । ଶିବ ପିତୁଳୀ ଭଳି ମୋ ଆଖି ଆଗରେ ସବୁ ସମୟରେ ତୁମରି ହସ ହସ ମୁହଁ ଖଣ୍ଡିକ ନାଚି ବୁଲେ । ମନ୍ଦିର ପ୍ରାଙ୍ଗଣରେ ଖୁଣ୍ଟ ହୋଇ ଯେଉଁ ଦିନ ପଡ଼ିଥିଲି ସେଦିନ ମୃତ୍ୟୁ ମୁହଁରୁ ମୋତେ ବଞ୍ଚାଇଛ । ନିଜ ଲଜ୍ଜା ସରମକୁ ତେଜ୍ୟାକରି କର୍ମମୟ ଜୀବନ ଲାଗି ଆଶ୍ୱାସନା ଓ ପ୍ରେରଣା ଦେଇଛ । ଗାଁକୁ ଫେରିଯାଅ—ଶସ୍ତା ନାଁ କିଣିବାକୁ ସହରରେ ଜନ ହିତକର କାମ ନ କର—ନିରକ୍ଷର, ନିର୍ବଳ, ଅଜ୍ଞାନ ଗ୍ରସ୍ତ ପଲ୍ଲୀ ମଫସଲ ଗାଁ ମାନଙ୍କରେ ଥିବା ଦରିଦ୍ର ନର ନାରାୟଣ

ସେଭାଇଛ ବୋଲି ଆଦେଶ ଦେଇଛ । ପିଣ୍ଡରେ ପ୍ରାଣ ଥିବାଯାଏ ତୁମ କଥା ମୁଁ ଭୁଲି ପାରିବନାହିଁ ।"

ମଇନୀ ପରମ ଜଡ଼ିତ କଣ୍ଠରେ କହିଲା—"ସତେ ! ତୁମେ ମତେ ଏତେ ଭଲପାଅ ? ......ମୁଁ ଜାଣେ ତୁମର ପ୍ରେୟସୀ ବା ପ୍ରେମିକା ହେବାକୁ ମୁଁ ଅଯୋଗ୍ୟା । ତୁମେ ଯେ ମତେ ଏତେ ଭଲ ପାଇଛ, ତାର ପ୍ରତିଦାନ ମୋଠାରୁ କଣ ଚାହିଁ ଲୁହ ତ ?"

—"ଦାନ ସଙ୍ଗେ ପ୍ରତିଦାନର ସମ୍ବନ୍ଧ ସବୁ ବେଳ ପାଇଁ ଅତୁଟ ।"

କୋମଳ ସରଳ ପରାଣା ମଇନୀ ସୁଧାକାନ୍ତର ସ୍ନେହ ମମତା ବୋଳା ଭାଷାରେ ଭାବ ବିହ୍ୱଳ ହୋଇ ନିଜର ଅସ୍ତିତ୍ୱ ହଜାଇ ଦେଇ ସାରିଥିଲା ।

ମୃଦୁ ଭାବେ ସୁଧାକାନ୍ତ ମଇନୀ ଚିବୁକ ହଲାଇ ଅତି ନମ୍ର ସ୍ୱରେ କହିଲା—"ତମକୁ ପାଖରେ ପାଇଲେ ସ୍ୱର୍ଗ ସୁଖ ପାଇଲା ଭଳି ମୋର ମନେ ହୁଏ ।"

ମଇନୀ ପ୍ରଶ୍ନବାଚକ ଦୃଷ୍ଟିରେ ସୁଧାକାନ୍ତକୁ ଲକ୍ଷ୍ୟ କରି କହିଲା—"ମୁଁ ଆଜି ତୁମ ପାଖରେ ସତକଥା କହିବାକୁ ଯାଉଛି ; ତମକୁ ଜଣିବ ନାହିଁ ତ ? ......ଗରିବ ଅଜାତିଆ କରଣ କୁଳରୁ ମୋ ବାପା କନ୍ୟା ଗ୍ରହଣ କରିଥିଲେ ବୋଲି ତାଙ୍କ ଘରେ ସେ ସ୍ଥାନ ପାଇନ ଥିଲେ । ତୁମେ ମତେ ବିବାହ କରି ବୃଥାରେ ସମାଜ ଜାତି ହରାଇବ କାହିଁକି ?"

ସୁଧାକାନ୍ତ ମଇନୀ ହାତକୁ ନିଜ ହାତ ମୁଠାରେ ରଖି କହିଲା—"ଓଡ଼ିଆ ସମାଜ ଗୋଟାଏ ; ତାର ଦ୍ୱିତୀୟ ଜାତି ନାହିଁ । ତୁମର ଏ ପୁରୁଣା କଥା ସବୁକୁ ମୁଁ ବହୁ ଆଗରୁ ଜାଣେ । ଏ ପାଇଁ ଯଦି ଜାତି କମ୍ବା ସମାଜ ମତେ ଘୃଣା ପାଇ ବାସନ୍ଦ ରଖିବେ

ରଖନ୍ତୁ ସେ ଲାଗି ତଳେ ହେଲେ ମୋର ଅନୁଶୋଚନା ନାହିଁ । ମୁଁ ତୁମ ଭଳି ଜଣେ ଦେବୀ ପ୍ରକୃତ ନାରୀକୁ ଜୀବନରେ କେବେ ଘୃଣାକରି ପାରିବ ନାହିଁ । ବହୁ ଦିନ ଆଗରୁ ଶ୍ରଦ୍ଧାର ସହିତ ମୁଁ ତୁମକୁ ଅନ୍ତରରେ ଗ୍ରହଣ କରି ସାରିଛି—ବାଛି ନେଇଛି ଚିର ଜୀବନର ସହସଙ୍ଗିନୀ ରୂପେ; ତୁମକୁ ପାଇବାକୁ ମୁଁ ବ୍ୟାକୁଳ ହୋଇ ପଡ଼ିଛି । ଆଉ ତୁମକୁ କିଛି ମାଗୁନାହିଁ, କେବଳ ଏତିକି ଦାବୀ—ମୋର ଏଇ ମତରେ ତୁମେ ଏକମତ ହୁଅ । ଆମ ଦେଶରେ ଗରିବ ମାନେ ପୁଞ୍ଜିପତିଙ୍କ ପାଖରେ ଅବହେଳିତ । ଘୃଣାର ଯେଉଁ ନୀଚ ମନଭାବ ଅଛି ସେ ଭାବ ଓଯପର ସେମାନ-ଙ୍କର ଲୋପ ପାଉ । ମୁଁ ସଗୌରବେ ସମାଜକୁ ଜଣାଇ ଦେବି—ହରେକୃଷ୍ଣ ଦାସଙ୍କ ନାତୁଣୀ ରାଜେନ୍ଦ୍ର ବାବୁଙ୍କ କନ୍ୟା ମଲ୍ଲୀକୁ ମୁଁ ମୋର ଧର୍ମପତ୍ନୀ ରୂପେ ଗ୍ରହଣ କରିଛି । ମାଆଙ୍କର ମୋର ତୁମ ଉପରେ ବଡ଼ ମାୟା ଲାଗିଛି । ତୁମକୁ ଆମ ଘରକୁ ବୋହୂ କରି ନେବାକୁ ତାଙ୍କର ଭାରି ଇଚ୍ଛା । ସାହି ମାଇପଙ୍କ ସଙ୍ଗରେ ଧନେ ଧନେ କଥା ପଡ଼ିଲା ବେଳେ କହନ୍ତି—ମଲ୍ଲୀ ମୋ ଘର ଲକ୍ଷ୍ମି ବୋହୂ ହେବ । ଲକ୍ଷ୍ମୀଟି ଭଳି କେଡ଼େ ସୁନ୍ଦର, କେତେ ଗୁଣର ଝିଅ ; ବାଛି ବସିଲେ ଏ ଖଣ୍ଡ ମଣ୍ଡଳରେ ନ ଥିବେ ।

ସମସ୍ତ ପ୍ରେମିକ ପ୍ରେମିକାଙ୍କର ପହିଲି ଆଦାନ ପ୍ରଦାନ ଲୋଭନୀୟ ସମ୍ପଦ ଚୁମ୍ବନ । ...ରାଧାକାନ୍ତ ମଲ୍ଲୀ ଓଠରେ ଓଠ ରଖି ଚୁମ୍ବନ ଅଙ୍କିଦେଲା ଭଲ ପାଇବା ପ୍ରଥମ ପ୍ରେମର ସ୍ୱାଗତ ଜଣାଇ ।

କଥାରେ ଅଛି ; ଠାକୁର ବନ୍ଧ୍ୟା ନେଇଥିଣି ଥୋଇ ପାରିଲେ ଭଲ । ରାଧାକାନ୍ତ ଓ ମଲ୍ଲୀ ଏ ଧରାବନ୍ଧା ନିୟମରୁ ବାଦ ଯିବେ

ବା କପର ? ସୁମିତ୍ରା ଦେବୀ ବଗିଚ୍ଚ ବାଟ ଦେଇ ଘରକୁ ଫେରି ଯାଉଥିବା ବେଳେ ମଇତ୍ରୀ ଓ ରାଧାକାନ୍ତ ଠିଆ ହୋଇ ରହିଥିବ ସ୍ଥାନରେ ତାଙ୍କର ଦୃଷ୍ଟି ପଡ଼ିଲା । ହଠାତ୍ ତାଙ୍କ ମନରେ ପଡ଼ିଗଲା ସ୍ୱାମୀ ଥିଲାବେଳେ ପୁରୁଣା ଭାଲ କଥା—ନିଜ ଅଙ୍ଗରେ ଯା' ଲଭେଇଥିଲେ । ରାଧାକାନ୍ତ ବାପା ଏମିତି ମୋତେ ବଗିଚ୍ଚରେ ଠିଆ କରାଇ କେତେ ଅସରନ୍ତି କଥା ଗପୁଥିଲେ···କଥା କହିବାକୁ ତାଙ୍କୁ ବେଳ ଯୋଗୁ ନ ଥିଲା । ସ୍ୱାମୀଙ୍କୁ ମନରେ ମାନସ କରି ସ୍ୱର୍ଗ ଲୋକକୁ ଅନାଇ ଉଲଗା ହୋଇ କହିଲେ—"ତମେ ସେହି ସ୍ୱର୍ଗରେ ରହି କଲ୍ୟାଣ କର । ମଇତ୍ରୀ ରାଧାକାନ୍ତକୁ ବିବାହ କରି ତମର ଘର ବୋହୂ ହୋଇ ତମ କୁଳ ଉଜ୍ଜ୍ୱଳ କରୁ ।" ଆନନ୍ଦ ପୂର୍ଣ୍ଣ ଲୋତକାପ୍ଲୁତ ପଲକ ହୀନ ଦୃଷ୍ଟିରେ, ନୀରବେ ସୁମିତ୍ରା ଦେବୀ ବହୁ ସମୟ ପର୍ଯ୍ୟନ୍ତ ସେମାନଙ୍କୁ ଚାହିଁ ରହିଲେ— ।

# ( ସତର )

ସେଦିନ କାର୍ତ୍ତିକ ପୂର୍ଣ୍ଣମୀ ; ବଡ଼ଓଷା । ରାତି ନ ପାହୁଣୁ ଗାଁ ପୋଖରୀ ଗାଧୁଆ ତୁଠରେ ଗାଁ ସାରା ମାଇପେ ଥାଟ ପଡିଲା ଭାଙ୍ଗୁଛନ୍ତି । କିଏ ତୁଠ ବାଲି ଦେଇ ଖଡ଼ୁ ମାଜୁଛି ତ କିଏ ଦାନ୍ତ ଘଷି ଘଷି ଶାଶୂ ନଣନ୍ଦ ଅନୁଭୋଗ ଦେଇଥିବା ଦୁଃଖ ପାଇଁ ମାଇ-ପକୁ ଶୁଣାଇ ଶୁଣାଇ କହୁଛି ।

ସେଦିନ ପରବ କଥା ଭାବି ବସିଲେ ପୂର୍ବ ପୁରୁଷ ମାନଙ୍କ ବାଣିଜ୍ୟର ବୀରତ୍ୱ କଥା ମନେ ପଡ଼େ । ଆମେ କେବଳ ତାଙ୍କର ସ୍ମୃତି ପୂଜା କରୁଥାଉ । କାର୍ତ୍ତିକ ପୂନେଇ ଦିନ ବୋଇତ ବନ୍ଦାଣ କରି ଭସାଇ ଓଡ଼ିଆ ଘର ବୋହୂ ଘରକୁ ଫେରନ୍ତି । କିନ୍ତୁ, ଅଧିକାଂଶ ଜାଣି ନ ଥିବେ ଏ ପର୍ବର ଉଦ୍ଦେଶ୍ୟ କ'ଣ ? ଦୁନିଆ ସେତେ-ବେଳେ ଜାଣିଥିଲା । ଓଡ଼ିଆ ପୁଅ ମାନେ ସାଧବ ପୁଅ ନାମରେ ପରିଚିତ ଥିଲେ । କେବଳ ଆଜି ସେହି ବୋଇତ ବନ୍ଦାଣ ଦିନକୁ ଆମ କୁଳବଧୂ ମାନେ ପାଳି ଆସୁଛନ୍ତି । ସାତ ସମୁଦ୍ର ତେର ନଈ ପାର ହୋଇ ସୁଦୂର ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ସିଂହଳ ଦ୍ୱିପ ମାନଙ୍କରେ ହୀରା, ନୀଳା, ମୋତି, ମାଣିକ୍ୟ ବ୍ୟବସାୟ ଯେଉଁ ଜାତି କରୁଥିଲା ସେ ଜାତିର ଆଜି ଏକତା ନାହିଁ । ତାଙ୍କ ଘରେ ଆଜି ଅନ୍ନର ହା ହାକାର । ଅଭାବର ଭାଲେଣି ପଡ଼ୁଛି ।

ସ୍ୱାଇଁ ଘର ବୋହୂ ରାଧା ଗାଧୁଆ ତୁଠରେ ବସି ହଳଦୀ ଲଗାଉଥାଏ । ତାକୁ ଚୁହିଁ ଦୂତୀ ଗଜଗୁଣୀ କହିଲା—"ରାଧାକାନ୍ତ ମା' ଭଉଣୀଙ୍କୁ ଦେଖିବ, ଘର କରିବ, ଏ କଥା କାହା ମନରେ ପରତେ ଥିଲା ?"

ଇନ୍ଦ୍ରାଣୀ ଦେବୀ ମୁଣ୍ଡ ଧୋଇ ଗାଧୋଇ ଓଦା ଲୁଗା ପାଲଟି ଖଣ୍ଡେ ମଠା ଲୁଗା ପିନ୍ଧି ଅଗଣା ଦୁଆରେ ହୋଇଛନ୍ତି—ସୁମିତ୍ରା ଦେବୀ ତାଙ୍କୁ ଦେଖି କହିଲେ—"ଶଙ୍କୁ ପୁରୋହିତେ କଟକରୁ ଭୋର ଗାଡ଼ିରେ ଆସି ଆମ ଘର ଠେଇଁ ବସି ତମକୁ କାହିଁକି ଡାକୁଛନ୍ତି ।"

ଇନ୍ଦ୍ରାଣୀ ଦେବୀଙ୍କ କପାଳ ଶିରା ଚିନ୍ତାରେ କୁଞ୍ଚିତ ହୋଇ ଉଠିଲା । ଗମ୍ଭୀର ସ୍ୱରେ କହିଲେ—"ସେ ବୁଢ଼ା ମଣିଷ ଆମ ଦୁଃଖରେ ଦୁଃଖୀ ହୋଇ ଏତେ ବାଟ ଧାଇଁ ଆସିଛନ୍ତି । ପୂଜା ପାଇଁ

ଭୋଗ ରାଗ, ଫୁଲ, ଘିଅଦୀପ ସଜାଡ଼ି ରଖି, ଗାଁ'ର କେଉଁ ଅନ୍ୟ ଝିଅପୋଇଡ଼ଆଣୀକି କହି ଦେଇ ଯିବ ପୂଜା ବସିଲା ବେଳେ ଆମ ଭୋଗଡ଼କ ଠାକୁର ମୂଳେ ନେଇ ରଖି ଦେଇଥିବ•••ତମେ ଟିକେ ଆଗେଇ ଚାଲ ମୁଁ ତମ ପଛେ ପଛେ ଯାଉଛି ।"

ନିଜ ହାତରେ ଗଢ଼ା ଘର-ସଂସାର ଧନ ସମ୍ପତ୍ତି କରମ ପଡ଼ିଲା ଭୂତ ଖୁଆଇ ଦେଇ ଆସିଲି ବୋଲି ଆଗେ ଯେମିତି ଇନ୍ଦ୍ରାଣୀ ଦେବୀଙ୍କ ମନରେ ଚିନ୍ତା ଭାବନା ହେଉଥିଲା ସେ ଭାବନା ଆଉନାହିଁ । ସେକଥା ଯେତିକି ଏଣିକି ପୁରୁଣା ହୋଇ ଆସୁଛି ସେତିକି ସେସବୁ କଥା ମନରୁ ପାଶୋରି ପକେଇ ଥିଲେ । ପ୍ରତ୍ୟେକ ମଣିଷ ଙ୍କର ଏହା ପ୍ରକୃତିଗତ ଅଭ୍ୟାସ । ନିଜ ଅଙ୍ଗେ ନଲାଗିବା କଥା ଗୁଡ଼ାକ ମନରୁ ଭୁଲିଯାଏ । ଶଙ୍କୁ ମିଶ୍ରେ ଆସିଛନ୍ତି ଶୁଣି ଇନ୍ଦ୍ରାଣୀ ଦେବୀଙ୍କର ପୁରୁଣା ଦିନର କଥା ମାନ ମନରେ ଠେଲି ଉଠିଲା । ମୋ ବିବାହରେ ଶଙ୍କୁ ମିଶ୍ରେ ପୁରୋହିତ କରିଥିଲେ—ଆଜି ପୁଣି ସେ କେଉଁ କଥା ପାଇଁ ଏଠିକି ଆସିଛନ୍ତି ?

ଲୋକେ କହନ୍ତି—ମଣିଷ ବୟସ କଳିଯୁଗେ ଷାଠିଏ । ଶଙ୍କୁ ମିଶ୍ରଙ୍କ ବୟସ କିନ୍ତୁ କେବେଠୁ ଷାଠିଏ ପାର ହୋଇ ଗଲଣି । ମୁଣ୍ଡବାଳ ପାଚିଲି, ବଗପର ପରି ଧଳା ପାଲଟି ଗଲଣି ମାତ୍ର ଦି' ପାଟି ଦାନ୍ତରୁ ଏତେ ବୟସରେ ଗୋଟାଏ ହେଲେ ଦାନ୍ତ ପଡ଼ି-ନାହିଁ । ଆଖିକୁ କମ୍ ଦିଶି ହେବାରୁ ଚଷମା ବ୍ୟବହାର କରୁଛନ୍ତି । ରାଧାକାନ୍ତ ଘର ଦାଣ୍ଡ ପିଣ୍ଡା ଖଟ ଉପରେ ବସି ଲୋକ ଥିବା ଆସିବା ଦାଣ୍ଡ ଅଡ଼େ ଅନାଇ ରହିଥିଲେ— ।

ଇନ୍ଦ୍ରାଣୀ ଦେବୀ ସେଠାରେ ପହଞ୍ଚି ଭୂଇଁରେ ମୁଣ୍ଡ ଲଗାଇ ଓଳଗି ହୋଇ କହିଲେ—ପୁରୋହିତ ମଉସା ! ତମେ ଏଣେ କେଉଁ କାମରେ ଆସିଛ ?"

ପ୍ରଚଣ୍ଡ ଫାଙ୍କରେ ଭେରଭେଇ ଗୃହିଁ ଶଙ୍କୁମିଶ୍ର କଲ୍ୟାଣୀ କହି କହିଲେ—"ସୌଭାଗ୍ୟବତୀ ହୋଇଥାଅ ମା' ! …ତମ ବାପା ମୋର ସମୟ ଅସମୟର ବନ୍ଧୁ ଥିଲେ । ତମେ କଟକରୁ ଚାଲିଆସିବା ଦିନଠାରୁ ସବୁବେଳେ ମୁଁ ଭାବୁଥିଲି କେବେ ବେଳ ପଡ଼ିଲେ ତମକୁ ଯାଇ ଦେଖିବି । ଛ'ଛ'ଟା ପିଲାପିଲି, ଅଭାବ ଘର-ସଂସାର, ପଇସା କଉଡ଼ି ଅଭାବରେ ଏତେ ଦିନ ପରେ ଆଜି ଆଇଲି ତମକୁ ଓ ନାତୁଣୀକୁ ଥରେ ଦେଖି ଯିବି ବୋଲି……ହଁ, ମା' ! ତମ ସାଙ୍ଗରେ ମୋର ଆଜି ଗୋଟାଏ ଅତି ଜରୁରୀ କଥା ଅଛି । ନିଜ ଘରଦୁଆର ଛାଡ଼ି ଏଠି ଆସି ରହିବାକୁ କ'ଣ ଭଲ ମନେ କରୁଛ ? କାରଖାନା ମେନେଜରର ପର ଘରଭଙ୍ଗା ବାନ୍ଦର ରାମ ପ୍ରସାଦ ରାୟ ନିମକହାରାମ ପଣିଆ କରି କୁପରାମର୍ଶ ଦେଇ ବୁଢ଼ାଟାର ମୁଣ୍ଡ ବିଗାଡ଼ି ଦେଇଛି ;ସିନା—କିନ୍ତୁ, ରାଜୀବ ଚୌଧୁରୀ ଲୋକ ହିସାବରେ ମନ୍ଦ ନୁହନ୍ତି । ଦିନେ ସାହିରେ ପଞ୍ଚାୟତ ସଭା ବସିଥିଲା, ସେଦିନ ତମେ କୋଉ ବଂଶର ଝିଅ, ତମର ସମସ୍ତ ପରିଚୟ ମୁଁ ଦେଲି । ବିବାହାଦି ପୂର୍ବ କଥା ମାନ ଶୁଣି ରାଜୀବ ଚୌଧୁରୀ କାନ୍ଦ କାନ୍ଦ ହୋଇ ସଭା ମଝିରୁ ଉଠିଗଲେ । ମୋ କଥାରେ କୌଣସି ଉତ୍ତର ସେ ଦେଲେନାହିଁ ।

କଟକରେ ରାଧାକାନ୍ତ ବାବୁ କେତେକ ଯୁବକଙ୍କୁ ନେଇ ଯେଉଁ "ଅନ୍ୟାୟ ଦଳିତ ସଙ୍ଘ" ଗଢ଼ିଥିଲେ ସେହି ଯୁବକ ଦଳ ମାନେ ଦିନେ ଏକତ୍ରିତ ହୋଇ ଯାଇ ବୁଢ଼ା ରାଜୀବ ଚୌଧୁରୀଙ୍କୁ ଧମକ ଦେଇ କହିଲେ ; ମା' ଝିଅ ଦୁହେଁ ଘରୁ ବାହାରି ଯାଇଛନ୍ତି ସେପାଇଁ ଦାୟୀ ତୁମେ । ଯଦି ସେମାନଙ୍କୁ ଦିନ ପନ୍ଦରଟା ଭିତରେ କଟକ ଫେରାଇ ଆଣି ନ ପାର—ତାହାଲେ, ଏ ଅନ୍ୟାୟ ପାଇଁ ତୁମକୁ ଶାସ୍ତି ନେବାକୁ ହେବ । ମଇନୀ ନାଁରେ ସ୍ଥାବର ଅସ୍ଥାବର

ସମସ୍ତ ସମ୍ପତ୍ତି ଲେଖା ପଢ଼ା ହୋଇଥିବା କବଲା ପତ୍ର ସବୁ ମୋ ପାଖରେ ମହଜୁଦ୍ ରହିଛି । ସେଥିରେ ପରିଷ୍କାର ଭାବେ ରାଜେନ୍ଦ୍ର ବାବୁ ଲେଖି ଦେଇ ଯାଇଛନ୍ତି—ମୋର ସମସ୍ତ ସମ୍ପତ୍ତି ଉପରେ ମୋର କନ୍ୟା ଏକମାତ୍ର ଅଧିକାରିଣୀ । ପର ଘରେ କଳି ଲାଗିଲେ ଦାଣ୍ଡ ଲୋକଙ୍କୁ ଭଲ ଲାଗେ—ଜାଣିବାର ଲୋକ ହୋଇ ବେଶି ହସାଉଛ କାହିଁକି ? ତୁମେ ଇଚ୍ଛାକଲେ ତାଙ୍କୁ ଘରୁ ତଡ଼ି ଦେବାକୁ କେତେ ସମୟ ଲାଗିବ ? ......ଏ ସବୁ ଗଣ୍ଡଗୋଳ ମେଣ୍ଟାଇବା ପାଇଁ ମୁଁ ଗୋଟାଏ ଉପାୟ ପାଇଛି ମା' ! କେବଳ ତମର ମତ ପାଇଲେ ସବୁ ଠିକ ହୋଇଯିବ ।"

ଶଙ୍କୁ ପୁରୋହିତଙ୍କ କଥାର ଅର୍ଥ ବୁଝି ନ ପାରି ଇନ୍ଦ୍ରାଣୀ ଦେବୀ ପଚାରିଲେ—"ମୁଁ କଣ ଭୁଲ କରିଛି କହୁଛ ତୁମେ ପୁରୋହିତ ମଉସା ! ଏହା ପାଇଁ କଣ ବୁଦ୍ଧି ପାଇଛ କହୁନ ଟିକିଏ ମୁଁ ଶୁଣିଥାଏ ।"

ଛେପ ଢୋକି ଶଙ୍କୁ ମିଶ୍ର କହିଲେ—"ରାଧାକାନ୍ତ ବାବୁଙ୍କ ସଙ୍ଗେ ମଇନୀର ବିବାହ ଦିଆଯାଉ, ତାହାଲେ ତୁମ ମୁଣ୍ଡରୁ ସବୁ ଜଞ୍ଜାଳ ମେଣ୍ଟି ଯିବ । ତେଣିକି ଯାହାର ସମ୍ପତ୍ତି ସେ ଅଧିକାର କରି ବସିବ । ଯାହା ଭୁଲ ହୋଇ ଯାଇଛି ସବୁ ସୁଧୁରି ଯିବ ।"

ଏ କଥାରେ ଇନ୍ଦ୍ରାଣୀ ଦେବୀଙ୍କ ମନ ବୁଝିଲା ନାହିଁ । ପିକାଳିଆ ହସ ହସି କହିଲେ—"ନୀଚ କରଣ କୁଳ ଝିଅର ଝିଅ ସେ, ତାଙ୍କ ଜାତି ଭାଇ ଏ କଥା ଶୁଣିଲେ ହସରେ ଉଡ଼ାଇ ଦେବେ । ଘର ଦୁଆର ଲୁଣ୍ଠ ଅଇଲ୍ ମଉସା ! ତା'ର ଲାଗି ମୋର ଧନକୁ ଧନ ଚିନ୍ତା ବଢ଼ିଲା ଦିନ । କମିଲା ନାହିଁ । ଘରଯୋଗ୍ୟ ଝିଅ ! ଆଉ କେତେ ଦିନ ଝିଅ ଘିଅ ସାଇତ ରଖିବ ?"

ଖଣ୍ଡିକାଶ ମାର ଗଳା ସଫାକରି ମିଶ୍ରେ କହିଲେ—"କ'ଣ କିଛି ବାଧା ବିଘ୍ନ ଅଛି······ହୋଇ ପାରିବନାହିଁ କାହିଁକି ? ତମେ ଯାହା ଭାବି ଡରୁଛ···ସେ କଥାରେ ମୋର ମନ ମାନୁନାହିଁ । ମୁଁ ଉଭୟଙ୍କ ଗୁଣ ଚଳଣୀ, କଥାବାର୍ତ୍ତାରୁ ଭଲକରି ଜାଣେ । ରାଧା-କାନ୍ତ ମାଆଙ୍କ ଠାରୁ ମତ ନେଇ ଯାଉଛି । ମଲବୀ ରାଧାକାନ୍ତକୁ ମଧ୍ୟ ବିବାହ କରିବାକୁ ଚାହେଁ । ତୁମେ ମାଆ ହୋଇ ଯାହା ଲକ୍ଷ୍ୟ କରି ପାରିନାହଁ; ତା' ମୁଁ ଢେର ଆଗରୁ ଜାଣିଛି । ଦୁହିଙ୍କର ବିବାହ ହେଲେ ସେମାନେ ଘର ସଂସାର କରି ସୁଖୀ ହୋଇ ପାରିବେ । ତୁମେ ମା' ! ସେମାନଙ୍କର ଶୁଭାକାଙ୍କ୍ଷିଣୀ ସେମାନଙ୍କ ବିବାହ କାମ ଶେଷକରି ଦାମ୍ପତ୍ୟଜୀବନ ସୁଦୃଢ଼ ଓ ସୁଖମୟ ହେଉ ଏହା ତୁମେ ଆଶିର୍ବାଦ କର ।"

କାଲି ପରି ଲାଗୁଛି—ନଈପାଣି ଭଳି ବୋହି ଯାଇଥିବା ଯୌବନେ ନିଜ ଯୁଗଳ ଜୀବନ ଆଗକାର କଥା ମନେପଡ଼ି ଇନ୍ଦ୍ରାଣୀ ଦେବୀ ନିଜକୁ ପ୍ରକୃତସ୍ଥ ରଖି ପାରୁ ନଥିଲେ । ଦୁଃଖାସହ୍ୟ ବେଦ-ନାରେ ତାଙ୍କ ମନ ଭିତରଟା ଗୋଳେଇ ଘାଣ୍ଟି ହେଉଥିଲା । ବହୁ ସମୟ ତଳକୁ ଚାହିଁ ନୀରବ ରହିବା ପରେ ପିନ୍ଧା ଆଣ୍ଠୁ ପଣତ କାନି କୁଞ୍ଚ ଦେଉ୨ କହିଲେ—"ତୁମେ ଯେତେବେଳେ ଭଲ ବୁଝିଛ ମୁଁ ତୁମ କଥାରେ କଣ ଆପତ୍ତି କରିବି ? ମୋ କପାଳକୁ ତ ବିଧି ବାମ ହେଲା···ଦୋଷ ଦେବି କାହାକୁ ?"

ଅଭ ଆନନ୍ଦେ ବସିବା ସ୍ଥାନରୁ ଉଠି ଶଙ୍କୁ ମିଶ୍ରେ ଠିଆ ହୋଇ କହିଲେ—"କେଉଁଥି ପାଇଁ ସେ ରାଜି ହେବେ ନାହିଁ ? ତୁମ ବାପ ବଂଶର କଥା ଏଠାରେ କାହାକୁ ତ ଅଛପା ନାହିଁ । ପଦ୍ମପଦା ଗାଁ ସୋମନାଥ ମହାନ୍ତିଙ୍କୁ ଜାଗା କିଣି ବର୍ତ୍ତମାନ ଯେଉଁଠି ତୁମେ ଅଶ୍ରମ କରିଛ, ସେ ଜାଗା ତୁମ ପୂର୍ବ ପୁରୁଷଙ୍କ ଭିଟାମାଟି । ଅଭାବ ପଡ଼-

ତାରୁ ବାପା ତୁମର ବାଘ ହୋଇ ତାଙ୍କୁ ବକ ଦେଇଥିଲେ । ଭାଇ ଭଗାରି । ଅଭାବ ବେଳେ ଭାଇ ଭାଇକୁ ସାହାଯ୍ୟ କରିବ କ'ଣ ଓଲଟି ଭାଇ ଗଳାକାଟିଭାଇ ବାହା ବାହା ନେଉଛି । ସୋମନାଥ ମହାନ୍ତିଙ୍କ ବାପ ଗୁଣିଗଣି ଟଙ୍କା ଦେଇ ଘରଡଲୀ ଭଙ୍କ ଲେଖାଇ ନେଇ–ଥିଲେ । ସଂସାରରେ କିଏ କାହାର ? ମାଆ ମାଟିର ମାୟା ରହିଥିଲା ବୋଲି ଏଇନେ ତମକୁ ବାଦ ଭୋଗ ଦଖଲ ହେଲା । ସେଇଁଠି ଛରିକ ଘର, ଅଧେ ଆପଣା ଅଧେ ପର । କାହା ଉପରେ ଅଭିମାନ କରି କଲା କର୍ତ୍ତବ୍ୟକୁ ଛାଡିଦେଲେ ଦୁନିଆରେ ଜିତ ପାରିବ ନାହିଁ । ତୁମେ ପଳାଇ ଆସିବା ପରେ ରାମ ପ୍ରସାଦ ବାବୁ ତାଙ୍କୁ ବାଟେଇ ସମ୍ପତ୍ତି ତକ ହାତ କରି ନେବ ବୋଲି ମନେ ମନେ ଆନନ୍ଦରେ କୁରୁଳୁଥିଲା । ତା ପିସାଦ ରାଜବ ଚୌଧୁରୀ ଏବେ ବୁଝିଲେଣି । ତୁମ ଶାଶୁଙ୍କ ସଙ୍ଗେ ମୋ ଭାଉଜାର ଦିନେ ଗାଧୁଆ ତୁଠରେ ଦେଖା ହୋଇଥିଲା । କଥାରେ କଥାରେ ବୁଢ଼ୀ ଲୋତକ ଗଡ଼ାଇ କହିଲେ, ମୁଁ ମାଆ··· ! କିମିତ ସହି ପାରିବ ? ମଇନୀ, ମଇନୀମା' ଯେଉଁ ଦିନୁ ଘର ଛାଡି ଗଲେ ସେ ଦିନୁ ମୋ ଘରୁ ଶ୍ରୀ ତୁଟି ଗଲାଣି । ଅଗଣା, ଘର ଦୁଆର ଖାଁ ଖାଁ କରି ସତେ ଯେମିତ ମାଡି ମାଡି ପଡ଼ୁଛି । ଜାତ କୁଳାଗ୍ରର କଥା ଭାବି ବେହୁଠା ଉପରେ ସବୁ ବେଳେ ଚିଡ଼ିଚିଡ଼ି ହେଉଥିଲି ସିନା······ବୋହୂଟି ମୋର ସୁନା ପ୍ରତିମା···ଏ ଘରେ ଲକ୍ଷ୍ମୀ ଥିଲା । ମତେ ତାଙ୍କର ପ୍ରାଣର ଡର । ମୁଁ ରାଗ ରୋଷରେ କେତେ କଣ କଟୁକଥା କହୁଛି ; ବୋହୂ ମୋର କେବେ ହେଲେ ମୁହଁ ଖୋଲି ପଦେ ଉତ୍ତର କରିନାହିଁ ।

ବୋହୂ ଅଜ ନାତୁଣୀଙ୍କି ଆଶ୍ରମରୁ ଯାଇ ଘରକୁ ଆଣିବାକୁ ତାଙ୍କୁ ଲାଜ ମାଡ଼ୁଛି । ପୁଅ ଝିଅ କି ବୋହୂ ଉପରେ ବାପ ମାଆ ରାଗ କରି ରହିବେ କେତେ ଦିନ ? —ତାଙ୍କ ମନରେ ଏବେ

ଚେଛ ପଶିଲାଣି । ପର ପରଛା କଥାରେ ସୁନାଘର ଚୁନାହୁଏ । ରାଜୀବ ଚୌଧୁରୀଙ୍କ ସଙ୍ଗରେ ଦେଖା କରି ମୁଁ ସମସ୍ତ ବିଷୟ ତାଙ୍କୁ କହିବି, ଏ କଥାରେ ମତେ କଣ ପ୍ରତ୍ୟୁତ୍ତର ଦେଇଛନ୍ତି ଶୁଣେ ।

ରାଜେନ୍ଦ୍ର ବାବୁଙ୍କ ଭଳି ଲୋକ ଯାଏ ଦୁନିଆରେ ଆଉ ଜଣେ କେହି ନ ଥିବେ । ଆଗରୁ ଜାଣିଲା ପରି ଯେତେ ଯାହା ସମ୍ପତ୍ତି ଖରିଦ କରିଥିଲେ, ସବୁ ଲେଖାପଢି କାଗଜ ପତ୍ରରେ ମୁଁ ମୋହ-ରିର । କୌଣସି କବଲା କାଗଜ ପତ୍ର ମୋ'ଠାରୁ ନେବାକୁ ଗ୍ରହୁଁ ନ ଥିଲେ । ଦିନେ ମୁଁ ତାଙ୍କୁ କହିଲି ; ମୋ ପାଖରେ ଆପଣଙ୍କ କାଗଜ ପତ୍ର କାହିଁକି ରହିଛି ; ନେଇ ଯାଉ ନାହାନ୍ତି ଆଜ୍ଞା ! ହସି ହସି ମତେ ଉତ୍ତର ଦେଲେ କ'ଣନା ଆପଣଙ୍କ ଘର ଆଉ ମୋ ଘରରେ କଣ ପ୍ରଭେଦ ଅଛି··· ?"

ଅଭିମାନିଆ ଢଙ୍ଗ—ମଳିନ ମୁହଁ—କାନ୍ଦ କାନ୍ଦ ହୋଇ ଇନ୍ଦ୍ରାଣୀ ଦେବୀ କହିଲେ—"ମଉସା ! ତାଙ୍କ କଥା କାହିଁକି କହୁଛ ? କହୁଁ କହୁଁ ଆଖି ପତା ଯୋଡିକ ଲୁହରେ ଓଦା ହୋଇ ଆସିଲା । ଅଞ୍ଚଳ କାନିରେ ଆଖିର ଲୁହ ପୋଛି ନେଲେ— ।

## ( ଅଠର )

ବଡ଼ ଜାଇ ଅନୁକୂଳ ନିବନ୍ଧାଦ କାମ ସରି ଯାଇଛି । ରାତି ପାହିଲେ ମଙ୍ଗଳ ; ହାଣ୍ଡି ମଙ୍ଗୁଳା । ଶୁକ୍ଳା ଶ୍ୱେତ ଶଙ୍ଖ ଚତୁର୍ଦ୍ଦଶୀ ରାତି । ଉନ୍ମୁକ୍ତ ଆଲୋକର ଜୋଛନା ଧାରା ପ୍ରକୃତି ଦେବୀ ଦାନ

ଝର ମର ଜଗତର ଜୀବ କୁଳଙ୍କ ମନକୁ ମତାଇ ଦେଉଛି । ନିଶା ଅମା ଅନ୍ଧାର ବକ୍ଷେ ଆଲୋକର ରଶ୍ମି । ଭୀରୁ ଅନ୍ଧାର ପଳାଇ ଯାଇ ଦେହ ଲୁଚାଉଛି କେଉଁ ସୁଦୂର ପର୍ବତ ପାହାଡ଼ ବଣ ଜଙ୍ଗଲର ଗହଳି ଭିତରେ ।

ଆଜି କେବଳ ମରନ୍ତୀ ମନରେ ନିଦାରୁଣ ଅନ୍ଧକାର । ତା କାନରେ ବିବାହ ଖବର ପହଞ୍ଚିବା ପରଠୁ ହାବ ଭାବ, କଥାବାର୍ତ୍ତା, ଚାଲି ଚଳଣି ମନେ ହୁଏ ସବୁ ଯେପରି ତାର ବଦଳି ଯାଉଛି । ଚିନ୍ତାଯୁକ୍ତ କ୍ଳାନ୍ତ ମନେ ଭାବୁଛି—ଏଇ ତ ସେଇ ଗଲା ଦିନ କେଇଟାର କଥା ।······ରାଧାକାନ୍ତ ବାବୁଙ୍କ ମୁହଁରେ ଲାଜ ସରମ ଟିକିଏ ହେଲେ ନାହିଁ । ତାଙ୍କ ଭଳି ଜଣେ ସୁପୁରୁଷଙ୍କ ପ୍ରଣୟୀ ହୋଇ ପାରିବି, ଏହା ମୋ ପକ୍ଷରେ କମ୍ ସୌଭାଗ୍ୟର କଥା ନୁହେଁ । ସେ ଦିନ ତାଙ୍କ ବଳିଷ୍ଠ ବାହୁ ବନ୍ଧନରେ ମୋତେ ବନ୍ଦୀ କରିବା ପାଇଁ ଯେମିତି ଟାଣିନେଲେ······ଦେହଟା ମୋର ଶିହରି ଉଠିଲା । ମୁଁ ତାଙ୍କ ହାତରୁ ହାତ ଛଡ଼ାଇ ନେଇ କହିଲି—କାଲେ କିଏ ଦେଖିବ ଯଦି; କଣ ଭାବିବ ସେ ? ତମେ ଏପରି ଦୁଷ୍ଟାମି କାହିଁକି କରୁଛ ? ଏଣିକି ବଡ଼ ଅଭଦ୍ର ହୋଇ ଗଲଣି··· । ସତକୁ ସତ, ହଠାତ୍ ତାଙ୍କ ମାଆ ଆସି ପଡ଼ିଲେ । ମୋ ଦେହ ବରଡ଼ା ପତର ପରି ଥରୁଥିଲା—ଏକମୁହାଁ ହୋଇ ଲାଜରେ ତଳକୁ ମୁହଁ ପୋତି ପଳେଇ ଆଇଲି— ।

× × ×

ରାତି ପାହି ଭୋର ହେଲା । କାଉ କା'କା ରାବ ଦେଲେଣି । ମଙ୍ଗଳ ବାଦ୍ୟରେ ଆଶ୍ରମ ଦାଣ୍ଡ ଉଚ୍ଛୁଳି ପଡୁଛି ।

ଦୂବ, ବରକୋଳି ପତ୍ର, ସିନ୍ଦୂର, ଗୁଆ, ଅରୁଆ ଚାଉଳ, ଆରିଷା ପିଠା, ନୂଆ କୁଲାରେ ହଳଦୀ ଛୁଆଇଁ ଗଣେଶ ବାରିକ ଝିଅ ପାର୍ବତୀ ନାଲି ପାଟଅ ନୂଆ ଲୁଗା ପିନ୍ଧି ଦେହରେ ଖଣ୍ଡୁଆ ପକାଇ

କୁଆଁରୀ କନିଅ ସାଜି କାଖରେ ପୂର୍ଣ୍ଣକୁମ୍ଭ କାଖେଇ ଗାଁ' ଠାକୁରାଣୀ ଯାତେଗଣ୍ଡିରାଙ୍କ ପାଖକୁ ଦଅଁ ମଙ୍ଗୁଳି ଯାଉଛି । ନାନା ରଙ୍ଗ ଢଙ୍ଗର, କଏ ନୂଆ, କଏ ପୁରୁଣା ସାଇତା ଶାଢ଼ୀମାନ ପିନ୍ଧି ଗାଁ'ର ଅନ୍ୟାନ୍ୟ ସ୍ତ୍ରୀଲୋକ ଭୂଅଣୁଣୀ ମାନେ ତା ସଙ୍ଗରେ ଯାଉଛନ୍ତି ଠାକୁରାଣୀ ପାଖକୁ । ପିଲାମାନେ ତାଙ୍କ ପଛକୁ ଲାଗି ଠେଲା ପେଲା ହୋଇ ଚାଲିଥାଅନ୍ତି । ତେଲିଙ୍ଗି ବାଦ୍ୟ, ଢୋଲ ମହୁରୀ, ଶଙ୍ଖ ଓ ଅନ୍ୟାନ୍ୟ ବାଜା ବାଜାଦାର ମାନେ ବଜାଉଛନ୍ତି । ଗାଁ' ଦାଣ୍ଡ କମ୍ପୁଛି ।

ଏଣେ ଆଶ୍ରମ ଲୋକ ଭାରରେ ପରିପୂର୍ଣ୍ଣ । ଯେପରି ଲକ୍ଷ୍ମୀ ପୂଜା ଉଛୁଳି ଉଠୁଛି । ଆଳୁ, ବାଇଗଣ, କଦଳୀ, ଘିଅ, ମାଛ, ଦୁଧ ଚାଉଳ, ଡାଲି, ପଣା ପରିବା ଯାହାକୁ ଯିମିତି ବରାଦ ହୋଇଥିଲା ସେ ସବୁ ଜିନିଷ ମାନ ଆଶ୍ରମ ଘରେ ଆସି ଜମା ହୋଇ ଗଲାଣି । ଇନ୍ଦ୍ରାଣୀ ଦେବୀ ଲୋକ ଦେଖି ଶୁଣି ଗଲା ଆଇଲା, ବନ୍ଧୁ ବାନ୍ଧବ ଉଦାରଣ କରିବା ପାଇଁ ଶଙ୍କୁ ମିଶ୍ର, ରମେଶ ଚୌଧୁରୀଙ୍କ ଭଳି ଭଲ ଲୋକ ବାଛି ବାଛି ନିଯୁକ୍ତ କରିଛନ୍ତି ।

ଆଶ୍ରମ କାନ୍ଥରେ ନାନା କମଳୁଠେ ସୋଦୁଅ ଚିତା ଲେଖା ହୋଇ ବେଶ୍ ସୁନ୍ଦର ମନାଉଛି । ଆଶ୍ରମ ଯେପରି କାହାର ଅଗମନ ଅପେକ୍ଷାରେ ଆନନ୍ଦେ ଅଧୀର ହୋଇ ଅନାଇ ହସୁଛି ।

ଇନ୍ଦ୍ରାଣୀ ଦେବୀ ବଡ଼ ମେଳାପି ଲୋକ ! ଥରକ ଦେଖା ସାକ୍ଷାତ କଥାବାର୍ତ୍ତାରେ ପର ମଣିଷକୁ ଆପଣାର କରି ପକାନ୍ତି । ଗାଁ' ଯାକ ଆଜି ବିବାହ ଉତ୍ସବରେ ମାତିଛନ୍ତି । ମାଇପଙ୍କ ଠାରୁ ଭେଣ୍ଡା ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଧାଁ' ଧପଡ଼ କରୁଛନ୍ତି । କାହାଘର ବୋହୂ ପରିବା କାଟୁଛି ତ କାହାଘର ବୋହୂ ଆସି ମାଛ ବନେଇ ବସିଲାଣି । ଆଇଲା ଦିନଠୁ ପଦ୍ମାପଦା ଗାଁ'ରେ ଇନ୍ଦ୍ରାଣୀ ଦେବୀଙ୍କୁ ସମସ୍ତେ ମାଅ ବୋଲି ଡାକନ୍ତି ।

ଧୂଳିଆ ଭାଇଜା ଚୁଲ୍ଲୀ ମୁଣ୍ଡରେ ବସି ଢିଁପିଠା ଖାଉଥିଲା । ଇନ୍ଦ୍ରାଣୀ ଦେବୀ ପାଖରେ ବସି ତଦାରଖ କରି ଦେଉଥିଲେ ।

ଇନ୍ଦ୍ରାଣୀ ଦେବୀଙ୍କ ଆଡ଼କୁ ଚାହିଁ ଧୂଳିଆ ଭାଇଜା କହିଲା—

—"ଭାଲ୍ ସେ ଆମର ହାଟରୁ ଜଣ ସବୁ ଲୁଗାପଟା କିଣି ଆଣିଛୁ ପରା ! ତା' ସଉଦା ଜଣ ତମ ମନକୁ ପାଇଲା ମାଆ ?"

ହାତରୁ ଚୋପୁଆ ଛଡ଼ାଇ ଇନ୍ଦ୍ରାଣୀ ଦେବୀ କହିଲେ—"ପୁଅ ମୋର ଯାହା ସବୁ ଜିନିଷ କିଣି ଆଣିଛୁ ମୋ ମନକୁ ବେଶ୍ ପସନ୍ଦ ହୋଇଛି । କେବଳ କୋଉଁ ବାଜୁଆ ଗାଧୁଆ ଯୋଡ଼ାଟି ଟିକିଏ ନାଁ' ପସନ୍ଦ ହେଲା ।"

ଧୂଳିଆ ଭାଇଜା ମୁହଁ ମୋଡ଼ି କହିଲା—"ତମକୁ ତ ଜଣା ନ ଥିଲା ମାଆ ! ସେ ମିଣିପିଠାର ଯୋଡ଼ ପସନ୍ଦ ଅଛି—ତାକୁ ପୁଣି କାହାଘର ହାଟ କରିବାକୁ ପଠାଉଥିଲ । ସେ ମାଇଚିଆ ମଦ୍‌ଦାଟାର ହାତ ଧରି ଯାହା ଟଙ୍କଣା ଅନ୍ନଭୋଗ ସବୁଛି···ପେଟେ କଥା ଫିଟାଇ ନ କହିଲେ ବିଶ୍ୱାସ କରିବ କିଏ ? କହିଲେ କହିବେ ଅଣ୍ଡିରାଚଣ୍ଡୀ କଲି ଲୁଣ୍ଡେଇ ହୋଉଛି ।"

ହେଲେ ଜଣ ଜେଜବ ; ଧୂଳିଆ ଗୋଟିଏ ପର ଉପକାରୀ । ଭଲ ମନ୍ଦ ପୁନେଇଁ ପରବରେ ଯେତେବେଳେ ଯିଏ ଡାକିଲା ତା' ଘରକୁ ଦଉଡ଼ି ଯିବ ।

ଗାଁ'ର ଝିଅ ଝିଆରୀ, ବୋହୂ ଭୁଅଷୁଣୀଏ ମିଳି ମଇନାଙ୍କୁ ଠାକୁ ଠାପରା କରୁଛନ୍ତି । ମହାନ୍ତି ଘର ଚନ୍ଦା ନୂଆବୋଉ ଫୁଲେଇ ହୋଇ କହିଲା—"ଭିତରେ ଭିତରେ ଏତେ କଥା ଥିଲା ବୋଲି କିଏ ଜାଣିଥିଲା ଲୋ ମା' ! ପୁଅଙ୍କୁ ଦେଖିବ ଦାହିଙ୍କି ଦାହେଁ ହଳ ହୋଇ ଯାଉଥିବେ । ଏବେ ଗିର ଦାନକୁ ହଳ ଯୋଗ୍ୟ ହେଲା । ମନଲାଖି ଘର ପାଇଛ, ବର ପାଇଛ ବୋଲି ଆମକୁ ମନରୁ ଭୁଲି ଯିବ ନାହିଁ ତ ?"

ବାଜଣା ଶବଦରେ ଗାଁ’ ଦାଣ୍ଡ କମ୍ପୁଛି । ବନ୍ଧୁ ବାନ୍ଧବ, ଗଲା
ଅଇଲା ଲାଗିଛି । ତେଣେ ବର ଘରେ ବି କେତେ ଆନନ୍ଦ ଉତ୍ସବ
ଲାଗିଥିବ ।

ଏ ମାସରେ ବହୁତ ବାହା ଲଗନ ଅଛି । ଟାଁ’କୁ ଗାଁ
ଯୁଅଡ଼େ ଦେଖିବ ସିଅଡ଼େ ବାହାଘର । ନୋହିଲେ କାହାର ବହୁ
ଅଣା ପୁଅଣିଘର ହେଉଛି । ଗ୍ରାମବାସୀ ଭାଇ ବନ୍ଧୁ ଧୋବା ଭଣ୍ଡାରି
ସେବା ସେବାୟିତ, ବାଜାଦାର, ଶଙ୍ଖୁଆ, ମହୁରିଆ ମଙ୍ଗନ ଦାନ
ଶହ ଶହ ଲୋକଙ୍କର ଖାଇବା ପିଇବା ଦାଏଣି ନାଏଣି ଚାଲିଛି ।
ରାଜୀବ ଲୋଚନ ଚୌଧୁରୀଙ୍କ ମନ ସମ୍ଭାଳି ହେଉଛି କେତେବେଳେ ?
ସେ ତ ଆଉ କେହି ପର ପୁରୀ ନୁହନ୍ତି । ପର କଥାରେ ପଡ଼ି ସିନା
ଅଜାତି ଘର ଝିଅ ବୋଲି ବୋହୂକୁ ଜାଣିଥିଲେ—ଶଙ୍କୁ ପୁରୋ-
ହିତଙ୍କ ଠାରୁ ହବୁ କଥା ଶୁଣି ତାଙ୍କୁ ତ ଆଉ କୌଣସି କଥା
ଅଜଣା ନାହିଁ । ଆଗ ରାଗ ଅଭିମାନ ସବୁ ପାଶୋରି ପକେଇଛନ୍ତି ।
କାଲି ସଞ୍ଜଠୁ ସେ ଆସି ଆଶ୍ରମରେ ପହଞ୍ଚିଲେଣି । ପ୍ରଥମେ କେଉଁ
ମୁହଁରେ ବୋହୂକୁ ଦେଖା କରିବେ ? ତାଙ୍କୁ ବଡ଼ ଲାଜ ଲାଗୁ-
ଥିଲା । କିନ୍ତୁ, ଇନ୍ଦ୍ରାଣୀ ଦେବୀ ଆସି ଶ୍ୱଶୁରଙ୍କୁ ମାନ୍ୟ କରି ଓଳଗୀ
ହୋଇ ଗଲେଣି । ସେତେବେଳେ ଶ୍ୱଶୁର ବୁଢ଼ା କହିଲେ—"ତୋ
ବୁଢ଼ା ପୁଅର ଦୋଷାଦୋଷ କ୍ଷମାକର ବୋହୂ !" କହୁଁ କହୁଁ
କାନ୍ଦି ଉଠିଲେ— ।

ଦୁଃଖେ ଇନ୍ଦ୍ରାଣୀ ଦେବୀଙ୍କ ଦୁଇ ଆଖିରେ ଲୁହ ଛଳଛଳ
ହୋଇ ଆସିଲା । ହେଲେ, ଆନନ୍ଦରେ ବୁକୁ ଫୁଲି ଫୁଲି ଉଠୁଥିଲା ।
ଆଜି ତାଙ୍କ କନ୍ୟା ମଇତ୍ରୀର ବାହାଘର—ଦ’ ଗୋଡ଼ ତଳେ
ଲାଗୁନାହିଁ । ବିବାହ ଆନନ୍ଦରେ ଫୁଲୁଣିଆ ମନ ଚଞ୍ଚଳ । ସମସ୍ତଙ୍କ
ମୁହଁରୁ ହସର ପାଖୁଡ଼ା ଝଡ଼ି ପଡ଼ୁଛି...... ।

× × × ×

ବାଣ ଫୁଟେଇ ଫୁଲ ରୋଷଣୀ କରି ଘଡ଼ ନ ଘାଡୁଣୁ ମହା ଆଡ଼ମ୍ବରରେ ବର ଆସୁଛି । ଅଲୁଅ ଦହୁଡ଼ି ଫୁଲ ଫାନ୍‌ସ ସଙ୍ଗେ ବା ଢୋଲ, ମହୁରି, ତେଲିଙ୍ଗା ବାଜା, ଯୋଡ଼ି ନାଗରା ବାଜୁଛି । ଜନ ଗହଳରେ ଯାଉବାର ନାହିଁ । ଓଡ଼ରେଇ ମହଲ ପଡ଼ା ସଙ୍ଗୀତ ଦଳ ସଙ୍ଗୀତ ଯାତ୍ରା କରିବାକୁ ବର ସଙ୍ଗରେ ଆସିଛନ୍ତି । ସୁଧା-କାନ୍ତ ବର ବେଶ ହୋଇ ପାଲିଙ୍କିରେ ବସିଛି । କପାଳରେ ଚନ୍ଦନ ଚିତାର ପରିପାଟୀ ।

ସଙ୍ଗୀତ ପିଲାଏ ନାଚି ସଙ୍ଗୀତ ଗାଇ ଗାଇ ପାଲିଙ୍କି ଆଗରେ ଗୁଲୁଛନ୍ତି—

"ମଙ୍ଗଳେ ବାଜେ ମଙ୍ଗଳ ମହୁରି, ମଙ୍ଗୁଳା କନ୍ୟାକୁ ବରଣ କରି ।
ମଧୁକାଳେ ହେବ ମଧୁ ମିଳନ, ମଧୁ ଢ଼ଳିବ ଏ ଆନନ୍ଦ ଦାନ ।
ମିଳନ ବେଦୀ ବରାଙ୍ଗ ବାସରେ, ମନ ମନ ଯୋଗ ବେଦମନ୍ତ୍ରରେ ।"

ଏପରି କେତେ କଣ ସଙ୍ଗୀତ ଗାଇ ଆଡୁର ଅଧିକ ଜମେଇ ଦେଉ ଥାଆନ୍ତି । ପାଖ ପଡ଼ୋଶୀ ଗାଁ'ର ଘରେ ଘରେ ଏ ଖବର ପହଞ୍ଚିଗଲା—ଆଶ୍ରମ ମା'ଙ୍କ ଝିଅ ମଇତ୍ରୀକୁ ବାହା ହେବା ପାଇଁ ବର ଆସୁଛି । ଗାଁ' ଦାଣ୍ଡରେ ଲୋକବାକ୍ ଥାଟ ପଟଳ ଭାଙ୍ଗୁଛନ୍ତି । ପ୍ରତି ଘର ଜଳାକବାଟି, ଦାଣ୍ଡ ଦୁଆର ମୁହଁରେ କେତେ କେତେ ଅଳ-କାର ପିନ୍ଧା ଗାଁ' ଝିଅ ବହୁଙ୍କ ସୁନ୍ଦର ମୁହଁ ଦିଶି ଯାଉଛି । ବୁଢ଼ୀ, ଦେଣ୍ଡୀ, ଦରବୁଢ଼ୀ, ନୂଆ ନୂଆ ବୋହୂ ଭୁଆସୁଣୀଏ ବର ରୂପ ଦେଖିବାକୁ ଜମା ହୋଇ ପଡ଼ିଲେଣି । ଶ୍ନେହରେ ବାପ ମା' ମାନେ ବର ଦେଖିବାକୁ ପିଲା ମାନଙ୍କୁ ଶେଯରୁ ଉଠାଇ ଆଣି ବର ଦେଖାଉଛନ୍ତି ।

ରାମ ପ୍ରସାଦ ରାୟ ବର ପାଲିଙ୍କି ଡାଣ୍ଡା ଧରି ଯାଉ ଯାଉ ଅଷ୍ଟାଙ୍ଗ ଶରୀର ତାର କମ୍ପୁଥାଏ । କାରଣ, ସୁଧାକାନ୍ତ ମଇତ୍ରୀକୁ

ବିବାହ ହୋଇ ସାରିଲେ ତାଲେ ମୋର ସବୁ ଫନ୍ଦି ଫିସାଦ ଧରା ପଡ଼ିଯିବ । ଭୟରେ ଭୀତ ହୋଇ ଓଠ ଥରାଇ କହିଲା—"ଯେତେ ଯାହା ଅନିଷ୍ଟ କରିଛି ମୋତେ କ୍ଷମା କରିବେ । ମୁଁ ମୋର ନିଜ ଦୋଷ ବୋଲି ମାନି ନେଉଛି ରାଧାକାନ୍ତ ବାବୁ !"

ରାଧାକାନ୍ତ ହସି ହସି ନିଷ୍କପଟ ଭାବେ କହିଲା—"ସମସ୍ତ ପଢ଼ିଲେ ଏପରି ହୋଇଥାଏ । ରାମ ପ୍ରସାଦ ବାବୁ ! ଦୋଷ ତମର ନୁହେଁ, କି ମୋର ନୁହେଁ— ।"

ଏପରି ଉଦାର ମନା ମହତ ନିସ୍ୱାର୍ଥପର ଭାଷା ଶୁଣି ରାଧା-କାନ୍ତ ପାଖେ ରାମ ପ୍ରସାଦ ବାବୁର ମୁଣ୍ଡ ନଇଁ ଆସିଲା । ଅଉ ପଦେ କଥା ବି ତା' ମୁହଁରୁ ବାହାରିଲା ନାହିଁ । କୃତଜ୍ଞତାରେ ଦି ଆଖିରୁ ଦି ଠୋପା ଲୁହ ଗଡ଼ି ପଡ଼ିଲା । ନିଜ କୁକର୍ମ କଥା ଭାବି ନିଜେ ମର୍ମାହତ ହେଉଥିଲା— । × × ×

ବାଠ ବନ୍ଦାଣ—ତାଡୁଅ ହଳଦୀ ପାଣି ଗାଧୁଆ—ବାସ୍ଧୀ-ବାସ ଘରୁ ପ୍ରଥମ ବରଣ ପରେ ହାତଗଣ୍ଠି ପଡ଼ିବାକୁ ବର ବେଦୀକୁ ବରଣ ହୋଇ ଗଲଣି, ଶଙ୍କୁ ମିଶ୍ରଙ୍କର ମନେ ପଡ଼ିଗଲା—ସତ କଥା ତ ! ଏଣେ ଦିନ ଦ୍ୱିପ୍ରହର ହେଲାଣି, ତେଣେ ବରଯାତ୍ରୀ ମାନଙ୍କୁ ଏ ପର୍ଯ୍ୟନ୍ତ ମହାପ୍ରସାଦ ସେବା କରିବାକୁ ଡକା ହୋଇନି ।

ରମେଶ ଚୌଧୁରୀ ବାହାଘର ଦୁଇଦିନ ଆଉ ଆସି, ବର-ଯାତ୍ରୀ, ଗଲା ଆଇଲା ଦଏଣା ନଏଣରେ ଲାଗିଛନ୍ତି । ଶଙ୍କୁ ମିଶ୍ରେ ତାଙ୍କୁ ଦେଖି କହିଲେ—"ବରଯାତ୍ରୀ ମାନଙ୍କୁ ଡାକି ମହାପ୍ରସାଦ ସଭା କରାଇ ଦିଅନ୍ତୁ । ବାହାଘର ବାଜଲାରେ ମହାପ୍ରସାଦ ସଭା କଥା ମନରୁ ପାଶୋରି ପକେଇଛନ୍ତି ନା କଣ ?"

—"ହଁ ହଁ, ଗଣେଶ ବାରିକକୁ ପଠେଇଛି ତ, ଡାକିବାକୁ ; ମହାପ୍ରସାଦ ସେବା ପଙ୍ଗତ ତେଣେ ଆରମ୍ଭ ହେବାକୁ ବସିଲେଣି ।

କହି ଦେଇ ରମେଶ ଚୌଧୁରୀ ଚାଲିଗଲେ ।

ସ୍ମୃତି ମଞ୍ଜରୀ ଦେବୀ ଏବେ ଦୁଇବର୍ଷ ହେଲା ଗୋଟିଏ ପୁଅର ମାଆ ! ମାଆ ହେବା ପରେ ନାରୀ ମାନଙ୍କର ପ୍ରକୃତିର ପରିବର୍ତ୍ତନ ହୋଇଥାଏ । ସ୍ମୃତି ମଞ୍ଜରୀ ଦେବୀ ଏପରି ପରିବର୍ତ୍ତନ ମଧ୍ୟରୁ ଉଦ୍ଧାର ହୋଇ ରହି ପାରି ନାହାନ୍ତି ।

ବିବାହାଦି ଠା'ପିଢ଼ା, ଭୋଜନ ଶେଷ ହେବା ପରେ, ଅନ୍ତଃ-ପୁରିଆ ମାଇପେ ସବୁ ବର ଘରପଟେ ଘେରି ଥଟ୍ଟା ତାମସା କରୁଛନ୍ତି । କିଏ କହୁଛି ମଜନ ମୁହାଁର ଗୁଣ ଏତେ କିଏ ଜାଣିଥିଲା ଲୋ ! ଆଉ କିଏ ମାଇପିଟିଏ କହିଲା—ଏତ ମନ ବାନ୍ଧି ରଖିବା ବାହାଘର, ଭିତର ଭିତର ସଲାସୂତ୍ରୀ ; ମଜନମୁହାଁଙ୍କ ଗୁଣ କମ୍ ନୁହେଁ ।

ସମସ୍ତଙ୍କ ବିବାହ ଦିନର ଏପରି ଆନନ୍ଦ ଜୀବନେ ପ୍ରଥମ ଥରେ ଘଟେ । ଯେପରି ସଦ୍ୟଫୁଟା ଫୁଲର ରୂପ ଓ ସୁଗନ୍ଧ ପ୍ରତ୍ୟେ-କଙ୍କୁ ମୁଗ୍ଧ କରେ—ତା ପରେ ମଧ୍ୟ ସେ ନିଜ ଆନନ୍ଦ ପାଏ ।

ଶୁଖିଲା ଫୁଲ ଯୌବନର ଅତୀତ କଥାକୁ ଝୁରି ଝୁରି ମାଟିରେ ମିଶିଯାଏ । ଦୁନିଆରେ ନିତ୍ୟ ନୂତନ ସୃଷ୍ଟି, ପୁରାତନ ଧ୍ୱଂସମୁଖୀ ହେଉଥାଏ ।

ଚତ୍ତିରିଶ ବର୍ଷୀୟା ଶ୍ରୀମତୀ ସ୍ମୃତି ମଞ୍ଜରୀ ଦେବୀ ହସି ହସି ଆସି ରାଧାକାନ୍ତର ଅଭିନନ୍ଦନ କରି କହିଲେ—"ମୁଁ କରିଥିବା ସମସ୍ତ ଅନ୍ୟାୟକୁ ଆପଣ ମୋତେ କ୍ଷମା କରିବେ । ଧର୍ମର ଜୟ ଅଧର୍ମର ପରାଜୟ ଏହା କେବଳ ପୋଥିଗତ କଥା ନୁହେଁ, ଏହା ନିରାଟ ବାସ୍ତବ ସତ୍ୟ । ମୃଦୁ ହସିଲି ନୀରବରେ ତାଙ୍କର କଥାକୁ ରାଧାକାନ୍ତ ସମର୍ଥନ କରି ନେଲା । —ଦୁନିଆରେ ଯେତେ ଭଲ ଗୁଣ ଭଗ-ବାନ ତମର ପାଖରେ ଠୁଳ କରିଛନ୍ତି । କିନ୍ତୁ, ମୁଁ ହସି ତମ ପ୍ରତି ଅନ୍ୟାୟ କରିଛି । ତମକୁ ଓ ମଇଁଆଁକୁ ଅଶୀର୍ବାଦ କଲା ଭଳି ଭାଷା

ମୋ ମୁହଁରେ ନାହିଁ । କଥା କହିବାକୁ ମୋତେ ଲାଜ ଲାଗୁଛି । ତମେ ଓ ମଇନୀ, ଦୁହେଁ ଦୁହିଁଙ୍କୁ ଭଲ ପାଇବା ପରିବର୍ତ୍ତି ସାଥୀ ଓ ସହସଙ୍ଗୀ ରୂପେ ଚିରଦିନ ପାଇଁ ପାଇ ପାରିଛ । ତମ ମାନଙ୍କ ସଂସାର ଜୀବନ ପୂର୍ଣ୍ଣିମାର ପୂର୍ଣ୍ଣଚନ୍ଦ୍ର ପରି ଚିର ସ୍ନିଗ୍ଧ ଶାନ୍ତ ଓ ସୁଖମୟ ହେଉ; ଲେଖାରେ ଭାଉଜ ହିସାବରେ ଏହାହିଁ ମୋର ଆଶୀର୍ବାଦ ।" ଆଉ ବେଶୀ ସମୟ ଗୁହିଁ ରାଧାକାନ୍ତ ସଙ୍ଗେ କଥା କହି ପାରିଲେ ନାହିଁ । ସ୍ମୃତି ମଞ୍ଜରୀ ଦେବୀ ଶେଷ ଥରକ ପାଇଁ ଅଶ୍ରୁଭରା ଆଖିରେ ରାଧାକାନ୍ତ ମୁହଁକୁ ଗୁହିଁଲେ ।

ବାହାଘରେ ଆଶ୍ରମଟା ଜନ ଗହଳି । ଲୋକ ଯିବା ଅସିବା ଗୁଲିଛି । ରାଧାକାନ୍ତର ମନେ ପଡିଲା ; ମଇନୀର ଅନୁରୋଧ ରକ୍ଷି ଯେଉଁଦିନ ଗାଁ ଓ ମା' କୋଳକୁ ସେ ଫେରି ଆସିଥିଲା । ଏ ବହୁ ଦିନର କଥା ହେଲାଣି । ମଇନୀ ଘର ଅଗଣା ପିଣ୍ଡାରେ ବସିଥାଏ, କାଜିଟା କା କା କରି ଅସି ବସେ ପୁଣି ଉଡ଼ିଯାଏ ।

ସେଦିନ ମଇନୀ କହିଲା—ମାସ ମାସ ନୁହେଁ, ଦୀର୍ଘ ପାଞ୍ଚ ବର୍ଷ ଧରି କେତେ ଦିଅଁ ଦେବତାଙ୍କ ପାଖେ ମାଆ ତୁମର ମୁଣ୍ଡ ପିଟି ଗୁହାରି ଜଣାଇଛନ୍ତି ତୁମେ ତୁମର ସେହି ପଲ୍ଲୀଗାଁରେ ଯାଇ ଦରିଦ୍ର ପଲ୍ଲୀ ଗ୍ରାମବାସୀ ମାନଙ୍କ ସେବା କର । ତୁମ ସୁନ୍ଦର ପ୍ରତିଭା-ମୟ ଗୌରବ ପୂର୍ଣ୍ଣ ଜୀବନକୁ ସହର ଗୁକ ଚିକ୍‌କଣରେ ବୁଡି ନଷ୍ଟ କରିବାକୁ ଦିଅନାହିଁ । ତୁମ ଗାଁ' ମାଟି, ମା' ଦିନରାତି ତୁମର କଥା ଭାବି ଆଖିରୁ ଲୁହ ଢାଳୁଛନ୍ତି । ଦଣ୍ଡେକ ପାଇଁ ସେ ଲୁହ ଶୁଖୁନି । ତୁମେ ଫେରିଯାଅ······ଗାଁ'କୁ ଫେରିଯାଅ ରାଧାକାନ୍ତ ବାବୁ ! ମା' କେବେ ପୁଅର ଦୋଷ ଧରି ବସେନା । ସେ ଆଖିର ଲୁହ ଢାଳି ସନ୍ତାନର ସହସ୍ର ଦୋଷକୁ କ୍ଷମା କରନ୍ତି ।

ଯେଉଁଦିନ ସୁଧାକାନ୍ତ ଗାଁକୁ ଫେରି ଆସିଥିଲା, ସେ ଦିନ ସେ କେତେ କାନ୍ଦିଛି । ଅନ୍ତର କୋହ ସମ୍ଭାଳି ପାରିନାହିଁ । ତାକୁ ଘରକୁ ଫେରାଇ ଆଣି ପାରିଥିଲା ଏକମାତ୍ର ଆକର୍ଷଣ ତାର......

......"ମା'ର ମାୟା ।"

ଅପେକ୍ଷା କରନ୍ତୁ ! ନିକଟରେ ପଢ଼ିବାକୁ ପାଇବେ—

ଲେ—ଶ୍ରୀ ରମେଶ କୁମାର ମହାନ୍ତିଙ୍କର

ପ୍ରେମ ଓ ଦାବୀ

ଶୀଘ୍ର ପ୍ରକାଶ ପାଉଛି ।

17 JUL

ଏହି ଲେଖକଙ୍କର ଅନ୍ୟାନ୍ୟ ବହି ଗୁଡ଼ିକ—

ପ୍ରେମର ଚମକ — କଳଙ୍କ ଘୁଡୁଡି

ସହଧର୍ମିଣୀ — ସଙ୍ଗୀତ ବଲ୍ଲରୀ

ଆସାମୀ — ଦୁଃଖିନୀ ଓଡ଼ିଶା